R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୨୮୧
ତିଥି : ଅଷ୍ଟମୀ
୧୮ ଜୁଲାଇ ୨୦୨୫, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur

Vol. - XXIX, No. 281
18 July 2025, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

# ଓଡ଼ିଶା ବନ୍ଦ ଶାନ୍ତିପୂର୍ଣ୍ଣ



ଭୁବନେଶ୍ୱର, ୧୭।୭ (ସବ୍ୟୁ) : କଂଗ୍ରେସ ସମେତ ୮ ବିରୋଧୀ ଦଳର ଓଡ଼ିଶା ବନ୍ଦ ଡାକରା ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ରାସ୍ତାଘାଟ ଠାରୁ ଆରମ୍ଭ କରି ଦୋକାନବଜାର ସବୁଠି ଖାଁ ଖାଁ ପରିବେଶ। ବସଷ୍ଟାଣ୍ଡଗୁଡ଼ିକରେ ବସଗୁଡ଼ିକ ଛିଡା ହୋଇ ରହିଥିବାବେଳେ ଦୋକାନବଜାର ପ୍ରାୟ ବନ୍ଦ ରହିଥିଲା।ବନ୍ଦକୁ ଜନସାଧାରଣ ସମର୍ଥନ କରିଛନ୍ତି ବୋଲି କଂଗ୍ରେସ ସମେତ ବିରୋଧୀ ଦଳ ପକ୍ଷରୁ କୁହାଯିବା ସହ ଜନସାଧାରଙ୍କ ନିକଟରେ କୃତଜ୍ଞତା ଜଣାଇଛନ୍ତି।

- ରାସ୍ତାଘାଟ ଶୂନଶାନ୍, ଦୋକାନ ବଜାର ବନ୍ଦ
- ଗଡିଲାନି ବସ, ଅଟକିଲା ଟ୍ରେନ୍
- ବ୍ୟାଙ୍କ ସେବା ପ୍ରଭାବିତ
- ରାଜରାସ୍ତାରେ କଂଗ୍ରେସ କର୍ମୀଙ୍କ ପିକେଟିଂ
- ଯୁବ-ଛାତ୍ର କଂଗ୍ରେସ ପକ୍ଷରୁ ବିଶାଳ ରାଲି

ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ମୃତ୍ୟୁ ଘଟଣା ଓ ତାଙ୍କୁ ନ୍ୟାୟ ଦେବା ଦାବିରେ ଏହି ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା। ପେଟ୍ରୋଲ ପମ୍ପଗୁଡ଼ିକ ବନ୍ଦ ରହିଥିବାବେଳେ ବ୍ୟାଙ୍କ ସେବା ମଧ୍ୟ ପ୍ରଭାବିତ ହୋଇଛି। ପୋଲିସ ପକ୍ଷରୁ ନାହିଁ ନଥିବା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଲୋକସେବାଭବନ ଆଡକୁ କଂଗ୍ରେସ କର୍ମୀମାନେ ଅଗ୍ରସର ହେଉଥିବାବେଳେ ପୋଲିସ ସହ ପେଲାଠେଲା ହୋଇଥିଲା। ପିସିସି ସଭାପତି ଭକ୍ତ ଦାସଙ୍କ ସମେତ ବହୁ କଂଗ୍ରେସ କର୍ମୀ ପିକେଟିଂ କରି ଗିରଫ ହୋଇଥିଲେ। ଜାତୀୟ ରାଜପଥରେ ଗାଡି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ଥିବାବେଳେ ଓଡ଼ିଶାର ପ୍ରବେଶ ପଥ ସୀମାରେ ଶତାଧିକ ଗାଡି ଅଟକି ରହିଥିଲା। ମୋଟାମୋଟି ଭାବେ ବନ୍ଦଟି ରାଜ୍ୟବ୍ୟାପୀ ବେଶ୍ ଶାନ୍ତିପୂର୍ଣ୍ଣ ହୋଇଥିଲା। ଯାହା ଏକ ଅଭୂତପୂର୍ବ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି।

ରାଜଧାନୀରୁ ରାଇରଙ୍ଗପୁର, ଗଞ୍ଜାମରୁ ଗଜପତି, ବାଲେଶ୍ୱରରୁ ବଲାଙ୍ଗୀର, ଯାଜପୁରରୁ ଜୟପୁର, ସମ୍ବଲପୁରରୁ ସୋନପୁର ଓ ରାଜ୍ୟର ଅନ୍ୟାନ୍ୟ ସମସ୍ତ ଜିଲ୍ଲାରେ ବନ୍ଦ ଯାତ୍ରା ଶାନ୍ତିପୂର୍ଣ୍ଣ ହୋଇଛି । ସ୍କୁଲ, କଲେଜ, ଦୋକାନ, ବଜାର ସମ୍ପୂର୍ଣ୍ଣ ବନ୍ଦ ରହିଥିବା ବେଳେ କାଁ ଭାଁ କେତେକ ସ୍ଥାନରେ ବସ୍‌ଯାତ୍ରୀ ଓ ରେଳଯାତ୍ରୀମାନେ ହଇରାଣ ହରକତ ହୋଇଥିଲେ । ଜାତୀୟ ରାଜପଥରେ ଯାଉଥିବା ଏକ ବସ୍ ପାହାଳ ନିକଟରେ ଆନ୍ଦୋଳନକାରୀଙ୍କ ପିକେଟିଂ ଯୋଗୁ ଅଟକି ଯାଇଥିଲା । ସେହି ବସ୍‌ରେ ଥିବା ଜଣେ କ୍ୟାନସର ପୀଡିତାଙ୍କୁ ପାହାଳ ଥାନାର ଜଣେ ଏସ୍‌ଆଇ ଟେକିଆଣି ପୋଲିସ ଗାଡିରେ କଟକ ବଡମେଡିକାଲକୁ ପଠାଇଥିଲେ। ପୋଲିସ ଅଫିସରଙ୍କ ଏହି ମାନବୀୟ କାର୍ଯ୍ୟ ପାଇଁ ସବୁ ସ୍ତରରୁ ତାଙ୍କୁ ପ୍ରଶଂସା ହୋଇଥିବା ବେଳେ (୯ ପୃଷ୍ଠାରେ)




## କାର୍ଯ୍ୟସ୍ଥଳରେ ମହିଳାଙ୍କ ଯୌନ ନିର୍ଯାତନା ରୋକିବା ଆଇନ୍ କଡାକଡି

# ତୁରନ୍ତ ପଦକ୍ଷେପ ନେବାକୁ ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୧୭।୭ (ସବ୍ୟୁ) : କାର୍ଯ୍ୟସ୍ଥଳରେ ମହିଳାମାନଙ୍କ ଲାଗି ଯୌନ ନିର୍ଯାତନା ରୋକିବା ପାଇଁ ସବୁ ବିଭାଗ ସେଲ୍ ଗଠନ କରିବାକୁ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୩ ଆଇନର ବ୍ୟବସ୍ଥା ଅନୁଯାୟୀ ଏହା କରିବା ପାଇଁ କୁହାଯାଇଛି। ଅତିରିକ୍ତ ମୁଖ୍ୟ ସଚିବଙ୍କ ପକ୍ଷରୁ ଏହି ମର୍ମରେ ସମସ୍ତ ଆରଡିସି, ଜିଲ୍ଲାପାଳମାନଙ୍କୁ ଚିଠି ଲେଖାଯାଇଛି। ଏଥିରେ କୁହାଯାଇଛି ଯେ ଯୌନ ନିର୍ଯାତନା କାର୍ଯ୍ୟସ୍ଥଳରେ ରୋକିବା ପାଇଁ ଆଇନ ଅନୁଯାୟୀ ଏହାକୁ ପ୍ରଣୟନ କର। ବିଶେଷକରି ମହିଳାମାନେ ଯେଭଳି ସୁରକ୍ଷିତ, ସମ୍ମାନର ସହ ଅନୁକୂଳ ପରିବେଶରେ କାର୍ଯ୍ୟ କରିବେ ସେଥିପ୍ରତି ପଦକ୍ଷେପ ନିଅ। ଯୌନ ନିର୍ଯାତନା ଜଣେ ବ୍ୟକ୍ତିର କେବଳ ସ୍ୱାଭିମାନ ଓ ଅଧିକାରକୁ ଉଲ୍ଲଂଘନ କରୁନାହିଁ ବରଂ ଏହା ସେମାନଙ୍କର ନୈତିକ ଓ ସମାନ ସୁବିଧା ଅଧିକାରକୁ ଉଲ୍ଲଂଘନ କରୁଛି।

ଏହି ପ୍ରସଙ୍ଗରେ ମୁଖ୍ୟ ସଚିବ ଅଗ୍ରାଧିକାର ଭିତ୍ତିରେ ପିଓଏସଏଚ୍ ଆଇନ୍ କାର୍ଯ୍ୟକାରୀ କରିବାକୁ କହିଛନ୍ତି। ତଦନୁଯାୟୀ ଏକ ଆଭ୍ୟନ୍ତରୀଣ (୯ ପୃଷ୍ଠାରେ)

## ଏଫ୍‌ଏମ୍ କଲେଜ ଛାତ୍ରୀ ମୃତ୍ୟୁ ମାମଲା

# କ୍ରାଇମ୍‌ବ୍ରାଞ୍ଚର ତନାଘନା

ଭୁବନେଶ୍ୱର, ୧୭।୭ (ସବ୍ୟୁ) : ଏଫ୍‌ଏମ୍ କଲେଜ ଛାତ୍ରୀ ମୃତ୍ୟୁ ମାମଲାର ତଦନ୍ତ କ୍ରାଇମ୍‌ବ୍ରାଞ୍ଚକୁ ନିର୍ଦ୍ଦେଶ ହେବା ପରେ ଗୁରୁବାର ତଦନ୍ତକାରୀ ଟିମ୍ ତନାଘନା ଆରମ୍ଭ କରିଛି । ଆଇଜି ଏସ୍. ସାଇନି ଓ ତଦନ୍ତକାରୀ ଟିମ୍‌ରେ ଥିବା ଇନ୍ସପେକଫର ଏଫ୍‌ଏମ୍ କଲେଜକୁ ଯାଇ ପଚରାଉଚରା କରିଛନ୍ତି । ଛାତ୍ରୀଙ୍କ ମୃତ୍ୟୁ ସମ୍ପର୍କରେ ପଚାରିବାରୁ ପୂର୍ବରୁ କ'ଣ ସବୁ ହୋଇଥିଲା, ତାହା ପ୍ରଥମେ ଆମେ ଜାଣିବା ପାଇଁ ସେ ଦିଗରେ ତଦନ୍ତ ଆରମ୍ଭ ହୋଇଛି । କେମିତି ନିଆଁ ଲାଗିଲା ସେ ସମ୍ପର୍କରେ ପଚାରିବାରୁ ତଦନ୍ତ ଆଗକୁ ବଢିଲେ ଜଣାପଡିବ ବୋଲି ସେ କହିଥିଲେ ।

ତଦନ୍ତ ଟିମ୍‌ରେ ସାମିଲ ଥିବା ଡିଏସ୍‌ପି କଟକ ବଡମେଡିକାଲକୁ ଯାଇ ସେଠାରେ ଚିକିତ୍ସିତ ହେଉଥିବା ଜ୍ୟୋତିପ୍ରକାଶ ବିଶ୍ୱାଳଙ୍କୁ ଏକଘଣ୍ଟାରୁ ଊର୍ଦ୍ଧ୍ୱର୍ ସମୟ ପଚରାଉଚରା କରିଥିଲେ । ନିଆଁ କିପରି ଲାଗିଲା, କ'ଣ ସବୁ ଦେଖିଥିଲେ କଥାକୁ ମିଶାଇ ବହୁ କଥା ପଚାରିଥିଲେ । ଜ୍ୟୋତିଙ୍କୁ ପଚାରି ସାରିବା ପରେ ତାଙ୍କୁ ଚିକିତ୍ସା କରୁଥିବା ବର୍ଣ୍ଣୱାର୍ଡ ଡାକ୍ତରଙ୍କୁ ମଧ୍ୟ ପଚରାଉଚରା କରାଯାଇଥିବା ସୂଚନା ମିଳିଛି । ପ୍ରିନ୍ସିପାଲଙ୍କ ଅଫିସ୍ ସାମ୍ନାରେ ଥିବା ସିସିଟିଭି ବନ୍ଦ (୯ ପୃଷ୍ଠାରେ)

# ପଞ୍ଚାୟତ ପ୍ରତିନିଧିଙ୍କୁ ମିଳିବ ଅନୁକମ୍ପା ସହାୟତା

ଭୁବନେଶ୍ୱର, ୧୭।୭ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ପଞ୍ଚାୟତ ପ୍ରତିନିଧି ମାନଙ୍କ ପାଇଁ କାର୍ଯ୍ୟଅବଧି ସମୟରେ ମୃତ୍ୟୁ କିମ୍ବା ଅକ୍ଷମତା ଘଟିଲେ ଅନୁକମ୍ପା ମୂଳକ ସହାୟତା ରାଶି ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

**ମୃତ୍ୟୁ କ୍ଷେତ୍ରରେ ନିକଟତମ ସମ୍ପର୍କୀୟଙ୍କୁ ୨ ଲକ୍ଷ ଟଙ୍କା**

ନିଷ୍ପତ୍ତି ଅନୁଯାୟୀ ପଞ୍ଚାୟତିରାଜ ବ୍ୟବସ୍ଥାରେ କାର୍ଯ୍ୟରତ ୱାର୍ଡ ମେମ୍ବରଙ୍କଠୁ ଆରମ୍ଭ କରି ଜିଲ୍ଲା ପରିଷଦ ସଭାପତିଙ୍କ ପର୍ଯ୍ୟନ୍ତ ସମସ୍ତେ ଏଥିରେ ଅନ୍ତର୍ଭୁକ୍ତ ହେବେ। ପଞ୍ଚାୟତ ପ୍ରତିନିଧି ମାନଙ୍କ କାର୍ଯ୍ୟଅବଧି ସମୟରେ କୌଣସି କାରଣରୁ ମୃତ୍ୟୁ ଘଟିଲେ ତାଙ୍କର ନିକଟତମ ସମ୍ପର୍କୀୟଙ୍କୁ ୨ ଲକ୍ଷ ଟଙ୍କା ଅନୁକମ୍ପା ମୂଳକ ସହାୟତା ରାଶି ପ୍ରଦାନ କରାଯିବ, ସେହିଭଳି ଉଭୟ ଆଖି, ହାତ କିମ୍ବା ଗୋଡ ନଷ୍ଟ ହେଲେ ସମ୍ପୃକ୍ତ ପଞ୍ଚାୟତ ପ୍ରତିନିଧିଙ୍କୁ ୨ ଲକ୍ଷ ଟଙ୍କା ଏବଂ ଯଦି ଗୋଟିଏ ଆଖି କିମ୍ବା ଗୋଟିଏ ହାତ କିମ୍ବା ଗୋଡ ନଷ୍ଟ ହୁଏ ତେବେ ତାଙ୍କୁ ୧ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବ। (୯ ପୃଷ୍ଠାରେ)

# ୨୩ରେ ଲଘୁଚାପ, ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷିବ

ଭୁବନେଶ୍ୱର, ୧୭।୭ (ସବ୍ୟୁ): ଉତ୍ତର ବଙ୍ଗୋପସାଗରରେ ୨୩ ତାରିଖ ବେଳକୁ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ଅଛି। ଏହା ଅଧିକ ଘନୀଭୂତ ହୋଇ ଅବପାତ ରୂପ ନେଇପାରେ। ଏହା ପ୍ରଭାବରେ ଓଡ଼ିଶାରେ ପ୍ରବଳ ବର୍ଷା ନେଇ ପୂର୍ବାନୁମାନ କରାଯାଇଛି।

ଭାରତୀୟ ପାଣିପାଗ ବିଭାଗର ବିସ୍ତାରିତ ଆକଳନ ଅନୁଯାୟୀ, ୨୩ ତାରିଖ ବେଳକୁ ବଙ୍ଗୋପସାଗରେ ଲଘୁଚାପ ସୃଷ୍ଟି ହେବାର ୨୪ ଘଣ୍ଟା ଭିତରେ ଏହା ଅବପାତ ବା ଡିପ୍ରେସନ ରୂପ ନେବ। ଏହା ଉତ୍ତର-ପଶ୍ଚିମ ଦିଗରେ ଗତି କରି ଏହା ପଶ୍ଚିମବଙ୍ଗ ଓ ଛତିଶଗଡ଼ ଅତିକ୍ରମ କରିବ। ୨୩ ତାରିଖରୁ ବର୍ଷାର ପରିମାଣ ବଢ଼ିବ। ୨୪ ଓ ୨୫ ତାରିଖରେ ଉତ୍ତର ଓଡ଼ିଶାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ। ବାକି ଜିଲ୍ଲା ଗୁଡିକରେ ପ୍ରବଳ ବର୍ଷା ନେଇ ପୂର୍ବାନୁମାନ କରାଯାଇଛି।

## 'ଉତ୍ତମ ପ୍ରଶାସନିକ ଅଭ୍ୟାସ' ଜାତୀୟ କର୍ମଶାଳା ଉଦ୍‌ଘାଟିତ

# ବୈପ୍ଲବିକ ସଂସ୍କାର ନାଗରିକଙ୍କୁ ଭରସା ଦେଇଛି : କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର,୧୭।୭(ସବ୍ୟୁ): ଉତ୍ତମ ପ୍ରଶାସନିକ ଅଭ୍ୟାସ ଜାତୀୟ କର୍ମଶାଳା ଉଦଘାଟନ ହୋଇଛି। କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ମିଳିତ ଭାବେ ଏହାକୁ ଉଦଘାଟନ କରିଛନ୍ତି । ସୁଶାସନ ଲାଗି ଏଆଇ ବ୍ୟବହାର କରାଯିବ ବୋଲି ଉଦଘାଟନୀ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି। ଓଡ଼ିଶା ଜାତୀୟ ସୁଶାସନ କର୍ମଶାଳା ଆୟୋଜନ ପାଇଁ ସହଯୋଗ କରିଥିବାରୁ ମୁଖ୍ୟମନ୍ତ୍ରୀ ଓ ଓଡ଼ିଶା ସରକାରଙ୍କୁ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସି ଧନ୍ୟବାଦ ଦେବା ସହ ପ୍ରଶଂସା କରିଛନ୍ତି।



**ସୁଶାସନ ପ୍ରତ୍ୟେକ ନାଗରିକର ହକ୍ : ମୁଖ୍ୟମନ୍ତ୍ରୀ**

କେନ୍ଦ୍ରମନ୍ତ୍ରୀ ଶ୍ରୀ ସିଂ କହିଛନ୍ତି ଯେ ପ୍ରଶାସନିକ ସଂସ୍କାର ଲାଗି ଆଞ୍ଚଳିକ ସହଯୋଗ ବେଶ ଗୁରୁତ୍ୱପୂର୍ଣ୍ଣ। ସୁପ୍ରଶାସନର ଅର୍ଥ ହେଉଛି ପ୍ରତ୍ୟେକ ଆହ୍ୱାନକୁ ଏକ ସୁଯୋଗ ଭାବିବା। ଏହି ସମ୍ମିଳନୀରେ ବିଭିନ୍ନ ରାଜ୍ୟ ଯୋଗଦେଇଛନ୍ତି। ଆମେ ସୁନିଶ୍ଚିତ କରିବା ଦରକାର ଉଭୟ ସ୍ଥାନୀୟ ପ୍ରସଙ୍ଗ ଓ ଜାତୀୟସ୍ତରର ବ୍ୟବସ୍ଥାକୁ ପ୍ରଶାସନିକ ମଡ଼େଲରେ ଅନ୍ତର୍ଭୁକ୍ତ କରାଯିବା ଆବଶ୍ୟକ। ସଚିବ ଭାବୁଛନ୍ତି କ୍ରାନ୍ତିକାରୀ ପଦକ୍ଷେପ ନେଲେ କଣ ହେବ ? ମୋର ତ ବଦଳି ହୋଇଯିବ। ମନ୍ତ୍ରୀ ବି ଭାବିଛନ୍ତି ୫ ବର୍ଷ ଆମ ସରକାର ରହିବ କି ନାହିଁ। କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାରରେ ଆମେ ଏଭଳି ଭାବିବା ନାହିଁ। ଆମେ ଲୋକଙ୍କ ପାଇଁ ଭାବିବା ଓ ସେମାନଙ୍କ ପାଇଁ (୯ ପୃଷ୍ଠାରେ)

## ଜିଏମ୍‌ୟୁ ଛାତ୍ରୀଙ୍କୁ ଯୌନ ଶୋଷଣ ଘଟଣା

# ଅଧ୍ୟାପକ ଗିରଫ, ଚାକିରିରୁ ନିଲମ୍ବିତ



ସମ୍ବଲପୁର, ୧୭।୭ (ସବ୍ୟୁ): ବାଲେଶ୍ୱର ଫକୀର ମୋହନ କଲେଜ ନିଆଁ ସାରା ରାଜ୍ୟରେ ହୁତୁହୁତୁ ହୋଇ ଜଳୁଛି। ଏହାକୁ ନେଇ ରାଜ୍ୟ ରାଜନୀତି ମଧ ବେଶ ସରଗରମ ରହିଛି। ସମସ୍ତ ବିରୋଧି ଦଳ ମୋହନ ସରକାରକୁ ଘେରି ଥିବାବେଳେ ପୁଣି ଆଉ ଏକ ଘଟଣା ପଦାକୁ ଆସିଛି। ପଶ୍ଚିମ ଓଡିଶାର ପ୍ରତିଷ୍ଠିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମ୍‌ୟୁ) ରେ ଜଣେ ଛାତ୍ରୀ ଅଧ୍ୟାପକଙ୍କ ଦ୍ୱାରା ନିର୍ଯାତିତ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପରେ ମହିଳା ଥାନା ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସହକାରୀ ପ୍ରଫେସର ଡ. ଗୋପିକାନ୍ତ ସୁନା(୩୨)ଙ୍କୁ ଗିରଫ କରିଛି। ଅନ୍ୟପଟେ ସଂପୃକ୍ତ ଛାତ୍ରୀ ଏନେଇ ବିଶ୍ୱବିଦ୍ୟାଳୟ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ନିକଟରେ କୌଣସି ଅଭିଯୋଗ କରିନାହିଁ। ଘଟଣା ଜଣାପଡିବା ପରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ପୃକ୍ତ ଅଧ୍ୟାପକଙ୍କୁ ନିଲମ୍ବିତ କରାଯାଇଛି। ନିଲମ୍ବିତ ଅଧ୍ୟାପକ ବିନା ଅନୁମତିରେ ସଦର ମହକୁମା ଛାଡି ପାରିବେ ନାହିଁ। ବିଶ୍ୱବିଦ୍ୟାଳୟ ପିଜି କାଉନସିଲ ଅଧକ୍ଷଙ୍କ କାର୍ଯ୍ୟାଳୟରେ ରିପୋର୍ଟ କରିବେ ବୋଲି ନୋଟିସ୍ ଜାରି କରାଯାଇଛି। ତେବେ ଅଭିଯୁକ୍ତ ସହକାରୀ ପ୍ରଫେସରଙ୍କୁ ଚାକିରୀରୁ ବହିଷ୍କାର କରିବା ପାଇଁ ସୁପାରିଶ କରାଯିବ ବୋଲି ଜିଏମ୍‌ୟୁ ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାଶ ସୂଚନା ଦେଇଛନ୍ତି। ଘଟଣାକୁ ନେଇ ଏବିଭିପି ଓ ପ୍ରୋଗେସିଭ ସମ୍ବଲପୁର ପକ୍ଷରୁ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ଅଭିଯୁକ୍ତ ଅଧ୍ୟାପକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

ବରଗଡ ଜିଲ୍ଲା ବୁଡେନ ଥାନା ଦହିତା ଗ୍ରାମର ମୂଳନିବାସୀ ଗୋପିକାନ୍ତ ସୁନା ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗରେ ଆସିଷ୍ଟାଣ୍ଟ ପ୍ରଫେସର ଭାବେ କାର୍ଯ୍ୟ କରନ୍ତି। ସେ ଜଣେ ୨୦ବର୍ଷିୟ ଇଣ୍ଟିଗ୍ରେଡେଟ ବିଏଡ୍ ବିଭାଗର ୨ୟ ବର୍ଷ ଛାତ୍ରୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ଛାତ୍ରୀ ଜଣକ ସମ୍ବଲପୁରରେ ଏକ ଭଡା ଘରେ ରହୁଥିବା ଜଣାପଡିଛି। ପରେ ପ୍ରତାରଣା କରିବା ସହ ବିବାହ କରିବାକୁ ମନା କରିଥିଲେ। ଏନେଇ ଛାତ୍ରୀ ଜଣକ ଗତ ୧୬ତାରିଖରେ ସମ୍ବଲପୁର ମହିଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ୫୬/୨୫ରେ ଏକ ମାମଲା ରୁଜୁ କରି ତୁରନ୍ତ ସଂପୃକ୍ତ ଅଧ୍ୟାପକଙ୍କୁ ବୁଢାରଜା ପ୍ରଫେସର କଲୋନୀ ସ୍ଥିତ ତାଙ୍କ ସରକାରୀ ବାସଭବନରୁ ଗିରଫ କରିଛି। ଗିରଫ ପରେ ପୀଡିତା ଛାତ୍ରୀ ଓ ଅଧ୍ୟାପକଙ୍କ ଡାକ୍ତରୀ ମାଇନା କରାଯାଇଛି। ପରେ ଅଭିଯୁକ୍ତ ଅଧ୍ୟାପକଙ୍କୁ ବିଚାର ବିଭାଗୀୟ ଅଦାଲତ ପଠାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ସମ୍ବଲପୁର ସ୍ୱତନ୍ତ୍ର ମଣ୍ଡଳ କାରାଗାରକୁ ପ୍ରେରଣ କରାଯାଇଛି। ଏନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏପରି ଘଟଣା ଯୋଗୁଁ ଶିକ୍ଷାନୁଷ୍ଠାନ (୯ ପୃଷ୍ଠାରେ)

## ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ

# ମୁଖ୍ୟମନ୍ତ୍ରୀସ୍ତରୀୟ ଆଲୋଚନା ଲାଗି ପ୍ରସ୍ତାବ


ଭୁବନେଶ୍ୱର,୧୭।୭(ସବ୍ୟୁ): ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲର ୪୩ ତମ ଶୁଣାଣି ଆଜି କରାଯାଇଛି। ମହାନଦୀ ଜଳ ବିବାଦର ସମାଧାନ ରାଜନୈତିକସ୍ତରରେ ସମ୍ଭବ। ଏଥିପାଇଁ ୨ ରାଜ୍ୟର ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ତି ବୋଲି ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ମହାନଦୀ ଜଳକୁ ନେଇ ସୃଷ୍ଟି ହୋଇଥିବା ବିବାଦର ସମାଧାନ ଲାଗି ଟ୍ରିବ୍ୟୁନାଲ ଗଠନ ହୋଇଛି। ୭ ବର୍ଷ ହେଲାଣି ଟ୍ରିବ୍ୟୁନାଲ ହୋଇଥିଲେ ବି ଏପର୍ଯ୍ୟନ୍ତ କୌଣସି ସମାଧାନ ହୋଇନାହିଁ। ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ ଏକପାଖିଆ ଭାବେ ଅନେକ ଡ୍ୟାମ ନିର୍ମାଣ କରିବାରୁ ଅଣମୌସୁମୀ ଋତୁରେ ମହାନଦୀକୁ ଜଳପ୍ରଭାବ (୯ ପୃଷ୍ଠାରେ)

# ଓଡ଼ିଶାରେ ଖୋଲିବ ୫ ନୂଆ ମହିଳା ଏନସିସି ବାଟାଲିୟନ୍

ଭୁବନେଶ୍ୱର, ୧୭।୭ (ସବ୍ୟୁ): ଛାତ୍ରୀମାନଙ୍କୁ ସଶକ୍ତ କରିବା ଦିଗରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ୫ ନୂଆ ମହିଳା ଏନସିସି ବାଟାଲିୟନ୍ ଖୋଲିବାକୁ ପ୍ରସ୍ତାବ ଦିଆଯାଇଛି। ଏଥିପାଇଁ ଆବଶ୍ୟକୀୟ ଭିତ୍ତିଭୂମି ମାନବସମ୍ବଳ ଓ କାର୍ଯ୍ୟକାରୀ କରିବା ପାଇଁ ରହିଥିବା ସମୟସୀମା ସମ୍ବଧରେ ତଥ୍ୟ ପ୍ରଦାନ କରିବା ଲାଗି ଏନସିସି ନିର୍ଦ୍ଦେଶକଙ୍କୁ ଚିଠି ଲେଖାଯାଇଛି। ରାଜ୍ୟରେ ବର୍ତ୍ତମାନ ଏନସିସି କ୍ୟାଡେଟଙ୍କ ସଂଖ୍ୟା ୬୩ ହଜାର ସଂଖ୍ୟା ରହିଥିବା ବେଳେ ଏହାକୁ ୯୦ ହଜାର ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି। ନୂଆ ମହିଳା ଏନସିସି ବାଟାଲିୟନ୍ ସ୍ଥାପନ ମାଧ୍ୟମରେ ଏନସିସିରେ ମହିଳାମାନଙ୍କର ସକ୍ରିୟ ଅଂଶଗ୍ରହଣକୁ ସୁନିଶ୍ଚିତ କରାଯିବ। ଏଥିସହ କ୍ୟାଡେଟ ମାନଙ୍କ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ଉପରେ ଧ୍ୟାନ ଦିଆଯିବ। ରାଷ୍ଟ୍ର ନିର୍ମାଣ ପାଇଁ ଯୁବ ନେତୃତ୍ୱର ବିକାଶ ଓ ଯୁବ ବର୍ଗର ଯୋଗଦାନ ଉପରେ ଗୁରୁତ୍ୱ ଦିଆଯିବ। (୯ ପୃଷ୍ଠାରେ)

# ଦୃଷ୍ଟିହୀନ ପିଲାମାନଙ୍କ ଲାଗି ସୁନ୍ଦର ପୁସ୍ତକ




ଦୃଷ୍ଟିହୀନ ପିଲାଙ୍କ ପାଇଁ ପୁସ୍ତକ ଲେଖି ବେଶ୍ ଚର୍ଚ୍ଚାରେ ରହିଛନ୍ତି ଓଡ଼ିଆ ଲେଖକ ଡକ୍ଟର ଧୀରେନ୍ଦ୍ର କୁମାର ଷଡ଼ଙ୍ଗୀ । ତାଙ୍କ ଲିଖିତ ପୁସ୍ତକ ଏହି ଦିବ୍ୟାଙ୍ଗ ପିଲାଙ୍କ ପାଇଁ ପ୍ରାଥମିକ ପାଠ ପଢ଼ାରେ ଖୁବ ସହାୟକ ହେଉଛି । ଶ୍ରୀଯୁକ୍ତ ଷଡଙ୍ଗୀଙ୍କର ଜନ୍ମ ଓଡ଼ିଶାର ସର୍ବପୁରାତନ ସହର କଟକରେ ୧୯୫୪ ମସିହାରେ ହୋଇଥିଲା । ପିତା ବାମନ ଷଡ଼ଙ୍ଗୀ ଆଉ ମାତା ଜାହ୍ନବୀ ଷଡ଼ଙ୍ଗୀଙ୍କର ସେ ସୁପୁତ୍ର । ସେ ୧୯୭୬ ମସିହାର ଉତ୍କଳ ବିଶ୍ୱବିଦ୍ୟାଳୟରୁ ପ୍ରାଣୀବିଜ୍ଞାନ ବିଷୟରେ ଏମ୍.ଏସ୍‌ସି ପାସ୍ କରିଥିଲେ । ଏହାପରେ ୧୯୭୭ ମସିହାରେ ବାରିପଦାର ଏମ୍.ପି.ସି କଲେଜରେ ଅଧ୍ୟାପକ ଭାବରେ ଯୋଗଦେଇଥିଲେ । ୨୦୧୨ ମସିହାରେ କଟକସ୍ଥିତ ଜେ.କେ.ବି.କେ ସରକାରୀ କଲେଜର ଅଧ୍ୟକ୍ଷ ଭାବରେ ଅବସର ଗ୍ରହଣ କରିଛନ୍ତି । ସେ ଜଣେ ପାଠ୍ୟପୁସ୍ତକ ଲେଖକ ଭାବରେ ମଧ୍ୟ ଓଡ଼ିଶାରେ ପରିଚିତ । ମାଧ୍ୟମିକ, ଉଚ୍ଚମାଧ୍ୟମିକ ଓ ସ୍ନାତକ ଶ୍ରେଣୀ ପାଇଁ ସେ ପ୍ରାୟ ୩୦ ରୁ ଅଧିକ ଜୀବବିଜ୍ଞାନ ଓ ପରିବେଶ ବିଜ୍ଞାନ ପୁସ୍ତକ ରଚନା କରିଛନ୍ତି । ଏହାସହିତ କିଛି ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତିଙ୍କ ପ୍ରେରଣାରେ ଡକ୍ଟର ଷଡ଼ଙ୍ଗୀ ଦୃଷ୍ଟିହୀନ ପିଲାଙ୍କ ପ୍ରାଥମିକ ଶିକ୍ଷା ପାଇଁ ତ୍ରିଭାଷୀ ବ୍ରେଲ୍ ବର୍ଣ୍ଣବୋଧ, ଓଡ଼ିଶାରେ ଦୃଷ୍ଟିହୀନ ଶିକ୍ଷାର ଇତିହାସ ଓ ଦୃଷ୍ଟିହୀନ ଶିଶୁଙ୍କ ଲାଳନପାଳନ ଓ ବୌଦ୍ଧିକ ବିକାଶ ପରି ପୁସ୍ତକ ରଚନା କରିଛନ୍ତି । ଏ ସଂକ୍ରାନ୍ତୀୟ ପୁସ୍ତକ ଅନ୍ୟାନ୍ୟ ଭାରତୀୟ ଭାଷାରେ ଉପଲବ୍ଧ ନଥିବାରୁ ସେ ଏହି ପୁସ୍ତକଗୁଡ଼ିକୁ ହିନ୍ଦି ଓ ଇଂରେଜୀ ଭାଷାକୁ ଅନୁବାଦ ମଧ୍ୟ କରୁଛନ୍ତି । ସେଥିମଧ୍ୟରୁ ଗୋଟିଏ ପୁସ୍ତକ ହେଲା...

**ତ୍ରିଭାଷୀ ବ୍ରେଲ୍ ବର୍ଣ୍ଣବୋଧ** (ISBN : ୯୭୮-୯୩-୩୪୨-୮୪୦୧-୦)

ଡକ୍ଟର ଷଡ଼ଙ୍ଗୀଙ୍କ ଦ୍ୱାରା ଲିଖିତ ତ୍ରିଭାଷୀ ବ୍ରେଲ୍ ବର୍ଣ୍ଣବୋଧ ଏକ ଅଭିନବ ସୃଷ୍ଟି । ୧୯୫୧ ମସିହାରେ ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ଏକକ ଭାରତୀ ବ୍ରେଲ୍ ନିୟମ ଅନୁସାରେ ଏବଂ ଓଡ଼ିଶାର ପ୍ରଥମ ବ୍ରେଲ୍ ଶିକ୍ଷକ ତଥା ଓଡ଼ିଶା ଦୃଷ୍ଟିହୀନ ସମାଜର ଆଦିଗୁରୁ ଭାବଗ୍ରାହୀ ପୁରୋହିତଙ୍କର ଭାରତୀ ବ୍ରେଲ୍‌ର ଓଡ଼ିଆ ଭାଷାକରଣ ନିୟମ ଅନୁସାରେ ଏହି ପୁସ୍ତକର ପ୍ରଥମ ସଂସ୍କରଣ ୧୯୯୮ ମସିହାରେ, ଦ୍ୱିତୀୟ ସଂସ୍କରଣ ୨୦୧୨ ମସିହାରେ ଏବଂ ପରିମାର୍ଜିତ ତୃତୀୟ ସଂସ୍କରଣ ୨୦୨୫ ମସିହାରେ ପ୍ରକାଶ ପାଇଛି । ଓଡ଼ିଆ ଭାଷାରେ ବ୍ରେଲ୍ ଶିକ୍ଷା ପାଇଁ ଏହା ପ୍ରଥମ ଏବଂ ଏକମାତ୍ର ପୁସ୍ତକ ବୋଲି ଜଣାଯାଇଛି ।

**ଡ. ଧୀରେନ୍ଦ୍ର କୁମାର ଷଡଙ୍ଗୀ**




## ସୋସିଆଲ କୋଟ୍ସ

"ବାସ୍ତବରେ ମୁଁ ବହୁତ ଭାଗ୍ୟଶାଳୀ କି ମୋତେ ମୋ ସ୍ୱାମୀ ଓ ଶାଶୁଘରର ସମର୍ଥନ ସବୁବେଳେ ରହିଥାଏ । ମୁଁ ଜୀବନରେ ଯାହା କିଛି ବି କରିଥାଏ ସେଥିରେ ସେମାନେ ମୋତେ ସମର୍ଥନ କରିଥାଆନ୍ତି ।

ଶିଳ୍ପା ସେଟ୍ଟୀ, ଅଭିନେତ୍ରୀ





"ମୋତେ ମୋ ଝିଅ ରାହା ସହିତ ବୁଲିବା ଏବଂ ସପିଂ କରିବା ବହୁତ ପସନ୍ଦ, କିନ୍ତୁ ଭାରତରେ ମୁଁ ଏପରି କରିପାରିବି ନାହିଁ । ହେଲେ ବିଦେଶରେ ମୋତେ କମ ଲୋକ ଜାଣିଛନ୍ତି ତେଣୁ ସେଠାରେ ଏହା କରିବା ମୋ ପାଇଁ ସହଜ ।

ଆଲିଆ ଭଟ୍ଟ, ଅଭିନେତ୍ରୀ

"ମୋର ନାନା ପାଟେକର ଓ ବିବେକ ଅଗ୍ନିହୋତ୍ରୀଙ୍କ ଭଳି ଲୋକଙ୍କ ସହିତ କିଛି ରିଲେସନ୍ ହିଁ ନାହିଁ । ମୁଁ ତାଙ୍କ ବିଷୟରେ କଥା ହୋଇ ତାଙ୍କୁ ପବ୍ଲିସିଟି ଦେବାକୁ ଚାହୁଁନି ।


ତନୁଶ୍ରୀ ଦତ୍ତ, ଅଭିନେତ୍ରୀ



### ଆଜି ଜନ୍ମଦିନ

## ନେଲସନ୍ ମଣ୍ଡେଲା

ନେଲସନ୍ ମଣ୍ଡେଲା ଦକ୍ଷିଣ ଆଫ୍ରିକାର ପ୍ରଥମ ଅଣଶ୍ୱେତାଙ୍ଗ ବା କୃଷ୍ଣକାୟ ରାଷ୍ଟ୍ରପତି ଥିଲେ । ରାଷ୍ଟ୍ରପତି ହେବା ପୂର୍ବରୁ ସେ ଦକ୍ଷିଣ ଆଫ୍ରିକାରେ ଅନେକ ଦିନ ଧରି ଚାଲି ଆସିଥିବା ବର୍ଣ୍ଣବୈଷ୍ଣମ୍ୟବାଦ ବିରୋଧରେ ଦୀର୍ଘ ଦିନ ଧରି ସଂଗ୍ରାମ କରିଥିଲେ । ମଣ୍ଡେଲା ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ପ୍ରଭାବିତ ଥିଲେ । ଆଫ୍ରିକା ନ୍ୟାସନାଲ କଂଗ୍ରେସ ଓ ଏହାର ସଶସ୍ତ୍ର ବାହିନୀ ଉମଖେତୋ ବେ ସିଜଓ୍ୱେର ସେ ମଧ୍ୟ ଅଧ୍ୟକ୍ଷ ଥିଲେ । ବର୍ଣ୍ଣବୈଷମ୍ୟବାଦ ବିରୋଧରେ ସଂଗ୍ରାମ ଯୋଗୁଁ ତାଙ୍କୁ ୨୭ ବର୍ଷ କାଳ ରୋବେନ୍ ଦ୍ୱୀପ ଅନ୍ତର୍ଗତ କାରାଗାରରେ କଟାଇବାକୁ ପଡ଼ିଥିଲା । ସେଠାରେ ତାଙ୍କୁ କୋଇଲା ଖଣିରେ ବି କାମ କରିବାକୁ ପଡ଼ିଥିଲା । ୧୯୯୦ରେ ଶ୍ୱେତାଙ୍ଗ ସରକାରଙ୍କ ସହିତ ବୁଝାମଣା ପରେ ସେ ଆଧୁନିକ ଦକ୍ଷିଣ ଆଫ୍ରିକା ନିର୍ମାଣ କରିଥିଲେ । ତାଙ୍କର ଏହି ସଂଘର୍ଷ ଯୋଗୁଁ ସାରା ବିଶ୍ୱରେ ସେ ବର୍ଣ୍ଣ ବୈଷମ୍ୟବାଦ ବିରୋଧ ସଂଗ୍ରାମର ପ୍ରତୀକ ପାଲଟି ଯାଇଥିଲେ । **ଜାତିସଂଘ ତାଙ୍କ ଜନ୍ମ ଦିବସକୁ ନେଲସନ ମଣ୍ଡେଲା ଦିବସ ଭାବେ ପାଳିବାକୁ ନିଷ୍ପତ୍ତି ନେଇଛି । ମଣ୍ଡେଲା ୧୮ ଜୁଲାଇ ୧୯୧୮ରେ ଦକ୍ଷିଣ ଆଫ୍ରିକାର ଇଷ୍ଟର୍ଣ୍ଣ କେପ୍ ଅନ୍ତର୍ଗତ ମୁଏଜୋରେ ଜନ୍ମ ଗ୍ରହଣ କରିଥିଲେ ।** ମଣ୍ଡେଲା ତାଙ୍କ ଜାତିର ନାମାନୁଯାୟୀ ମାଡ଼ିବା ନାମରେ ପରିଚିତ ଥିଲେ । ନୋବେଲ ଶାନ୍ତି ପୁରସ୍କାର, ଲେନିନ୍ ଶାନ୍ତି ପୁରସ୍କାରକୁ ମିଶାଇ ସେ ୨୫୦ରୁ ଅଧିକ ପୁରସ୍କାର ଓ ସମ୍ମାନ ପାଇଥିଲେ । ୫ ଡିସେମ୍ବର ୨୦୧୩ରେ ୯୫ ବର୍ଷ ବୟସରେ ତାଙ୍କର ପରଲୋକ ହୋଇଥିଲା । ଗଣତନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ରାଷ୍ଟ୍ରପତି ମଣ୍ଡେଲା ଦୀର୍ଘ ୬୭ ବର୍ଷ କାଳ ମାନବ ଅଧିକାର ଏବଂ ସାମାଜିକ ନ୍ୟାୟ ପାଇଁ ଲଢ଼ି ଦକ୍ଷିଣ ଆଫ୍ରିକାକୁ ସ୍ୱାଧୀନତା ଦେଇଥିବା ପ୍ରଥମ ରାଷ୍ଟ୍ରପତି । ତେଣୁ ତାଙ୍କ ଜନ୍ମ ଦିବସଟିକୁ ସମସ୍ତେ ଆନନ୍ଦ ଉଲ୍ଲାସରେ ପାଳନ କରିଥାନ୍ତି ।



**ଡ଼ଃ.ଅରୁନ୍ଧତୀ ଦେବୀ, ଦୂରଭାଷ : ୯୯୩୭୧୭୨୮୧୦**

## ଇତିହାସ

୧୭୪୩–ସାପ୍ତାହିକ ଖବରକାଗଜ ନ୍ୟୁୟର୍କରେ ବିଶ୍ୱରେ ପ୍ରଥମକରି ଅଧପୃଷ୍ଠାର ବିଜ୍ଞାପନ ପ୍ରକାଶିତ ।
୧୮୫୭– ବମ୍ବେ ବିଶ୍ୱବିଦ୍ୟାଳୟର ସ୍ଥାପନା ।
୧୮୬୧– ଭାରତର ପ୍ରଥମ ମହିଳା ସ୍ନାତକ ତଥା ଫିଜିସ୍ୱିଆନ କାଦମ୍ବିନୀ ଗାଙ୍ଗୁଲିଙ୍କ ଜନ୍ମ ।
୧୮୭୨– ବ୍ରିଟେନ୍‌ରେ ପ୍ରଥମକରି ଗୁପ୍ତ ମତଦାନ ।
୧୯୧୮– ନୋବେଲ ପୁରସ୍କାରପ୍ରାପ୍ତ ଦକ୍ଷିଣ ଆଫ୍ରିକାର ପୂର୍ବତନ ରାଷ୍ଟ୍ରପତି ନେଲସନ ମାଣ୍ଡେଲାଙ୍କ ଜନ୍ମ ।
୧୯୪୭– ବ୍ରିଟିଶ ସଂସଦ ଦ୍ୱାରା ପାରିତ ଭାରତ ସ୍ୱାଧୀନତା ଅଧିନିୟମକୁ ବ୍ରିଟେନ ସମ୍ରାଟଙ୍କ ଦ୍ୱାରା ମଞ୍ଜୁରୀ ।
୧୯୫୫– ପରମାଣୁ ଉର୍ଜାରୁ ଉତ୍ପାଦିତ ବିଜୁଳିର ପ୍ରଥମ ବ୍ୟବସାୟିକ ବିକ୍ରି ।
୧୯୮୦– ପୂର୍ଣ୍ଣ ରୂପେ ଭାରତରେ ନିର୍ମିତ ଉପଗ୍ରହ ରୋହିଣୀ–୧ ପୃଥିବୀ କକ୍ଷରେ ସ୍ଥାପିତ ।
୨୦୦୨– ଡ. ଏପିଜେ ଅବଦୁଲ କଲାମ ଭାରତର ୧୨ତମ ରାଷ୍ଟ୍ରପତି ହେଲେ ।
୨୦୦୫– ପରମାଣୁ ଉର୍ଜା ଓ ଉଚ୍ଚ ଟେକ୍ନୋଲୋଜି ଯୋଗାଣ କ୍ଷେତ୍ରରେ ଭାରତ ଉପରୁ ପ୍ରତିବନ୍ଧକ ହଟାଇଲା ଆମେରିକା ।
୨୦୦୭– ବିଶ୍ୱପ୍ରସିଦ୍ଧ ଆମେରିକୀୟ କୃଷି ବୈଜ୍ଞାନିକ ନାର୍ମନ୍ ବୋରଲଗ୍‌ଙ୍କୁ ସ୍ୱର୍ଣ୍ଣ ପଦକରେ ସମ୍ମାନିତ କରାଗଲା ।
୨୦୦୮– ୫୭ ମିନିଟ୍‌ରେ ୧ ହଜାର ପୁସ୍ତକ ଉପରେ ସ୍ୱାକ୍ଷର କରି ଭାରତୀୟ ମୂଳ ସଲମାନ ରୁଶଦୀଙ୍କ ରେକର୍ଡ ।
୨୦୧୨– ଭାରତର ପ୍ରଥମ ସୁପରଷ୍ଟାର ରାଜେଶ ଖାନାଙ୍କ ପରଲୋକ ।

## ପ୍ରଦୂଷିତ ଜଳରୁ ଫସ୍‌ଫରସ୍



ବର୍ତ୍ତମାନ ବୈଜ୍ଞାନିକମାନେ ବିଭିନ୍ନ ପ୍ରକାରର ଉନ୍ନତ୍ତ ପଦ୍ଧତି ବ୍ୟବହାର କରି ପ୍ରଦୂଷିତ ସାମଗ୍ରୀକୁ ବ୍ୟବହାର ଯୋଗ୍ୟରେ ପରିଣତ କରୁଛନ୍ତି । ସେହି କ୍ରମରେ ଆମେରିକାର ବୈଜ୍ଞାନିକମାନେ ପ୍ରଦୂଷିତ ଜଳରୁ ଫସଫରସକୁ ଅଲଗା କରି ଏହାକୁ ରିସାଇକେଲ କରୁଛନ୍ତି । ଏହାକୁ ରିସାଇକେଲ କରି ସେମାନେ ଏକ ବାୟୋଚାର ପ୍ରସ୍ତୁତ କରୁଛନ୍ତି, ଯାହାକୁ ପୁଣି ମାଟିରେ ମିଶାଯାଇ କୃଷି କ୍ଷେତ୍ରରେ ଲଗାଯାଉଛି । ଏହା ବାୟୋଚାରକୁ ପୋଡାଯାଇଥିବା ଅର୍ଗାନିକ ମେଟେରିଆଲରୁ ଅମ୍ଳଜାନ ଥିବା ପରିବେଶରେ ପ୍ରସ୍ତୁତ କରାଯାଇଥାଏ । ତେଣୁ ଏହା ମାଟିତଳେ ଏକ ରେନ୍‌ଓ୍ୱାଟର ସ୍ୱଞ୍ଜ ଭଳି କାର୍ଯ୍ୟ କରିଥାଏ, ଯାହା ବୃକ୍ଷମାନଙ୍କର ବୃଦ୍ଧିପାଇଁ ସହାୟକ ହୋଇଥାଏ । ଏହା ଗଛକୁ ଫସଫରସ ସହିତ ଅନ୍ୟ ପୋଷକ ଦ୍ରବ୍ୟ ମଧ୍ୟ ପ୍ରଦାନ କରିଥାଏ । ପ୍ରାଣୀମାନେ ସାଧାରଣତଃ ଚାରୋଟି ମାକ୍ରୋନ୍ୟୁଟ୍ରିଏଣ୍ଟ ଯେପରି କାର୍ବୋହାଇଡ୍ରେଟ୍, ଫ୍ୟାଟି ଏସିଡ୍, ଆମିନୋ ଏସିଡ୍, କେଟୋନ୍ ବଡିସ୍ ଉପରେ ନିର୍ଭର କରିଥାଏ । ହେଲେ ଉଦ୍ଭିଦଙ୍କ କ୍ଷେତ୍ରରେ ଏହା ଟିକେ ଭିନ୍ନ ହୋଇଥାଏ । ଉଦ୍ଭିଦଙ୍କ କ୍ଷେତ୍ରରେ ଫସଫରସର ଗୁରୁତ୍ୱ ବେଶ ଅଧିକ । ଏହା ଉଦ୍ଭିଦକୁ ବଢ଼ିବା ସହିତ ସ୍ୱାସ୍ଥ୍ୟକର କରିଥାଏ । ଏହି ପ୍ରକ୍ରିୟା କୃଷିକ୍ଷେତ୍ରରେ ବେଶ ସହାୟକ ହେବ ବୋଲି ବୈଜ୍ଞାନିକମାନେ ଆଶା ରଖିଛନ୍ତି । ଏହାକୁ ନେଇ ଅଧିକ ଗବେଷଣା ଜାରି ରହିଥିବାବେଳେ, ଖୁବଶୀଘ୍ର ଏହାକୁ ମାର୍କେଟରେ ଲଞ୍ଚ କରାଯିବାନେଇ ବୈଜ୍ଞାନିକମାନେ ମତ ଦେଇଛନ୍ତି ।

## ବର୍ଷାଦିନେ କେଶର ଯତ୍ନ



ମନସୁନରେ ଆମକୁ ସବୁ ଜିନିଷର କେୟାର ନେବାକୁ ହୋଇଥାଏ । ଏହି ଦିନେ ଆମକୁ ଆମ କେଶର ମଧ୍ୟ ସ୍ୱତନ୍ତ୍ରଭାବେ କେୟାର ନେବାକୁ ପଡିଥାଏ । ଏହି ଦିନେ କେଶରେ ଅନେକ ସମସ୍ୟା ଦେଖିବାକୁ ମିଳିଥାଏ । ସବୁଠାରୁ ଅଧିକ କେଶ ଝଡିବା ସମସ୍ୟା ଦେଖାଯାଇଥାଏ । ତେଣୁ ଆମକୁ ଏହି ସମସ୍ୟାକୁ କମ କରିବା ପାଇଁ ଖାଦ୍ୟର ଧ୍ୟାନ ନେବାକୁ ହେବ । ଆସନ୍ତୁ ଜାଣିବା ଏହିଦିନେ ଖାଦ୍ୟପେୟର କିଭଳି ଧ୍ୟାନ ରଖିବା ।

**ଅଣ୍ଡା–** ଏହି ଦିନେ ଖାଦ୍ୟରେ ଅଣ୍ଡା ସାମିଲ କରନ୍ତୁ । ଅଣ୍ଡାରେ ସମସ୍ତ ପ୍ରକାରର ପ୍ରୋଟିନ ଭରି ରହିଥାଏ, ଯାହା କେଶ ମୂଳକୁ ଶକ୍ତ କରିଥାଏ । ଏଥିରେ ଥିବା ପୋଷକ ତତ୍ତ୍ୱ କେଶ ବଢିବାରେ ମଧ୍ୟ ସାହାଯ୍ୟ କରିଥାଏ ।

**କୋଳି–** ଏହି ଦିନେ କୋଳି ଖାଇବାକୁ ଜମାରୁ ଭୁଲନ୍ତୁ ନାହିଁ । କୋଳିରେ ଥିବା ନ୍ୟୁଟ୍ରିଏଣ୍ଟ କେଶକୁ ମଜଭୁତ କରିଥାଏ । ସେହିଭଳି ଏହା ହେୟାର ଗ୍ରୋଥରେ ମଧ୍ୟ ସହାୟକ ହୋଇଥାଏ । ଏଥିର ଥିବା ଭିଟାମିନ ସି କେଶକୁ ଶକ୍ତ କରିଥାଏ ।

**ପାଳଙ୍ଗ–** ପାଳଙ୍ଗ ଶାଗରେ ଆଇରନ ଓ ଅନ୍ୟ ମିନେରାଲ୍ସ ଭରପୂର ମାତ୍ରାରେ ଥାଏ, ଯାହା କେଶ ଝଡିବାକୁ ଦିଏ ନାହିଁ । ତେଣୁ ମନସୁନ୍‌ରେ ନିଜ ଖାଦ୍ୟରେ ପାଳଙ୍ଗକୁ ସାମିଲ କରନ୍ତୁ । ଏହା ବେଶ ସ୍ୱାସ୍ଥ୍ୟକର ।



## ଫ୍ଲପ୍ ଫିଲ୍ମ ଦେଇଥାଏ ଅବସାଦ

ଫିଲ୍ମ ଲାଇନ୍‌କୁ ଆସିବା ସମୟରେ ସମସ୍ତେ ପ୍ରଥମରୁ ଅନେକ ସଂଘର୍ଷ କରିଥାଆନ୍ତି । ସମସ୍ତେ ବିଭିନ୍ନ ଉପାୟରେ ଦେଖାଯାଉଥିବା ସମସ୍ୟାକୁ ଦୂରେଇ ଥାଆନ୍ତି । ତେବେ ଏହି ତାଲିକାରେ ଛୋଟ ଠାରୁ ବଡ ସମସ୍ତ ଷ୍ଟାର ସାମିଲ ଅଛନ୍ତି । ନିକଟରେ ସୁପରଷ୍ଟାର ମିଥୁନଙ୍କ ଷ୍ଟ୍ରଗଲ ବିଷୟରେ ତାଙ୍କ ପୁଅ ସାକ୍ଷାତକାରରେ ପ୍ରକାଶ କରିଛନ୍ତି । କ୍ୟାରିୟର ଆରମ୍ଭରୁ ମିଥୁନଙ୍କୁ ଅନେକ ପରିଶ୍ରମ କରିବାକୁ ପଡିଛି । ତାଙ୍କୁ ନିଜର ଅନେକ ଖର୍ଚ୍ଚକୁ ମ୍ୟାନେଜ କରିବାକୁ ପଡିଥାଏ । ତାଙ୍କୁ ଦିନକୁ ଚାରୋଟି ସିଫ୍ଟ କରିବାକୁ ପଡିଥାଏ । ସେହିଭଳି ଅନେକ ଥର ମିଥୁନ ଡିପ୍ରେସନକୁ ପଳାଇଥିବା ମଧ୍ୟ ସେ ପ୍ରକାଶ କରିଛନ୍ତି । ତାଙ୍କର କୌଣସି ସିନେମା ଫ୍ଲପ ହେଲେ ସେ ଡିପ୍ରେସନକୁ ପଳାଇଥାଆନ୍ତି । ସେହିଭଳି ମିଥୁନ ନିଜର ଖର୍ଚ୍ଚ ଉଠାଇବାକୁ ବି ଗ୍ରେଡ ଫିଲ୍ମ ମଧ୍ୟ କରିଥିବା ତାଙ୍କ ପୁଅ ମିମୋହ ଚକ୍ରବର୍ତ୍ତୀ ପ୍ରକାଶ କରିଛନ୍ତି । ମିଥୁନଙ୍କୁ ନିଜର ଷ୍ଟାରଡମ୍ ପାଇଁ ଅନେକ ପରିଶ୍ରମ କରିବାକୁ ପଡିଥିବା ତାଙ୍କ ପୁଅ ପ୍ରକାଶ କରିଛନ୍ତି ।

## ଚିକେନ୍ ପ୍ୟାନ୍ ଫ୍ରାଏଡ୍ ମୋମୋ

**ସାମଗ୍ରୀ–** ୨କପ ମଇଦା, ଉଷୁମ ପାଣି, ଏକ କପ ଛୋଟ କଟା ଚିକେନ୍, ଗୋଟିଏ କପ ପରିବା (ନିଜ ପସନ୍ଦର), କଟା ରସୁଣ, କଟା ଅଦା, ସୋୟା ସସ୍, ରାଶି ତେଲ ଅଳ୍ପ ।

**ପ୍ରଣାଳୀ–** ପ୍ରଥମେ ମଇଦାକୁ ଉଷୁମ ପାଣି ଦେଇ ଚକଟି ନିଅନ୍ତୁ । ଅଟା ଚକଟାକୁ ୩୦ ମିନିଟ୍ ପାଇଁ ଘୋଡାଇ ଛାଡି ଦିଅନ୍ତୁ । ଏକ ସେପାରେଟ୍ ବୋଲ୍‌ରେ କଟା ଯାଇଥିବା ପରିବା, ଚିକେନ୍, କଟା ଅଦା ରସୁଣ, ସୋୟା ସସ୍, ରାଶି ତେଲ,ଲୁଣ,ମରିଚ ଗୁଣ୍ଡ ପକାଇ ଗୋଳାନ୍ତୁ । ଏହାପରେ ଛୋଟଛୋଟ ଗୁଳା କରି ସେଥିରେ ଏହି ମିଶ୍ରଣକୁ ଭରି ମୋମୋ ଆକର ଦିଅନ୍ତୁ । ଏହାପରେ ନନ୍ ଷ୍ଟିକ୍ ପ୍ୟାନରେ ତେଲରେ ଏହି ମୋମୋକୁ ଭାଜି ନିଅନ୍ତୁ । ଏହାକୁ ଅଳ୍ପ ଆଞ୍ଚରେ କରନ୍ତୁ ଯେପରି ଭିତରର ମସଲା ସିଝିଯିବ । ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ଚିକେନ୍ ଫ୍ରାଏଡ୍ ମୋମୋ ।

ବିଟାଉନ୍‌ର ଜଣେ ଆଗଧାଡିର ନାୟିକାଭାବେ କ୍ୟାଟ୍ରିନାଙ୍କର ଖୁବ ଚର୍ଚ୍ଚା ହୋଇଥାଏ । ତେବେ ଆଜି ତାଙ୍କର ସଫଳତା ପଛର କାହାଣୀ ଖୁବ ସଂଘର୍ଷ । ତାଙ୍କୁ ପିଲାଦିନୁ ହିଁ ଅନେକ କଷ୍ଟ ସହିବାକୁ ପଡିଛି । ଯେତେବେଳେ କ୍ୟାଟ୍ରିନା ଛୋଟ ଥିଲେ ସେତେବେଳେ ତାଙ୍କ ବାପାମାଆଙ୍କର ବିବାହ ବିଚ୍ଛେଦ ହୋଇଥିଲା । ଏହାର ଖୁବ ନକରାତ୍ମକ ପ୍ରଭାବ ତାଙ୍କ ଉପରେ ପଡିଥିଲା । ବିବାହ ବିଚ୍ଛେଦପରେ ତାଙ୍କ ପିତା ତାଙ୍କୁ କୌଣସି ଆର୍ଥିକ ସହାୟତା କରିନଥିଲେ । ତାଙ୍କ ମାଆ ସମସ୍ତ ଖର୍ଚ୍ଚ ଉଠାଉଥିଲେ । ସେ ଏକୁଟିଆ ହିଁ ସମସ୍ତ ୮ଜଣ ଭାଇ ଭଉଣୀଙ୍କର ଲାଳନ ପାଳନ କରିଥିଲେ । ତେଣୁ ପରିସ୍ଥିତିରେ ପଡି ମାତ୍ର ୧୪ ବର୍ଷରୁ ସେ ମଡେଲିଂ ଆରମ୍ଭ କରିଥିଲେ । ତାଙ୍କ ପ୍ରତିଭା କାରଣରୁ ତାଙ୍କୁ ଅନେକ ମଡେଲିଂ ପ୍ରୋଜେକ୍ଟ ମିଳିବା ଆରମ୍ଭ ହୋଇଥିଲା । ଏହାପରେ ସେ ଧୀରେଧୀରେ ନିଜର କ୍ୟାରିୟର ଗଢିଥିଲେ । ଏହାପରେ ସେ ବଲିଉଡରେ ଡେବ୍ୟୁ କରିଥିଲେ । ବଲିଉଡରେ ତାଙ୍କର ଡେବ୍ୟୁ ଫିଲ୍ମ ଫ୍ଲପ ହେବା ପରେ ପୁଣି ତାଙ୍କ କ୍ୟାରିୟରରେ ବ୍ରେକ ଲାଗିଥିଲା, କିନ୍ତୁ ତାଙ୍କ ଜୀବନରେ ସଲମାନଙ୍କ ଏଣ୍ଟ୍ରି ତାଙ୍କୁ ଅନେକ ସୁଯୋଗ ଦେଇଥିଲା । ଏହାପରେ ତାଙ୍କୁ ଅନେକ ହିଟ୍ ପ୍ରୋଜେକ୍ଟରେ ଦେଖିବାକୁ ମିଳିଥିଲା ।

## ସହଜ ନଥିଲା ସଫଳତା



# ଅଧାଦିନ ଅଟକିଲା ରାଜଧାନୀ


ରାଜମହଲ ଛକ


ବାଇକ୍ ରାଲିରେ ପିସିସି ସଭାପତି ଭକ୍ତ ଚରଣ ଦାସ ଓ ପ୍ରଭାରୀ ଅଜୟ କୁମାର ଲଲ୍ଲୁ

## ଗଡ଼ିଲାନି ବସ, ଅଟୋ

ଭୁବନେଶ୍ୱର (ସବୁ୍ୟ): ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ମୃତ୍ୟୁ ଘଟଣାରେ ଛତ୍ରୀଙ୍କୁ ନ୍ୟାୟ ଦାବିରେ ଓଡ଼ିଶା ବନ୍ଦ ଡାକରା ଦେଇଥିଲା କଂଗ୍ରେସ ସମେତ ୭ ବାମଦଳ । ରାଜଧାନୀ ଭୁବନେଶ୍ୱରରୁ ସମସ୍ତ ଜିଲ୍ଲା ଓ ଆନ୍ତଃ ରାଜ୍ୟକୁ ବସ ସେବା ପୂରା ଠପ ହୋଇଯାଇଥିଲା । ଫଳରେ ଲୋକେ ହନ୍ତସନ୍ତ ହୋଇଥିବା ଦେଖିବାକୁ ମିଳିଛି ।

ଭୁବନେଶ୍ୱରରୁ ଦୈନିକ ୧୩ ଶହ ବସ୍ ଅନ୍ୟ ଜିଲ୍ଲାକୁ ଗଡ଼ୁଥାଏ । କିନ୍ତୁ ଆଜି ଓଡ଼ିଶା ବନ୍ଦ ଯୋଗୁ ସବୁ ବସ୍‌ଗୁଡ଼ିକ ବସ୍‌ଷ୍ଟାଣ୍ଡରେ ଅଟକି ରହିଥିଲା । ବରମୁଣ୍ଡାସ୍ଥିତ ଭୀମ ରାଓ ଆମ୍ବେଦକର ବସ୍ ଟର୍ମିନାଲର ବିଶ୍ରାମ ଘରେ କିଛି ଯାତ୍ରୀ ବାହାର ରାଜ୍ୟରୁ ଆସି ଫସି ରହିଥିଲେ । ସେମାନେ ବସ ବନ୍ଦ ଖବର ଜାଣିନଥିବା କହିଥିଲେ । ତେଣୁ ସେଠାରେ ସନ୍ଧ୍ୟା ପର୍ଯ୍ୟନ୍ତ ଅପେକ୍ଷା କରି ରହିଥିଲେ । କେବଳ ଘରୋଇ ବସ୍ ଚଳାଚଳ ବନ୍ଦ ହୋଇନଥିଲା, ବରଂ ଆମ ବସ୍ ବି ଗଡ଼ିନଥିଲା । ଫଳରେ ଜରୁରୀ କାର୍ଯ୍ୟରେ ଆସିଥିବା ଲୋକେ ଫସି ରହିଥିବା ଦେଖାଦେଇଛି ।


ଜୟଦେବବିହାର ଓଭରବ୍ରିଜ୍


ବାଣୀବିହାର ଛକ




## ବନ୍ଦ ରହିଲା ସପିଂ ମଲ, ଦୋକାନ, ପରିବା ମାର୍କେଟ

କଂଗ୍ରେସର ଓଡ଼ିଶା ବନ୍ଦର ପ୍ରଭାବ ଦୋକାନବଜାର ଓ ପରିବା ମାର୍କେଟରେ ପଡ଼ିଥିଲା । ରାଜଧାନୀ ସବୁଠୁ ବଡ଼ ଦୈନିକ ମାର୍କେଟ ହେଉଛିୟୁନିଟ-୧ ହାଟ । ଏଠାରେ ପରିବା ଠାରୁ ଆରମ୍ଭ କରି ସମସ୍ତ ପ୍ରକାର ଘରକରଣା ସାମଗ୍ରୀ ଉପଲବ୍ଧ ହୋଇଥାଏ । ତେବେ ଗୁରୁବାର ସମ୍ପୂର୍ଣ୍ଣ ମାର୍କେଟ ବନ୍ଦ ରଖାଯାଇଥିଲା । ଏପରିକି ଚାଷୀମାନେ ପରିବା ହାଟକୁ ଆଣି ଆସିନଥିଲେ । ଅପରାହ୍ନ ୨ଟା ପରେ ପରିବା ମାର୍କେଟ ଖୋଲିଥିବା ବେଳେୟୁନିଟ-୧ ହାଟ ଦୋକାନଗୁଡ଼ିକ ଅପରାହ୍ନ ୩ଟାରୁ ଖୋଲଥିଲା । ଏହାସହ ବାପୁଜୀନଗର ମାର୍କେଟ, ମାର୍କେଟ ବିଲ୍ଡିଂ ଓ ବଡ଼ବଡ଼ ସପିଂ ମଲ ବି ଖୋଲିନଥିଲା । ବ୍ୟବସାୟୀମାନେ ନିଜଆଡ଼ୁ ଦୋକାନ ବଜାର ବନ୍ଦ କେରିଥିଲେ ।




ମାଷ୍ଟରକ୍ୟାଣ୍ଟିନ୍ ଛକ


ବିକ୍ଷୋଭକାରୀଙ୍କୁ ଗିରଫ କରୁଛି ପୋଲିସ

## ସ୍କୁଲ ଖୋଲିଲା, ଆସିଲେନି ପିଲା

ରାଜଧାନୀରେ ବନ୍ଦର ପ୍ରଭାବ ଦେଖିବାକୁ ମଳିଛି । କଂଗ୍ରେସ ପକ୍ଷରୁ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ କରାଯାଇଥିଲା । ତେବେ ସକାଳୁ ସମସ୍ତ ଗାଡ଼ି ମୋଟର ଗଡ଼ିନଥିଲା । ସ୍କୁଲ ବସ୍ ଓ ଆଟୋ ଚଳାଚଳ କରିବାକୁ ମନା କରିଦେଇଥିଲେ ମାଲିକ ଓ ଚାଳକ । ଫଳରେ ଛାତ୍ରଛାତ୍ରୀ ସ୍କୁଲ ଯାଇପାରିନଥିଲେ । ତେବେ କେତେକ ଘରୋଇ ଶିକ୍ଷାନୁଷ୍ଠାନ ଗୁରୁବାର ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲେ । ସେପଟେ ସରକାରୀ ସ୍କୁଲଗୁଡ଼ିକ ବନ୍ଦ ହୋଇନଥିଲା । ସ୍କୁଲ ଖୋଲିବା ସତ୍ତ୍ୱେ ଛାତ୍ରଛାତ୍ରୀ ଆସିନଥିଲେ । ଅଳ୍ପ କିଛି ଛାତ୍ରଛାତ୍ରୀଙ୍କୁ ନେଇ ଶିକ୍ଷକମାନେ ସ୍କୁଲ ଚଳାଇଥିଲେ ।


ଏଜି ଛକରେ ବିକ୍ଷୋଭ

### ସୁରକ୍ଷା ବଳୟରେ ସରକାରୀ ଅଫିସ

## ୧୦ଟା ପୂର୍ବରୁ ବାଇକରେ ଆସିଲେ

ଭୁବନେଶ୍ୱର ସମେତ ବିଭିନ୍ନ ଜିଲ୍ଲାରେ ସରକାରୀ ଅଫିସରେ ବନ୍ଦର ପ୍ରଭାବ ପଡ଼ିନଥିଲା । ସରକାରୀ କାର୍ଯ୍ୟାଳୟ ଖୋଲିଲା, ହେଲେ ଆସିଲେନି ଜନତା । ରାଜଧାନୀରେ ଲୋକସେବା ଭବନ, ଖାରବେଳ ଭବନ, ରାଜୀବ ଭବନ, କୃଷି ଭବନ, ବିଧାନସଭା, ନଅ ତାଲା ସମେତ ସମସ୍ତ ସରକାରୀ କାଯ୍ୟାଳୟ ସକାଳ ୬ଟାରୁ ପୋଲିସ ସୁରକ୍ଷା ବଳୟରେ ରହିଥିଲା । ଏଜି ଛକ, ଭୁବନେଶ୍ୱର କ୍ଲବ ଛକ, ପାୱାର ହାଉସ ଛକ, ବିଧାନସଭା ସମ୍ମୁଖ ରାସ୍ତାକୁ ସିଲ କରାଯାଇଥିଲା । ପୂର୍ବାହ୍ନ ୧୦ଟା ପୂର୍ବରୁ ସମସ୍ତ ଅଫିସର ଓ କର୍ମଚାରୀ ଅଫିସ ଆସିଥିଲେ । ସବୁ ସରକାରୀ କାର୍ଯ୍ୟାଳୟରେ କର୍ମଚାରୀମାନେ ଅଫିସ କାର୍ଯ୍ୟ ଛଡ଼ା ଅନ୍ୟାନ୍ୟ କାର୍ଯ୍ୟ କରିନଥିଲେ ।


ଶୂନ୍‌ଶାନ୍ ବାପୁଜିନଗର ମାର୍କେଟ


ବନ୍ଦ ରହିଲା ପେଟ୍ରୋଲ ପମ୍ପ

## ଓଡିଶା ବନ୍ଦ ପ୍ରସଙ୍ଗ

# "ଡାହାଣୀ ହୋଇ ଲାଗୁଛନ୍ତି, ଗୁଣିଆ ହୋଇ ଝାଡୁଛନ୍ତି ବିଜେଡି, କଂଗ୍ରେସ : ବିଜେପି

ଭୁବନେଶ୍ୱର, (ସବ୍ୟୁ): ବାଲେଶ୍ୱର ଏଫ୍.ଏମ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ମୃତ୍ୟୁ ଘଟଣା ଅତ୍ୟନ୍ତ ଦୁଃଖଦାୟକ ଓ ହୃଦୟବିଦାରକ, ଯାହା ଆମ ସମସ୍ତଙ୍କୁ ବ୍ୟଥିତ କରିଛି । ବିରୋଧୀ ଦଳ ଭାବେ କଂଗ୍ରେସ ଓ ବିଜେଡିକୁ ଆନ୍ଦୋଳନ କରିବାର ସଂପୂର୍ଣ୍ଣ ଅଧିକାର ରହିଛି, ମାତ୍ର ଅସହିଷ୍ଣୁ ହୋଇ ହୀନ ରାଜନୀତି କରି ଅଗଣତାନ୍ତ୍ରିକ ଉପାୟରେ ବାତାବରଣ ନଷ୍ଟ କରିବା ଅନୁଚିତ୍। ନିଜ ଇତିହାସକୁ ଭୁଲି ଯାଇ ଉଭୟ ଦଳ ଦୋଷାରୋପଣ ରାଜନୀତି କରୁଛନ୍ତି। କଂଗ୍ରେସ ଦଳର ରାଷ୍ଟ୍ରୀୟ ସଭାନେତ୍ରୀ ଦିଲ୍ଲୀରୁ ବାତାବରଣ ଅଶାନ୍ତ କରିବାକୁ ଓଡିଶା ଆସିଛନ୍ତି। ନାରୀ ସୁରକ୍ଷା ପ୍ରସଙ୍ଗରେ ଅଶାନ୍ତି ସୃଷ୍ଟି କରିବାକୁ କଂଗ୍ରେସ ଓ ବିଜେଡିର କୌଣସି ପ୍ରକାର ନୈତିକ ଅଧିକାର ନାହିଁ। ସେମାନଙ୍କ ଆଚରଣ ଓ ଉଚାରଣରୁ ଏହା ସ୍ପଷ୍ଟ ହେଉଛି ଯେ; ବିରୋଧୀ ବିଜେଡି ଓ କଂଗ୍ରେସ "ଡାହଣୀ ହୋଇ ଲାଗୁଛନ୍ତି ଓ ଗୁଣିଆ ହୋଇ ଝାଡୁଛନ୍ତି"। କେବଳ ଅସ୍ତିତ୍ୱ ବଜାୟ ରଖିବା ଓ ନ୍ୟୁଜରେ ରହିବା ହେଉଛି ଉଭୟ ଦଳର ପ୍ରକୃତ ଉଦ୍ଦେଶ୍ୟ ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସାଂସଦ ତଥା ରାଷ୍ଟ୍ରୀୟ ମୁଖପାତ୍ର ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ କହିଛନ୍ତି।



ଶ୍ରୀମତୀ ଷଡଙ୍ଗୀ କହିଛନ୍ତି ଯେ, ମହିଳା ସୁରକ୍ଷା ଆମ ଦାୟିତ୍ୱ ଓ ପ୍ରାଥମିକତା। ଏଫ୍.ଏମ୍ କଲେଜ ଘଟଣାର ଗଭୀରତା ଓ ସ୍ଥିତିକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଠୋର ପଦକ୍ଷେପ ନେଇଛନ୍ତି। ତୁରନ୍ତ ଅଭିଯୁକ୍ତ ଅଧ୍ୟାପକଙ୍କୁ ନିଲମ୍ବନ କରାଯିବା ସହ ଗିରଫ କରାଯାଇ କୋର୍ଟ ଚାଲାଣ କରାଗଲା। ଉକ୍ତ ଦିନ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ ରାଜ୍ୟ ସରକାରଙ୍କ ତରଫରୁ ତୁରନ୍ତ ରିପୋର୍ଟ ମଗାଯାଇଥିଲା। ମାତ୍ର ୨୪ ଘଂଟା ମଧ୍ୟରେ ପ୍ରାଥମିକ ରିପୋର୍ଟ ଆସିଥିଲା। ଉକ୍ତ ରିପୋର୍ଟ ଆଧାରରେ ରାଜ୍ୟସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, କଲେଜ ଅଧ୍ୟକ୍ଷଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ପୀଡ଼ିତାଙ୍କ ଚିକିତ୍ସା ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲରେ କରାଯାଇଥିଲା। ସେଠାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଉଚ୍ଚଶିକ୍ଷା ମନ୍ତ୍ରୀ, ବିଧାୟକ ଓ ସାଂସଦମାନେ ପହଂଚି ବାରମ୍ବାର ପୀଡ଼ିତାଙ୍କ ମା'ବାପା ଓ ତାଙ୍କ ପରିବାର ସହ ଆଲୋଚନା କରିଥିଲେ। ଏହି ଘଟଣା ଘଟିବା ସମୟରେ ଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ଓଡିଶା ଆସି ବିମାନବନ୍ଦରରୁ ସିଧାସଳଖ ଏମ୍ସ ମେଡିକାଲ ଯାଇ ପୀଡ଼ିତାଙ୍କୁ ଭେଟିଥିଲେ। ମୁଖ୍ୟମନ୍ତ୍ରୀ ସେଠାରେ ପୀଡ଼ିତାଙ୍କ ମା' ବାପାଙ୍କୁ ଭେଟି ଆଶ୍ୱସନା ଦେବା ସହ ଡାକ୍ତରୀ ବିଶେଷଜ୍ଞଙ୍କ ସହ ଆଲୋଚନା କଲେ। ବିଜେଡି ସରକାର ପୂର୍ବରୁ ରାଜ୍ୟରେ କଂଗ୍ରେସର ସରକାର ଥିଲା। ସେତେବେଳେ ମହିଳାମାନଙ୍କ ଉପରେ ଅନେକ ଅତ୍ୟାଚାର ହୋଇଥିଲା। ମାତ୍ର ବିଗତ ସରକାର ସମୟରେ କେବେବି ରାଷ୍ଟ୍ରପତି ଯାଇ ପୀଡ଼ିତାଙ୍କୁ ଭେଟିଥିଲେ କି? କିନ୍ତୁ ଏଥର ରାଷ୍ଟ୍ରପତି ନିଜ ଆଡୁ ପୀଡିତାଙ୍କୁ ଭେଟିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ ବୋଲି ଶ୍ରୀମତୀ ଷଡଙ୍ଗୀ କହିଛନ୍ତି। ସମସ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ଖାଲି ସେତିକି ନୁହେଁ ଆଗାମୀ ଦିନରେ କୌଣସି ଶିକ୍ଷାନୁଷ୍ଠାନରେ ଯେପରି ଏପରି ଘଟଣାର ପୁନରାବୃତ୍ତି ନ ଘଟିବ ସେନେଇ ତ୍ୱରିତ୍ୱ ପଦକ୍ଷେପ ନେବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି ବୋଲି ଶ୍ରୀମତୀ ଷଡଙ୍ଗୀ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଉପସଭାପତି ବିଂଚି ନାରାୟଣ ତ୍ରିପାଠୀ ଓ ମୁଖପାତ୍ର ସୁଦିପ୍ତ ରାୟ ଉପସ୍ଥିତଥିଲେ।

## ସାଂସଦ ଅପରାଜିତାଙ୍କ ଉପରେ ବର୍ଷିଲା ବିଜେଡି

# ନାରୀଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ଶସ୍ତା ରାଜନୀତି କରୁଛନ୍ତି

ଭୁବନେଶ୍ୱର, (ସବ୍ୟୁ): ବିଜେପିର ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ସୌମ୍ୟାଶ୍ରୀ ଆତ୍ମାହୁତି ଘଟଣାରେ ଦେଇଥିବା ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ବିଜୁ ଜନତା ଦଳ କଟୁ ସମାଲୋଚନା କରିଛି। ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ଦଳର ଉପସଭାପତି ସ୍ନେହାଙ୍ଗିନୀ ଛୁରିଆ ଓ ପୂର୍ବତନ ସାଂସଦ ଡ଼ଃ ରାଜଶ୍ରୀ ମଲ୍ଲିକ ଅପରାଜିତାଙ୍କ ଉପରେ ବର୍ଷିଥିଲେ। ଶ୍ରୀମତୀ ଛୁରିଆ କହିଥିଲେ, ସାଂସଦ ଅପରାଜିତା ଜଣେ ଭଉଣୀର ମୃତ୍ୟୁ ଉପରେ ଶସ୍ତା ରାଜନୀତି କରୁଛନ୍ତି। ଆଜିର ମନ୍ତବ୍ୟ କେବଳ ସରକାରଙ୍କ ପିଠି ଥାପୁଡ଼େଇବା ପାଇଁ ଉଦିଷ୍ଟ। ଯେତେବେଳେ, ସମଗ୍ର ରାଜ୍ୟର ଜନସାଧାରଣ ସୌମ୍ୟଶ୍ରୀଙ୍କ ଦୁଃଖଦ ମୃତ୍ୟୁ ପାଇଁ ଦୁଃଖରେ ମ୍ରିୟମାଣ ହୋଇଛନ୍ତି, ସାଂସଦ ଅପରାଜିତା ନିଜ ଦଳର ସରକାରଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି। ବିଏମସିରେ ଯେତେବେଳେ ତାଙ୍କ ଦଳର ଗୁଣ୍ଡା ମାନେ ଅତିରିକ୍ତ କମିସନରଙ୍କ ଉପରେ ଅମାନବୀୟ ଆକ୍ରମଣ କରିଥିଲେ, ଅପରାଜିତାଙ୍କ ମନ୍ତବ୍ୟ ଗୋଟିଏ ପ୍ରକାରର ଥିଲା ଏବେ ବାଲେଶ୍ୱର ଛାତ୍ରୀ ଆତ୍ମାହୁତି ଘଟଣାରେ ଆପଣଙ୍କ ସ୍ୱର ଦବି ଯାଉଛି କାହିଁକି ବୋଲି ଶ୍ରୀମତୀ ଛୁରିଆ ପ୍ରଶ୍ନ କରିଛନ୍ତି।



ଶ୍ରୀମତୀ ଛୁରିଆ କହିଥିଲେ, ଅନ୍ୟଦଳର ଲୋକ ସୌମ୍ୟାଶ୍ରୀଙ୍କୁ ବିରୋଧ କରି ଟାହି ଟାପରା କରୁଥିଲେ, ଯାହା ତାଙ୍କୁ ଏପରି ଚରମ ପଦକ୍ଷେପ ନେବାକୁ ବାଧକଲା ବୋଲି ଆପଣଙ୍କ ଦଳ କହୁଛି। ଏହି ମନ୍ତବ୍ୟ କେବଳ ରାଜନୀତି ପାଇଁ ଉଦିଷ୍ଟ। ରାଜ୍ୟରେ ଆପଣଙ୍କ ସରକାର ଅଛି, ଯିଏ ବି ଦୋଷୀ ତାଙ୍କୁ ଦଣ୍ଡ ଦିଅନ୍ତୁ। ଅନ୍ୟ ଉପରେ ଦୋଷ ଲଦି ମନ୍ତବ୍ୟ ଦେଇ ଘଟଣାକୁ ବିଭ୍ରାନ୍ତ କରନ୍ତୁ ନାହିଁ। ପୀଡିତାଙ୍କ ଏଫ୍‌ଆଇଆର୍ ଗ୍ରହଣ କରି କ'ଣ ପାଇଁ ପୋଲିସ ମାମଲା ରୁଜୁ କଲା ନାହିଁ। ସେତେବେଳେ ଶାସକ ଦଳର କେଉଁ ନେତା ପୋଲିସ ଉପରେ ଚାପ ପକାଇଥିଲେ ତାହା ମଧ୍ୟ ତଦନ୍ତ ହେବାର ଆବଶ୍ୟକ ଅଛି।

ଛାତ୍ରୀଙ୍କ ମୃତ୍ୟୁ ପରେ, ଆପଣ ଶୂନ୍ୟ ସହନଶୀଳତା କଥା କହୁଛନ୍ତି, କିନ୍ତୁ ଯେତେବେଳେ ସେ ନ୍ୟାୟ ପାଇଁ ଦୁଆର ଦୁଆର ବୁଲୁଥିଲା, ସେତେବେଳେ ସରକାର କ'ଣ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିଲେ ? ପୀଡିତା ଛାତ୍ରୀ କଲେଜ ଅଧ୍ୟକ୍ଷଙ୍କୁ ଅଭିଯୋଗ କରିବା ବ୍ୟତୀତ ସାଂସଦ, ବିଧାୟକ, ଉଚ୍ଚଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ନ୍ୟାୟ ନମିଳିଲେ, ଆତ୍ମହତ୍ୟା କରିବ ବୋଲି ସିଧାସଳଖ ଜଣାଇଥିଲେ ମଧ୍ୟ କେହି ତାଙ୍କ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନେଇ ନଥିଲେ। କଲେଜ ଅଧ୍ୟକ୍ଷ ଓ ଅଭିଯୁକ୍ତ ଅଧ୍ୟାପକ ଯେତିକି ଦାୟୀ, ଯେଉଁମାନେ ଛାତ୍ରୀଙ୍କର ଅଭିଯୋଗକୁ ଅଣଦେଖା କରିଛନ୍ତି, ସେମାନେ ମଧ୍ୟ ସେତିକି ଦାୟୀ। ସାଂସଦ ଅପରାଜିତା ସେହିଦିଗ ପ୍ରତି ନିରବ କାହିଁକି? ପ୍ରକୃତରେ ଯଦି ପୀଡ଼ିତାକୁ ନ୍ୟାୟ ଦେବାକୁ ଚାହୁଁଛନ୍ତି, ତାହେଲେ ଜୁଡ଼ିସିଆଲ ତଦନ୍ତ କରନ୍ତୁ ବୋଲି ସେ କହିଥିଲେ । ଡ଼ଃ ରାଜଶ୍ରୀ ମଲ୍ଲିକ କହିଥିଲେ, ନିଜ ସରକାରଙ୍କ ଅପାରଗତାକୁ ଲୁଚାଇବାକୁ ଯାଇ ବିଜେଡି ସରକାର ଓ ନବୀନ ପଟ୍ଟନାୟକଙ୍କୁ ଦୋଷ ଦେଉଛନ୍ତି। ତେଣୁ, ସାଂସଦ ଅପରାଜିତା ଆକ୍ଷେପ କରିବା ଛାଡ଼ନ୍ତୁ। ଜଣେ ନାରୀ ନେତ୍ରୀ ହିସାବରେ, ପୀଡିତା ଛାତ୍ରୀ କିପରି ନ୍ୟାୟ ପାଇବେ, ସେ ଦିଗରେ ଧ୍ୟାନ ଦିଅନ୍ତୁ ବୋଲି ଡ଼ଃ ମଲ୍ଲିକ କହିଥିଲେ।

# ସିରିଜ୍ ଲୁଟ୍‌ପାଟ ଘଟଣା : ୩ ଲୁଟେରା ଗିରଫ

କଟକ,(ସବ୍ୟୁ): ସହରରେ ଗତ ବୁଧବାର ଘଟିଥିବା ସିରିଜ୍ ଲୁଟପାଟ ଘଟଣାରେ ଫେରାର ମୁଖ୍ୟ ଅଭିଯୁକ୍ତକୁ କମିଶନରେଟ୍ ପୁଲିସ ଧରିବାରେ ସଫଳ ହୋଇଛି । ଅଭିଯୁକ୍ତ ହେଉଛି ପାରାଦୀପ ନିମିଢି କଟକୁଆଳ ଗାଁରେ ରହୁଥିବା ରଘୁନାଥପୁରର ଚିନ୍ଦି ଓରଫ ରାଜା ଓରଫ ବିଶ୍ୱନାଥ ନାୟକ(୨୯) । ଏଥି ସହିତ ଲୁଟ୍ ଅଳଙ୍କାର କିଣିଥିବା କୁଜଙ୍ଗ କୋଠିଆ ସାହିର ଉମେଶ ଚନ୍ଦ୍ର ସାହୁ(୫୫)କୁ ମଧ୍ୟ ଗିରଫ କରାଯାଇଛି । ଲୁଟ୍‌ପାଟ ବେଳେ ସହଯୋଗୀ ଦୀପୁ ଓରଫ ହୃଦାନନ୍ଦ ସିଂହ(୩୬) ଗିରଫ ହୋଇଥିଲା । ଆଜି ଉପରୋକ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ ପରେ ଚୌଦ୍ୱାର ଜେଲକୁ ପଠାଇ ଦିଆଯାଇଛି । ଗତ ବୁଧବାର ମଧ୍ୟାହ୍ନ ସମୟରେ ଅଧଘଣ୍ଟା ବ୍ୟବଧାନରେ ୨ଟି ସ୍ଥାନରେ ଲୁଟ୍‌ପାଟ ହୋଇଥିଲା । ଦିନ ପ୍ରାୟ ୧ଟା ବେଳେ ବଜ୍ରକବାଟୀ ରାସ୍ତାରେ ଏକ ସଫିମଲ୍ ସମ୍ମୁଖରେ ଢେଙ୍କାନାଳର ସୁମିତ୍ରା ଦାସ ଛିଡା ହୋଇଥିଲେ । ଏତିକିବେଳେ ଦୁଇ ଜଣ ଦୁର୍ବୃତ୍ତ ପଲସର ବାଇକରେ ଆସି ତାଙ୍କ ବେକରୁ ସୁନା ଚେନ ଛିଣ୍ଡାଇ ନେଇଥିଲେ । ଏହାର ଠିକ୍ ଅଧ ଘଣ୍ଟା ପରେ ଛତ୍ରବଜାର ଅର୍ବନା ହାଟ ରାସ୍ତାରେ ଦୁର୍ବୃତ୍ତ ଦ୍ୱୟ ଆଉ ଜଣେ ମହିଳାଙ୍କୁ ଟାର୍ଗେଟ କରିଥିଲେ । ରାଜେନ୍ଦ୍ର ନଗରର ଦିଲ୍ଲୀପ ମଲ୍ଲିକ ଓ ପତ୍ନୀ ସୌଭାଗ୍ୟମଞ୍ଜରୀ ଏସସିବି ମେଡିକାଲରୁ ତାଳଦଣ୍ଡା କେନାଲ ରାସ୍ତା ଦେଇ ଘରକୁ ଫେରୁଥିଲେ । ତେବେ ଅର୍ବାନ ହାଟ ନିକଟରେ ବାଇକରେ ପିଛା କରିଆସୁଥିବା ଦୁଇ ଦୁର୍ବୃତ୍ତ ସୌଭାଗ୍ୟମଞ୍ଜରୀଙ୍କ ବେକରୁ ସୁନାହାର ଝାମ୍ପି ନେଇଥିଲେ । ଏହା ଜାଣିପାରି ସେ ବାଇକରେ ବସିଥିବା ଦୁର୍ବୃତ୍ତ ଦୀପୁ ସିଂହର ହାତକୁ ଧରି ଟାଣି ଆଣିଥିଲେ । ଏଥିରେ ଉଭୟ ଦୀପୁ ଓ ଚିନ୍ଦି ବାଇକରୁ ଗଳି ପଡିଥିଲେ । ପାଟିଶୁଣି ପାଖଆଖର ଲୋକ ଦୌଡି ଆସି ୨ ଜଣଙ୍କୁ ଧରିବାକୁ ଉଦ୍ୟମ କରିଥିଲେ । ଏତିକିବେଳେ ଚିନ୍ଦି ପାଖରେ ରଖିଥିବା ଏକ ପିସ୍ତଲ ବାହାର କରି ଲୋକଙ୍କୁ ଦେଖାଇ ସେଠାରୁ ଦୌଡି ପଳାଇବାରେ ସକ୍ଷମ ହୋଇଥିଲା । ଧରାପଡିଥିବା ଦୀପୁକୁ ଉତ୍ତ୍ୟକ୍ତ ଲୋକମାନେ ନିର୍ଘାତ ପିଟି ଲହୁଲୁହାଣ କରିଦେଇଥିଲେ । ମାଲଗୋଦାମ ଥାନା ପୁଲିସ ପହଞ୍ଚି ଦୀପୁକୁ ଉତ୍ତ୍ୟକ୍ତଙ୍କ କବଳରୁ ଉଦ୍ଧାର କରି ତୁରନ୍ତ ମେଡିକାଲ ନେଇଯାଇଥିଲା । ଘଟଣାସ୍ଥଳରୁ ପୁଲିସ ଲୁଟେରାଙ୍କ ବାଇକକୁ ଜବତ କରିଥିଲା । ଘଟଣା ପରେ ଉଭୟ ମଙ୍ଗଳାବାଗ ଓ ମାଲଗୋଦାମ ଥାନା ପୁଲସ ମିଳିତ ଭାବେ ତଦନ୍ତ ଆରମ୍ଭ କରିଥିଲେ । ଲୁଟପାଟ ପରେ ଅଭିଯୁକ୍ତ ଚିନ୍ଦି ଜଗତସିଂହପୁର ଅଭିମୁଖେ ଯାଇଥିବା ଜାଣିବା ପରେ ପୁଲିସ ସେଠାରେ ଚଢଉ କରିଥିଲା । ବିଳମ୍ବିତ ରାତିରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ତାକୁ ପଚରାଉଚରା ପରେ ଲୁଟ୍ ସୁନା ସେ ଉମେଶକୁ ବିକ୍ରି କରିଥିବା କହିଥିଲା । ଏହି ଆଧାରରେ ପୁଲିସ ଉମେଶକୁ ଗିରଫ କରିଛି । ଗିରଫଦାରୀ ବେଳେ ଅଭିଯୁକ୍ତଙ୍କ ପାଖରୁ ୨ଟି ମୋବାଇଲ, ଗୋଟିଏ ୭.୬୫ ଏମଏମ ପିସ୍ତଲ ସହିତ ୩ଟି ଗୁଳି ଭର୍ତ୍ତି ମାଗାଜିନ ଜବତ ହୋଇଛି । ସେହିପରି ଉମେଶ ପାଖରୁ ୨ଟି ଅଧଛିଣ୍ଡା ସୁନା ଚେନ, ଗୋଟିଏ ସୁନା ଚେନ ଓ ତରଳ ସୁନା ଜବତ ହୋଇଛି ।

# ଚଢ଼ିଗଲା କ୍ଷୀର ଗାଡ଼ି ୩ ଗୋରୁ ମୃତ

ଗୋପ, (ସବ୍ୟୁ) :ଗୁରୁବାର ଭୋର୍ ସମୟରେ ଗୋଟିଏ ଘରୋଇ ଦୁଧ କମ୍ପାନୀର ଗାଡ଼ି ରାସ୍ତା ଉପରେ ଶୋଇଥିବା ଗୋରୁ ପଲ୍ଲ ଉପରେ ଗାଡ଼ି ଚଢ଼ିଯିବାରୁ ୩ ଗୋରୁଙ୍କର ମୃତ୍ୟୁ ହୋଇଛି । ଗୋପ - କୋଣାର୍କ ରାସ୍ତା ର ବାୟାକୂଦା ପୁରୁଣା ଟୋଲ ଗେଟ ନିକଟରେ ଏହି ଅଘଟଣ ଘଟିଛି । ସ୍ଥାନୀୟ ଉର୍ସଗ ସ୍ୱେଚ୍ଛାସେବୀ ସଂଗଠନ ସଦସ୍ୟମାନେ ମୃତଗୋରୁ ପୋତିବା ସହ ଅନ୍ୟ ଏକ ଆହତ ଗୋରୁ କୁ ଚିକିତ୍ସା କରୁଛନ୍ତି । ପ୍ରକାଶ ଯେ କିଛି ଦିନ ଧରି ସ୍ଥାନୀୟ ଅଞ୍ଚଳର କେତେକ ବ୍ୟକ୍ତି ୫୦ ରୁ ଉର୍ଦ୍ଧ୍ୱ ଗୋରୁ ଗୁଡିକୁ ଛାଡ଼ି ଦେବାରୁ ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରେ ଦୁର୍ଘଟଣାମାନ ଘଟୁଛି ।

## ବିଚାର ବିଭାଗୀୟ ତଦନ୍ତ ନ ହେବା ଯାଏଁ

# ଆନ୍ଦୋଳନ ଜାରି ରହିବ : ମିଳିତ ବିରୋଧୀ ଦଳ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ବନ୍ଦକୁ ସଫଳ କରିଥିବାରୁ ରାଜ୍ୟର ଜନସାଧାରଣଙ୍କୁ କଂଗ୍ରେସ ସହିତ ଆଠ ଗୋଟି ବିରୋଧୀ ରାଜନୈତିକ ଦଳ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜଣାଇଛନ୍ତି । ମିଳିତ ବିରୋଧୀ ଦଳ ପକ୍ଷରୁ କୁହାଯାଇଛି ଯେ ଏହି ବନ୍ଦକୁ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରିଥିବା ଯୋଗୁଁ ରାଜ୍ୟବାସୀ, ବାମପନ୍ଥୀ ଓ ଗଣତାନ୍ତ୍ରିକ ଦଳ, ଟ୍ରେଡ୍‌ୟୁନିୟନ, କୃଷକ ସଂଗଠନ, ମହିଳା, ଯୁବକ, ଛାତ୍ର, ଓକିଲ, ବ୍ୟବସାୟୀ ସଙ୍ଘ ଏବଂ ସମାଜର ସମସ୍ତ ବର୍ଗଙ୍କୁ ଧନ୍ୟବାଦ ଦେଇଥିଲେ । ରାଜ୍ୟବାସୀଙ୍କ ସମ୍ପୂର୍ଣ୍ଣ ସହଯୋଗ ଯୋଗୁଁ ଏହି ବନ୍ଦ ସଫଳ ହୋଇଥିଲା । ଏହି ବନ୍ଦ ଜନଗଣଙ୍କ ବନ୍ଦରେ ପରିଣତ ହୋଇଛି ବୋଲି ମିଳିତ ବିରୋଧୀ ଦଳ କହିଛନ୍ତି । ଫକୀର ମୋହନ ମହବିଦ୍ୟାଳୟର ଛାତ୍ରୀଙ୍କୁ ହୋଇଥିବା ବ୍ୟବସ୍ଥାକୃତ ହତ୍ୟାର ନ୍ୟାୟିକ ତଦନ୍ତ ଦାବି ସହିତ ବିଜେପି ସରକାରଙ୍କ କୁଶାସନ, ରାଜ୍ୟରେ ମହିଳାଙ୍କ ସମ୍ମାନ ଓ ସୁରକ୍ଷା ପ୍ରତି ଅବହେଳା ଏବଂ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ବିରୁଦ୍ଧରେ ଏହି ବନ୍ଦ ଆହ୍ୱାନ ଦିଆଯାଇଥିଲା । ବଜାର, ପରିବହନ, ଶିକ୍ଷାନୁଷ୍ଠାନ, ସରକାରୀ ଅଫିସ୍, ବ୍ୟାଙ୍କ ଏବଂ ବୀମା ଭଳି ରାଷ୍ଟ୍ରାୟତ ଉଦ୍ୟୋଗ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା । ତେବେ, ଅତ୍ୟାବଶ୍ୟକ ସେବା, ଆମ୍ବୁଲାନ୍ସ ଏବଂ ରୋଗୀଙ୍କ ଚିକିତ୍ସା ସେବାକୁ ଏହି ବନ୍ଦରୁ ବାଦ ଦିଆଯାଇଥିଲା ।



ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ମୃତ୍ୟୁ ଘଟଣାର ବିଚାର ବିଭାଗୀୟ ତଦନ୍ତ, ଉଚ୍ଚ ଶିକ୍ଷା ମନ୍ତ୍ରୀ, ବାଲେଶ୍ୱର ସାଂସଦ ଏବଂ ବାଲେଶ୍ୱର ସଦର ବିଧାୟକଙ୍କ ଇସ୍ତଫା ଦାବି କରାଯାଇଥିଲା । ଏହା ସହିତ ବାଲେଶ୍ୱର ଜିଲ୍ଲାପାଳ ଏବଂ ଏସପିଙ୍କ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଉଠିଥିଲା । ମୋହନ ମାଝୀ ସରକାର ଶାସନ କରିବାର ନୈତିକ ଅଧିକାର ହରାଇଛନ୍ତି ବୋଲି ମିଳିତ ବିରୋଧୀ ଦଳ ତରଫରୁ କୁହାଯାଇଛି ।

ବନ୍ଦରେ କଂଗ୍ରେସ ରାଜ୍ୟ ସଭାପତି ଭକ୍ତ ଚରଣ ଦାସ, ଓଡିଶା ପ୍ରଭାରୀ ଅଜୟ ଲାଲୁ, ଅଖିଳ ଭାରତ ଜାତୀୟ କଂଗେଅସ ମହିଳା ସଭାନେତ୍ରୀ ଅଲକା ଲମ୍ବା, କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ, ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ରାମଚନ୍ଦ୍ର ଖୁଣ୍ଟିଆ, ଶ୍ରୀକାନ୍ତ ଜେନା, ଜଗନ୍ନାଥ ପଟ୍ଟନାୟକ, ଅମର ପ୍ରଧାନ, ବିଧାୟକ ରମେଶ ଜେନା, ମହିଳା କଂଗ୍ରେସ ସଭୋନେତ୍ରୀ ମୀନାକ୍ଷି ବାହିନିପତି, ଉପସଭାପତି ଦେବାଶିଷ ପଟ୍ଟନାୟକ, ଶୁଭେନ୍ଦୁ ମହାନ୍ତି, ଭୁବେନଶ୍ୱର ଜିଲ୍ଲା ସଂଯୋଜକ ବିଶ୍ୱଜିତ ଦାସ, ଜାନକୀ ବଲ୍ଲଭ ପଟ୍ଟନାୟକ, ସୁବ୍ରତ ମହାପାତ୍ର, ସିପିଆଇ ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା, ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ, ସିପିଆଇ(ଏମ) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ବିଷ୍ଣୁ ମହାନ୍ତି, ସିପିଆଇ (ଏମଏଲ)-ଲିବେରେସନ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ,ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର, ଲକ୍ଷ୍ମୀ ଦୋରା,ଏନସିପି ରାଜ୍ୟ ସଭାପତି ବିକ୍ରମ ସ୍ୱାଇଁ, ଏସପି ରାଜ୍ୟ ସାଧାରଣ ସମ୍ପାଦକ ପ୍ରତାପ ବାରିକ, ବିଜୟ ବେହେରା, ଆର ଜେ ଡି ରାଜ୍ୟ ସାଧାରଣ ସମ୍ପାଦକ ହେମନ୍ତ କୁମାର, ରାଜ୍ୟ କଂଗ୍ରେସ ବରିଷ୍ଠ ନେତା, ଶିବାନନ୍ଦ ରାୟ, ରଜନୀ ମହାନ୍ତି, ରାଜ୍ୟ କଂଗ୍ରେସ ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ, ଅଶୋକ ଦାସ, ପ୍ରଶାନ୍ତ ଚମ୍ପତି, ପ୍ରକାଶ ଜେନା, ପ୍ରାଚୀ ରାଉତରାୟ, ଅନୱ୍ୱର ଖାନ୍, ସେକ୍ ତାକ୍ରିୟିମ୍, ମିହିର ଆଚାର୍ଯ୍ୟ, ପ୍ରଭାତ ପ୍ରତାପ ସିଂ ପ୍ରମୁଖ ନେତୃତ୍ୱ ନେଇ ରାଜ୍ୟ ସ୍ତରରେ ବନ୍ଦକୁ ସଫଳ କରିଥଲେ ।

## କଟକରେ କଂଗ୍ରେସର ବନ୍ଦ ଡାକରାକୁ ଜୋରଦାର ସମର୍ଥନ

# ବାଣିଜ୍ୟ ବ୍ୟବସାୟ, ବ୍ୟାଙ୍କ କାରବାର ଠପ୍

କଟକ , (ସବ୍ୟୁ):ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ମୃତ୍ୟୁ ଘଟଣାକୁ ନେଇ କଂଗ୍ରେସ ପକ୍ଷରୁ ଡାକରା ଦିଆଯାଇଥିବା ଓଡିଶା ବନ୍ଦକୁ



କଟକରେ ବିଧାୟିକା ସୋଫିଆ ଫିରଦୋସଙ୍କ ନେତୃତ୍ୱରେ ସେଲଟର ଛକ, ସତୀଚଉରା, ଜିଲ୍ଲାପାଳ ଅଫିସ, ବାଦାମବାଡି ଛକ, ଲିଙ୍କରୋଡ, ଓଏମପି ଛକ, ଶିଖରପୁର ଛକ, ଯୋବ୍ରା, କଲେଜ ଛକ, ରାଣୀହାଟ, ମଙ୍ଗଳାବାଗ ଛକ, ବକ୍ସିବଜାର, ଚଣ୍ଡୀ ଛକ, କନିକା ଛକ ଆଦି ବିଭିନ୍ନ ଅଞ୍ଚଳରେ ବାଇକ ରାଲି ମାଧ୍ୟମରେ ସହରରେ ଥିବା ସମସ୍ତ ବ୍ୟାଙ୍କ, ଅଫିସ ଦପ୍ତର, ଦୋକାନ ବଜାର ଆଦି ଅଞ୍ଚଳ ବନ୍ଦ ପାଳନ କରାଯାଇଥିଲା । ସାରା ରାଜ୍ୟରେ ନାରୀ ନିର୍ଯ୍ୟାତନା ରୋକିବାରେ ବିଜେପି ସରକାରର ବିଫଳତା ବିରୋଧରେ ଆଜି କଂଗ୍ରେସ ଦଳ ଓଡିଶବ୍ୟାପୀ ଓଡିଶା ବନ୍ଦ ଆନ୍ଦୋଳନକୁ ଓଡିଶାବାସୀ ତଥା କଟକ ସହରବାସୀ ସ୍ୱତଃପ୍ରବୃତ୍ତ ଭାବେ ସମର୍ଥନ ଜଣାଇ ଅଚଳାବସ୍ଥା ସୃଷ୍ଟି କରିଥିବାରୁ ବିଧାୟିକା କଟକ ସହର ଜନସାଧାରଣଙ୍କୁ ଗଭୀର କୃତଜ୍ଞତା ଜଣାଇଥିଲେ । ପୂର୍ବତନ ବିଧାୟକ ମହମ୍ମଦ ମୋକିମ ଯେ ପର୍ଯ୍ୟନ୍ତ ନାରୀକୁ ସୁରକ୍ଷା ନ ମିଳିଛି ସେ ପର୍ଯ୍ୟନ୍ତ ଏ ଲଢେଇ ଜାରି ରହିବ ବୋଲି ତାଙ୍କ ବକ୍ତବ୍ୟରେ କହିଛନ୍ତି । କଟକବାସୀକୁ ଏହି ସମର୍ଥନ ପାଇଁ ଧନ୍ୟବାଦ ଜଣାଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ନଗର କଂଗ୍ରେସ ପୂର୍ବତନ ସଭାପତି ଗିରିବାଳା ବେହେରା, କର୍ପୋରେଟର ଲିଜା ରାଉତ, କଂଗ୍ରେସ ନେତା ବିଶ୍ୱଜିତ୍ ଦାସ, ସୂର୍ଯ୍ୟକାନ୍ତ ରାଉତ, ସତ୍ୟାନନ୍ଦ ରାଉତ, ଶରତ ଚନ୍ଦ୍ର ଶେଠୀ, ସୁଜିତ ସ୍ୱାଇଁ, ଆର୍ଯ୍ୟବୀର ଲେଙ୍କା, ବିକି ଚକ୍ରବର୍ତ୍ତୀ, ସ୍ମୃତି ରଞ୍ଜନ ରାଉତ, ସନ୍ତୋଷ ପାତ୍ର, ନିରଞ୍ଜନ ଦାସ, ଚନ୍ଦନ ଦାସ, ଦେବୀ ପ୍ରସନ୍ନ ମହାପାତ୍ର, ରଶ୍ମି ରଞ୍ଜନ ମିଶ୍ର, ସେକ ଇରଫାନ,ମୀର ମୁଜାଫର ଅଲ୍ଲୀ, ଅଜିତ ବେହେରା, ସୁରଜିତ ସାହୁ, ଗାୟତ୍ରୀ ମଲ୍ଲ, ଦେବେନ୍ଦ୍ର ପ୍ରସାଦ ଶେଠୀ, ଶୋନୁ ସ୍ୱାଇଁ, ଉସ୍ମାନ ଖାନ, ଆଫତାବ ନୁର, ସେକ ମିନାଜୁଦ୍ଦିନ, ରାକେଶ ମହାରଣା, ଗୁଲଜାର ଅହମ୍ମଦ,ହରେକୃଷ୍ଣ ବେହେରା, ସେକ ଗୁଲାମ ମୋଇଦ୍ଦିନ, ଶୟଦ ରାମଜନ ଅଲ୍ଲୀ, ପ୍ରଦୋଷ ଦାସ,ଜି ଭାସ୍କର ରାଓ, ଦିଲ୍ଲୀପ ମହାନ୍ତି,ସେକ ବାବାଯାନୀ, ଅବଦୁଲ ନସିମ, ସତ୍ୟଶ୍ରୀ ବେହେରା, ମମତା ପଣ୍ଡା, ଅନିତା ବେହେରା, ଅନୁଶୟା ମହାରଣା, ମହେଶ ରାୟ,ରାକେଶ ଦାସ, ରୂପକ ପାତ୍ର, ଜି ଭାସ୍କର ରାଓ, ଅବଦୁଲ ମୋକିଦ, ପିଙ୍କି ସିଂ, ପଲ୍ଲବୀ ଘୋଷ, ରାଜଶ୍ରୀ ପାତ୍ର, ଅଜିଜ ଖାନ, ସେକ କରିମ, ଅଭିଷେକ ଦାସ,ନେତ୍ରମଣି ସାହୁ ପ୍ରମୁଖ ସାମିଲ ଥିଲେ ।

## ସ୍ୱଚ୍ଛ ସର୍ବେକ୍ଷଣ ୨୦୨୪-୨୫ ପୁରସ୍କାର

# ଆସିକା, ଚିକିଟିକୁ ସ୍ୱତନ୍ତ୍ର ରାଷ୍ଟ୍ରପତି ପୁରସ୍କାର

ଭୁବନେଶ୍ୱର(ସବ୍ୟୁ): ଦେଶର ସ୍ୱଚ୍ଛ ସହରଗୁଡ଼ିକର ତାଲିକା ପ୍ରକାଶ ପାଇଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଆବାସ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ (ଏମଓଏଚୟୁଏ) ଦ୍ୱାରା ଆୟୋଜିତ ସ୍ୱଚ୍ଛ ସର୍ବେକ୍ଷଣ ୨୦୨୪-୨୫ ପୁରସ୍କାର ପ୍ରଦାନ କରିଛନ୍ତି । ଓଡ଼ିଶାର ରାଜଧାନୀ ଭୁବନେଶ୍ୱରକୁ ସମ୍ଭାବନାପୂର୍ଣ୍ଣ ସ୍ୱଚ୍ଛ ସହର ବର୍ଗରେ ପୁରସ୍କୃତ କରାଯାଇଛି । ଏହାଛଡ଼ା ୨୦ ହଜାରରୁ ୫୦ ହଜାର ମଧ୍ୟରେ ଜନସଂଖ୍ୟା ଥିବା ସ୍ୱଚ୍ଛ ସହର ତାଲିକାରେ ଗଞ୍ଜାମ ଜିଲ୍ଲାର ଆସିକା ଏବଂ ୨୦ ହଜାରରୁ କମ୍ ଜନସଂଖ୍ୟା ଥିବା ସ୍ୱଚ୍ଛ ସହର ତାଲିକାରେ ଗଞ୍ଜାମର ଚିକିଟିକୁ ସ୍ୱତନ୍ତ୍ର ରାଷ୍ଟ୍ରପତି ପୁରସ୍କାର ପ୍ରଦାନ କରାଯାଇଛି ।
ଏହି କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ହ୍ରାସ, ପୁନଃବ୍ୟବହାର, ପୁନଃଚକ୍ରଣ ବା ୩ ଆର୍ ପଦ୍ଧତିକୁ ପ୍ରୋତ୍ସାହିତ କରିବା ପାଇଁ ମନ୍ତ୍ରଣାଳୟକୁ ପ୍ରଶଂସା କରିଛନ୍ତି । ସେ କହିଥିଲେ, ବର୍ଜ୍ୟ ହିଁ ସମ୍ପଦ ମନ୍ତ୍ର ଚକ୍ରାକାର ଅର୍ଥବ୍ୟବସ୍ଥାକୁ



ସୁଦୃଢ଼ କରିଥାଏ । ସେ ଯୁବପିଢ଼ିଙ୍କୁ ସଶକ୍ତ କରିବା, ସବୁଜ ନିଯୁକ୍ତି ସୃଷ୍ଟି କରିବା ଏବଂ ଉଦ୍ୟୋଗ ସୁଯୋଗ ସୃଷ୍ଟି କରିବା, ଏସଏଚଜି ଗୁଡ଼ିକୁ ସାମିଲ କରିବାରେ ଏହାର ଭୂମିକା ଉପରେ ଆଲୋକପାତ କରିଥିଲେ । ସହରଗୁଡ଼ିକ ଆମର ସ୍ୱଭାବ ଏବଂ ସଂସ୍କାରର ଅଂଶ ଭାବରେ ଏକ ଚକ୍ରାକାର ଅର୍ଥବ୍ୟବସ୍ଥା ଏବଂ ସ୍ୱଚ୍ଛତାର ନୀତିକୁ ଗ୍ରହଣ କରିବା ଖୁସିର ବିଷୟ ବୋଲି ରାଷ୍ଟ୍ରପତି କହିଥିଲେ । ସେ ୧ ଲକ୍ଷ ଜନସଂଖ୍ୟାରୁ କମ୍ ସହରଗୁଡ଼ିକୁ ପ୍ରଶଂସା କରିଥିଲେ । ବିଦ୍ୟାଳୟ ସ୍ତରରେ ହସ୍ତକ୍ଷେପ, ଉତ୍ସ ପୃଥକୀକରଣ ଷ୍ଟାର୍ଟଅପ୍ ପାଇଁ ପଦକ୍ଷେପ, ଶୂନ୍ୟ ଅପଚୟ କଲୋନୀ ଆଦି ପ୍ରୟାସ କିପରି ସ୍ୱଚ୍ଛ ଭାରତ ପାଇଁ ସଂକଳ୍ପକୁ ଆହୁରି ମଜବୁତ କରୁଛି ତାହାକୁ ରାଷ୍ଟ୍ରପତି ପ୍ରଶଂସା କରିଥିଲେ । ୨୦୪୭ ସୁଦ୍ଧା ବିକଶିତ ଭାରତ ସାରା ବିଶ୍ୱ ପାଇଁ ଉଦାହରଣ ପାଲଟିବ ବୋଲି ଶେଷରେ ସେ ଆଶା ପ୍ରକାଶ କରିଥିଲେ ।
ଦେଶରେ ଥିବା ସମସ୍ତ ତିନି ଲକ୍ଷରୁ ଦଶ ଲକ୍ଷ ଜନ ସଂଖ୍ୟା ସହର ମଧ୍ୟରେ ଭୁବନେଶ୍ୱର ୯ମ ସ୍ଥାନ ଅଧିକାର କରିଛି । ରାଜ୍ୟର ପ୍ରୋମିଜିଙ୍ଗ ସ୍ୱଚ୍ଛ ସହର ଗ୍ରୁପ୍‌ରେ ଭୁବନେଶ୍ୱରକୁ ଏହି ସଫଳତା ମିଳିଛି । ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ମନ୍ତ୍ରୀ ଡକଫର କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ମେୟର ସୁଲୋଚନା ଦାସ ପୁରସ୍କାର ଗ୍ରହଣ କରିଛନ୍ତି । ଭୁବନେଶ୍ୱର ସହରକୁ ସମୁଦାୟ ୧୨୫୦୦ ମାର୍କରୁ ୧୦୫୪୮ ମାର୍କ ମିଳିଛି । ଡୋର୍‌ଟୁ ଡୋର୍ ବର୍ଜ୍ୟ ସଂଗ୍ରହରୁ ୯୭%, ସୋର୍ସ ସେଗ୍ରିଗେସନରେ ୭୮%, ପ୍ରକ୍ରିୟାକରଣରେ ୯୮%, ଗାର୍ବେଜ ଫ୍ରି ଷ୍ଟାଟସରେ ୩ ଷ୍ଟାର, ଓ ଡିଏଫ୍ ଷ୍ଟାଟସରେ ଓ୍ୱାଟର ପ୍ଲସ୍ ମାନ୍ୟତା ମିଳିଛି ।

# ଗଞ୍ଜାମ ଜିଲ୍ଲାରେ ବନ୍ଦ ପାଳନ ସଫଳ



ବ୍ରହ୍ମପୁର, (ସବ୍ୟୁ): କଂଗ୍ରେସ ନେତୃତ୍ୱରେ ସିପିଆଇ, ସିପିଏମ, ଫରଓ୍ୱାର୍ଡ ବ୍ଲକ ସମେତ ବିଭିନ୍ନ ରାଜ ନୈତିକ ଦଳ ପକ୍ଷରୁ ଓଡିଶା ବନ୍ଦର ୧୨ ଘଣ୍ଟିଆ ବନ୍ଦ ଡାକରା ଶାନ୍ତିପୂର୍ଣ୍ଣ ରହିଛି । ଗଞ୍ଜାମ ଜିଲ୍ଲାରେ ବସ, ଟ୍ରକ ଚଳାଚଳ ବନ୍ଦ ସହିତ ବ୍ରହ୍ମପୁର ସହରର ଦୋକାନ ବଜାର ବନ୍ଦ ରହିଥିବା ବେଳେ ବ୍ୟାଙ୍କ, କାର୍ଯ୍ୟାଳୟ ଖୋଲା ରହିଥିବା ବେଳେ ଦଳୀୟ ନେତା ଓ କର୍ମୀ ପକ୍ଷରୁ ବନ୍ଦ କରିବା ନିମନ୍ତେ କହିଥିଲେ । ଜିଲ୍ଲାରେ ଜନଜୀବନ ପ୍ରଭାବିତ ହୋଇଥିଲା । ଗଞ୍ଜାମ କଂଗ୍ରେସ ତରଫରୁ ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟ ଠାରୁ ମୋଟରସାଇକେଲରେ ବାହାରି ପୁରୁଣା ବସଷ୍ଟାଣ୍ଡ, ଅର୍ଣ୍ଣପୂର୍ଣ୍ଣା ବଜାର, ଷ୍ଟେଟ୍ ବ୍ୟାଙ୍କ ମେଇ ବ୍ରାଞ୍ଚ, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ, ଶଶିଭୂଷଣ ରଥ ମହିଳା ମହାବିଦ୍ୟାଳୟ, ଷ୍ଟେସନ ରୋଡ, ଟାଟା ବେଞ୍ଚ ଛକ, କମାପଲ୍ଲୀ, ଆରଡ଼ିସି କାର୍ଯ୍ୟାଳୟ, ଟିପିଏସଓଡିଲ, ତହସିଲ କାର୍ଯ୍ୟାଳୟ, ଇଞ୍ଜିନିୟରିଂ ସ୍କୁଲ, ୧୬ ନମ୍ବର ଜାତୀୟ ରାଜପଥ ଓ ବଡ ବଜାର, ସାନ ବଜାର, ରାମ ଲିଙ୍ଗେଶ୍ୱର ପାର୍କ, ଗାନ୍ଧୀନଗର ଦେଇ ରାସ୍ତାରେ ସ୍ଲୋଗାନ ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

ଘଟଣାର ନିରପକ୍ଷ ତଦନ୍ତ, ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ରାଜ୍ୟରେ ଶିଶୁ-ନାରୀ ସୁରକ୍ଷା ପାଇଁ ସୁଦୃଢ଼ ଆଇନ ନିର୍ମାଣ ଆଦି ଦାବି କରିଛନ୍ତି । ପୂର୍ବତନ ବିଧାୟକ ତ୍ରିନାଥ ବେହେରା, ରଶ୍ମୀ ରଞ୍ଜନ ପଟ୍ଟନାୟକ, ବୃନ୍ଦାବନ ଖଟେଇ, ପ୍ରମୋଦ ଜେନା, ନିରଞ୍ଜନ ପାଣିଗ୍ରାହୀ, ଶମ୍ଭୁ ଆଣିଗ୍ରାହି, ରବି ରାଓ, ଶିବ ପାତ୍ର, ପଦ୍ମ ସାହୁ, ବିକାଶ ନାୟକଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ରହିଥିବା ବେଳେ ଛାତ୍ର ଓ ଯୁବ କଂଗ୍ରେସର ବହୁ ସଦସ୍ୟ ଉପସ୍ଥିତ ଥିଲେ । ସେହିପରି ସିପିଏମ ପକ୍ଷରୁ ବାଲେଶ୍ୱର ଏଫଏମ କଲେଜ ଛାତ୍ରୀ ସୋମ୍ୟାଶ୍ରୀ ଆତ୍ମହତ୍ୟା ଘଟଣାର ବିଚାରବିଭାଗୀୟ ତଦନ୍ତ, ଉଚ୍ଚ ଶିକ୍ଷା ମନ୍ତ୍ରୀ ଏବଂ ବାଲେଶ୍ୱର ଏମପି, ଏମଏଲେଙ୍କ ଇସ୍ତଫା ଦାବିରେ ୮ ଦଳର ଆହୁତ ଓଡିଶା ବନ୍ଦ ଜିଲ୍ଲାରେ ସମ୍ପୂର୍ଣ୍ଣ ସଫଳ ହୋଇଛି । ଏହି ବନ୍ଦକୁ ସଫଳ କରିବା ପାଇଁ ବ୍ରହ୍ମପୁର ସହରରେ ବିଭିନ୍ନ ଅଫିସ ଦପ୍ତରରେ ପାର୍ଟି ପକ୍ଷରୁ ପିକେଟିଂ କରି ବନ୍ଦ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପାର୍ଟିର ବରିଷ୍ଠ ନେତା ଅଳିକିଶୋର ପଟ୍ଟନାୟକ, ଯୁଧିଷ୍ଠିର ବେହେରା, ଶି ପ୍ରସାଦ ମହାପାତ୍ର, ପ୍ରତାପ ଚୌଧୁରୀ ପ୍ରମୁଖ ନେତୃତ୍ୱ ନେଇଥିଲେ । ଅନୁରୂପ ଭାବେ ସିପିଆଇ ଓ କଂଗ୍ରେସ ଦଳର ବହୁନେତା ଓ କର୍ମୀ ଆଜିର ଓଡିଶା ବନ୍ଦକୁ ସଫଳ କରିବା ପାଇଁ ବିଭିନ୍ନ ସ୍ଥାନରେ ପିକେଟିଂ କରିଥିଲେ ।

ସେହିପରି ଏଆଇଡିଏସଓ ପକ୍ଷରୁ ଦୋଷୀମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଶିକ୍ଷାନୁଷ୍ଠାନ ସମେତ ସମସ୍ତ ସ୍ଥାନରେ ଛାତ୍ରୀମାନଙ୍କ ନିରାପତ୍ତା ସୁନିଶ୍ଚିତ କରିବା ଦାବିରେ ଗଞ୍ଜାମ ଜିଲ୍ଲା କମିଟି ତରଫରୁ ପ୍ରଥମେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଶଶିଭୂଷଣ ରଥ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ମହାମୟୀ ମହିଳା ମହାବିଦ୍ୟାଳୟ, ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ, ସିଟି କଲେଜ ସମେତ ବ୍ରହ୍ମପୁରର ବିଭିନ୍ନ ସ୍କୁଲ ସମ୍ମୁଖରେ ପିକେଟିଂ କରାଯାଇଥିଲା । ଆଜିକାର ଏହି ବନ୍ଦ ଡାକରାରେ ସ୍କୁଲ, କଲେଜ, ଦୋକାନ ବଜାର, ଅଫିସ ଦପ୍ତର ବନ୍ଦ ଥିଲା । ଆସନ୍ତା ୨୩ ତାରିଖ ଦିନ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ଛାତ୍ର ବିକ୍ଷୋଭରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଯୋଗ ଦେବା ପାଇଁ ଆହ୍ୱାନ ଦିଆ ଯାଇଛି । କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ସଭାପତି ନିମାଇଁ ଚରଣ ସାହୁ, ସମ୍ପାଦକ ନାରାୟଣ ସାହୁ, କୋଷାଧ୍ୟକ୍ଷ କିସାନ କୁମାର ସାହୁ, ଜିଲ୍ଲା କମିଟି ସଭ୍ୟା ଶୁଭସ୍ମିତା ପାଣିଗ୍ରାହୀଙ୍କ ସମେତ ସଂଗଠନର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ଓଡିଶା ବନ୍ଦ ମୟୂରଭଞ୍ଜରେ ସଫଳ

# କଂଗ୍ରେସ, କମ୍ୟୁନିଷ୍ଟ ଓ ଭଞ୍ଜସେନାର ବନ୍ଦ ପାଳନ ଜୋରଦାର

ବାରିପଦା, (ସବ୍ୟୁ) : ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ସ୍ୱର୍ଗତଃ ସୌମ୍ୟଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ବିଚାର ବିଭାଗୀୟ ତଦନ୍ତ ଓ ମହିଳାଙ୍କ ସୁରକ୍ଷା ଦାବିରେ କଂଗ୍ରେସ, କମ୍ୟୁନିଷ୍ଟ ଓ ବିଭିନ୍ନ ରାଜନୈତିକ ଦଳ ସହ ଭଞ୍ଜସେନା ପକ୍ଷରୁ ଓଡିଶା ବନ୍ଦ ଡାକରା ମୟୂରଭଞ୍ଜ ଜିଲ୍ଲାରେ ସମ୍ପୂର୍ଣ୍ଣ ସଫଳ ହୋଇଛି ।





ଏହି ବନ୍ଦ ଡାକରାକୁ ଜିଲ୍ଲାର ଅଗ୍ରଣୀ ଯୁବଛାତ୍ର ସଂଗଠନ ଭଞ୍ଜସେନା ପକ୍ଷରୁ ସମର୍ଥନ କରାଯିବା ସହ ମୟୂରଭଞ୍ଜ ଜିଲ୍ଲାରେ ଅସହାୟ ଓ ଅବହେଳିତ ହୋଇ ପଡିଥିବା ନାରୀମାନଙ୍କ ସୁରକ୍ଷା ଦାବିରେ ତଥା ସୌମାଶ୍ରୀଙ୍କ ମୃତ୍ୟୁ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବିରେ ସଂଗଠନ ପକ୍ଷରୁ ବନ୍ଦ ପାଳନ କରାଯାଇଥିଲା । ଗୁରୁବାର ସକାଳୁ କଂଗ୍ରେସ, କମ୍ୟୁନିଷ୍ଟ, ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ ଏବଂ ଭଞ୍ଜସେନାର ଆଦି ଶତାଧିକ କର୍ମୀମାନେ ପୃଥକ ପୃଥକ ଭାବରେ ବିଭିନ୍ନ ସ୍ଥାନରେ ଏକତ୍ରିତ ହୋଇ ପିକେଟିଂ କରିବା ସହ ବାରିପଦା ସହରରେ କଡାକଡି ଭାବରେ ବନ୍ଦ ପାଳନ କରିଥିଲେ। ଏହି ବନ୍ଦ ପାଳନ ପ୍ରଭାବରେ ଜିଲ୍ଲାପାଳ କାର୍ଯ୍ୟାଳୟ, କୋର୍ଟକଚେରୀ, ବିଭିନ୍ନ ସକରାରୀ ଓ ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ଡାକଘର, ଦୋକାନବଜାର, ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋପଡିଥିଲା। ବନ୍ଦ ର ପ୍ରଭାବରେ ରାସ୍ତାଘାଟ, ରାଜପଥ ଶୂନଶାନ ହୋଇ ପଡିଥିଲା ।

କହିବାକୁ ଗଲେ ବନ୍ଦ ପାଳନକୁ ସାଧାରଣ ଜନତା ସ୍ୱତଃ ପ୍ରବୃତ୍ତ ଭାବେ ସମର୍ଥନ କରିଥିଲେ। ଆଜିର ଏହି ବନ୍ଦ ପାଳନରେ କଂଗ୍ରେସ ଦଳ ପକ୍ଷରୁ ପୂର୍ବତନ ସାଂସଦ ସୁଶ୍ରୀ ସୁଶିଳା ତିରିଆ, ଜିଲ୍ଲା ପୂର୍ବ ସଂଯୋଜକ ଅରବିନ୍ଦ ଦାସ, ରାଜ୍ୟ ବାଣିଜ୍ୟ ଓ ବ୍ୟାପାର ସଭାପତି ଯୋଗେଶ ଅଗ୍ରୱାଲ ପ୍ରମୁଖଙ୍କ ସହ ବରିଷ୍ଠ କଂଗ୍ରେସ ନେତା ହେମନ୍ତ ଦାସ, ବିଜନ ଦାସ, ନିରୋଜ ଲୋଚନ ଦାସ, ସୁସ୍ମିତା ଘୋଷାଲ, ଶାନ୍ତନୁ ପାଲ, ଶିବାନନ୍ଦ ଦାସ, ମୋତି ପ୍ରକାଶ ଦାସ, ବିଭୁପ୍ରସାଦ ଦାସ, ଜ୍ୟୋତି ପ୍ରକାଶ ରଥ, ସୁଦୀପ ମନ୍ତ୍ରୀ, ଦୀପକ ଦାସ, ଅଶୋକ ଗିରି, ଅଶୋକ ଅଧିକାରୀ ଓ ଚୈତନ୍ୟ ହାଁସଦାଃ ପ୍ରମୁଖଙ୍କ ସହ ବହୁ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ। ସେହିପରି ଭଞ୍ଜସେନା ପକ୍ଷରୁ ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ଜିଲ୍ଲା ସଭାପତି ପିଣ୍ଟୁ ମାଇତି, ଅଧ୍ୟକ୍ଷ ସଂଜୀବ୍ ରାଉତ ପ୍ରମୁଖଙ୍କ ସହ ସତ୍ୟସ୍ୱରୂପ ଦାସ, ନିମାଇଁ ତ୍ରିପାଠୀ, ରାକେଶ ବେହେରା, ସାମନ୍ତ ଶେଖର ପାଲ, ସାଫଲ୍ୟ ମିଶ୍ର, ପ୍ରଶାନ୍ତ ମହାକୁଡ୍, ରାକେଶ ମହାନ୍ତି, ଏସ.କେ ରାଜାଖାନ୍, ଗଣେଶ ମହାନ୍ତି, ଅମିତ୍ କୁମାର, ସଞ୍ଜୟ ମାହାନା, ସୁନୀଲ ମହାପାତ୍ର, ଜିତୁ ସିଂ, ଦୀପକ ବେହେରା, ଦୀପେଶ ଅଗ୍ରୱାଲ ଓ ଜ୍ୟୋତି ରଞ୍ଜନ ପୃଷ୍ଟି ପ୍ରମୁଖଙ୍କ ସହ ବହୁ କର୍ମୀ ଉପସ୍ଥିତ ଥିଲେ। ସେହିପରି କମ୍ୟୁନିଷ୍ଟ ପକ୍ଷରୁ ସିପିଆଇରୁ ଜିଲ୍ଲା ସମ୍ପାଦକ ଜଗବନ୍ଧୁ ମିଶ୍ର, ଶ୍ରୀକାନ୍ତ ସାମଲ, କାହ୍ନୁ ଚରଣ ବେହେରା, ଗଣେଶ୍ୱର ବେହେରା, ସିପିଏମ୍ ପକ୍ଷରୁ ରବି ଗୋସ୍ୱାମୀ, ଫାଗୁ ହାଁସଦାଃ, ସେକ୍ ରିଜୁଆନ୍, ଅକ୍ଷୟ ଖୁଣ୍ଟିଆ, ରଘୁନାଥ ପଣ୍ଡା ଓ ଅଶୋକ ଭଞ୍ଜଦେଓ ପ୍ରମୁଖଙ୍କ ସହ ବହୁ କର୍ମୀ ଉପସ୍ଥିତ ଥିଲେ। ସେହିପରି ଏଆଇଡିଏସଓ ପକ୍ଷରୁ ଛାତ୍ର ଧର୍ମଘଟ କରାଯାଇଥିଲା। ଏମ୍ଏସସିବି ବିଶ୍ୱବିଦ୍ୟାଳୟ, ଏମ୍ପିସି ସ୍ୱୟଂଶାସିତ କଲେଜ ପ୍ରମୁଖ ସ୍ଥାନରେ ଶାନ୍ତିପୂର୍ଣ୍ଣ ଭାବରେ ଧର୍ମଘଟ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏଆଇଡିଏସଓ ଜିଲ୍ଲା ସମ୍ପାଦକ ଫୁଲଚାନ୍ଦ ଲୋହାର୍, ବାପୁନୁ ବାନରା ଓ ସୁଶାନ୍ତି ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ୪ କମ୍ୟୁନିଟି ହେଲଥ ଅଫିସର ସସ୍‌ପେଣ୍ଡ

ପାରଳାଖେମୁଣ୍ଡି, (ସବ୍ୟୁ): ଗଜପତି ଜିଲ୍ଲାରେ ୪ ଜଣ କମ୍ୟୁନିଟି ହେଲଥ ଅଫିସର ସସପେଣ୍ଡ ହୋଇଥିବା ସୂଚନା ମିଳିଛି । ଗଜପତି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ମୁବାରକ ଅଲ୍ଲୀ ଗଣମାଧ୍ୟମକୁ ସୂଚନା ପ୍ରଦାନ କରି କହିଛନ୍ତି କର୍ତ୍ତବ୍ୟରେ ଅବହେଳା ଓ ଉପରୋକ୍ତ ଅଧିକାରୀଙ୍କ ଆଦେଶକୁ ଅବମାନନା କରିବା ଅଭିଯୋଗରେ ସେମାନଙ୍କୁ ସସପେଣ୍ଡ କରାଯାଇଛି । ଏହି ୪ ଜଣ କମ୍ୟୁନିଟି ହେଲଥ ଅଫିସର ନିୟମିତ ଭାବେ ସେମାନଙ୍କ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରକୁ ଆସୁନଥିଲେ । ଗଜପତି ଜିଲ୍ଲାର ମୋହନା ବ୍ଲକର ପାଣିଗଣ୍ଡା, ରାଇପଙ୍କା, ବୁତୁଲି ଏବଂ ଆର. ଉଦୟଗିରି ବ୍ଲକର ଶିଆଳିଲଟି ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରେ କାର୍ଯ୍ୟରତ ୪ ଜଣ କମ୍ୟୁନିଟି ହେଲଥ ଅଫିସରଙ୍କୁ କାର୍ଯ୍ୟରୁ ସସପେଣ୍ଡ କରାଯାଇଛି । ଗଜପତି ଜିଲ୍ଲାରେ ଜନ ସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗେଇବା ପାଇଁ ନିଯୁକ୍ତି ପାଇଥିବା ଯେକୌଣସି କର୍ମଚାରୀ, ହେଲଥ ଅଫିସର ଦାୟିତ୍ୱରେ ଅବହେଳା କଲେ ତୁରନ୍ତ ଦୃଢ କାଯ୍ୟନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟ ଚିକିତ୍ସାଧିକାରୀ ଶ୍ରୀ ଅଲ୍ଲୀ ସମସ୍ତଙ୍କୁ ଚେତାବନୀ ଦେଇ ସ୍ୱାସ୍ଥ୍ୟସେବାରେ ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି ।

## ଝାଡ଼ାଙ୍କୁଲି ରିଂ ରୋଡରେ ଡକାୟତି ଯୋଜନା ପଣ୍ଡ

# ୫ ଗିରଫ : ବନ୍ଧୁକ, ଗୁଳି, ଖଣ୍ଡା ଜବତ

ବ୍ରହ୍ମପୁର, (ସବ୍ୟୁ): ନିମଖଣ୍ଡି ଥାନା ଅନ୍ତର୍ଗତ ଝାଡ଼ାଙ୍କୁଲି ରିଂ ରୋଡରେ ଡକାୟତି ପାଇଁ ଯୋଜନା ଚାଲିଥିଲା । ଖବର ପାଇ ପୋଲିସ ସେଠାରେ ଚଢଉ କରି ୫ଜଣ ପେଷାଦାର ଅପରାଧୀଙ୍କୁ ଗିରଫ କରିଛି । ଅଭିଯୁକ୍ତ ମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଝାଡ଼ାଙ୍କୁଲିର ମୁରଲୀ ଓରଫ ମିଟୁ ସାହୁ(୪୮), ଖଜୁରିଆର କାଳିଆ ସେଠୀ(୨୮), ନିମଖଣ୍ଡିରେ ଟୁନା ନାୟକ (୨୮), ଜଗା ପତ୍ର(୨୫) ଓ ଗୋପାଳପୁରର ପ୍ରଶାନ୍ତ ସେଠୀ(୨୭) । ପୋଲିସ ମିଟୁ ସାହୁଙ୍କ ନିକଟରୁ ବନ୍ଧୁକ, ୪ଗୋଟି ଗୁଳି, ଦୁଇଟି ମେଗାଜିନ ଓ ଦୁଇଟି ମୋବାଇଲ ଜବତ କରିଥିଲା । ସେ ୨୦୨୧ ମସିହାରେ କୋରା ସେଠୀ ହତ୍ୟା ମାମଲାରେ ଗିରଫ ହୋଇ ଜେଲ ଯାଇଥିଲା ।

କିଛିମାସ ପୂର୍ବେ ସେ ଜାମିନରେ ଆସି ପୁଣି ତାରଦଳ ଗଠନ କରି ଅପରାଧ ଚଳାଇଥିଲା । ସେହିପରି କାଳିଆ ସେଠୀ ଠାରୁ ଦୁଇଟି ଖଣ୍ଡା ଜବତ କରିଥିଲା । କାଳିଆ ନାଁରେ ବିଭିନ୍ନ ଥାନାରେ ୫ରୁ ଉର୍ଦ୍ଧ୍ୱ ସଙ୍ଗୀନ ମାମଲା ରହିଛି । ସେହିପରି ପ୍ରଶାନ୍ତ ନାଁରେ ୧୨ ରୁ ଉର୍ଦ୍ଧ୍ୱ ମାମଲା ରହିଛି । ସେହିପରି ଉକ୍ତ ଟୁନା ଓ ଜାଗା ନାଁ ୫ ରୁ ଅଧିକ ମାମଲା ରହିଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି । ସେହିପରି ଟୁନା ନାୟକ ଓ ଜଗା ପାତ୍ର ୨୦୨୧ ଗୋପାଳ ସାହୁ ହତ୍ୟାକାଣ୍ଡ ର ଅଭିଯୁକ୍ତ ଥିଲେ ।

୨୦୧୪ ଗୋଳନ୍ଥରା ଥାନା ଅନ୍ତର୍ଗତ ରଣ୍ଡା ଗ୍ରାମର ଗଣେଶ ଓରଫ ବୁବୁ ପଣ୍ଡା ହତ୍ୟା ମାମଲାରେ ପ୍ରଶାନ୍ତ ସେଠୀ ଗିରଫ ହୋଇଥିଲେ ବୋଲି ପୋଲିସ କହିଛି । ସେମାନେ ଝାଡ଼ାଙ୍କୁଲି ଦେଇ ଯାଇଥିବା ରିଂ-ରୋଡରେ ରାତ୍ର ଯାତାୟତ କରୁଥିବା ଟ୍ରକ ଓ ନିକଟରେ ଥିବା କେତେକ ଘରେ ଡକାୟତି ପାଇଁ ଯୋଜନା ପ୍ରସ୍ତୁତ କରୁଥିଲେ ବୋଲି ପୋଲିସ ଜେରା ବେଳେ ଜାଣିବାକୁ ପାଇଛି । ମାମଲା ନଂ ୨୧୩/୨୫ରେ ଉକ୍ତ ଅଭିଯୁକ୍ତମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି ।

## ଟଳିଲା ବଡ଼ ଅଘଟଣ, ୬ ଜୀବନ୍ତ ବୋମା ନିଷ୍କ୍ରିୟ

ଧରାକୋଟ, (ସବ୍ୟୁ): ଧରାକୋଟ ପୋଲିସ ଦ୍ୱାରା ଛଅ ଗୋଟି ଜୀବନ୍ତ ବୋମାକୁ ରାଜ୍ୟ ବୋମା ନିଷ୍କ୍ରିୟକାରି ଦଳ ସହାୟତାରେ ନିଷ୍କ୍ରିୟ କରାଯାଇଛି । ପୋଲିସ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ଧରାକୋଟ ବଡ଼ଦାଣ୍ଡ ସାହି ଶେଷରେ ଥିବା ଗୁଣ୍ଡିଚା ମନ୍ଦିର ଓ ମସଜିଦ ପଛ ପଟେ ଥିବା ଟାଙ୍ଗରା ନିକଟରେ ଲୁଚା ଯାଇଥିବା ଛଅ ଗୋଟି ଜୀବନ୍ତ ବୋମା ସମ୍ପର୍କରେ ଧରାକୋଟ ପୋଲିସ ସୂଚନା ପାଇବା ପରେ ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସନ୍ତୋଷ କୁମାର ଜେନା, ଧରାକୋଟ ଥାନା ଅଧିକାରି ଚନ୍ଦ୍ରିକା ସ୍ୱାଇଁ ଏବଂ ପୋଲିସ ବିଭାଗର ସ୍ୱତନ୍ତ୍ର ଟିମ ଘଟଣା ସ୍ଥଳରେ ପହଞ୍ଚି ଜୀବନ୍ତ ବୋମାକୁ ନିଷ୍କ୍ରିୟକାରି ଦଳ ସହାୟତାରେ ନଷ୍କ୍ରିୟ କରିଥିଲେ ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଲା ଏହି ବୋମାକୁ ଏଠାରୁ ଅନ୍ୟତ୍ର ଚାଲଣ କରାଯାଇ କୌଣସି ବଡଧରଣର ଅଘଟଣ ଘଟାଇବା ପାଇଁ ଅସାମାଜିକ ମାନେ ପ୍ରସ୍ତୁତି ଚଳାଇଥିଲେ । କୌଣସି ସୂତ୍ରରୁ ଖବରପାଇ ପୋଲିସ ଏହାକୁ ପଣ୍ଡ କରିଛି । ଫଳରେ ଏକ ନିଶ୍ଚିତ ଅଘଟଣ ଯୋଜନା ଫସର ଫାଟି ଯାଇଛି ।

## ରୋଟାରୀ କ୍ଲବ ଆନୁକୂଲ୍ୟରେ ମଣ୍ଡଳ କାରାଗାରରେ ବୃକ୍ଷରୋପଣ

ବାରିପଦା, (ସବ୍ୟୁ) : ବାରିପଦା ରୋଟାରୀ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ମଣ୍ଡଳ କାରାଗାର ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ କାରାଗାର ଅଧିକ୍ଷକ ମନୋରଞ୍ଜନ ପ୍ରତିହାରୀ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ପରେ କ୍ଲବ ତରଫରୁ ନିଆଯାଇଥିବା ୪୦ଟି ଆମ୍ବ, ଲେମ୍ବୁ ଓ ଅମୃତଭଣ୍ଡା ଚାରାରୋପଣ କରାଯାଇଥିଲା । କାରାପାଳ ଶଶୀକାନ୍ତ ମହାଲିକ, କାରାଗାର ମଙ୍ଗଳ ଅଧିକାରୀ ଅଙ୍କିତ କୁମାର ଭୋଇ, ସହକାରୀ କାରାପାଳ ପୂର୍ଣ୍ଣଚନ୍ଦ୍ର ବେହେରା, ଉପସହକାରୀ କାରାପାଳ ଶରତ କୁମାର ଘଡ଼ାଇ, ହାବିଲଦାର ଅଜୟ କୁମାର ନାୟକ, କାରାରକ୍ଷୀ ଡମ୍ବରୁଧର ମହାନ୍ତ ଓ ଜିତେନ୍ଦ୍ରନାଥ ମାରାଣ୍ଡି ଏବଂ କାରାଗାରର ଦଶ ଜଣ ଅନ୍ତେବାସୀ ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । କ୍ଲବର ସଭାପତି ଭବାନୀ ଶଙ୍କର ସାହୁ ଓ ସମ୍ପାଦକ ତିମିର କୁମାର ଘୋଷଙ୍କ ନେତୃତ୍ୱରେ କ୍ଲବ ସଦସ୍ୟ ସନ୍ଦୀପ କୁମାର ଚାନ୍ଦ, ସୁନୀତ ପୁରୀ, ନିରୋଜ ପଣ୍ଡା, ବୀରେନ୍ଦ୍ରନାଥ ସାହୁ, ଅରୁଣ କୁମାର ଦାଶ, ଗଣେଶ ଚନ୍ଦ୍ର ଦାସ, ଶ୍ୟାମଳ ପଟ୍ଟନାୟକ, ପ୍ରଶାନ୍ତ କୁମାର ଜେନା, ଡଃ ପୁଷ୍ପାପାତ୍ର, ସଂଜୀବ କୁମାର ହୋତା, କମଲ ଖଣ୍ଡେଲଓ୍ୱାଲା ଓ କ୍ଲବର ନିମନ୍ତ୍ରିତ ଅତିଥି ରଞ୍ଜନ କୁମାର ବାନାର୍ଜୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ରେଳବାଇ ଚାକିରି ନାଁରେ ଠକେଇ

ବ୍ରହ୍ମପୁର, (ସବ୍ୟୁ): ରେଳ ବିଭାଗର ସ୍କାଉଟ ଓ ଗାଇଡ କୋଟାରେ ଚାକିରି କରାଇଦେବାକୁ କହି ଏକାଧିକ ଯୁବକଙ୍କ ଠାରୁ କୋଟିଏରୁ ଅଧିକ ଟଙ୍କା ଠକି ନେଇଥିବା ୩ ଜଣ ଅଭିଯୁକ୍ତଙ୍କ ନାଁରେ ଆଉ ୨ଟି ମାମଲା ରୁଜୁ ହୋଇଛି। ପୂର୍ବରୁ ଏହି ମାମଲାରେ ସଦର ଥାନା ପୁଲିସ ଭୁବନେଶ୍ୱରର ମହିଳା ସମାଜସେବୀ ଶୁଭଲକ୍ଷ୍ମୀ ରାଉତ ସମେତ କୁକୁଡାଖଣ୍ଡିର ଏ. ବିଘ୍ନେଶ୍ୱର ରାଓ ଦୋରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ହେଲେ ଏହି ମାମଲାରେ ଅନ୍ୟତମ ଅଭିଯୁକ୍ତ ତଥା ଶୁଭଲକ୍ଷ୍ମୀଙ୍କ ସ୍ୱାମୀ ସମରଜିତ ରାଉତ ଏବେ ଯାଏଁ ପୁଲିସ ହାତରେ ଧରା ପଡିନାହାନ୍ତି। ତାଙ୍କୁ ଧରିବାକୁ ପୁଲିସ ବିଭିନ୍ନ ସ୍ଥାନରେ ଚଢଉ ଜାରି ରଖିଛି। ପୂର୍ବରୁ ଉପରୋକ୍ତ ୩ ଅଭିଯୁକ୍ତଙ୍କ ନାମରେ ପାଟପୁର କଂସାମରୀର ଏସ. କୃଷ୍ଣଚନ୍ଦ୍ର ଦୋରା ଅଭିଯୋଗ କରିଥିବା ବେଳେ ବର୍ତ୍ତମାନ ନାରାୟଣ ମଣ୍ଡଳ ଓ ନିଳାମ୍ବର ଦାଶ ଉପରୋକ୍ତ ଅଭିଯୁକ୍ତଙ୍କ ନାମରେ ସଦର ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି।

# ବିଭିନ୍ନ ସ୍ଥାନରେ କଂଗ୍ରେସ ନେତୃତ୍ୱରେ ୮ ରାଜନୈତିକ ଦଳର ବନ୍ଦ ପାଳନ

**ଏଫଏମ୍ କଲେଜ ଛାତ୍ରୀ ମୃତ୍ୟୁ ଘଟଣାରେ ରାଜ୍ୟ ସରକାରଙ୍କ ବିଫଳତା ପ୍ରତିବାଦରେ ବିଭିନ୍ନ ସ୍ଥାନରେ ୧୨ଘଣ୍ଟିଆ ଓଡ଼ିଶା ବନ୍ଦ ପାଳନ ହୋଇଛି । କଂଗ୍ରେସ ନେତୃତ୍ୱରେ ଏହି ବନ୍ଦକୁ ୮ ଟି ରାଜନୀତିକ ଦଳ ସମେତ ବିଭିନ୍ନ କୃଷକ ସଂଗଠନ, ଟ୍ରେଡୟୁନିଅନ, ସ୍ୱେଚ୍ଛାସେବୀ ସମର୍ଥନ କରିଥିବାବେଳେ ବିଜେଡି ଏହାକୁ ନୈତିକ ସମର୍ଥନ ଦେଇଛି ।**



ପାରଳାଖେମୁଣ୍ଡି

**ବୁଗୁଡା :** ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମଦାହ ଜନିତ ମୃତ୍ୟୁ ଘଟଣାରେ ଉଚିତ ନ୍ୟାୟ ପ୍ରଦାନ ଦାବିରେ କଂଗ୍ରେସ ପକ୍ଷରୁ ଗୁରୁବାର ସକାଳ ୬ଟାରୁ ୧୨ ଘଣ୍ଟିଆ ଓଡିଶା ବନ୍ଦ ଡାକରା ପରିପ୍ରେକ୍ଷୀରେ ବୁଗୁଡାରେ ବସ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ସାଙ୍ଗକୁ ବିଭିନ୍ନ ଶିକ୍ଷାନୁଷ୍ଠାନ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଏବଂ ଦୋକାନ ବଜାର ବନ୍ଦ ରହିଥିଲା । ବୁଗୁଡା ସହର ମଧ୍ୟରେ କାଁ ଭାଁ ଦୋକାନ ଖୋଲା ରହିଥିବା ବେଳେ କଂଗ୍ରେସ ଦଳର ଜାନକୀ ବଲ୍ଲଭ ରାଉତ, ସିମାଞ୍ଚଳ ଖଟେଇ, ସୁଜିତ କୁମାର ସ୍ୱାଇଁ, ମାନସ ରଞ୍ଜନ ଦାଶ, ଶଙ୍କର ବେହେରା, ସୁବ୍ରତ କୁମାର ପଟ୍ଟନାୟକ, ଦିଲ୍ଲୀପ କୁମାର ଦାଶ ପ୍ରମୁଖ ପିକେଟିଂ କରୁଥିବା ଦେଖିବାକୁ ମିଳିଥିଲା ବେଳେ କେତେକ ସ୍ଥାନରେ ପୋଲିସ୍ ମୁତୟନ ରହିଥିଲେ ଏବଂ ବନ୍ଦ ପାଳନ ଶାନ୍ତିପୂର୍ଣ୍ଣ ରହିଥିଲା ।

**ଭଞ୍ଜନଗର:** ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣାରେ କଂଗ୍ରେସ, କମ୍ୟୁନିଷ୍ଟ ପାର୍ଟି ଏବଂ ବିଭିନ୍ନ ବାମଦଳ ତରଫରୁ ବନ୍ଦ ଡାକରା ଦିଆଯାଇଥିଲା । ଏନେଇ ଗୁରୁବାର ଭଞ୍ଜନଗରରେ ୧୨ଘଣ୍ଟିଆ ବନ୍ଦ ପାଳନ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି । କୌଣସି ସ୍ଥାନରେ ହିଂସାକାଣ୍ଡ ଘଟିନଥିବା ଦେଖିବାକୁ ମିଳିଥିଲା । ସ୍ଥାନୀୟ ଜନସାଧାରଣ ବନ୍ଦକୁ ସମର୍ଥନ ଜଣାଇଥିଲେ । ସମସ୍ତ ପେଟ୍ରୋଲ ପମ୍ପ ଓ ଦୋକାନ ବଜାର ବନ୍ଦ ରଖିଥିଲେ । ବନ୍ଦ ଯୋଗୁଁ ବସଷ୍ଟାଣ୍ଡ ଓ ରାସ୍ତାଘାଟ ଖାଁ ଖାଁ ଥିବା ଦେଖିବାକୁ ମିଳିଥିଲା । ଯାତ୍ରୀବାହୀ ବସ ଓ ଚାରି ଚକିଆ ଗାଡି ମଟର ଚଳାଚଳ ବନ୍ଦଥିବା ବେଳେ କେବଳ ଜରୁରୀକାଳୀନ ପରିସ୍ଥିତିରେ କେତେକ ଯାନବାହନ ଚଳାଚଳ କରିଥିବା ଦେଖିବାକୁ ମିଳିଥିଲା । କଂଗ୍ରେସର ପ୍ରଶାନ୍ତ କୁମାର ବିଷୋୟୀ, କୁଲୁ ଭୂୟାଁ, କମ୍ୟୁନିଷ୍ଟ ପାର୍ଟି ନେତା ସୋମନାଥ ନାୟକ, ନିରାକାର ନାୟକଙ୍କ ସମେତ କର୍ମୀ ଏବଂ ସମର୍ଥକ ମାନେ ଭଞ୍ଜନଗର ସହରର ସମସ୍ତ ପ୍ରବେଶ ପଥ ଯଥା ବେଲଗୁଣ୍ଠା ରୋଡ଼, ବ୍ଲକ ଛକ, ଚକରା ବିଷୋୟୀ ବାଇପାସ ରୋଡ଼, ବଡ଼ କୋଦଣ୍ଡା ଛକ ମାନଙ୍କରେ ପିକେଟିଂ କରିଥିଲେ । ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ପୋଷ୍ଟ ଅଫିସ ଆଦି ବନ୍ଦ ରହିଥିଲା । ପିସିସି ସଦସ୍ୟ ଦେବୀ ପ୍ରସାଦ ବିଷୋୟୀ, ସୁକାନ୍ତ କୁମାର ଦିଗାଲ, ବିଦ୍ୟାଧର ପ୍ରଧାନ ଏବଂ ଆଇନଜୀବୀ ଅଭିମନ୍ୟୁ ଗୌଡଙ୍କ ସମେତ ବହୁ ସମର୍ଥକ ମାନେ ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ ।

**ଧରାକୋଟ :** ବାଲେଶ୍ୱର ଫକୀରମୋହନ କଲେଜର ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମାହୃତି ଘଟଣାରେ ତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ଓଡିଶା ପ୍ରଦେଶ କଂଗ୍ରେସ ସହ ଆଠ ଗୋଟି ଦଳ ତରଫରୁ ଡାକରା ଦିଆଯାଇଥିବା ଓଡିଶା ବନ୍ଦର ପ୍ରଭାବ ଆଜି ଧରାକୋଟରେ ଦେଖିବାକୁ ମିଳିଛି । ଆଜି ଧରାକୋଟ, ମୁଣ୍ଡମରାଇ, ଦଶମାଇଲି, ମାଣିକପୁର, ଢ଼ଉଗାଁ ଠାରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା । ସକାଳୁ ସକାଳୁ କଂଗ୍ରେସ, ସିପିଆଇ, ସିପିଆଇଏମଏଲ ଭଳି ଦଳର କର୍ମୀମାନେ ମିଳିତ ଭାବରେ ବନ୍ଦ ପାଳନ ଡାକରାରେ ସାମିଲ ହୋଇଥିଲେ । ଧରାକୋଟ ବ୍ଲକ କଂଗ୍ରେସ କମିଟିର ପୂର୍ବତନ ସଭାପତି ସୁନିଲ ଚୌଧୁରୀ, କଂଗ୍ରେସ କମିଟିର ବରିଷ୍ଠ ସଭ୍ୟ ସୋମନାଥ ମହାନ୍ତି, ସୁଧାକର ସ୍ୱାଇଁ, କୁନା ସ୍ୱାଇଁ, ରାଜା ସେଠି, ଶତ୍ରୁଘ୍ନ ଗୌଡ଼, ପ୍ରଫୁଲ୍ଲ ଦାସ, ଲୁଲୁ ପାତ୍ର, ଶିବରାମ ବାଡତ୍ୟା, ନିରଂଜନ ଛାଟୋଇ, ମୁନା ସ୍ୱାଇ, ସିପିଆଇର ବ୍ଲକ ସମ୍ପାଦକ ବିଦେଶୀ ନାହାକ ପ୍ରମୁଖ ଧରାକୋଟ ଜଗନ୍ନାଥ ମନ୍ଦିର ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ରାଜ୍ୟ ବିଜେପି ସରକାର ବିରୁଦ୍ଧରେ ନାରାବାଜି କରିବା ସହ ବ୍ଲକ, ତହସିଲ, ଅନୁ ନିବନ୍ଧକ କାର୍ଯ୍ୟାଳୟ, ସମସ୍ତ ସରକାରି କାର୍ଯ୍ୟାଳୟ, ସ୍କୁଲ, କଲେଜ , ଦୋକାନ, ବଜାର ସବୁ ବନ୍ଦ କରିଥିଲେ । ସେହିପରି ସିପିଆଇଏମଏଲ ଏନଡି ତରଫରୁ ମାଣିକପୁର ଠାରେ ରାସ୍ତା ଘାଟ, ଦୋକାନ ବଜାର ସହ ଶିକ୍ଷାନୁଷ୍ଠାନ ସବୁ ବନ୍ଦ କରାଯାଇଥିଲା । ଏଥିରେ ବ୍ଲକ ସଭପତି ନରସିଂହ ଦଳବେହେରା, ଏଆଇକେଏମଏସର ରାଜ୍ୟ ସଂପାଦକ ପ୍ରତାପ ନାୟକ, ବ୍ଲକ ସଂପାଦକ ଯକ୍ଷ ଗମାଙ୍ଗ, ବ୍ଲକ କମିଟି ସଭ୍ୟ ସୁକୁରୁ ଗମାଙ୍ଗ, ଦୟାନିଧି ସେଠୀ, ଝିଲିକା ଗମାଙ୍ଗ, ଲିଙ୍ଗା ଗମାଙ୍ଗ, ଚରଣ ଗମାଙ୍ଗ ପ୍ରଭୃତି ଶତାଧିକ ବ୍ୟକ୍ତି ସାମିଲ ହୋଇଥିଲେ । ଆଜିର ବନ୍ଦ ପାଳନ ଯୋଗୁଁ ଗାଡି ମଟର ସମ୍ପୂର୍ଣ୍ଣ ଚଳାଚଳ ବନ୍ଦ ରହିଥିବା ଯୋଗୁଁ ଜନ ଜୀବନ ଯାତ୍ରା ସଂପୂର୍ଣ୍ଣ ଠପ ହୋଇଯାଇଥିଲା ।

**ଛତ୍ରପୁର :** ବାଲେଶ୍ୱର ଏଫଏମ କଲେଜରେ ଛାତ୍ରୀଙ୍କ ଆତ୍ମହୂତି ଘଟଣାରେ ସାରା ରାଜ୍ୟରେ କଂଗ୍ରେସ ଓ ବାମପନ୍ଥୀ ଦଳ ପକ୍ଷରୁ ଓଡିଶା ବନ୍ଦ ଡାକରା ଦିଆଯାଇଛି । ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲ୍ଲା ଛତ୍ରପୁରରେ କଂଗ୍ରେସ ଓ ବାମପନ୍ଥୀ ଦଳ ପକ୍ଷରୁ ବନ୍ଦ କରାଯାଇଛି । ସହରରେ ଖୋଲାଯାଇଥିବା ବିଭିନ୍ନ ଦୋକାନ ବଜାର ବନ୍ଦ କରାଯିବା ସହିତ ଛତ୍ରପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପଶି ଉପଜିଲ୍ଲାପାଳଙ୍କୁ ବାହାରକୁ ଆସିବା ପାଇଁ ଦାବି କରିଥିଲେ କଂଗ୍ରେସ ଓ ବାମପନ୍ଥୀ ଦଳର ନେତା । ଦୋକାନ, ବଜାର, ଗାଡି, ପୋଷ୍ଟ ଅଫିସ, ବ୍ଲକ ଅଫିସ, ଲେବର ଅଫିସ ସମେତ ବିଭିନ୍ନ ଅଫିସ ଗୁଡିକ ବନ୍ଦ କରିବା ସହିତ ଦଳୀୟ ନେତା କର୍ମୀ ସହରର ବିଭିନ୍ନ ସ୍ଥାନରେ ରାଲି ଯୋଗେ ପିକେଟିଂ କରିଛନ୍ତି । ପରେ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ପାଚେରୀ ଡେଇଁ ଭିତରକୁ ପଶି ମୁଖ୍ୟ ଫାଟକରେ ଥିବା ତାଲାକୁ ଭାଙ୍ଗିଥିଲେ ଆନ୍ଦୋଳନକାରୀ । ସେପଟେ ସୁରକ୍ଷାକୁ ଦୃଷ୍ଟିରେ ରଖି ପୋଲିସ ମୃତୟନ କରାଯାଇଥିଲା । ପରେ ଡିଆରଡିଏ ଛକ ସ୍ଥିତ ଜାତୀୟ ରାଜପଥରେ ଗାଡି ଗୁଡିକୁ ଅଟକାଇବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଶେଷରେ ଆନ୍ଦୋଳନକାରୀ ମାନଙ୍କୁ ଛତ୍ରପୁର ଥାନା ପୋଲିସ ଉଠାଇ ନେଇଥିଲା । ଏଥିରେ ସିପିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଏନ. ନାରାୟଣ ରେଡ୍ଡୀ, ନାରୀନେତ୍ରୀ ଏନ. ଭାନୁମତି ରେଡ୍ଡୀ, ଜିଲ୍ଲା ନେତା ନୀଳକଣ୍ଠ ଦାଶ, ଛତ୍ରପୁର ଜୋନଲ ସମ୍ପାଦକ ଡି. ଆଦିନାରାୟଣ ରେଡ୍ଡୀ, ଚମାଖଣ୍ଡି ଜୋନାଲ ସମ୍ପାଦକ ଏନ. ଗିରିଜା ପ୍ରସାଦ ରେଡ୍ଡୀ, ଜିଲ୍ଲା ନେତା ସିଏଚ. ଜନାର୍ଦନ ରେଡ୍ଡୀ, କଂଗେସ ନେତା ଭାଗିରଥି ବେହେରା, ପୂର୍ବତନ ସରପଞ୍ଚ ଡି. କ୍ରିଷ୍ଣା ରେଡ୍ଡୀ, ଓ ଡି. ରାମସ୍ୱାମୀ ରେଡ୍ଡୀ, କାଳିଆ ରାଉଳ, ଅଶୋକ ପଟ୍ଟନାୟକ, ଗଣପତି ବାରିକ, ଇଜୁ ଆମିନ ଖାନ, ମହେଶ ଗୌଡ଼, ଫରୱାର୍ଡ ବ୍ଲକର ଜିଲ୍ଲା ସମ୍ପାଦକ ସନ୍ତୋଷ କୁମାର ସାହୁ, ଦଳିତ ନେତା ତଥା ଆଇନଜୀବୀ ସୁମା ଦାସ, ସିପିଏମ ନେତା ପର୍ଶୁରାମ ଗୌଡ଼ଙ୍କ ସମେତ ବହୁ ଛାତ୍ର, ଯୁବକ ଓ ମହିଳା ମାନେ ଉପସ୍ଥିତ ଥିଲେ ।





ଧରାକୋଟ

**ପାରଳାଖେମୁଣ୍ଡି :** ସମଗ୍ର ଗଜପତି ଜିଲ୍ଲାରେ କଂଗ୍ରେସର ବନ୍ଦ ପାଳନ ଡାକରାକୁ ମିଳିଛି ଜନସମର୍ଥନ । ଗଜପତି ଜିଲ୍ଲାର ଜିଲ୍ଲା ମହକୁମା ପାରଳାଖେମୁଣ୍ଡି ସହର ସମେତ ସମଗ୍ର ଜିଲ୍ଲାର ମୋଟ ୭ ଗୋଟି ବ୍ଲକ ଯଥା ମୋହନା, ଆର. ଉଦୟଗିରି, ନୂଆଗଡ, ରାୟଗଡ, ଗୋଷଣୀ ଓ କାଶୀନଗର ଏନଏସି ଓ ବ୍ଲକ ଅଞ୍ଚଳରେ ସଫଳ ହୋଇଛି ବନ୍ଦ ପାଳନା । ସାରା ଜିଲ୍ଲାରେ ବନ୍ଦ ପାଳନ ଯୋଗୁଁ ଜୀବନ ଯାତ୍ରା ସମ୍ପୂର୍ଣ୍ଣ ବ୍ୟାହତ ହୋଇଛି । ଚକ ଅଖ ବନ୍ଦ ଥିବା ବେଳେ ସମସ୍ତ ସ୍କୁଲ କଲେଜ ସରକାରୀ ବେସରକାରୀ ଅନୁଷ୍ଠାନ ଦୋକାନ ବଜାର, ସରକାରୀ ଅଫିସ ଓ ବ୍ୟାଙ୍କ ଆଦି ସବୁ ବନ୍ଦ ରହିଥିବା ଦେଖିବାକୁ ମିଳିଛି । ରାଜ୍ୟରେ ନାରୀ ନିର୍ଯାତନା ବୃଦ୍ଧି ପାଉଥିବା ବେଳେ ନାରୀକୁ ସୁରକ୍ଷା ଦେବାରେ ବିଜେପି ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଗଜପତି ଜିଲ୍ଲା କଂଗ୍ରେସ କମିଟିର ସଭାପତି ତଥା ମୋହନା ବିଧାୟକ ଦାଶରଥି ଗମାଙ୍ଗ ପ୍ରକାଶ କରିଛନ୍ତି । ବାଲେଶ୍ୱର ଫକୀରମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଛାତ୍ରୀଙ୍କୁ ସୁରକ୍ଷା ଦେଇପାରିନାହାଁନ୍ତି ସରକାର । ତାଙ୍କ ଅସ୍ୱାଭାବିକ ମୃତ୍ୟୁ ପଛରେ ଥିବା ଦୋଷୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବା ସହ ପିଡିତାଙ୍କ ପରିବାରକୁ ୫ କୋଟି ସହାୟତା ପ୍ରଦାନ ଦାବି କରିଛନ୍ତି । ଏହି ବନ୍ଦ ପାଳନରେ ଗଜପତି ଜିଲ୍ଲା ସିପିଏମ ଦଳର ଦଣ୍ଡ ପାଣି ରଇତ, ସିପିଆଇର ଶ୍ରୀନିବାସ ବେହେରାଙ୍କ ସମେତ ବହୁ ବାମପନ୍ଥି ସଦସ୍ୟ ଯୋଗଦେଇ ବନ୍ଦ ପାଳନକୁ ସମ୍ପୂର୍ଣ୍ଣ ସଫଳ କରିଥିଲେ । କଂଗ୍ରେସ ନେତ୍ରୀ ଜସ୍ମିନ ଶେଖଙ୍କ ସମେତ ବହୁ ନେତା କର୍ମୀ ପାରଳାଖେମୁଣ୍ଡି ଠାରେ ବନ୍ଦ ପାଳନରେ ସାମିଲ ହୋଇଥିଲେ । ବିଜେପି ସରକାରଙ୍କ ବିଫଳତାକୁ ନେଇ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଫଟୋଚିତ୍ରକୁ ଦାହ କରିବା ସହ ସେମାନଙ୍କ ଇସ୍ତଫା ଦାବି କରାଯାଇଥିଲା ।

# ଜଗତସିଂହପୁର ଜିଲ୍ଲାରେ ଓଡ଼ିଶା ବନ୍ଦ ସଫଳ



ଜଗତସିଂହପୁର,(ସବ୍ୟୁ): ଜଗତସିଂହପୁର ଜିଲ୍ଲା କଂଗ୍ରେସର ସମେତ ମିଳିତ ବିରୋଧୀ ଦଳ ପକ୍ଷରୁ ଫକିରମୋହନ ମହାବିଦ୍ୟାଳୟର ମୃତ ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଜଗତସିଂହପୁର ସଦର ମହକୁମା ଠାରେ ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକଙ୍କ ନେତୃତ୍ୱରେ ଓଡ଼ିଶା ବନ୍ଦ ସଂପୂର୍ଣ୍ଣ ସଫଳ ହୋଇଛି । ରାଜ୍ୟରେ ବିଜେପି ସରକାରକୁ ଆସିବା ପରେ ଦିନକୁ ଦିନ ନାରୀ ନିର୍ଯାତନା, ଧର୍ଷଣ, ହତ୍ୟାକାଣ୍ଡ ଭଳି ବହୁ ଜଘନ୍ୟ କାର୍ଯ୍ୟ ଘଟୁଛି । ରାଜ୍ୟ ସରକାର ଏହାର ପ୍ରତିକାର ପାଇଁ ସେଭଳି କିଛି ପଦକ୍ଷେପ ଗ୍ରହଣ କରୁନାହାନ୍ତି । ତେଣୁ ମହିଳାମାନେ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି । ଯାହା ଫଳରେ ଛାତ୍ରୀ ଜଣକ ଅଧ୍ୟକ୍ଷ,ଜିଲ୍ଲା ପ୍ରଶାସନ, ରାଜ୍ୟର ମନ୍ତ୍ରୀମାନଙ୍କୁ ଜଣାଇ ମଧ୍ୟ ଶେଷରେ ନ୍ୟାୟ ନପାଇ ଜୀବନ ହାରିବା ଭଳି ଚରମ ନିଷ୍ପତ୍ତି ନେଇଥିଲେ । ତେଣୁ ସେହି ଦୁଃଖଦ ଘଟଣାର ନ୍ୟାୟିକ ତଦନ୍ତ ସହିତ ଦୋଷୀମାନଙ୍କୁ କଠୋର ଦଣ୍ଡ ବିଧାନ କରିବାକୁ କଂଗ୍ରେସ ଦାବି କରିଛି ।

ଏହି ବନ୍ଦ କାର୍ଯ୍ୟକ୍ରମରେ ସିପିଏମ ରାଜ୍ୟ କମିଟି ସଦସ୍ୟ ଲୋଭାକାନ୍ତ ସ୍ୱାଇଁ,ଏସ.ୟୁ.ସି.ଆଇ ନେତା ପ୍ରଦିପ୍ତ ରାମ୍,ପୂର୍ବତନ ପୌରାଧ୍ୟକ୍ଷ ବିପ୍ଲବ ଚୌଧୁରୀ, ନଗର କଂଗ୍ରେସ ସଭାପତି ଅଭୟ କୁମାର ମହାନ୍ତି, ବ୍ଲକ କଂଗ୍ରେସ ସଭାପତି ମାନସ କୁମାର ରଥ, ସରପଞ୍ଚ ପ୍ରମୋଦ କୁମାର ସାହୁ, ସରପଞ୍ଚ ଦିଲ୍ଲିପ କୁମାର ମହାନ୍ତି,ପୂର୍ବତନ ସରପଞ୍ଚ ବିଶ୍ୱଜିତ ପୋଥାଳ, ପୂର୍ବତନ ସରପଞ୍ଚ କାହ୍ନୁଚରଣ ରାଉତ,ଜିଲ୍ଲା ନିଖିଳ ଉତ୍କଳ ଗ୍ରାମୀଣ ଚାଷୀ ମୂଲିଆ ସଂଘ ସଭାପତି ଇଂ ବେଦଦ୍ୟୁତି ପୃଷ୍ଟି, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ କେଦାର ଦଳେଇ,ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ,ଜିଲ୍ଲା କଂଗ୍ରେସ ସେବା ଦଳ ଅଧ୍ୟକ୍ଷ ଡ଼ ଜଗଦାନନ୍ଦ ବେହେରା, ଜିଲ୍ଲା ସଂଖ୍ୟାଲଘୁ ସେଲ୍ ଅଧ୍ୟକ୍ଷ ଇମତିୟାଜ ଅହମ୍ମଦ ଖାଁ,ସେଖ୍ ଅମିନୁସ ସାଜେଦିନ, କଂଗ୍ରେସ ନେତା ଲକ୍ଷ୍ମୀ ନାରାୟଣ ସାମନ୍ତରାୟ, ଦେବେନ୍ଦ୍ର ଦାଶ,ଇଂ ଜ୍ଞାନ ରଞ୍ଜନ ଜେନା, ସମିର ଖୁଣ୍ଟିଆ, କାଳନ୍ଦୀ ଜେନା,ସେଖ୍ ସଫାତ,କିଶୋର ପଟ୍ଟନାୟକ,ପ୍ରବିର ପରିଜା,ସୌମ୍ୟରଞ୍ଜନ ମହାନ୍ତି, ଦିପକ ପାଲ,ଦାଶରଥି ସ୍ୱାଇଁ, ଦିଲ୍ଲିପ ସିଂହ,ସ୍ୱରୁପ କାନୁନଗୋ, ଉମେଶ ସ୍ୱାଇଁ,ଆର୍ଶୀବାଦ ତ୍ରିପାଠୀ,ହିଫଜୁଲ୍ ରହେମାନ, ସଂଦିପ ସ୍ୱାଇଁ, ସୂର୍ଯ୍ୟକାନ୍ତ ସାହୁ, ଦେବୀ ପ୍ରସାଦ ପରିଡା,ଦିପକ କୁମାର ସ୍ୱାଇଁ,ଅତୁଲ୍ୟ ବିଶ୍ୱାଳ, ସେଖ ଅମିନୁସ ସାଜେଦିନ, ଅବନୀକାନ୍ତ ମହାରଣା ପ୍ରମୁଖ ବହୁ ନେତା ଓ କର୍ମୀ ସାମିଲ ହୋଇଥିଲେ । ସେହିପରି ସମସ୍ତ ବ୍ଲକ ଓ ପୌରାଞ୍ଚଳରେ ଓଡ଼ିଶା ବନ୍ଦ ସଂପୂର୍ଣ୍ଣ ସଫଳ ହୋଇଥିବା ଖବର ମିଳିଛି ।

# ବନ୍ୟା ପାଣି ଘେରରେ ରାଜନଗରର ୪ ପଞ୍ଚାୟତ

ରାଜନଗର ,(ସବ୍ୟୁ) :ବ୍ରାହ୍ମଣୀ ନଦୀରେ ବନ୍ୟା ଯୋଗୁଁ ଧୋଘା ଅଞ୍ଚଳର ଚାଷଜମି ବୁଡି ରହିଛି । ଗାଁ ରାସ୍ତା ଗୁଡିକ ବନ୍ୟା ପାଣିରେ ବୁଡି ଯିବା ଫଳରେ ଗମନାଗମନ କ୍ଷେତ୍ରରେ ସମସ୍ୟା ସୃଷ୍ଟି ହୋଇଛି । ଦିନକୁ ଦିନ ବନ୍ୟା ପାଣି ବୃଦ୍ଧି ପାଇବାରେ ଲାଗିଛି । ତଳିଆ ଚାଷ ଜମିରେ କରାଯାଇଥିବା ଧାନ ତଳି ଓ ପନି ପରିବା ଫସଲ ବନ୍ୟା ପାଣିରେ ବୁଡି ରହିବା ଯୋଗୁଁ ଧାନ ତଳି ଓ ଫସଲ ନଷ୍ଟ ହେବାରେ ଲାଗିଛି । ଚାଷୀ ଏବେ ଚିନ୍ତାରେ ପଡିଯାଇଛି । ଆଜକୁ ୭ଦିନ ହେବ ଚାଷଜମି ଓ ଫସଲ ବନ୍ୟା ପାଣିରେ ବୁଡିରହିଛି । ରାଜନଗରରେ ବନ୍ୟା ବିପନ୍ନଙ୍କ ଦୁର୍ଦଶା ବଢାଇ ଦେଇଛି । ରାଜନଗର ବ୍ଲକର ବନ୍ଧପଡା , ଓସ୍ତିଆ, ବେଲପାଳ , ରାଜପୁର ପଞ୍ଚାୟତ ପାଣି ଘେରରେ ରହିଛି । ବନ୍ୟା ପାଣି ବଢୁଥିବାରୁ ବିପନ୍ନଙ୍କ ଦୁର୍ଦଶା ବଢିବାରେ ଲାଗିଛି । ୧୫ରୁ ଅଧିକ ଗାଁ ରାସ୍ତା ଉପରେ ୪ରୁ ୬ ଫୁଟର ବନ୍ୟା ପାଣି ଲହଡି ଭାଙ୍ଗୁଛି । ଗୋବିନ୍ଦପୁର ଗାଁ ର ୧୦ରୁ ଅଧିକ ପରିବାର ପାଣି ଘେରରେ ଅଛନ୍ତି । ବିଶେଷ କରି ନଗଦ ଗାଁର ୩୦୦ ପରିବାର ୫ ଦିନ ହେଲା ପାଣି ଘେରରେ ଥିଲେ ମଧ୍ୟ ପ୍ରଶାସନ ଆଜି ଯାଏଁ ବିପନ୍ନଙ୍କ ନିକଟରେ ପହଞ୍ଚି ପାରିନାହିଁ । ଓସ୍ତିଆ ପଞ୍ଚାୟତର ନଗଡ ଗାଁକୁ ଯିବା ରାସ୍ତା ଉପରେ ୬ ଫୁଟର ପାଣି ଚାଲୁଛି । ଗାଁ ଦାଣ୍ଡରେ ବନ୍ୟା ପାଣି ଲହଡି ଭାଙ୍ଗୁଥିବାରୁ ବିପନ୍ନ ୩୦୦ ପରିବାର ବନ୍ୟା ଘେରରେ ରହିଛନ୍ତି । ଗାଁ ଭିତରେ ବିପନ୍ନ ପରିବାର ପାଣି ଘେରରେ ଦୁର୍ଦଶାରେ ଥିଲେ ମଧ୍ୟ ପ୍ରଶାସନ ବିପନ୍ନଙ୍କ ନିକଟରେ ପହଞ୍ଚି ପାରିନି । ପ୍ରଶାସନର ଅବହେଳାକୁ ନେଇ ବିପନ୍ନଙ୍କ ମଧ୍ୟରେ ପତିକ୍ରିୟା ବଢିବାରେ ଲାଗିଛି । ରାଜନଗର ବ୍ଲକର ବନ୍ଧପଡା ପଞ୍ଚାୟତର ଚକିବାଙ୍କ ,ଗୋବିନ୍ଦପୁର ,ସଛପଡା ,ଟାଙ୍ଗଣତୈଳା , ଫିରିକିଦାଣ୍ଡି , ଓସ୍ତିଆ ପଞ୍ଚାୟତର ତଳଓସ୍ତିଆ , ଉପରଓସ୍ତିଆ,ବନ୍ଧପାଟଣା ,ନଗଡ , ଭଗବାନପୁର ,ରାଜପୁର ପଞ୍ଚାୟତର ରାଜପୁର , ଚନ୍ଦନପୁର , ବେଲପାଳ ପଞ୍ଚାୟତର ଗାଁ ଚାରି ପଟରେ ବନ୍ୟା ପାଣି ଲହଡି ଭାଙ୍ଗୁଛି । ବେଲପାଳ ପଞ୍ଚାୟତ କାର୍ଯ୍ୟାଳୟ ଚାରିପାଖରେ ବନ୍ୟା ପାଣି ଘେରି ରହିଛି । ଦାଣ୍ଡି-ବଳଭଦ୍ରପୁର ରାସ୍ତା, ଗୋବିନ୍ଦପୁର-ଚକିବାଙ୍କ ଭାୟା ଦାଣ୍ଡି ହନୁମାନମନ୍ଦିର ରାସ୍ତା ବନ୍ୟା ପାଣି ଘେରରେ ଅଛି ଗୋବିନ୍ଦପୁର-ଦାଣ୍ଡି ରାସ୍ତା, ଗୋବିନ୍ଦପୁର -ନଇକୂଳରାସ୍ତା ପାଣି ଘେରରେ ଅଛି । ଧୋୟା ଅଞ୍ଚଳ ର ବିଭିନ୍ନ ରାସ୍ତା ଉପରେ ବନ୍ୟାପାଣି ଲହଡି ଭାଙ୍ଗୁଛି । ବଳଭଦ୍ରପୁର -ରାଜପୁର ରାସ୍ତାରେ ଜୁଆର ସମୟରେ ୩ ଫୁଟ ଉଚ୍ଚତାର ପାଣି ଚାଲୁଅଛି । ଉପର ଓସ୍ତିଆ ରାସ୍ତା ଉପରେ ୫ ଫୁଟର ବନ୍ୟା ଜଳ ପ୍ରବାହିତ ହେଉଛି । ଫଳରେ ସୌଦାଗର ନାୟକ, ଅନାଦି ବଳ, ରବୀନ୍ଦ୍ର ମଇ, କପିଳାସ ବଳ, ମହେଶ୍ୱର ବଳ ପ୍ରଭୃତି ୭ରୁ ଅଧିକ ପରିବାର ସହିତ ଶ୍ରୀଧର ମହାନ୍ତିଙ୍କ ଦୋକାନ ମଧ୍ୟ ବନ୍ୟା ପାଣି ଘେରରେ ରହିଛି । ଗାଁର ବଟବାବା ମନ୍ଦିର ସମ୍ମୁଖରେ ବନ୍ୟା ପାଣି ଜମି ରହିଛି ।

ରାଜନଗର ବ୍ଲକ ବନ୍ଧପଡା, ଓସ୍ତିଆ ,ବେଲପାଳ,ରାଜପୁର , କେରଡ଼ାଗଡ଼, ବାଲିସାହିପାଟଣା ପଞ୍ଚାୟତର ଶହ ଶହ ଏକର ଜମିର ତଳିଘେରାକୁ ୭ ଦିନ ହେଲା ବନ୍ୟା ପାଣି ବୁଡାଇ ରଖିଛି । ଅନ୍ୟ ପକ୍ଷରେ ବନ୍ୟା ଅଞ୍ଚଳରେ କୁମ୍ଭୀର ଭାସୁଥିବା ସୂଚନା ମିଳିଛି । ଲୋକଙ୍କ ମଧ୍ୟରେ ଆତଙ୍କ ଖେଳି ଯାଇଛି । ଯା ଆସ ପାଇଁ ଆଜି ସୁଧା ପ୍ରଶାସନ ପକ୍ଷରୁ ବୋଟ କିମ୍ବା ଡଙ୍ଗାର ବ୍ୟବସ୍ଥା କରାଯାଇନାହିଁ । ସରକାର ଓ ପ୍ରଶାସନ ପକ୍ଷରୁ ବନ୍ୟା ବିପନ୍ନଙ୍କୁ ସମସ୍ତ ସରକାରୀ ସୁବିଧା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି ।

# ଦୀର୍ଘସ୍ଥାୟୀ ଖଣିଜ ଉଦ୍ଭାବନ ଉପରେ ମନ୍ତ୍ରୀଙ୍କ ଗୁରୁତ୍ୱ

ଭୁବନେଶ୍ୱର,(ସବ୍ୟୁ): କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ଭୁବନେଶ୍ୱରସ୍ଥ ସିଏସ୍ଆଇଆର୍-ଆଇଏମ୍ଏମ୍‌ଟି ପରିସରରେ ବାୟୋ ମାନୁଫାକ୍ଚରିଂ ୟୁନିଟ୍ ପାଇଁ ଶୀଳାନ୍ୟାସ କରୁଛନ୍ତି । ଏହା ପ୍ରତିଷ୍ଠାନର ସାମୁଦ୍ରିକ ଖଣିଜ ଗବେଷଣା ସହିତ ଜୈବ୍ୟ ପ୍ରଯୁକ୍ତି ବିଦ୍ୟାକୁ ସଂଯୋଗ କରିବ । ଏହି ଅବସରରେ ସେ ଦୀର୍ଘସ୍ଥାୟୀ ଖଣିଜ ଉପରେ ଗୁରୁତ୍ୱାରୋପ କରୁଛନ୍ତି ।




ଭୁବନେଶ୍ୱର ସିଏସ୍ଆଇଆର୍-ଆଇଏମ୍ଏମ୍‌ଟି ଠାରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପାଇଲଟ ପ୍ରକଳ୍ପର ଉଦ୍‌ଘାଟନ କରୁଛନ୍ତି କେନ୍ଦ୍ର ବିଜ୍ଞାନ ଓ କାରିଗରୀ, ଭୂ-ବିଜ୍ଞାନ ଏବଂ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, ଆଣବିକ ଶକ୍ତି, ଭକ୍ତ ଦାସ, କାର୍ମିକ, ସାଧାରଣ ଅଭିଯୋଗ ଓ ପେନସନ ପ୍ରଶାସନ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ

# ନ୍ୟାୟିକ ତଦନ୍ତ ଦାବିରେ ଜନଶକ୍ତି ପାର୍ଟିର ଅନଶନ

କେନ୍ଦ୍ରାପଡ଼ା,(ସବ୍ୟୁ) :ବାଲେଶ୍ୱର ଫକିରମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମହତ୍ୟା ଘଟଣା ନ୍ୟାୟିକ ତଦନ୍ତ ଦାବିକରି କେନ୍ଦ୍ରାପଡାର ଜନଶକ୍ତି ପାର୍ଟି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରି ଉପବାସରେ ବସିଥିଲେ । ଜନଶକ୍ତି ପାଟିର ରାଜ୍ୟ ସଭାପତି ବରିଷ୍ଠ ଆଇନଜୀବୀ ପ୍ରଦୀପ ଦାଶଙ୍କ ନେତୃତ୍ୱରେ ରାଜ୍ୟ ମୁଖପାତ୍ର ସତ୍ୟରଞ୍ଜନ ଜେନା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବରିଷ୍ଠ ଆଇନଜୀବୀ ମୋହନ ମହାନ୍ତି, ଦୟାନିଧି ବେହେରା, ମହାଦେବ ସେନାର ରାଜ୍ୟ ଅଧ୍ୟକ୍ଷ ଧନେଶ୍ୱର ଦାସ, ଜିଲ୍ଲା ସଭାପତି ରମାକାନ୍ତ ମାହାଲୀ, ସମ୍ପାଦକ ଶତର ସାହୁ, ବସନ୍ତ ଦାସ, ମନ୍ମଥ ସାହୁ, ଶିକ୍ଷାବିତ ମୋହନ ଚରଣ ଦାସ, ଲାଲନ ଖାନ, ଅନନ୍ତ କିଶୋର ଭୂୟାଁ, ଶରତ ଖୁଣ୍ଟିଆ, ଭାବଗ୍ରାହୀ ବିଶ୍ୱାଳ, ପ୍ରେମାନନ୍ଦ ବେହେରା, ବଳରାମ ସାହୁ, ଉଦୟନାଥ ମଲ୍ଲିକ ପ୍ରମୁଖ ଶତାଧିକ କର୍ମୀ ଉପସ୍ଥିତ ରହି ରାରଷ୍ଟ୍ରପତିଙ୍କ ଉଦେଶ୍ୟରେ ଏକ ସ୍ମାରକୀ ପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରିଥିଲେ । ଫାଷ୍ଟଟ୍ରାକ କୋର୍ଟ ମାଧ୍ୟମରେ ତିନିମାସ ମଧ୍ୟରେ ଦୃଷ୍ଟାନ୍ତ ମୂଳକ ଦଣ୍ଡ ଦେବା ସହିତ ସ୍କୁଲ, କଲେଜ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ବିଭିନ୍ନ କାର୍ଯ୍ୟାଳୟରେ ଅନଲାଇନ ଅଭିଯୋଗ ପ୍ରଦାନର ବ୍ୟବସ୍ଥା କରିବାକୁ ଦାବିରେ ଦର୍ଶାଇଥିଲେ । ଏଥି ସହିତ ଶ୍ରୀ ଦାସ ଆଗାମୀ ଏକବର୍ଷ ଧରି ରାଜ୍ୟର ପ୍ରତ୍ୟେକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନଶନ କରିବାକୁ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପାର୍ଟିର ମୁଖପାତ୍ର ସତ୍ୟ ରଞ୍ଜନ ଜେନା ରାଜ୍ୟ ସରକାରଙ୍କୁ ତୁରନ୍ତ ବରଖାସ୍ତ କରାଯାଇ ରଷ୍ଟ୍ରପତି ଶାସନ ଜାରିକରିବାକୁ ମଧ୍ୟ ଦାବି କରିଥିଲେ ।

# ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ପକ୍ଷରୁ ଗୋବରଘାଟିରେ ଆଦିବାସୀ ନୃତ୍ୟ ଓ ସଙ୍ଗୀତ କେନ୍ଦ୍ର ଉଦ୍‌ଘାଟିତ

ବ୍ୟାସନଗର ,(ଜିପ୍ର ):ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ (ଟିଏସ୍ଏଫ୍) ପକ୍ଷରୁ ଗୋବରଘାଟି ଫେଜ୍-୨ର ବାମିଆଘାଟ କମ୍ୟୁନିଟି ହଲ୍ରେ ଆଦିବାସୀ ନୃତ୍ୟ ଓ ସଙ୍ଗୀତ କେନ୍ଦ୍ର ଉଦ୍ଘାଟନ କରାଯାଇଛି । ଏହି କେନ୍ଦ୍ର ଜରିଆରେ ଫାଉଣ୍ଡେସନ ସ୍ୱଦେଶୀ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ଓ ପ୍ରସାର ପାଇଁ ରହିଥିବା ପ୍ରତିବଦ୍ଧତାକୁ ଦୋହରାଇଛି ଟାଟା ଷ୍ଟିଲ । ଏହି କେନ୍ଦ୍ରକୁ ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସ୍କେ)ର ଲଜିଷ୍ଟିକ୍ସ ପରିଚାଳନା ମୁଖ୍ୟ ଶୁଭ୍ରାଂଶୁ ଶେଖର ରାଉତ ଓ ଟାଟା ଷ୍ଟିଲ୍ କଳିଙ୍ଗନଗର କର୍ମଚାରୀ ସଂଘ (ଟିଏସ୍କେଡବ୍ଲ୍ୟୁ)ର ସଭାପତି ରବିନ୍ଦ୍ର କୁମାର ଜାମୁଦା ଉଦ୍ଘାଟନ କରିଥିଲେ । ଏହି ଅବସରରେ ବିଭିନ୍ନ ଗୋଷ୍ଠୀର ସଦସ୍ୟ ଏବଂ ଚଡ଼ିଆ, ଗୋବରଘାଟି ଓ ନୂଆ ଚମ୍ପାକୋଇଲା ଅଂଚଳର ବିସ୍ଥାପିତ ପରିବାରବର୍ଗ ସାମିଲ ହୋଇଥିଲେ । ଏହି ଉପଲକ୍ଷେ ୨୦୨୫ ଜୁଲାଇ ୭ରୁ ୧୦ ତାରିଖ ପର୍ଯ୍ୟନ୍ତ ଆଦିବାସୀ ନୃତ୍ୟ ଓ



ସଙ୍ଗୀତକୁ ନେଇ ଏକ ୪ ଦିନିଆ କର୍ମଶାଳା ଆୟୋଜନ କରାଯାଇଥିଲା। ସେଥିରେ ଯୁବବର୍ଗ, ମହିଳା ଓ ଗୋଷ୍ଠୀର ନେତୃମଣ୍ଡଳୀ ସମେତ ୬୦ରୁ ଅଧିକ ଜନସାଧାରଣ ଯୋଡ଼ି ହୋଇଥିଲେ। ଝାଡ଼ଖଣ୍ଡର ଆଦିବାସୀ ରାମୋଜ ଆଖଡ଼ା ସହଯୋଗରେ ଆୟୋଜିତ ଏହି କର୍ମଶାଳା, ଆଦିବାସୀ ନୃତ୍ୟ ଓ ସଙ୍ଗୀତ କେନ୍ଦ୍ର ଉଦ୍ଘାଟନ ଅବସର ପାଇଁ ମଞ୍ଚ ପ୍ରସ୍ତୁତ କରିଥିଲା ଏବଂ ସ୍ଥାନୀୟ ସମାଜରେ ସାଂସ୍କୃତିକ ଗୌରବ ଓ ଉତ୍ସାହକୁ ସୁଦୃଢ଼ କରିଥିଲା।

ଏହି ସମାରୋହରେ ଟିଏସ୍ଏଫ୍ ଟିମ୍ ତରଫରୁ ଆଦିବାସୀ ନୃତ୍ୟ ଓ ସଙ୍ଗୀତ କେନ୍ଦ୍ରର ଲକ୍ଷ୍ୟ ଏବଂ ପାରମ୍ପରିକ କଳାକୃତିକୁ ସମୃଦ୍ଧ କରିବା ଓ ଆଦିବାସୀ ଗୋଷ୍ଠୀଙ୍କୁ ସଶକ୍ତ କରିବା ଉପରେ ଆଲୋକପାତ କରାଯାଇଥିଲା। ଏହି ଆଦିବାସୀ ନୃତ୍ୟ ଓ ସଙ୍ଗୀତ କେନ୍ଦ୍ରକୁ ସାଂସ୍କୃତିକ ପରିପ୍ରକାଶ, ଦକ୍ଷତା ବିକାଶ ଏବଂ ଗୋଷ୍ଠୀ ସମ୍ପୃକ୍ତିର ହବ୍ ଭାବେ ପରିକଳ୍ପନା କରାଯାଇଥିବା ବେଳେ ଭବିଷ୍ୟତ ପି ପାଇଁ ଆଦିବାସୀ ନୃତ୍ୟ ଓ ସଙ୍ଗୀତର ସମୃଦ୍ଧ ପରମ୍ପରାକୁ ଆହୁରି ସମୃଦ୍ଧ କରିବାକୁ ଲକ୍ଷ୍ୟ ରଖାଯାଇଛି।

# ବଡଚଣା ଓ ଚଣ୍ଡିଖୋଲରେ ଓଡ଼ିଶା ବନ୍ଦ ସଫଳ : ଅଖାଚକ ସବୁ ବନ୍ଦ




ଚଣ୍ଡିଖୋଲ ,(ସବ୍ୟୁ) :ବାଲେଶ୍ୱରର ଫକୀର ମୋହନ ବିଶ୍ୱବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ନିର୍ଯାତନା ଓ ଆତ୍ମାହୁତି ଘଟଣାରେ ଉପଯୁକ୍ତ ନ୍ୟାୟ ଦାବିକରି କଂଗ୍ରେସ ସମେତ ୮ଟି ବିରୋଧୀ ଦଳ ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା । ଏହି ପରିପ୍ରେକ୍ଷୀରେ ଯାଜପୁରର ବଡଚଣା, ଚଣ୍ଡିଖୋଲ, ଚଡେଇଧରା,କବାଟବନ୍ଧ ଓ ବାଲିଚନ୍ଦ୍ରପୁର ଅଞ୍ଚଳରେ ଶାନ୍ତିପୂର୍ଣ୍ଣ ଭାବେ ସଫଳ ହୋଇଛି । କଂଗ୍ରେସ ସହ ସିପିଆଇ ସିପିଏମ ଦଳର ନେତାମାନେ ବନ୍ଦକୁ ସମର୍ଥନ କରିଥିଲେ । ଏହି ହରତାଳ ଫଳରେ ଅଖାଚକ ସବୁ ବନ୍ଦ ହେବାସହ ଦୋକାନବଜାର,ବ୍ୟାଙ୍କ ଏବଂ ସମସ୍ତ ସରକାରୀ ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା । ସକାଳ ୬ଟାରୁ କଂଗ୍ରେସ କର୍ମୀ ମାନେ ଚଣ୍ଡିଖୋଲ ଛକରେ ପିକେଟିଂ କରି ଦୋକାନ ବଜାର ଓ ଗାଡିମଟର ବନ୍ଦ କରିଥିଲେ । ଅତ୍ୟାବଶ୍ୟକ ସାମଗ୍ରୀ, ଆମ୍ବୁଲାନ୍ସ ସେବା ଏବଂ ଔଷଧ ଦୋକାନକୁ ବନ୍ଦରୁ ବାଦ ଦିଆଯାଇଥିଲା । ବନ୍ଦ ପ୍ରଭାବ ଫଳରେ ସ୍କୁଲ, କଲେଜ, ସରକାରୀ ପ୍ରତିଷ୍ଠାନରେ ଉପସ୍ଥାପନ କମ୍ ରହିଥିଲା । ଧାନମଣ୍ଡଳ ରେଳ ଷ୍ଟେସନରେ ରେଳ ଚଳାଚଳ ବନ୍ଦ ରହିଥିଲା । ବଡଚଣା ବ୍ଲକ୍ କଂଗ୍ରେସ ନେତା ଅଜୟ ସାମଲ, ସୁରେଶଚନ୍ଦ୍ର ସାହାଣୀ,ପୁର୍ବତନ ପିସିସି ସମ୍ପାଦକ ଡ ସନ୍ତୋଷ କୁମାର ବଳ, ଯୁବ କଂଗ୍ରେସ ସଭାପତି ଜୟ ପ୍ରକାଶ ବିଶ୍ୱାଳ,ଯୁବ କଂରେସ ନେତା ଚର୍ଚ୍ଚିତ ମାହାଲା,ପୁର୍ବତନ ବ୍ଲକ୍ ଅଧକ୍ଷ ନିରଂଜନ ସାହୁ, ପୁର୍ବତନ ସରପଞ୍ଚ ନୀଳକଣ୍ଠ ମିଶ୍ର, ଯୁବନେତା ଜନ୍ମେଜୟ ନାୟକ, ପ୍ରବୀର ବଳ, ଆସିକ୍ ଅନସାରୀ, ବାବୁଲି ମଲ୍ଲିକ, ଦନାର୍ଦ୍ଦନ ରାଉତରାୟ, ଦିଲ୍ଲୀପ ବିଶ୍ୱାଳ, ନଳିନୀ କାନ୍ତ ଜେନା, ଅକ୍ଷୟ ସ୍ୱାଇଁ, ସନ୍ତୋଷ ସାହୁ ସିପିଆଇ ନେତା ରଞ୍ଜନ କୁମାର ଜେନା ସମେତ ଶତାଧିକ କଂଗ୍ରେସ କର୍ମୀ ବନ୍ଦର ନେତୃତ୍ୱ ନେଇଥିଲେ । ପରେ ଏକ ପ୍ରତିବାଦ ସଭାରେ ଆନ୍ଦୋଳନକାରୀମାନେ , ମୁଖ୍ୟମନ୍ତ୍ରୀ, ଉଚ୍ଚ ଶିକ୍ଷା ମନ୍ତ୍ରୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ, ବାଲେଶ୍ୱର ସାଂସଦ ଓ ବିଧାୟକଙ୍କ ଇସ୍ତଫା ଦେବି କରିବା ସହିତ, ବାଲେଶ୍ୱର ଜିଲ୍ଲାପାଳ ଓ ଏସପିଙ୍କୁ ବହିଷ୍କାର କରିବାକୁ ଦାବୀ କରିଥିଲେ । ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ, ଏସ ଡି ପି ଓ ସିତିକାନ୍ତ କାନୁନଗୋ,ବଡଚଣା ଥାନା ଅଧିକାରୀ ମଧୁସ୍ମିତା ବେହେରା,ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ସୁଶାନ୍ତ କୁମାର ଜେନାଙ୍କ ସହିତ ଚଣ୍ଡିଖୋଲରେ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ ।

# ଓଳାଭର ବଜାର କମିଟି ପକ୍ଷରୁ ବେଆଇନ ଉଚ୍ଛେଦର ପ୍ରତିବାଦ

ରାଜକନିକା,(ସବ୍ୟୁ) : ରାଜକନିକା ବ୍ଲକ ଓଳାଭର ବଜାର କମିଟି ପକ୍ଷରୁ ଓଳାଭର ବଜାର କୁ ବେଆଇନି ଉଚ୍ଛେଦ କୁ ନେଇ ଆଜି ଗୁରୁବାର ସନ୍ଧ୍ୟାରେ ଏକ ସାମ୍ବାଦିକ ସମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସାମ୍ବାଦିକ ସମିଳନୀରେ ଓଳାଭର ବଣିକ ସଙ୍ଘ ସମ୍ପାଦକ ପ୍ରଦୀପ କୁମାର ପୃଷ୍ଟି, ସଭାପତି ପ୍ରଫୁଲ୍ଲ କୁମାର ପୃଷ୍ଟି, ଓଳାଭର ପଞ୍ଚାୟତର ସରପଞ୍ଚ ନଉସ ନାୟକ, ପୂର୍ବତନ ସମିତି ସଭ୍ୟ କୈଳାଶ ଚନ୍ଦ୍ର ବେହୁରା,ଅବସର ପ୍ରାପ୍ତ ସୈନିକ ଅକ୍ଷୟ ନାଥ, ପ୍ରାକ୍ତନ ସରପଞ୍ଚ ରାମ ଚନ୍ଦ୍ର ପୃଷ୍ଟି, ପ୍ରଭାକର ନାୟକ ପ୍ରମୁଖ ଉପସ୍ଥିତ ରହି ସ୍ଥାନୀୟ ତହସିଲ ପ୍ରଶାସନ ବେଆଇନ ଭାବେ ଉଚ୍ଛେଦ ରେ ବଳି ପଡିବେ ହାତ ଗଣତି କେତେଟା ଦୋକାନୀ ବୋଲି କହିଥିଲେ । ସୂଚନା ମୁତାବକ ଓଳାଭର ବଜାରର ମୁଖ୍ୟ ରାସ୍ତାକୁ ସମ୍ପ୍ରସାରିଣ କରିବା ପାଇଁ ଓଳାଭର ତାରିଣୀ ମନ୍ଦିର ଛକ ଠାରୁ ସାତଘରିଆ ପର୍ଯ୍ୟନ୍ତ ପ୍ରାୟ ଦୁଇଶହ ମିଟର ରାସ୍ତାକୁ ସମ୍ପ୍ରସାରିତ କରି ଲୋକ ମାନଙ୍କ ଯାତାୟାତ ପାଇଁ ପ୍ରଶାସନ ପକ୍ଷରୁ ନିଆଯାଇଥିଲା ପଦେକ୍ଷପରେ ହାତ ଗଣତି କେତେଟା ଦୋକାନୀ ପ୍ରଭାବିତ ହେଉଥିବାରୁ ଯାହାକୁ ନେଇ ଆଜି ଓଳାଭର ବଜାରର ବଣିକସଙ୍ଘ ପକ୍ଷରୁ ଏକ ସାମ୍ବାଦିକ ସମିଳନୀର ଆୟୋଜନ କରାଯାଇଥିଲା । ଓଳାଭର ବଣିକ ସଙ୍ଘର ସମ୍ପାଦକଙ୍କ କହିବା କଥା ପୂର୍ବରୁ ମାପ ହୋଇଥିବା ଚିହ୍ନଟ କୁ ବର୍ତମାନର ମାପର ଚିହ୍ନଟରେ ପ୍ରଭେଦ ଥିବାରୁ କିଛି ଦୋକାନୀ ବଳି ପଡିବେ । ତେଣୁ ସ୍ଥାନୀୟ ତହସିଲ ପ୍ରଶାସନକୁ ନିବେଦନ ଆସନ୍ତା ୨୨ଜୁଲାଇ ତାରିଖ କୁ ଥିବା ଉଚ୍ଛେଦ ପ୍ରକ୍ରିୟାକୁ ସ୍ଥଗିତ କରି ପୁନର୍ବାର ତାରିଣୀ ମନ୍ଦିର ଛକ ଠାରୁ ସାତଘରିଆ ପର୍ଯ୍ୟନ୍ତ ମାପ କରାଯାଇ ଚିହ୍ନଟ କରି ଉଚ୍ଛେଦ ପ୍ରକ୍ରିୟା କଲେ ବଣିକ ସଙ୍ଘ ଓ ସାଧାରଣ ଲୋକେ ଏହି ଉଚ୍ଛେଦ ପ୍ରକ୍ରିୟା ରେ ପ୍ରଶାସନକୁ ସାହାଯ୍ୟ ଓ ସହଯୋଗ କରିବେ ବୋଲି ଏହି ସାମ୍ବାଦିକ ସମିଳନୀ ମାଧ୍ୟମରେ ଅନୁରୋଧ କରିଛନ୍ତି ।

# ସାଇକେଲ ଚଳାକୁ କେନ୍ଦ୍ରକରି ଗଣ୍ଡଗୋଳ

ସାଲେପୁର,(ସବ୍ୟୁ) :ଘରୋଇ ରାସ୍ତାରେ ସାଇକେଲ ଚଳାକୁ ନେଇ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟି ଥାନାରେ ଅଭିଯୋଗ ହୋଇଥିବା ଜଣାପଡିଛି । ସାଲେପୁର ଥାନା ଅନ୍ତର୍ଗତ ଅଲ୍ଲିପୁର ଗ୍ରାମର ପୂର୍ଣଚନ୍ଦ୍ର ଖିଲାରଙ୍କ ପତ୍ନୀ ଶିକ୍ଷା ମହାନ୍ତିଙ୍କ ଅଭିଯୋଗ ରୁ ପ୍ରକାଶ ତାଙ୍କର ତେର ବର୍ଷ ର ପୁଅ ସାଇସ୍ୱୟଂ ରାସ୍ତାରେ ସାଇକେଲ ନେଇ ଯାଉଥିବା ବେଳେ ତାଙ୍କ ଯା' ସ୍ୱର୍ଣ୍ଣପ୍ରଭା ପୁଅକୁ ଅଟକାଇ ଗାଳି ଗୁଲଜ କରିବା ସହିତ ମାଡ଼ ମାରିଥିଲେ । ଯାହା ଫଳରେ ତାଙ୍କ ପୁଅର ଗୋଡ଼ ଫୁଲି ଯାଇଥିବା ସେ ଅଭିଯୋଗ କରିଛନ୍ତି । ସାଲେପୁର ପୋଲିସ ଅଭିଯୋଗକୁ ଗ୍ରହଣ କରି ମାମଲା ରୁଜୁ କରି ତଦନ୍ତ କରୁଥିବା ସାଲେପୁର ଥାନା ଆଇଆଇସି ଅନିତା ସାହୁ ପ୍ରକାଶ କରିଛନ୍ତି ।

# ବିଦ୍ୟୁତ ଖୁଣ୍ଟ ଚୋରି ,କବାଡିଆ ଅଦାଲତ ଚାଲାଣ

ପାଣିକୋଇଲି,(ସବ୍ୟୁ) :ପାଣିକୋଇଲି ଥାନା ତଥା ଯାଜପୁର ବ୍ଲକ ମାଳଆନନ୍ଦପୁର ପଂଚାୟତର ନମଟିକିରି ଗ୍ରାମ ନିକଟରୁ ବିଦ୍ୟୁତ ଖୁଂଟ ଚୋରି ହେବା ନେଇ ଯାଜପୁର ରୋଡ ବିଦ୍ୟୁତ ବିଭାଗର ଆସିଷ୍ଟାଣ୍ଡ ଏଜକୁଟିଭ ଇଂଜିନିୟର (ଟିପିଏନଓଡିଏଲ) ଜତିନ୍ଦ୍ର ନାଥ ସାହୁ ପାଣିକୋଇଲି ଥାନାରେ ବୁଧବାର ଅଭିଯୋଗ କରିଥିଲେ । ଖବରପାଇ ଶ୍ରୀ ସାହୁ ଘଟଣାସ୍ଥଳ ପନରିଦର୍ଶନ କରିଥିଲେ । ସେଠାରୁ ଜାଣିବାକୁ ପାଇଲେ ପାଣିକୋଇଲିର ସାଜନ ନାମକ କବାଡିଆ ଏହାକୁ ଭାଂଗି ନେଇଯାଇଛି । ଅଭିଯୋଗ ପରେ ଏକ ମାମଲା ୨୧୭/୨୫ ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା । ପୁଲିସ ସାଜନ କବାଡିଆ ଠାରେ ଚଢାଉ କରି ତାକୁ ଗିରଫ କରିଥିବା ବେଳେ ଆଜି ତାକୁ ଅଦାଲତ ଚାଲାଣ କରାଯାଇଛି ।

# କେନ୍ଦ୍ରାପଡାରେ ଓଡ଼ିଶା ବନ୍ଦ ସଫଳ

କେନ୍ଦ୍ରାପଡା,(ସ୍ୱପ୍ର):ବାଲେଶ୍ୱର ଫକୀରମୋହନ କଲେଜର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ବ୍ୟବସ୍ଥାକୃତ ହତ୍ୟାର ଓଡିଶା ହାଇକୋର୍ଟର କର୍ତ୍ତବ୍ୟରତ ବିଚାରପତିଙ୍କ ତତ୍ୱବଧାନରେ ନ୍ୟାୟିକ ତଦନ୍ତ, ପ୍ରକୃତ ଦୋଷୀମାନଙ୍କ ବିରୋଧରେ କଠୋର ଦଣ୍ଡ ବ୍ୟବସ୍ଥା କରିବା, ତଦନ୍ତରେ ସ୍ୱଚ୍ଛତା ପାଇଁ ଓ ନୈତିକତା ଦୃଷ୍ଟିରୁ ଉଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସାଂସଦ ପ୍ରତାପ ସଡଙ୍ଗୀ, ସ୍ଥାନୀୟ ବିଧାୟକ ପଦବୀରୁ ଇସ୍ତଫା ଦେବା ଦାବିରେ ଆଜି ଆହୁତ ଓଡିଶାବନ୍ଦ କେନ୍ଦ୍ରାପଡା ଜିଲ୍ଲା ଓ ସହରରେ ସମ୍ପୂର୍ଣ ସଫଳ ହୋଇଛି । କଂଗ୍ରେସ ,ସିପିଆଇ(ଏମ୍), ସିପିଆଇ ଓ ସିପିଆଇ(ଏମ୍ଏଲ) ସମେତ ଆଠଟି ବିରୋଧୀ ଦଳ ଡ଼ାକରାରେ ସମସ୍ତ ଗଣସଙ୍ଗଠନ ସାମିଲ ହେଇ ବନ୍ଦକୁ ସଫଳ କରିଛନ୍ତି । ଜିଲ୍ଲାର ସମସ୍ତ ୯ଟି ବ୍ଲକ ଓ ପଟ୍ଟାମୁଣ୍ଡାଇ ମୁନିସିପାଲଟି ସହିତ



କେନ୍ଦ୍ରାପଡା ସହର ସମ୍ପୂର୍ଣ ଅଚଳ ହୋଇଯାଇଥିଲା । କଟକ -ଚାନ୍ଦବାଲି ରାସ୍ତାର ତିନିମୁହାଣୀ ଠାରେ ରାସ୍ତାକୁ ସତ୍ୟାଗ୍ରହୀମାନେ ବନ୍ଦ ରଖିବା ଫଳରେ ସକାଳ ୬ଟାରୁ ସମ୍ପୂର୍ଣ୍ଣ ଅଚଳ ହେଇଯାଇଥିଲା । ଜିଲ୍ଲାପାଳ ଅଫିସ ସହିତ ସମସ୍ତ ସରକାରୀ ଓ ବେସରକାରୀ ଅଫିସି, କୋର୍ଟ,ସମସ୍ତ ବ୍ୟାଙ୍କ, ପୋଷ୍ଟ ଅଫିସ, ବୀମା କ୍ଷେତ୍ର, ସମସ୍ତ ସ୍କୁଲ କଲେଜ ଓ ସହରର ସମସ୍ତ ଦୋକାନ ବନ୍ଦ ରହିଥିଲା । ଫଳରେ ସମ୍ପୂର୍ଣ ସହର ଶୁନଶାନ ଦେଖାଯାଉଥିଲା । । କଂଗ୍ରେସ ଜିଲ୍ଲା ସଂଯୋଜକ ପ୍ରଫୁଲ୍ଲ ଦାସ,ସିପିଆଇ(ଏମ୍) ଜିଲ୍ଲା ସମ୍ପାଦକ ଗୟାଧର ଧଳ, ସିପିଆଇ ରାଜ୍ୟ ସମ୍ପଦକମଣ୍ଡଳୀ ସଭ୍ୟ ରମଣିରଞ୍ଜନ ରାଉତରାୟଙ୍କ ନେତୃତ୍ୱରେ ଆଜିର ବନ୍ଦରେ ପୂର୍ବତନ ବିଧାୟକ ଚିନ୍ମୟପ୍ରସାଦ ବେହୁରା, ସିପ୍ରା ମଲ୍ଲିକ, କଂଗ୍ରେସ ରାଜ୍ୟ ସମ୍ପାଦିକା ସସ୍ମିତା ପଣ୍ଡା, ରାଜ୍ୟ ନେତା ହଳଧର ସେଠି, ସିପିଆଇ(ଏମ୍ଏଲ) ରାଜ୍ୟକମିଟି ସଭ୍ୟ ସଂଜୀବ ମହାନ୍ତି, ସିପିଆଇ ଜିଲ୍ଲା ସମ୍ପାଦକ ବିକାଶ ବେଉରା, ପୂର୍ବତନ ନଗରପାଳ ଆକବର ଅଲ୍ଲୀ, ଶ୍ରମିକ ନେତା ଜଗତଜୀବନ ଦାଶ, ସୟଦ ଅବଦୁଲ ସତ୍ତାର,ବିଧୁଭୂଷଣ ମହାପାତ୍ର, ଫକୀର ଖଟୁଆ, ଯୁବ କଂଗ୍ରେସ ନେତା ସଭାପତି ଉମେଶ ପାଢ଼ୀ, କମ୍ୟୁନିଷ୍ଟ ନେତା ଆଦିକନ୍ଦ ରାଉଳ, ମାଧବ ଦାସ, ଅବସରପ୍ରାପ୍ତ କର୍ମଚାରୀ ସଂଘ ନେତା ଅଜୟ ସାମଲ, ସଂଯୁକ୍ତା ରାଉତ, ସେକ ମେହବୁବପ୍ରମୁଖ ସାମିଲ ହୋଇଥିଲେ ।

# ଆକ୍ସନ ମୁଡ଼ରେ ବିଇଓ: ଛାତ୍ରଙ୍କୁ ମାଡ଼ ମାରି ଶିକ୍ଷୟିତ୍ରୀ ନିଲମ୍ବିତ

ନିଶ୍ଚିନ୍ତକୋଇଲି,(ସବ୍ୟୁ) : ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନସ୍ତ ମଣିଜଙ୍ଗ ପଞ୍ଚାୟତରେ ଥିବା ଭଗବତୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ତନୁପ୍ରିୟା ପୃଷ୍ଟି ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରକୁ ମାଡ଼ ମାରି ଅଡୁଆରେ ପଡ଼ିଛନ୍ତି । ଏଭଳି ଘଟଣା ର ଅଭିଯୋଗ ପାଇବା ପରେ ମଣ୍ଡଳ ଶିକ୍ଷାଧିକାରୀ ସଂଯୁକ୍ତା ମହାପାତ୍ର ଆକ୍ସନ ମୁଡକୁ ଆସି ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ଚାକିରୀରୁ ନିଲମ୍ବିତ କରିଛନ୍ତି । ସମ୍ପୃକ୍ତ ଶିକ୍ଷୟିତ୍ରୀ ଜଣଙ୍କ ରାମକୃଷ୍ଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତାଙ୍କ ନିଲମ୍ବନ ପିରିୟଡ଼ରେ କାର୍ଯ୍ୟ କରିବେ ବୋଲି ଜଣାଯାଇଛି । ମାଡ଼ ଖାଇଥିବା ଛାତ୍ର ଜଣକ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ହେବା ପରେ ତାଙ୍କ ପରିବାର ପକ୍ଷରୁ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ନାମରେ କିଶୋରନଗର ଥାନାରେ ଅଭିଯୋଗ ମଧ୍ୟ କରିଛନ୍ତି । ଅଭିଯୋଗ ପାଇବା ପରେ କିଶୋରନଗର ଥାନା ଆଇଆଇସି ଏବଂ ମାହାଳ ହାଟ ଫାଣ୍ଡି ଅଧିକାରୀ ବିଦ୍ୟାଳୟରେ ପହଞ୍ଚି ୧ଘଣ୍ଟା କାଳ ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପଚରାଉଚରା କରି ତଦନ୍ତ କରିବା ପରେ ଏକ ମାମଲା ରୁଜୁ କରିଥିବା ଜଣାଯାଇଛି । ମଣ୍ଡଳ ଶିକ୍ଷାଧିକାରୀ ଙ୍କ ପକ୍ଷରୁ ମଧ୍ୟ ଏବିଇଓ ସୁଶୀଲ ଚକ୍ରବର୍ତ୍ତୀ ଓ ମହମ୍ମଦ ଜାକିର ଖାଁ ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରି ସତ୍ୟାସତ୍ୟ ରିପୋର୍ଟ ବିଇଓଙ୍କୁ ପ୍ରଦାନ କରିଛନ୍ତି । ସରକାରଙ୍କ ପକ୍ଷରୁ ବିଦ୍ୟାଳୟକୁ ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା କରାଯାଇଥିବା ବେଳେ ଶିକ୍ଷୟିତ୍ରୀ ଜଣଙ୍କ ଛାତ୍ରଙ୍କୁ ମାଡ଼ ମାରି ଆହତ କରିବା ଘଟଣାକୁ ନେଇ ମଣ୍ଡଳ ଶିକ୍ଷାଧିକାରୀ ସଂଯୁକ୍ତା ମହାପାତ୍ର ଓ କିଶୋରନଗର ଥାନା ପୋଲିସ ପକ୍ଷରୁ ତତ୍ପରତା ଦେଖାଦେଇଛି । ଘଟଣାରୁ ଜଣାଯାଏ ବୁଧବାର ଦିନ ଏହି ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ର ବିଶ୍ୱଜିତ୍ ସାହୁଙ୍କୁ ତାଙ୍କର ସହପାଠୀ ରାହୁଲ ସେଠୀ, ସାଇ ଦିବ୍ୟାଂଶୁ ସେଠୀ, ସେକ୍ ରିଜୁଓ୍ୱାନା ଓ ଜୟପ୍ରକାଶ ଦାସଙ୍କୁ ଏକ ଅପରିତ୍ୟକ୍ତ ଘରେ ପୁରାଇ ବାହାରୁ କବାଟ ବନ୍ଦ କରି ଦେଇଥିଲେ । ଛାତ୍ର ବିଶ୍ୱଜିତ୍ କିଛି ସମୟ ଘରେ ରହିବା ପରେ ଭୟଭୀତ ହୋଇ ଚିତ୍କାର କରିବା ସହିତ ଘରର କବାଟକୁ ଯୋରରେ ବାଡ଼େଇଥିଲେ । କବାଟ ବାଡ଼ିଆ ଶବ୍ଦ ଶୁଣି ଶିକ୍ଷୟିତ୍ରୀ ଜଣକ ସେଠାକୁ ଆସି ଦ୍ୱାର ଖୋଲି ବିଶ୍ୱଜିତ୍‌ଙ୍କୁ ଘରୁ ବାହାର କରିଥିଲେ । ଏହା ପରେ ଶ୍ରେଣୀକୁ ଯାଇ ଏଭଳି କାର୍ଯ୍ୟ କିଏ କରିଥିବା ପଚାରିବାରୁ ଉକ୍ତ ୪ଜଣ ଛାତ୍ର ଠିଆ ହୋଇଥିଲେ । ଏଭଳି ଘଟଣାରେ ଉତକ୍ଷିପ୍ତ ହୋଇ ଶିକ୍ଷୟିତ୍ରୀ ସମ୍ପୃକ୍ତ ୪ଜଣ ଛାତ୍ରଙ୍କୁ ପିଟିଥିଲେ । ପରବର୍ତ୍ତୀ ସମୟରେ ସେମାନଙ୍କର ଅଭିଭାବକଙ୍କୁ ଡ଼କାଇ ସମସ୍ତ କଥା କହିବାରୁ ତିନି ଜଣ ଅଭିଭାବକ ନୀରବ ରହିଥିବା ବେଳେ ରାହୁଲ ସେଠୀଙ୍କ ପରିବାର ପକ୍ଷରୁ ଶିକ୍ଷୟିତ୍ରୀଙ୍କ ନାଁରେ ଥାନାରେ ଅଭିଯୋଗ କରାଯାଇଥିଲା । ବିଶୃଙ୍ଖଳିତ ଛାତ୍ରଙ୍କୁ ଶିକ୍ଷୟିତ୍ରୀ ଜଣକ ଆକଟ କରିବାରୁ ତିନିଜଣ ଅଭିଭାବକ ଚୁପ୍ ରହିଥିଲା ବେଳେ ଅନ୍ୟଜଣେ ଅଭିଭାବକ ଏଭଳି ଆଇନର ଆଶ୍ରୟ ନେବା ପଛରେ ରାଜନୀତିକରଣ ରହିଛି ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଯୋର ଧରିଛି ।

# ଆମେରିକୀୟ ଓଡ଼ିଆ ସୋସାଇଟିର ୫୬ତମ ବାର୍ଷିକ ସମ୍ମିଳନୀ




ଭୁବନେଶ୍ୱର, (ସବ୍ୟୁ): ଦ୍ଵଦି ଓଡ଼ିଶା ସୋସାଇଟି ଅଫ୍ ଦି ଆମେରିକାସ୍ (ଓଏସ୍ଏ)ର ୫୬ତମ ବାର୍ଷିକ ସମ୍ମିଳନୀ ଯୁକ୍ତରାଷ୍ଟ୍ର ଆମେରିକାର ଟେକ୍ସାସ୍ ରାଜ୍ୟର ଡଲାସ୍ଥିତ ଫ୍ରିସ୍କୋ କନଭେନସନ୍ ସେଣ୍ଟରରେ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ଆମେରିକା ଓ କାନାଡ଼ାର ବିଭିନ୍ନ ସହରରୁ ପ୍ରାୟ ୧୭୦୦ରୁ ଉର୍ଦ୍ଧ୍ୱ ଓଡ଼ିଆ ଯୋଗ ଦେଇଥିଲେ । ଏ ବର୍ଷର ଥିମ୍ ଥିଲା 'ଏକତା, ସଂସ୍କୃତି ଓ ସମୃଦ୍ଧି' । ଆବାହକ ତପନ ପାଢୀଙ୍କ ନେତୃତ୍ୱରେ ପ୍ରାୟ ଦେଢ ଶହରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀଙ୍କର ଯୋଜନାବଦ୍ଧ ପରିଚାଳନା ହିଁ ସମ୍ମିଳନୀକୁ ସଫଳ କରିଥିଲା ।

ଏହି ତିନି ଦିନରେ ଶିକ୍ଷା, ସଂସ୍କୃତି, ସାହିତ୍ୟ ଭିତ୍ତିକ ଅନେକ ସେମିନାର ଆୟୋଜନ କରାଯାଇଥିଲା । ପିଲାମାନଙ୍କ ମଧ୍ୟରେ ଲିଖନ, ଅଭିନୟ, ବକ୍ତୃତା ଇତ୍ୟାଦି ପ୍ରତିଯୋଗିତା କରାଯାଇ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା । ବିଭିନ୍ନ ଚାପ୍ଟର୍ ମଧ୍ୟରେ ଡ୍ରାମା ପ୍ରତିଯୋଗିତା କରାଯାଇଥିଲା । ଏହାବାଦ୍ କଳାପ୍ରଦର୍ଶନୀ, ଫେଶନ ଶୋ, ସଙ୍ଗୀତ ଓ ନୃତ୍ୟ ପରିବେଷଣ ମଧ୍ୟ କରାଯାଇଥିଲା । ଓଡ଼ିଶାର ପାରମ୍ପରିକ ରୀତିନୀତିକୁ ଗୁରୁତ୍ୱ ଦେଇ ଖୁବ୍ ଉଚ୍ଚକୋଟୀର ସାଜସଜ୍ଜା କରାଯାଇଥିଲା । ସମ୍ମିଳନୀକୁ ଉଦ୍ଘାଟନ କରିଥିଲେ ମୁଖ୍ୟ ଅତିଥି ଡ. ଶୀତକଣ୍ଠ ଦାଶ, ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ ପ୍ରଫେସର ତ୍ରିଲୋକୀ ପାଣ୍ଡେ ଏବଂ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ହ୍ୟୁଷ୍ଟନର କାଉନ୍ସିଲ ଜେନେରାଲ୍ ଡି.ସି. ମଞ୍ଜୁନାଥ । ମଞ୍ଚରେ ଆବାହକ ତପନ ପାଢୀ, 'ଓସା'ର ସଭାପତି ଲୀନା ମିଶ୍ର, 'ଓସା'ର ସ୍ଥାନୀୟ ଚାପ୍ଟର ସଭାପତି ସ୍ମରଣିକା ରାଉତ ତଥା ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଅତିଥିମାନଙ୍କ ଦ୍ୱାରା ସମ୍ମିଳନୀର ବାର୍ଷିକ ମୁଖପତ୍ର 'ଉର୍ମି' ଉନ୍ମୋଚନ କରାଯାଇଥିଲା । ୧୯୦୯ରେ ଆମେରିକା ଆସିଥିବା ପ୍ରଥମ ଓଡ଼ିଆ ସାରଙ୍ଗଧର ଦାସଙ୍କ ଜୀବନୀକୁ ନେଇ ଏକ ଉଚ୍ଚକୋଟୀର ଡ୍ରାମା ପରିବେଷଣ କରାଯାଇଥିଲା । ଏହି ଡ୍ରାମାକୁ ଲେଖିଥିଲେ କନକ ହୋତା ଓ ନିର୍ଦ୍ଦେଶନା ଦେଇଥିଲେ ବସନ୍ତ ମହାପାତ୍ର । ଏହି ସମ୍ମିଳନୀରେ ଓସାର ନୂତନ କର୍ମକର୍ତ୍ତାମାନେ ଆଗାମୀ ଦୁଇବର୍ଷ ପାଇଁ ଦାୟିତ୍ୱ ଗ୍ରହଣ କରିବା ସହିତ ୨୦୨୬ର ଓସାର ବାର୍ଷିକ ସମ୍ମିଳନୀ ମିନିଆପଲିସି ସହରରେ ଅନୁଷ୍ଠିତ ହେବ ବୋଲି ଘୋଷଣା କରାଯାଇଛି ।

## ବ୍ଲକସ୍ତରୀୟ ଜନସେବା କେନ୍ଦ୍ରର ବର୍ଷପୂର୍ତ୍ତି ପାଳନ

ନିମାପଡ଼ା ,(ସବ୍ୟୁ) : ନିମାପଡ଼ା ବ୍ଲକ ସ୍ତରୀୟ ଜନସେବା କେନ୍ଦ୍ରର ସେବକ ମାନେ ୧୬ ବର୍ଷ ପୂର୍ତ୍ତି ପାଳନ କରିଛନ୍ତି। ଏହି ଅବସରରେ ନିମାପଡ଼ା ବ୍ଲକ ଓ ଏନ. ଏ. ସି. ରେ ଥିବା ଜନସେବା କେନ୍ଦ୍ରର ଶତାଧିକ ସେବକ ମାନେ ପୂର୍ଣ୍ଣେଶ୍ୱର ମନ୍ଦିର ଠାରୁ ବାଇକ ଶୋଭାଯାତ୍ରା ରେ ଚଅଁରପଦା ସ୍ଥିତ ପତିତପାବନ ସେବାସଂଘ ପର୍ଯ୍ୟନ୍ତ ଯାଇଥିଲେ। ସେବାସଂଘ ର କ୍ୟାମ୍ପସରେ ଥିବା ପ୍ରଭୁ ଜଗନ୍ନାଥ ଙ୍କ ମନ୍ଦିର ସମ୍ମୁଖ ରେ ଦିବ୍ୟାଙ୍ଗ ଛାତ୍ର ଛାତ୍ରୀଙ୍କ ଗହଣ ରେ କେକ କାଟି ୧୬ ବର୍ଷ ପୂର୍ତ୍ତି ପାଳନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମ ରେ ଜନସେବା କେନ୍ଦ୍ର ଜିଲ୍ଲାମୁଖ୍ୟ ସୁନିଲ କୁମାର ସାହୁ, ସତ୍ୟରଞ୍ଜନ ରାଉତରାୟ, ଦେବାଶିଷ ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ପୂର୍ତ୍ତି ପାଳନ ଅବସରରେ ଦିବ୍ୟାଙ୍ଗ ଛାତ୍ର ଛାତ୍ରୀ ମାନଙ୍କୁ କେକ ଓ ବିସ୍କୁଟ ବଣ୍ଟନ କରାଯାଇଥିଲା। ପତିତପାବନ ସେବାସଂଘ ପରିସରରେ ଜନସେବାକେନ୍ଦ୍ର ସଂଗଠନ ତରଫରୁ ବୃକ୍ଷ ରୋପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ କୁମାର ନାୟକ, ନିରୁପମା ଛାଟୋଇ, ପ୍ରଦୀପ୍ତ କୁମାର ନାୟକ, ମହେନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ନକଲି ବିଦେଶୀ ମଦ କାରଖାନା ଠାବ

ଆଠଗଡ ,(ସବ୍ୟୁ): ଜନବସତିରୁ ଅଳ୍ପ ଦୂରରେ ଥିବା ଏକ ଘର ଭିତରୁ ବିପୁଳ ପରିମାଣର ନକଲି ବିଦେଶୀ ମଦ ଠାବ କରାଯିବା ସହ ମଦତିଆର ସରଞ୍ଜାମ ଜବତକରାଯାଇଛି । ଗତ ଦୁଇ ଦିନ ତଳେ ଭୁବନେଶ୍ୱରର ତମାଣ୍ଡୋ ଅଞ୍ଚଳ ରୁ ୫୪ ପେଟି ନକଲି ବିଦେଶୀ ମଦ ଅବକାରୀ ଗୁଇନ୍ଦା ବିଭାଗ ପକ୍ଷରୁ ଜବତ କରା ଯାଇ ଦୁଇ ଜଣଙ୍କୁ ଗିରଫ କରିବା ପରେ ଏହା ଆଠଗଡ଼ରେ ପ୍ରସ୍ତୁତ ହେଉଥିବା ଜଣା ପଡିଥିଲା ।

କେନ୍ଦ୍ରିୟ ଅବକାରୀ ଗୁଇନ୍ଦା ସହିତ ଆଠଗଡ଼ ଅବକାରୀ ବିଭାଗ ପକ୍ଷରୁ ଆଠଗଡ଼ ବୀରକିଶୋର ପୁର ମୈତ୍ରୀ ନଗର ଅଞ୍ଚଳରେ ମିଳିତ ଭାବରେ ଚଢ଼ାଉ କରାଯାଇ ୩୦୦ ପେଟି ରୁ ଅଧିକ ଏହି ନକଲି ବିଦେଶୀ ମଦ ଜବତ କରା ଯାଇଛି ।ଯାହାର ଆନୁମାନିକ ବଜାର ମୂଲ୍ୟ ୩୦ ଲକ୍ଷ ଟଙ୍କା ହେବ ବୋଲି ଆଠଗଡ଼ ଅବକାରୀ ଉପ ଅଧିକ୍ଷକ ସି ଏଚ ତିରୁପତି ସୂଚନା ଦେଇଛନ୍ତି । ଅଧିକ ତଦନ୍ତ ଦୃଷ୍ଟି ରୁ ଗିରଫ ଅଭିଯୁକ୍ତ ମାନଙ୍କ ନାମ ଗୋପନ ରଖା ଯାଇଥିବା ବେଳେ ଆଠଗଡ଼ ଅବକାରୀ ରେଞ୍ଜ ରେ କେଉଁ ସରକାରୀ ଲାଇସେନ୍ସ ପ୍ରାପ୍ତ ମଦ ଦୋକାନ କିମ୍ବା କୋଚିଆ ବେପାରୀ ଏହି ନକଲି ବିଦେଶୀ ମଦ ବିକ୍ରି କରିଛନ୍ତି ବା କରୁଛନ୍ତି ତାର ତଦନ୍ତ ଆରମ୍ଭ ହୋଇଛି । ଅବକାରୀ ବିଭାଗ ଅଧିକାରୀ ଏବଂ କର୍ମଚାରୀ ମାନେ ୫ ଟି ଟିମ ରେ ବିଭକ୍ତ ହୋଇ ଏହି ଯାଞ୍ଚ କରୁଥିବା ଜଣାପଡିଛି । ଏହି ଚଢାଉ ରେ ଆଠଗଡ଼ ଅବକାରୀ ଉପ ଅଧିକ୍ଷକ ସି ଏଚ ତିରୁପତି ଙ୍କ ସହିତ ଆଠଗଡ଼ ଅବକାରୀ ନିରୀକ୍ଷକ ରବି ନାରାୟଣ ପ୍ରଧାନ ଗୁଇନ୍ଦା ବିଭାଗ ନିରୀକ୍ଷକ ଧିରେନ କୁମାର ବେହେରା, ଅବନୀ ମହାପାତ୍ର,ଉପ ନିରୀକ୍ଷକ ଅରୁଣ କୁମାର ଭୋଇ, ଦିବ୍ୟଜ୍ୟୋତି ସତ୍ୟପ୍ରକାଶ, ବିକାଶ ପ୍ରଧାନ ଙ୍କ ସହିତ ଅନ୍ୟାନ୍ୟ ବିଭାଗୀୟ କର୍ମଚାରୀ ମାନେ ସାମିଲ ହୋଇଥିଲେ ।

# ସତୁରୀ ବର୍ଷିଆ ବୃଦ୍ଧାଙ୍କ କାଉଡି ଯାତ୍ରା

ପିପିଲି, (ସବ୍ୟୁ): ପବିତ୍ର ଶ୍ରାବଣ ମାସର ସୋମବାର ଦିନ ଭକ୍ତମାନେ ମାନସିକ ରଖି ମହାଦେବ ଙ୍କ ମଥାରେ ପାଣି ଢ଼ାଳି ମନୋସ୍କାମନା ପୂରଣ କରିଥାନ୍ତି. ଏହି ଅବସରରେ ପିପିଲି ବ୍ଲକ ଅନ୍ତର୍ଗତ ତେଇଶି ପୁର୍ ବଜାର୍ ବୃଦ୍ଧା ମହିଳା ରେବତୀ ସ୍ୱାଁ(୭୦)ଇଁ ତାଙ୍କର ମାନସିକ ପୂରଣ କରିବା ପାଇଁ ପାଣି ଭାର ମନାସି ଥିଲେ। ସେ ଦୃଷ୍ଟିରୁ ଚଳିତ ସପ୍ତାହରେ ସପରିବାର ମୋଟ ୮ ଜଣ ସଦସ୍ୟ କଟକ ଗଡଗଡିଆ ଘାଟରୁ ପାଣି ଭାର ଉଠାଇ ପୁରୀ ଲୋକନାଥ ପୀଠକୁ ଚାଲିଚାଲି ଯାଉଥିଲେ । ବୃଦ୍ଧା ରେବତୀ ଚାଲିବା ପାଇଁ ଅସମର୍ଥ ଥିବାରୁ ତାଙ୍କ ନାତି ଅର୍ଜୁନ ସ୍ୱାଇଁ ଏବଂ ପରିବାର ସଦସ୍ୟ ମାନେ ମିଶି ଏକ ବାଉଁଶ ଭାରା ମାଧମରେ ଶୁକ୍ରବାର ଠାରୁ କଟକ



ଗଡଗଡିଆ ଘାଟରୁ ପାଣି ଉଠାଇ ବୃଦ୍ଧା ଏବଂ ପାଣି ଉଭୟଙ୍କୁ କାନ୍ଧରେ ବୋହି ବୋହି ନେଉଥିବା ଦୃଶ୍ୟ ବାଟରେ ଦେଖଣାହାରୀଙ୍କୁ ଚକିତ କରିଥିଲା। . ଉକ୍ତ ପରିବାର ସଦସ୍ୟଙ୍କ ଭିତରେ ଦୁଇ ଜଣ ଶିଶୁ ସାମିଲଥିଲେ ।

## ଅଙ୍ଗଦାନ କରି ଅମର ହେଲେ ସୌମ୍ୟ ରଞ୍ଜନ



କଣ୍ଟିଲୋ, (ସବ୍ୟୁ): କଣ୍ଟିଲୋ ଫକୀର ଅତବୁଦ୍ଧି ପାଟଣା ଗ୍ରାମର ସୌମ୍ୟ ରଂଜନ ବେହେରା (୩୭) ଅଙ୍ଗଦାନ କରି ଅମର ହୋଇଛନ୍ତି। ବୁଧବାର ଦିନ ତାଙ୍କର ମୃତ୍ୟୁ ପରେ ପରିବାର ଲୋକେ ତାଙ୍କ ଅଙ୍ଗଦାନ କରି ଉଦାହରଣ ପାଲଟିଛନ୍ତି। ମୃତକ ଯୁବକ ମାଛ ବ୍ୟବସାୟ କରୁଥିଲେ। ଗତ ୮ଦିନ ପୂର୍ବେ ସେ ହଠାତ ଖସି ପଡ଼ିଥିଲେ। ତାଙ୍କୁ ଭୁବନେଶ୍ୱର କିମ୍ସ ହସ୍ପିଟାଲ ରେ ଚିକିତ୍ସା କରାଯାଉଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସୁଧୁରି ନଥିଲା।ସେ ଭେଣ୍ଟିଲେଟର ରେ ରହି ଚିକିତ୍ସିତ ହେଉଥିଲେ। ତାଙ୍କ ଅକାଳ ବିୟୋଗ ପରେ ତାଙ୍କ ଭାଇ, ଭଉଣୀ ଓ ସମ୍ପର୍କୀୟ ଙ୍କ ନିଷ୍ପତି କ୍ରମେ କିଡ଼ନୀ, ଲିଭର ଆଦି ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଦାନ କରାଯାଇଛି। ପରିବାର ନିଷ୍ପତିରେ ଅନ୍ୟକୁ ନୂତନ ଜୀବନ ପ୍ରଦାନ କରିଥିବାରୁ ଜନସାଧାରଣ ଏହାକୁ ପ୍ରଶଂସା କରିଛନ୍ତି।

# ୨୭ ଦିନ ହେଲା ନାବାଳିକା ନିଖୋଜ

କଣାସ,(ସବ୍ୟୁ): ପୁରୀ ଜିଲ୍ଲା କଣାସ ଥାନା ଅନ୍ତର୍ଗତ ଜଂଘାର ଗ୍ରାମର ଜୈନିକ ନାବାଳିକା ଦୀର୍ଘ ୨୭ଦିନ ହେବ ନିଖୋଜ ଥିବା ଥାନାରେ ଅଭିଯୋଗ ହୋଇଛି ।ଗତ ଜୁନ ୨୦ତାରିଖ ଶୁକ୍ରବାର ରାତି ୧୦ଟାରେ ର ୧୪ବର୍ଷୀୟା ନାବାଳିକା ଝିଅ ମାଆ ପାଖରେ ଶୋଇଥିବା ବେଳେ ସେହି ଗ୍ରାମର ସଚ୍ଚିକାନ୍ତ ସାହୁ (ସାଗର) ବୟସ ୨୮ କେଉଁଆଡେ ତାଙ୍କ ଝିଅକୁ ନେଇଯାଇଥିବା କଣାସ ଥାନାରେ ଲିଖିତ ଅଭିଯୋଗ କରିଥିଲେ ।ଅଭିଯୋଗ ପତ୍ରରେ ମାଆ ଦର୍ଶାଇଛନ୍ତି ମୋ ଝିଅ ସ୍କୁଲକୁ ଯିବା ଆସିବା ବାଟରେ ସଚ୍ଚିକାନ୍ତ ସାହୁ କମେଟ ମାରି ହଇରାଣ ହରକତ କରିବା ସହ ଶାରୀରିକ ସଂପର୍କ ରଖିବାକୁ କହୁଥିଲା । ସେଥିପାଇଁ ମୋ ଝିଅକୁ ବାହାରକୁ ନେଇ ସେ ଚାଲିଯାଇଛି । ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ ଝିଅର କୌଣସି ସନ୍ଧାନ ନମିଳିବାରୁ ପରିବାର ଲୋକେ ମାନସିକ ଦୁଶ୍ଚିନ୍ତାରେ ରହିଛନ୍ତି ।ଏନେଇ ଝିଅର ବାପା ,ମାଆ ଓ ମାମୁ ପୁରୀ ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ତାଙ୍କର ଦୁଃଖ ଜଣାଇବା ସହ ଝିଅକୁ ଖୋଜି ଆଣିଆବା ପାଇଁ ନିବେଦନ କରିଛନ୍ତି। ସେପଟେ କଣାସ ଥାନା ତଦନ୍ତକାରି ଅଫିସର ସନ୍ତୋଷ କୁମାର ଉଦୟସିଂହ କହିଛନ୍ତି ଏନେଇ ୧୩୮/୨୦୨୫ ରେ ଏମ କେସ ରୁଜୁ ହୋଇଥିବା ବେଳେ ୧୩୭(୨)ବିଏନଏସ ଧାରାରେ ଏକ ଅପହରଣ ମାମଲା ରୁଜୁ କରାଯାଇଛି ।ବିଭିନ୍ନ ସ୍ଥାନରେ ଖୋଜା ଖୋଜି ଚାଲିଥିବା ବେଳେ ମୋବାଇଲ କଲ ରେକର୍ଡ ଯାଞ୍ଚ କରାଯାଉଥିବା ତଦନ୍ତକାରି ଅଫିସର ଶ୍ରୀ ସିଂହ କହିଛନ୍ତି । ଗୁରୁବାରଦିନି ପୁରୀ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସଚିନ ପଟେଲ କଣାସ ଥାନା ଗ୍ରଷ୍ଟ କରି ଝିଅର ମାଆଙ୍କ ସହିତ କଥା ହେବା ସହ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ କହିଛନ୍ତି ।

## ଅଘୋଷିତ ବିଦ୍ୟୁତ କାଟ୍ : ତେଜୁଛି ଜନ ଅସନ୍ତୋଷ

ଗଣିଆ,(ସବ୍ୟୁ) ଗତ କିଛି ଦିନ ଧରି ଗଣିଆ ଅଞ୍ଚଳରେ ବାରମ୍ବାର ଅଘୋଷିତ ବିଦ୍ୟୁତ କାଟ ହେଉଛି । ଏଥି ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଲାଣି । ପ୍ରତ୍ୟହ ଦିନବେଳା ୪ରୁ ୫ ଘଟାଂ ଧରି କୌଣସି ସୂଚନା ନଥାଇ ବିଦ୍ୟୁ କାଟ ହେଉଥିବା ବେଳେ ରାତ୍ରୀରେ ୧୦ଟାରୁ ସକାଳ ପର୍ଯ୍ୟନ୍ତ ସଂପୂର୍ଣ ଭାବେ ବିଦ୍ୟୁ କାଟ କରାଯାଉଛି । ବିଶେଷ କରି ଛାମୁଣ୍ଡିଆ ଓ ବଡଶିଲିଙ୍ଗା ଅଚଂଳରେ ରାତ୍ରୀ ସମୟରେ କୌଣସି କାରଣ ନଥାଇ ବିଦ୍ୟୁତ କାଟ ଯୋଗୁଁ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଦ୍ୟୁ କାଟର କାରଣ ପଚାରିଲେ କେତେବେଳେ ମେନ ଲାଇନ ଖରାପ ଅଛି ବୋଲି କହୁଥିବା ବେଳେ ଆଉ କେତେବେଳେ ବିଦ୍ୟୁତ ଷ୍ଟାଣ୍ଡ କରୁନଥିବା କହୁଛନ୍ତି । ପ୍ରକାଶ ଥାଉକି, ଛାମୁଣ୍ଡିଆ,ବଡଶିଲିଙ୍ଗା ଓ ରାସଙ୍ଗ ପଚାଂୟତର କିଛି ଅଚଂଳକୁ ନିରବଛିନ୍ନ ବିଦ୍ୟୁ ସେବା ଯୋଗାଇ ଦେବାପାଇଁ ଛାମୁଣ୍ଡିଆଠାରେ ଏକ ନୂତନ ୩୩କେଭି ବିଦ୍ୟୁତ ଷ୍ଟ୍ରକଚର ନିର୍ମାଣ କରାଯାଇଛି । ହେଲେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଏହି ଷ୍ଟ୍ରକଚରଟି କାର୍ଯ୍ୟକ୍ଷମ ଆରମ୍ଭରୁ ଅଚଳ ହୋଇ ପଡିରହିଛି । ଫଳରେ ଏହି ଅଚଂଳରେ ବିଦ୍ୟୁ ସରବରାହ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ତେବେ ଏହି ଅଚଂଳକୁ ନିରବଛିନ୍ନ ବିଦ୍ୟୁ ସେବା ଯୋଗାଇ ଦେବାପାଇଁ ସାଧାରଣରେ ଦାବୀ ହେଉଛି । ଏ ସମ୍ପର୍କରେ ଗଣିଆ ସେସୁ କନିଷ୍ଠ ଯନ୍ତ୍ରୀ ସତ୍ୟଜିତ ମହାନ୍ତିଙ୍କୁ ଯୋଗାଯୋଗ କରିବାରୁ ସେ କୁହନ୍ତି ଗଣିଆରୁ କଂଟିଲୋ ନୂଆ କନେକ୍ସନ ପାଇଁ କାମ ଚାଲିଛି । ନୟାଗ ଦଶପଲା ଲାଇନ ବ୍ରେକ ଡାଉନ ଥବବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି । ଯଦି ଏଭଳି ପରିସ୍ଥିତି ଲାଗି ରହେ ତେବେ ଆଗକୁ ଜନ ଆନ୍ଦୋଳନ ହେବ ବୋଲି ଜନ ସାଧାରଣ ଚେତାବନୀ ଦେଇଛନ୍ତି ।

### ବନ ବିଭାଗ ଜନ୍ତାରେ ପଡୁନି ଆତଙ୍କ ଖେଳାଉଥିବା ହନୁ

# କାମୁଡ଼ାରେ ୩ ଗୁରୁତର, ଦୁଇ ବନ କର୍ମଚାରୀ ସମେତ ୭ଆହତ

ଗୋପ, (ସବ୍ୟୁ) : ଗୋପ ବ୍ଲକ ଅନ୍ତର୍ଗତ ଅଣ୍ଡରା-ଇଚ୍ଛାପୁର ପଞ୍ଚାୟତ ଅଧିନ ଦୁଇ ଗୋଟି ଗାଁ ଦୁଇଦିନ ହେବ ହନୁ ମାଙ୍କଡ଼ ଆତଙ୍କ ଦେଖା ଦେଇଛି। ଦୁଇ ଦିନରେ ପୋଇତରା ଓ ଦିହୁଡା ଗ୍ରାମର ୩ ଜଣ ମାଙ୍କଡ କାମୁଡାରେ ଗୁରୁତର ହୋଇ ଭୁବନେଶର, ପୁରୀ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବେଳେ ୭ ଜଣ ଆହତ ହୋଇଥିବା ଜଣା ପଡ଼ିଛି। ହେଲେ ମାଙ୍କଡ଼ ଧରିବାକୁ ଯାଇଥିବା ଗୋପ, କୋଣାର୍କ ବନ ବିଭାଗ ଦୁଇ ଅସ୍ଥାୟୀ ବନ କର୍ମଚାରୀଙ୍କୁ ମାଙ୍କଡ଼ ଆକ୍ରମଣ କରିବା ଫଳରେ ସେ ମଧ୍ୟ ଆହତ ହୋଇଥିବା ଜଣା ପଡ଼ିଛି। କୋଣାର୍କ ରେଞ୍ଜର ସୁଦର୍ଶନ ଦେହୁରୀ ଙ୍କ ନିର୍ଦ୍ଦେଶରେ ଏକ ୧୫ ଜଣିଆ ଟିମ ଏହି ଉତ୍ପାତ କାରୀ ହନୁ ମାଙ୍କଡ଼କୁ କାବୁ କରିବା ଲାଗି ଜନ୍ତା ବସାଇଥିଲେ ମଧ୍ୟ ମାଙ୍କଡ଼ ଏହି ଜନ୍ତାକୁ ଆସୁନାହିଁ। ମାଙ୍କଡ଼ ଆକ୍ରମଣ ଯୋଗୁଁ ଏବେ ଏହି ଦୁଇ ଗୋଟି ଗାଁରେ ଆତଙ୍କ ଦେଖାଦେବା ସହିତ ଛାତ୍ରଛାତ୍ରୀମାନେ ସ୍କୁଲ କଲେଜ ଯାଉ ନ ଥିବା ଭଳି ଅଭିଯୋଗ ହୋଇଥିବା ବେଳେ ଶହଶହ ପରିବାର ଦୁଆର ଦେଇ ରହୁଛନ୍ତି। ମଙ୍ଗଳବାର ମାଙ୍କଡ଼ଟି ରେଖା ପ୍ରଧାନ (୫୫) କମଳାକାନ୍ତ ପ୍ରଧାନ (୬୧) ସ୍କୁଲ ଛାତ୍ର ରୋହିତ ସ୍ୱାଇଁ, କାର୍ତ୍ତିକ ବାରିକ(୪୯) ଙ୍କୁ କାମୁଡି ଥିବା ବେଳେ ରେଖା ପ୍ରଧାନ ଗୁରୁତର ହୋଇ ଭୁବନେଶର ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ବୁଧବାର ସକାଳେ ପୋଇତରା ଗ୍ରାମର ଦିନକୃଷ୍ଣ ମଲ୍ଲିକ (୫୫) ଈଶର ନାୟକ (୭୬) ଙ୍କୁ କାମୁଡିବା ପରେ ଗୁରୁତର ଅବସ୍ଥାରେ ଗୋପ ଡାକ୍ତରଖାନାରେ ଭର୍ତ୍ତି ହେବା ପରେ ପ୍ରାଥମିକ ଚିକିତ୍ସା ହୋଇ ପୁରୀ ସଦର ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।

ସେହିପରି ରବିନ୍ଦ୍ର ନାୟକ (୬୦) ଦିବ୍ୟସିଂହ ନାୟକ (୬୧) ଙ୍କୁ ମାଙ୍କଡ଼ କାମୁଡ଼ି ଆହତ କରିଥିବା ଗୋପ ଡାକ୍ତରଖାନା ପକ୍ଷରୁ ଜଣା ପଡ଼ିଛି। ଏପରି ଅଭିଯୋଗକୁ ନେଇ ଗୋପ ଓ କୋଣାର୍କ ବନବିଭାଗ ପକ୍ଷରୁ ରେଞ୍ଜର ସୁଦର୍ଶନ ଦେହୁରୀ ଙ୍କ ନିର୍ଦ୍ଦେଶ ରେ ୧୫ ଜଣିଆ ଟିମ ଦୁଇ ଗୋଟି ଗାଁରେ ମାଙ୍କଡ଼ କୁ ଧରିବା ଲାଗି ଜନ୍ତା ବସାଇ ଜଗି ରହିଥିବା ବେଳେ ବୁଧବାର ବନବିଭାଗ ଗାଡ଼ି ଡ୍ରାଇଭର ସୁକାନ୍ତ କୁମାର କାନ୍ତି(୩୫) କର୍ମଚାରୀ ସୁବ୍ରତ କୁମାର ସାହୁ ( ୪୯) କୁ ଆମ୍ପୁଡା ଆମ୍ପୁଡି କରିବା ଫଳରେ ସେ ଦୁଇ ଜଣ ଆହତ ହୋଇଥିବା ଜଣା ପଡ଼ିଛି। ତୁରନ୍ତ ଏହି ମାଙ୍କଡ଼ କୁ ଧରିବା ଲାଗି ପଞ୍ଚାୟତ ର ସରପଞ୍ଚ ମିନା କୁମାରୀ ମହାନ୍ତି ଓ ସମିତି ସଭ୍ୟ ତଥା ଗୋପ ବ୍ଲକ ଉପାଧକ୍ଷ ବନରଞ୍ଜନ ପଟ୍ଟନାୟକ ଦାବି କରିଛନ୍ତି।

# କଂଗ୍ରେସର ଓଡିଶା ବନ୍ଦ ପାଳନ ଶାନ୍ତିଶୃଙ୍ଖଳା ସହ ଶେଷ

**ନିମାପଡା, (ସବ୍ୟୁ):** କଂଗ୍ରେସ ଦଳ ସମେତ ଅନ୍ୟ ୭ଗୋଟି ବାମଦଳ ଦେଇଥିବା ଓଡିଶା ବନ୍ଦ ଡାକରା ନିମାପଡାରେ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ନିମାପଡାର ଦୋଳବେଦୀ ଛକ ଓ ଚାରିଛକ ବଜାର ଠାରେ କଂଗ୍ରେସ, ସିପିଆଇ ଓ ଏ.ଆଇ.ଏସ୍.ଏଫ୍ ପକ୍ଷରୁ ରାସ୍ତାରୋକ ଓ ପିକେଟିଂ କରାଯାଇଥିଲା । ନିମାପଡା ଓ ଚାରିଛକ ବଜାରରେ ଥିବା ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ, ରାଷ୍ଟ୍ରାୟତ ବ୍ୟାଙ୍କ, ପେଟ୍ରୋଲ ପମ୍ପ ଓ ବିଭିନ୍ନ ସରକାରୀ ଓ ବେସରାକାରୀ ଅନୁଷ୍ଠାନ ବନ୍ଦ ରହିଥିଲା । ଏହି ଆନ୍ଦୋଳନରେ ନିମାପଡା ବ୍ଲକ କଂଗ୍ରେସ କମିଟି ସଭାପତି କାଳନ୍ଧୀ ବାରିକ, ନଗର କାର୍ଯ୍ୟକାରୀ ସଭାପତି ପାପୁନି ବସ୍ତିଆ , ସନ୍ତୋଷ ବେହେରା, ଗୋବିନ୍ଦ ଚନ୍ଦ୍ର ମଲ୍ଲିକ, ନରେନ୍ଦ୍ର ବେହେରା, ବିପିନ ବେହେରା, ସିପିଆଇ ନେତା କୃଷ୍ଣଚନ୍ଦ୍ର ରାଉତ, ସନାତନ ପାତ୍ର, ନୃସିଂହ ମହାନ୍ତି, କାଳନ୍ଧୀ ବେହେରା, ବାଇଧର ଦାସ, ଏ.ଆଇ.ଏସ୍.ଏଫ୍ ର ବ୍ଲକ ସଭାପତି ପପୁ ରାଉତ, ଉପସଭାପତି ସୂରୁପ ବେହେରା, ସଂପାଦକ ସତ୍ୟଜିତ ମାହାରୀ ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ ।

**କୋଣାର୍କ :** କଂଗ୍ରେସ ଓ ବାମପନ୍ଥୀ ଦଳର ୧୨ଘଣ୍ଟିଆ ଓଡିଶା ବନ୍ଦ ଡାକରାରେ କୋଣାର୍କରେ ବନ୍ଦ ସଫଳ ହୋଇଛି । କୋଣାର୍କ ଓ ଚନ୍ଦ୍ରଭାଗା ବଜାର ଶୂନଶାନ ହୋଇପଡିଥିଲା । କୋଣାର୍କ କଂଗ୍ରେସ କମିଟି ସଭାପତି ଉପେନ୍ଦ୍ର କାଣ୍ଡି, ସୁବାଷ ନାୟକ, ସ୍ୱାଧିନ ନାୟକ, ବାନାମ୍ବର ନାୟକ, ଲୋକନାଥ ବେହେରା, ପ୍ରତାପ କାଣ୍ଡି, ସିପିଆଇର ମନୋରଞ୍ଜନ ପରିଡା ପ୍ରମୁଖ କର୍ମୀ ସାମିଲ ହୋଇ କୋଣାର୍କ କଂଗ୍ରେସ କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ବାହାରି ଥିଲେ। । କୋଣାର୍କ ଓ ଚନ୍ଦ୍ରଭାଗାର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ, ଯାନବାହାନ ଚଳାଚଳ ବନ୍ଦ ରହିଥିବାବେଳେ ସମସ୍ତ ଶିକ୍ଷାନୁଷ୍ଠାନ, ଯାତ୍ରୀନିବାସ, ହୋଟେଲ,ବ୍ୟାଙ୍କ, ପେଟ୍ରୋଲ ପମ୍ପ ଦୋକାନ ବଜାର ବନ୍ଦ ରହିଥିଲା।

**ବୋଲଗଡ଼ :** ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ - ବେଗୁନିଆ ନିର୍ବାଚନ ମଣ୍ଡଳୀରେ ଓଡ଼ିଶା ବନ୍ଦ ପାଳନ ହୋଇଛି। ବେଗୁନିଆ ଅଞ୍ଚଳରେ କଂଗ୍ରେସ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସୁପୁତ୍ର ପୃଥ୍ୱି ବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ ସମସ୍ତ ଗ୍ରାମରୁ କଂଗ୍ରେସ କର୍ମୀ ମାନେ ମିଳିତ ହୋଇ ବନ୍ଦ ଡାକରା ଦେଇ ଥିଲେ। ଏଥିରେ ବେଗୁନିଆ ତରଫରୁ ପଛୁଆ ବର୍ଗ ସାଧାରଣ ସମ୍ପାଦକ ମହମ୍ମଦ ମୋହିଉଦିନ ଅହମ୍ମଦ (ସିଲୁ ଭାଇ) ସହଯୋଗ ଦେଇ ବନ୍ଦ ପାଳନକୁ ସଫଳ କରିଥିଲେ । ସେହିପରି ଆଠ ଦଳୀୟ ମେଣ୍ଟର ବନ୍ଦ ଡ଼ାକରାରେ ସମଗ୍ର ବୋଲଗଡ଼ ଅଞ୍ଚଳରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା। କଂଗ୍ରେସ ନେତା ପୃଥୀ ବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ ଦଳର ବହୁ ପଞ୍ଚାୟତ ସ୍ତରୀୟ ନେତା ସାମିଲ ହୋଇ ଏହି ବନ୍ଦ ସଫଳ କରିବାରେ ଶତ ଚେଷ୍ଟା କରିଥିଲେ । ଯାହା ଫଳରେ ବୋଲଗଡ଼ ଓ ରାଜସୁନାଖଳା ବଜାରରେ ଥିବା ବହୁ ଆଞ୍ଚଳିକ ବ୍ୟାଙ୍କ, ସ୍କୁଲ କଲେଜ, ବ୍ଲକ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, କୃଷି ବିଭାଗ କାର୍ଯ୍ୟାଳୟ ଓ ବିଭିନ୍ନ ବିଭାଗୀୟ କାର୍ଯ୍ୟାଳୟ ଦିନ ୧୦ ଟାରୁ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ବନ୍ଦ ରହିଥିଲା। ବୋଲଗଡ଼ ତହସିଲ କାର୍ଯ୍ୟାଳୟ ଆଗରେ ପୃଥିବଲ୍ଲଭଙ୍କ ନେତୃତ୍ୱରେ ସରପଞ୍ଚ ବିଜୟ କୁମାର ସେଠୀ,ଯୁବ ନେତା ଶ୍ରୀଧର ଦତ୍ତ, ପୂର୍ବତନ ସରପଞ୍ଚ ପ୍ୟାରୀ ମୋହନ ଦାଶ ବ୍ଲକ କଂଗ୍ରେସ କମିଟି ସଭାପତି ସଞ୍ଜୟ କୁମାର ସୁବୁଦ୍ଧି ,ପୂର୍ବତନ ସରପଞ୍ଚ ରଘୁନାଥ ସାହୁ, ପୂର୍ବତନ ସରପଞ୍ଚ ନଟବର ପାଣ୍ଡେ, ଜୟକୃଷ୍ଣ ପ୍ରହରାଜ ସମେତ କଂଗ୍ରେସ ଦଳ ଆଗଧାଡିର ନେତା ସନ୍ତୋଷ କୁମାର ପ୍ରଧାନ, ରମେଶ ଚନ୍ଦ୍ର ପଟ୍ଟନାୟକ, ଗଣେଶ୍ୱର ସୁବୁଦ୍ଧି, ପ୍ରକାଶ ଚନ୍ଦ୍ର ରଥ, ନବକିଶୋର ପଣ୍ଡା, ସୀମାଞ୍ଚଳ ଖଣ୍ଡାଇ, ତ୍ରିଲୋଚନ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଶେଷରେ କଂଗ୍ରେସ ନେତା ଗଙ୍ଗାଧର ଦାଶ ସହଯୋଗ କରିଥିବା ସମସ୍ତ କର୍ମୀ ଓ ନେତା ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।




**ନୟାଗଡ଼ :** ନୟାଗଡ଼ ଜିଲ୍ଲା ସଦର ମହକୁମାରେ ଜାତୀୟ କଂଗ୍ରେସ ଓ ବାମପନ୍ଥୀ ଦଳ ମାନଙ୍କ ଆହ୍ୱାନରେ ସଂଗଠିତ ବନ୍ଦ ଆନ୍ଦୋଳନକୁ ଜନସାଧାରଣଙ୍କ ସତଃସ୍ଫୁର୍ତ ସମର୍ଥନ ହେତୁ ବନ୍ଦ ସଫଳ ହୋଇପାରିଛି। ଦଳୀୟ କର୍ମୀମାନେ ସକାଳୁ ସକାଳୁ ନୟାଗଡ଼ ମୁଖ୍ୟ ଛକରେ ଧାରଣା ଦେଇ ପିକେଟିଙ୍ଗ କରିଥିଲେ ଏବଂ ନାରାବାଜି କରି ଛକକୁ ଅବରୋଧ କରିଥିଲେ। ଦୋକାନ ବଜାର, ଗାଡିମଟର ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଦଳୀୟ କର୍ମୀମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବ୍ଲକ ଅଫିସ, ବୀମା, ବ୍ୟାଙ୍କ, ସ୍କୁଲ, କଲେଜ ଆଗରେ ପିକେଟିଙ୍ଗ କରି କାର୍ଯ୍ୟ ବନ୍ଦ କରାଇଥିଲେ। ଓକିଲ ସଂଘ ପକ୍ଷରୁ ଆନ୍ଦୋଳନକୁ ସମର୍ଥନ କରି ଜିଲ୍ଲା ଜଜକୋର୍ଟ ଠାରେ ଜିଲ୍ଲା ମାଜିଷ୍ଟ୍ରେଟଙ୍କ କାର୍ଯ୍ୟରୁ ନିବର୍ତ୍ତାଇ ଥିଲେ ଓ ବସ୍ତୁତଃ କୋର୍ଟ କାର୍ଯ୍ୟ ବନ୍ଦ ହୋଇଯାଇଥିଲା । ବିକ୍ଷୋଭକାରୀମାନେ ବରିଷ୍ଠ ବାମପନ୍ଥୀ ନେତା ବିଶନାଥ ମହାପାତ୍ରଙ୍କ ଅଧକ୍ଷତାରେ ଗୋଲେଇ ଛକଠାରେ ସଭାକରି ଜଣେ କର୍ମରତ ହାଇକୋର୍ଟ ବିଚାରପତିଙ୍କ ଅଧକ୍ଷତାରେ ସୌମ୍ୟାଶ୍ରୀ ଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟଣାର ତଦନ୍ତ କରି ଦୋଷୀ ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନ କରିବା , ଉଚ୍ଚ ଶିକ୍ଷା ମନ୍ତ୍ରୀ, ସ୍ଥାନୀୟ ବିଧାୟକ ଓ ସାଂସଦଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିବା, ସଂପୃକ୍ତ ଜିଲ୍ଲାପାଳ ଓ ଏସ୍ପିଙ୍କ ଭୂମିକାକୁ ତଦନ୍ତ ପରିସରଭୁକ୍ତ କରିବା ପ୍ରଭୃତି ଦାବି କରିଥିଲେ । ଜାତୀୟ କଂଗ୍ରେସର ଜିଲ୍ଲା ସଭାପତି ସତ୍ୟବ୍ରତ ନାୟକ, ଅନ୍ୟତମ ନେତା ମନୋଜ କୁମାର ସାହୁ, ହୁସେନ ଖାଁ, ସିପିଆଇ ନେତା ଅମୀୟ ପଟ୍ଟନାୟକ, ସିପିଆଇ ଏମ ନେତା ପବିତ୍ର ଇନ୍ଦ୍ରଜିତ, ସରୋଜ ନାୟକ, ବୁଦ୍ଧି ନାୟକ, କୁଳମଣି ପୃଷ୍ଟି, ସିପିଏମ ଏଲ ନେତା ଗୋପିନାଥ ଜେନା ପ୍ରମୁଖ ବିକ୍ଷୋଭ ସଭାରେ ମୋହନ ସରକାରର ବିଫଳତାକୁ କଟୁ ସମାଲୋଚନା କରିଥିଲେ । ପୋଲିସ ସତ୍ୟାଗ୍ରହୀଙ୍କୁ ଗିରଫ କରି ପରବର୍ତ୍ତୀ ସମୟରେ ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ିଥିବା ସୂଚନା ମିଳିଛି ।




**ରଣପୁର :** ଗୁରବାର କଂଗ୍ରେସ ଓ ବାମପନ୍ଥୀ ଦଳସହ ଅନ୍ୟ ସହଯୋଗୀ ଦଳମାନେ ଓଡିଶା ବନ୍ଦ ଡାକରା ଦେଇଥିବାବେଳେ ରଣପୁର ନିର୍ବାଚନମଣ୍ଡଳୀରେ କଂଗ୍ରେସ ଓ ସିପି ଆଇ ଏମ ଦଳତରଫରୁ ମିଳିତ ଭାବେ ଏହି ବନ୍ଦଡାକରାକୁ ସମର୍ଥନ ଜଣାଇ ଶାନ୍ତିଶୃଙ୍ଖଳାର ସହ ବନ୍ଦ ସଫଳ ହୋଇଥିବା ଜଣାଯାଇଛି । ସକାଳ ୮ଟାରୁ ଉଭୟ ଦଳର କର୍ମୀମାନେ ରଣପୁର ବଜାର ରେ ସମସ୍ତ ଗାଡି ମଟର ବନ୍ଦ କରିବାସହ ସମସ୍ତ ସରକାରୀ ଅଫିସ, ସ୍କୁଲ କଲେଜ ଆଦିକୁ ନିଜ ଦଳୀୟ ପତାକା ଧରି ବୁଲିବୁଲି ବନ୍ଦ କରିଥିଲେ । ଏହି ବନ୍ଦ ଦକରକୁ ସମଗ୍ର ରଣପୁର ଅଞ୍ଚଳବାସୀ ସମର୍ଥନ ଜଣାଇଥିବାରୁ ଶାନ୍ତି ଶୃଙ୍ଖଳା ସହ ସମ୍ପର୍ଣ୍ଣ ହୋଇଥିଲା । ଏହି ବନ୍ଦ ଡାକରାରେ କଂଗ୍ରେସ ନେତା ବିଭୁ ପ୍ରସାଦ ମିଶ୍ର, ଶତ୍ରୁଘନ ପାଇକରା, ସତ୍ୟରଞ୍ଜନ ମତା ଟୁକୁ ଦଳେଇ, ମାନସ ମହାପାତ୍ର ଙ୍କ ସହ ଅନ୍ୟ କର୍ମୀ ମାନେ ସାମିଲ ହୋଇଥିବା ବେଳେ ସିପି ଆଇ ଏମ ର ହରିଶ୍ଚନ୍ଦ୍ର ମିଶ୍ର, ନିତ୍ୟାନନ୍ଦ ପରିଡା, ସୁରେଶ ସୱାଇଁ, ବୁଲୁ ମହାନ୍ତି, ଗଦାଧର ପ୍ରଧାନ, କୁଳମଣି ପଲେଇ ଓ ସୁନୀଲ ମହାନ୍ତି ଙ୍କ ସହ ବହୁ କର୍ମୀ ମଧ୍ୟ ଏହି ବନ୍ଦ ଡାକରାରେ ସାମିଲ ହୋଇଥିଲେ ।

**ବାଲିପାଟଣା :** ବାଲେଶ୍ୱର ଫକୀର ମୋହନ କଲେଜର ଛାତ୍ରୀ ସୌମ୍ୟାଶ୍ରୀ ବିସିଙ୍କୁ ନ୍ୟାୟ ଦେବା ନିମନ୍ତେ ଓଡିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ଗୁରୁବାରଦିନ ବାଲିପାଟଣା ବ୍ଲକ କଂଗ୍ରେସ ତରଫରୁ ସଭାପତି ବଟକୃଷ୍ଣ ରାଉତରାୟଙ୍କ ନେତୃତ୍ୱରେ ବାଲିପାଟଣା ବଜାର, ନରଦା, ତୁରିନ୍ତିରା, ଭାପୁର, ଗୁଆପୁର, ବନମାଳୀପୁର, ମଝିହରା, ମୀନାବଜାର, ଅଠାନ୍ତର, ଚଣାହାଟ, ସୋମଣାଶାସନ, ମୁକୁନ୍ଦଦାଶପୁର, ରାଜସ, ବିଶ୍ୱନାଥପୁର, ପମ୍ପାଲୋ ଆଦି ଶାନ୍ତିପୂର୍ଣ ଭାବେ ଅଖ ଚକ ବନ୍ଦ କରିବା ସହିତ ଆଜିର ଏହି ଓଡିଶା ବନ୍ଦ ଏକ ପ୍ରକାର ସଫଳ ହୋଇଛି। ଜୟଦେବ ନିର୍ବାଚନ ମଣ୍ଡଳୀର ଯୁବ କଂଗ୍ରେସ ସଭାପତି ନିହାର ରଞ୍ଜନ ନାୟକଙ୍କ ନେତୃତ୍ୱରେ ଆଠାନ୍ତର, ଧାନହରା,ଠାରେ ଶତାଧିକ କର୍ମୀ ପିକେଟିଂ କରିଥିଲେ।ରାସ୍ତା ଘାଟ ଶୁନଶାନ ଥିବା ବେଳେ ସରକାରୀ ଓ ବେ ସରକାରୀ ଅନୁଷ୍ଠାନ ଗୁଡ଼ିକ ବାହାରୁ ଶକ୍ତ ତାଲା ମରାଯାଇଥିଲା।କିନ୍ତୁ ଭିତରେ କମ ସଂଖ୍ୟକ କର୍ମଚାରୀମାନେ କାମ କରୁଥିବାର ଦେଖାଯାଉଥିଲା।

# ପାଣି ସ୍ରୋତରେ ନିଖୋଜ କନେଷ୍ଟବଳ ଉଦ୍ଧାର

ବାଙ୍କୀ ,(ସବ୍ୟୁ): ବାଙ୍କୀ ଥାନା ଅନ୍ତର୍ଗତ କଇଁମୁଣ୍ଡି ଫାଣ୍ଡିରେ କାର୍ଯ୍ୟରତ କନଷ୍ଟେବଳ ପଞ୍ଚାନନ ନାୟକ ଫାଣ୍ଡି ନିକଟରେ ଥିବା ଚାରିଘରିଆ ନାଳ ପୋଲ ଉପରୁ ନାଳକୁ ଡେଇଁ ନିଖୋଜ ହୋଇ ଯାଇଥିବାର ସ୍ଥାନୀୟ କିଛି ଲୋକେ ଦେଖି ତାଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ୟମ କରିଥିଲେ।। ନାଳରୁ ପାଣି ମହାନଦୀକୁ ଯାଇ ଥିବାରୁ ଭାସି ଯାଇଥିବାର ସନ୍ଦେହ କରି କଇଁମୁଣ୍ଡି ଫାଣ୍ଡିକୁ ଖବର ଦେଇଥିଲେ। । ଡମପଡ଼ା ଅଗ୍ନିଶମ ବିଭାଗ ଗାଡି ଆସିବାରେ ବିଳମ୍ବ ହେବାରୁ ସ୍ଥାନୀୟ ଯୁବକମାନେ ନାଳ ଭିତରକୁ ଯାଇ ବହୁ ଖୋଜାଖୋଜି କରି ଗଭୀର ପାଣିରୁ ଉଦ୍ଧାର କରି ଡମପଡ଼ା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ତାଙ୍କର ଚିକିତ୍ସା ପରେ ସେ ସୁସ୍ଥ ହୋଇ କଇଁମୁଣ୍ଡି ଫାଣ୍ଡିକୁ ଫେରିଥିବା ସୂଚନା ଦେଇଛନ୍ତି ବାଙ୍କୀ ଥାନା ଆଇଆଇସି ଦିଲ୍ଲୀପ କୁମାର ମର୍ଦ୍ଦରାଜ ଭୂୟାଁ। ତେବେ କାହିଁକି ଡେଇଁଲେ ତାହାର କାରଣ ଜଣା ପଡ଼ି ନାହି।



E-Mail : rw_kamakhyanagar@yahoo.co.in

**Government of Odisha : Office of the Superintending Engineer, Rural Works Division-II, Dhenkanal, Kamakhyanagar**

O-437

**e-procurement Notice No. 05/Building Work / 2025-26**

| | | |
|---|---|---|
| 1 | Name of the work | : Building Work |
| 2. | Total No. of Works | : 1 (One) No. |
| 3. | Tender Cost | : Rs. 40.06 Lakhs |
| 4. | Class of Contractor | : "B" Class |
| 5. | Period of Completion | : 3 Calendar Months. |
| 6. | Availability of Tender online for bidding | : 22.07.2025 at 11.00 A.M. to 01.08.2025 up to 5.00 P.M. |
| 7. | Last Date & Time of seeking tender clarification | : 30.07.2025 upto 4.00 PM |
| 8. | Date & Time of opening of Bid | : 02.08.2025 at 11.00 AM |

Other Details can be seen from the website **https://tendersorissa.gov.in**

Sd/- Superintending Engineer
R.W. Division-II, Dhenkanal, Kamakhyanagar

OIPR : 25094/11/0028/2526

**GOVERNMENT OF ODISHA :**
**SUPERINTENDING ENGINEER, BOUDH (R&B) DIVISION, BOUDH**
**E-mail - eeboudhrb@gmail.com**

B-311

**INVITATIONS FOR BIDS (IFB)**
**"e" Procurement Notice**
**Letter No. 326/ dtd. 14.07.2025**
**Bid Identification No. SE (R & B)-BDH 05/2025-26**

| | | |
|---|---|---|
| 1) | Name of the work | : 01 IOne) No. of Civil work (Single Cover) |
| 2) | Estimated Cost | : 22.01 lakhs |
| 3) | Period of Completion | : 02 (Two) months. |
| 4) | Date & Time of availabiliy of Bid documents in the portal | : From 21.07.2025, 10.00 AM to to 30.07.2025, 5.00 PM |
| 5) | Last date/time for seeking of Tender Clarification | : 30.07.2025 up to 1.00 P.M. |
| 6) | Last date / time for receipt of bids in the portal | : up to 5.00 P.M. of dated. 30.07.2025 |
| 7) | Date & time of opening of tender / Bid | : 31.07.2025 at 11.30 A.M. |
| 8) | Name and address of the O.I.T. | : Superintending Engineer, Boudh (R&B) Division, Boudh. |

Further details corrigendum (s) if any issued can be seen from the website **http://tendersorissa.gov.in.**

Sd/- Superintending Engineer,
Boudh (R&B) Division, Boudh

OIPR : 34134/11/0024/2526

**OFFICE OF THE SUPERINTENDING ENGINEER (AGRIL), CENTRAL ZONE, BHUBANESWAR, ODISHA-751007**
**Phone No. - (0674) - 2571075, Fax No. - (0674) - 2571075, E-mail ID - secz.dag@gov.in**
**"e"- procurement Notice No -1478/Agril, Date-14.07.2025**

L-39

**EXPRESSION OF INTEREST EOINo:04/SE(A)/CZ/BBSR/e-PROC/2025-26**

The Superintending Engineer(Agril),Central Zone,Bhubaneswar on behalf of the Director, Agriculture & Food Production, Odisha Bhubaneswar. invites "Expression of Interest" (EOI) for Annual Maintenance Contract (AMC) for 117.50 HP VRF system of LG make ACs along with all associated equipment of HVAC system installed at KRUSHI BHAVAN, BHUBANESWAR from the eligible reputed AC manufacturers/ or their authorized dealers/ agency through e-procurement in ONLINE MODE only in the website www.tendersodisha.gov.in) as per the schedule below:

1. Name of the EOI:"Expression of Interest" (EOI) for Annual Maintenance Contract (AMC) for 117.50 HP VRF system of LG make ACs along with all associated equipment of HVAC system installed at KRUSHI BHAVAN, BHUBANESWAR
2. EOI DOCUMENT/Bid Cost :Rs. 6,000/-
3. Date & Time of availability of bid /EOI document in the portal :16.07.2025 at 10.AM. to Dt.05.08.2025upto 5.00 P.M.
3. Last date / Time for receipt of bids in the portal : Dt.05.08.2025 at 5.00 P.M
4. Date of submission of EOI documents in sealed cover: Dt. 24.07.2025,10.A.M. to Dt. 06.08.2025 up to 11.00A.M ( Workingdays)only.
5. Date & time of opening of online bids and hard copy/sealed cover : Dt.06.08.2025 at 11.30 AM & onwards
6. Date of Opening of Financial bid will be notified later on.
7. Place of submission of Sealed cover/ containing EOI Documents::

O/O the Superintending Engineer (Agril.), Central Zone, Satya Nagar,Bhubaneswar, Odisha-751007

NB. The AC Manufacturers-OEM/bidders have to participate in ONLINE bidding only in the e- Procurement website: https://tendersodisha.gov.in with matching class DSC. Any addendum / corrigendum / cancellation of EOI /other details of the EOI Document can also be seen in the said website. Authority reserves the right to reject/accept any or all of the EOI without assigning any reasons thereof. The bidders are required to visit the site of Krushibhawan, Bhubaneswar for physical verification of the HVAC System.

Sd/- Superintending Engineer (Agril)
Central Zone, Bhubaneswar

OIPR : 01486/11/0003/2526

(ଶ୍ରୀମଭଗବଦ୍ ଗୀତା ୧୭/୨୦)
–ଶ୍ରଦ୍ଧାତ୍ରୟ ବିଭାଗ ଯୋଗ–
(ଶ୍ରୀଭଗବାନୁବାଚ )

**ଦାତବ୍ୟମିତି ଯଦ୍ଦାନଂ ଦୀୟତେଽନୁପକାରିଣେ**
**ଦେଶେ କାଳେ ଚ ପାତ୍ରେ ଚ ତଦ୍ଦାନଂ ସାତ୍ତ୍ୱିକଂ ସ୍ମୃତମ୍ ॥୨୦॥**

(ପୂର୍ବପ୍ରତିଜ୍ଞାତଂ ଏବ ଦାନସ୍ୟ ତ୍ରୈବିଧ୍ୟମାହ)–ଦାତବ୍ୟଂ (ଏବ) ଇତି (ନିଶ୍ଚୟେନ) ଅନୁପକାରିଣେ (ପ୍ରତ୍ୟୁପକାରାସମର୍ଥାୟ) ଦେଶେ (ପୁଣ୍ୟେ କୁରୁକ୍ଷେତ୍ରାଦୌ), କାଳେ (ପୁଣ୍ୟେ ଗ୍ରହଣାଦୌ), ପାତ୍ରେ ( ଷଡ଼ଙ୍ଗବିଦି ବେଦପାରଗେ) ଯତ୍ ଦାନଂ ଦୀୟତେ ତତ୍ ସାତ୍ତ୍ୱିକଂ ସ୍ମୃତମ୍ ॥ ୨୦ ॥

# ଦୁର୍ଦ୍ଦଶାର ଅବସାନ ହେଉ

ସମ୍ପାଦକୀୟ

ଏବର ଭାରତ ସରକାର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତରେ ନାରୀଶକ୍ତି ଉପରେ ଗୁରୁତ୍ୱାରୋପ କରି ଆସିଥିବାବେଳେ ସେ ଭଲ ପାଉଥିବା ଓଡ଼ିଶାର ଜଣେ କଲେଜ ଛାତ୍ରୀଙ୍କ ଆତ୍ମାହୂତି ଘଟଣା ଓଡ଼ିଶାବାସୀଙ୍କୁ ବ୍ୟଥିତ ଓ ଲଜ୍ଜିତ କରିଛି । ଏପରି ଘଟଣାରେ କେବଳ ରାଜ୍ୟ ସରକାରଙ୍କୁ ଦାୟୀ କରିଦେଲେ ସମସ୍ୟାର ସମାଧାନ ହୋଇପାରିବ ନାହିଁ । ପ୍ରତ୍ୟେକ ସଚେତନ ନାଗରିକ ଏପରି ଘଟଣାରେ ସ୍ୱର ଉତ୍ତୋଳନ କରିବା ଉଚିତ । ଦୁଃଖର କଥା, ବାଲେଶ୍ୱର ଫକୀର ମୋହନ କଲେଜର ଛାତ୍ରୀଜଣକ ଅଗତ୍ୟା ଆତ୍ମହତ୍ୟା କରିଥିଲା । ବରଂ କଲେଜର ବିଭାଗୀୟ ମୁଖ୍ୟ ଓ ଅଧ୍ୟକ୍ଷଙ୍କ ଆଚରଣ ତାଙ୍କୁ ଏପରି ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇ ଥିଲା ବୋଲି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ । ଝିଅର ପିତା ଗୋଟିଏ ମହିଳା କଲେଜର କର୍ମଚାରୀ । ଅଥଚ ଝିଅଟି ନିଜେ ପୋଡି ହୋଇ ଅଧ୍ୟକ୍ଷଙ୍କୁ ଦେଖା କରିବାକୁ ଯିବାବେଳେ ଅଧ୍ୟକ୍ଷଙ୍କ ପିଅନ ମାନବିକତା ଦୃଷ୍ଟିରୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଥିବା ଝିଅଟିକୁ ଅଧ୍ୟକ୍ଷଙ୍କ ନିକଟକୁ ନ ଛାଡି କବାଟ ବନ୍ଦ କରି ରଖିଲା ଓ ଝିଅଟିର ଦେହରେ ଲାଗିଥିବା ନିଆଁକୁ ନିର୍ବାପିତ କରିବାକୁ ଉଦ୍ୟମ ମଧ୍ୟ କରି ନଥିଲା ।

ଏକ ସର୍ବାଧିକ ପ୍ରସାରିତ ଦୈନିକ ଇଂରାଜୀ ସମ୍ବାଦପତ୍ର, ତାହାର ପ୍ରଥମ ସମ୍ବାଦର ଶୀର୍ଷକ ଏହିପରି ରଖିଥିଲା, ଯାହାର ଓଡ଼ିଆ ରୂପାନ୍ତର ହେଉଛି– 'ଅଧ୍ୟକ୍ଷ କହିଲେ– ଉତ୍ପୀଡକଙ୍କୁ କ୍ଷମା ମାଗ, ନଚେତ ଦୁର୍ଦ୍ଦଶା ଭୋଗ କର:ଏତଲାରେ ଝିଅର ପରିବାର ।' ଏପରି ଘଟଣା ଘଟି ପାରିଲା ଆମ ଶାନ୍ତିପ୍ରିୟ ରାଜ୍ୟ ଓଡ଼ିଶା ମାଟିରେ । ଯେଉଁ ଫକୀରମୋହନ ସେନାପତି ନାରୀ ସମାଜକୁ ମର୍ଯ୍ୟାଦା ଦେଇ ଉଚ୍ଚକୋଟିର ଉପନ୍ୟାସ ଓ ଗଳ୍ପ ଲେଖି ଭାରତରେ ପ୍ରସିଦ୍ଧ, ତାଙ୍କରି ନାମରେ ନାମିତ କଲେଜରେ, ଜଣେ କଲେଜ ଛାତ୍ରୀଙ୍କ ପ୍ରତି ଯେଉଁମାନେ ଅନ୍ୟାୟ କରିଗଲେ ଆଉ ଝିଅଟି ଆତ୍ମହତ୍ୟା କରିଦେଲା, ତାହା ଅତ୍ୟନ୍ତ ଦୁଃଖଦାୟକ ଘଟଣା । ଯେଉଁମାନେ ଫୁଲପରି ଫୁଟି ଆସୁଥିବା ଛାତ୍ରୀଜଣଙ୍କୁ ଏପର ମାନସିକ ନିର୍ଯାତନା ଦେଲେ, ସେମାନଙ୍କର ବି ଭଉଣୀ ଥିବେ, ନଥିଲେ ମା' ତ ଥିବେ ! ଏପରି କାର୍ଯ୍ୟ ସେମାନଙ୍କର ମା' ବା ଭଉଣୀଙ୍କ କ୍ଷେତ୍ରରେ ଆଉ କେହି କରିଥିଲେ, ସେମାନଙ୍କର କି ପ୍ରକାର ଅବସ୍ଥା ହୋଇଥା'ନ୍ତା ?

ନାରୀ ସଶକ୍ତିକରଣ ପାଇଁ ଭାରତ ସରକାର ଯେଉଁସବୁ ବିଭିନ୍ନ ପଦକ୍ଷେପ ନେଇଛନ୍ତି, ସେଥିପାଇଁ ଯେଉଁ ଆଇନ ବି ହୋଇଛି, ତାହା ହେଲା 'Sexual Harassment of Women at Workplace '(Prevention, Prohibition and Redressal Act 2013) ଅର୍ଥାତ୍ କାର୍ଯ୍ୟସ୍ଥଳରେ ମହିଳାମାନଙ୍କର ଯୌନ ଉତ୍ପୀଡନ, ନିୟନ୍ତ୍ରଣ, ନିବାରଣ ଓ ପ୍ରତିବିଧାନ ଆଇନ ୨୦୧୩ । ଏହି ଆଇନ ଯାହା ୨୦୧୩ରୁ ପ୍ରଚଳିତ ହୋଇଛି, ସେଥିରେ ଉଲ୍ଲେଖ ରହିଛି ଯେ ପ୍ରତ୍ୟେକ କାର୍ଯ୍ୟସ୍ଥଳରେ ଏକ ଆଭ୍ୟନ୍ତରୀଣ କମିଟି ଗଠନ କରାଯାଇ ଯୌନ ନିର୍ଯାତନା ସଂକ୍ରାନ୍ତୀୟ ଅଭିଯୋଗସବୁର ପ୍ରତିକାର କରାଯିବ ଏବଂ ମହିଳାମାନଙ୍କ ପାଇଁ ଏକ ନିରାପତ୍ତା ପରିପୂର୍ଣ୍ଣ ବାତାବରଣ ମଧ୍ୟ ସୃଷ୍ଟି କରାଯିବ । ମହିଳାମାନଙ୍କୁ ମର୍ଯ୍ୟାଦା ଦେବା ସହିତ ସେମାନଙ୍କର ଅଧିକାରକୁ ଗୁରୁତ୍ୱ ଦିଆଯିବ ବୋଲି ଏହି ଆଇନରେ ମଧ୍ୟ ବ୍ୟବସ୍ଥା ରହିଛି । ଏହା ବ୍ୟତୀତ ସେହି କୋମଳମତି ଶିଶୁ ଓ ବାଳିକାମାନେ, ଯେଉଁମାନେ ଜୀବନ କ'ଣ ଜାଣିବା ଲାଗି ଉଦ୍ୟମ କରୁଛନ୍ତି, ସେମାନେ ମଧ୍ୟ ଯୌନ ଉତ୍ପୀଡନର ଶିକାର ହେବା କୌଣସି ସଭ୍ୟ ଓ ସଚେତନ ସମାଜରେ ଦେଖାଯାଏ ନାହିଁ । ଯେଉଁ ରାକ୍ଷସମାନେ ଏପରି ହୀନ କାର୍ଯ୍ୟ କରି ଦଣ୍ଡିତ ହେଉଛନ୍ତି ବା ଅନେକ ସମୟରେ ଚାଲାକି କରି ଖସି ଯାଉଛନ୍ତି, ସେମାନଙ୍କ ପାଇଁ ଭାରତ ସରକାର କଠୋରରୁ କଠୋର ଦଣ୍ଡ ବିଧାନର ବ୍ୟବସ୍ଥା କଲେ, ଏହି ହୀନକାର୍ଯ୍ୟ କରିବାକୁ ଭବିଷ୍ୟତରେ ଆଉ କେହି ସମ୍ଭବତଃ ସାହସ କରି ପାରନ୍ତେ ନାହିଁ । ମନେହୁଏ ଆମର ପୋକସୋ (POCSO) ଆଇନ ମଧ୍ୟ ଏଥିପାଇଁ ଯଥେଷ୍ଟ ନୁହେଁ ।

ଅପରପକ୍ଷରେ ବିଭିନ୍ନ ସମୟରେ ଏହି ଆଇନର ସହାୟତା ନେଇ ଆଇନର ଅପବ୍ୟବହାର କରାଯାଇ ନିରୀହ ଲୋକଙ୍କୁ ମଧ୍ୟ ନିର୍ଯାତନା ଦିଆ ଯାଉଥିବାର ଦୃଷ୍ଟାନ୍ତ ମିଳିଥାଏ । ତା' ଛଡା ସାମାଜିକ ଗଣମାଧ୍ୟମରେ ବେଳେ ବେଳେ ଏପରି ଉଦ୍‌ଭଟ ଓ ଯୌନୋଦ୍ଦୀପକ ଫଟୋଚିତ୍ର ବା ଭିଡିଓ ମଧ୍ୟ ଅନେକଙ୍କୁ ବିପଥଗାମୀ ହେବା ଦିଗରେ ଉତ୍ସାହିତ କରିଥାଏ । ଏହାକୁ ସରକାର ନିୟନ୍ତ୍ରଣ କରିପାରିଲେ, ଏ ସଂକ୍ରାନ୍ତୀୟ ଅନେକ ସମସ୍ୟାର ସମାଧାନ ହୋଇପାରନ୍ତା ।

## ଭକ୍ତିମାର୍ଗ

**ଭକ୍ତିମାର୍ଗ ଅତୀବ ପିଚ୍ଛିଳ, ଯଦି ଏହି ମାର୍ଗରେ ଚାଲିଲାବେଳେ ଦଣ୍ଡ ମିଳେ ତେବେ ଜାଣିବ କୋଦଣ୍ଡ ପ୍ରାପ୍ତିର ସମୟ ଉପନୀତ ହେଲା, ଯଦି ଅସହ୍ୟ କଷ୍ଟବୋଧ ହେଲା ତେବେ ଜାଣିବ କୃଷ୍ଣପ୍ରାପ୍ତିର ସମୟ ଆସିଗଲା, ମୃତ୍ୟୁ ମିଳିଲା ତେବେ ଜାଣିବ ମୃତ୍ୟୁଞ୍ଜୟୀ ହେବାର ସୌଭାଗ୍ୟ ପ୍ରାପ୍ତି କରିବାର ସମୟ ଆସିଗଲା, ଯଦି ଶୂନ୍ୟ ହୋଇଗଲ ତେବେ ଜାଣିବ ତୁମ ଭିତରେ ପୂର୍ଣ୍ଣବ୍ରହ୍ମର ପ୍ରକାଶ ଘଟିଲା ।**

*ସଂଗ୍ରାହକ–ଡ. ପ୍ରଦୀପ କୁମାର ଚୌଧୁରୀ*

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଶ୍ରୀମନ୍ଦିର ଐତିହ୍ୟ କରିଡ଼ରର ଇତିବୃତ୍ତ



ଡକ୍ଟର ଭାସ୍କର ମିଶ୍ର

ଭାରତର ପ୍ରସିଦ୍ଧ ଅଷ୍ଟାଦଶ ମହାପୁରାଣ ମଧ୍ୟରେ ଅନ୍ୟତମ 'ବ୍ରହ୍ମପୁରାଣ'ର ୬/୯ ଅଧ୍ୟାୟରେ କୁହାଯାଇଛି ଯେ, ଯେପରି ସମସ୍ତ ଦେବତାଙ୍କ ମଧ୍ୟରେ, ସମସ୍ତ ଲୋକରେ ବିଷ୍ଣୁ ସବଶ୍ରେଷ୍ଠ, ସେହିପରି ସମସ୍ତ ତୀର୍ଥ ମଧ୍ୟରେ ପୁରୁଷୋତ୍ତମ କ୍ଷେତ୍ର ଶ୍ରେଷ୍ଠ ଅଟେ । ଏପରିକି ବିଷ୍ଣୁପୁରାଣ ରଚନା କାଳରେ ପୁରୁଷୋତ୍ତମ କ୍ଷେତ୍ର ସୁପ୍ରସିଦ୍ଧି ଲାଭ କରିଥିଲା। ସୂର୍ଯ୍ୟବଂଶୀ ଗଜପତି ପୁରୁଷୋତ୍ତମ ଦେବଙ୍କ ଦ୍ୱାରା ବିରଚିତ 'ମୁକ୍ତି ଚିନ୍ତାମଣି' ଗ୍ରନ୍ଥରେ ବ୍ରହ୍ମା ଏହି କ୍ଷେତ୍ରର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବାକୁ ଯାଇ କହିଛନ୍ତି ଏହା ଏକାଧାରରେ ତୀର୍ଥରାଜ, କ୍ଷେତ୍ରରାଜ ଏବଂ ଦେବରାଜଙ୍କ ଅବସ୍ଥାନ ହେତୁ ପୁରୁଷୋତ୍ତମ କ୍ଷେତ୍ର ଠାରୁ ଶ୍ରେଷ୍ଠ କ୍ଷେତ୍ର ଆଉ କେହି ନାହିଁ ।

ବିଶ୍ୱର କୋଣ ଅନୁକୋଣରେ ବସବାସ କରୁଥିବା ସନାତନଧର୍ମାବଲମ୍ବୀ ଅଗଣିତ ଭକ୍ତଜନଙ୍କର ଆରାଧ୍ୟ ଦେବତା ହେଉଛନ୍ତି ମହାବିଷ୍ଣୁ ସ୍ୱରୂପ ଦେବାଧିଦେବ ମହାପ୍ରଭୁ ଶ୍ରୀଜଗନ୍ନାଥ । ଅନାଦିକାଳରୁ ପରମପାବନ କ୍ଷେତ୍ର ନୀଳାଚଳ ଧାମସ୍ଥିତ ଭବ୍ୟ ଦେବାୟତନରେ ମହାପ୍ରଭୁ ବିରାଜମାନ ପୂର୍ବକ ତାଙ୍କର ପ୍ରିୟ ଭକ୍ତ ତଥା ସ୍ୱଜନମାନଙ୍କୁ ସାଯୁଜ୍ୟ ମୁକ୍ତି ପ୍ରଦାନ ଓ ଆକଣ୍ଠ ଆନନ୍ଦ ପ୍ରଦାନ କରିଆସୁଅଛନ୍ତି । ବିଶ୍ୱର ବିସ୍ମୟ ଏହି ରହସ୍ୟମୟ ଦାରୁବ୍ରହ୍ମରୂପୀ ଦେବତାଙ୍କ ମୂଳ ପୀଠ ଅଧୁନାତମ ଶ୍ରୀକ୍ଷେତ୍ରର ବଡ଼ ଦେଉଳ ସାହିରେ ପ୍ରତିଷ୍ଠିତ । ବିଭିନ୍ନ ରାଜବଂଶର ଗଜପତି ମହାରଜାମାନଙ୍କ ଶାସନ କାଳରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ସନାତନ ଧର୍ମାବଲମ୍ବୀ ଭିନ୍ନ ଭିନ୍ନ ସମ୍ପ୍ରଦାୟର ମଠାନୁଷ୍ଠାନ ଗଢ଼ି ଉଠିବା ସଙ୍ଗେ ସଙ୍ଗେ ବ୍ରିଟିଶ ରାଜତ୍ୱକାଳରେ ପୁରୀକୁ ଏକ ସହର ଓ ଜିଲ୍ଲା ସଦର ମହକୁମା ଭାବେ ମାନ୍ୟତା ଦିଆଯିବା ପରେ ପୁରୀ ବଡ଼ ଦେଉଳର ଚତୁଃପାର୍ଶ୍ୱରେ ଅନେକ ଦୋକାନ ବଜାର, ବ୍ୟାବସାୟିକ କେନ୍ଦ୍ର ଆଦି ସୃଷ୍ଟି ହୋଇଥିଲା । ତେବେ ବିଗତ ପ୍ରାୟ ୮୦ ବର୍ଷ ମଧ୍ୟରେ ଅସ୍ଥାୟୀ ଉଠା ଦୋକାନମାନ ରାସ୍ତା ଉପରେ ସେମାନଙ୍କର ବ୍ୟବସାୟ କରିବା ଫଳରେ ଶ୍ରୀମନ୍ଦିର ମେଘନାଦ ପ୍ରାଚୀରର ବାହ୍ୟ ପାର୍ଶ୍ୱ ଅଞ୍ଚଳ ରାସ୍ତା ସଙ୍କୁଚିତ ହୋଇଆସୁଥିଲା । ଏପରିକି ସର୍ବସାଧାରଣଙ୍କ ଯାତାୟତ ପ୍ରବଳ ବାଧା ସୃଷ୍ଟି ହୋଇଆସୁଥିଲା । ସେହିପରି ବିଦେଶାଗତ ପର୍ଯ୍ୟଟକ, ଧାର୍ମିକ ବ୍ୟକ୍ତି ବିଶେଷ ଶ୍ରୀମନ୍ଦିର ମେଘନାଦ ପ୍ରାଚୀର ବାହାର ପାର୍ଶ୍ୱରେ ସୁଉଚ୍ଚ ମୁଖ୍ୟ ମନ୍ଦିର ଦୃଶ୍ୟକୁ ଅବଲୋକନ ନ କରିବା ସମେତ ପରିକ୍ରମା ସମୟରେ ଘୋର ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏତଦ୍ ବ୍ୟତୀତ ବୁଲା ବିକାଳି, ଗାଈ, ଷଣ୍ଢ, କୁକୁର ଆଦିଙ୍କ ସମାବେଶରେ ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ପୂର୍ବକ ବିଶ୍ୱ ପ୍ରସିଦ୍ଧ ଜଗନ୍ନାଥ ମନ୍ଦିରର ମାହାତ୍ମ୍ୟ ଓ ପ୍ରତିଷ୍ଠା କ୍ଷୁଣ୍ଣ ହେଉଥିଲା । ଏ ସମ୍ବନ୍ଧରେ ରାଜ୍ୟ ସରକାରଙ୍କ ନିକଟରେ ବିଭିନ୍ନ ମହଲରୁ ଅଭିଯୋଗମାନ ହୋଇଆସୁଥିଲା। ପରିଶେଷରେ ରାଜ୍ୟ ସରକାର ଅଗଣିତ ଭକ୍ତ, ଶ୍ରଦ୍ଧାଳୁ ତଥା ପର୍ଯ୍ୟଟକମାନଙ୍କ ଭାବାବେଗକୁ ହୃଦୟଙ୍ଗମ କରି ଶ୍ରୀମନ୍ଦିରର ଚତୁଃପାର୍ଶ୍ୱ ଅଞ୍ଚଳକୁ ଅବରୋଧ ମୁକ୍ତ ରଖିବା ଏବଂ ଶ୍ରୀମନ୍ଦିରରର ସୁରକ୍ଷା, ଭକ୍ତମାନଙ୍କୁ ଶୃଙ୍ଖଳିତ ଦର୍ଶନ ଉପଲବ୍ଧ ତଥା ମୌଳିକ ସୁବିଧା ପ୍ରଦାନ ପ୍ରସଙ୍ଗରେ ଏକ ଜଣିଆ କମିଶନ ବସାଇଥିଲେ ।

୨୦୧୬ ମସିହା ଜୁଲାଇ ୨୩ ତାରିଖ। ସେ ଦିନ ବିଶ୍ୱ ପ୍ରସିଦ୍ଧ ଜଗନ୍ନାଥ ମନ୍ଦିର ପାଇଁ ଥିଲା ଏକ ଐତିହାସିକ ଦିବସ । **ଶ୍ରୀମନ୍ଦିର ଭଳି ଏକ ବୃହତ୍ ଧାର୍ମିକ ସଂସ୍ଥାର ଉତ୍ତମ ପରିଚାଳନା, ସୁରକ୍ଷା ଓ ଶ୍ରଦ୍ଧାଳୁମାନଙ୍କ ନିମିତ୍ତ ଶୃଙ୍ଖଳିତ ତଥା ବ୍ୟବସ୍ଥିତ ଦର୍ଶନ ପାଇଁ ଆବଶ୍ୟକୀୟ ପ୍ରସ୍ତାବ ଦେବା ନିମିତ୍ତ ରାଜ୍ୟ ସରକାର ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଅବସରପ୍ରାପ୍ତ ବରିଷ୍ଠ ବିଚାରପତି ଶ୍ରୀ ବିମଳା ପ୍ରସାଦ ଦାସଙ୍କୁ କମିଶନ୍ ଭାବେ ନିଯୁକ୍ତ ପ୍ରଦାନ କରିଥିଲେ । ୨୦୧୯ ମସିହା ଅଗଷ୍ଟ ୧୬ ତାରିଖ ଦିନ ରାଜ୍ୟ ସରକାର କମିଶନ୍‌ଙ୍କ ମଧ୍ୟବର୍ତ୍ତୀକାଳୀନ ରିପୋର୍ଟକୁ ଅନୁଧ୍ୟାନ ପୂର୍ବକ ଶ୍ରୀମନ୍ଦିର ନିମିତ୍ତ କେତେକ ସୁପାରିଶକୁ କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନେଇଥିଲେ । କମିଶନ୍‌ଙ୍କ ରିପୋର୍ଟର ସୁପାରିଶ ଆଧାରରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଅଭିନବ ଯୋଜନାର ସୃଷ୍ଟି ହୋଇଥିଲା ।** ରାଜ୍ୟ ସରକାର, ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ ସ୍ତରରେ ରିପୋର୍ଟ, ବହୁ ଚର୍ଚ୍ଚା, ପର୍ଯ୍ୟାଲୋଚନା ପରେ ରାଜ୍ୟ ସରକାରଙ୍କ କ୍ୟାବିନେଟ୍‌ରେ ନିଷ୍ପତ୍ତି ମୁତାବକ ବିଶ୍ୱ ପ୍ରସିଦ୍ଧ ଶ୍ରୀଜଗନ୍ନାଥ ମନ୍ଦିରକୁ ଆଗମନ କରୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ସର୍ବନିମ୍ନ ମୌଳିକ ସୁବିଧା ଓ ଏହି ଐତିହ୍ୟ ସମ୍ପନ୍ନ ମନୁମେଣ୍ଟର ସର୍ବାଙ୍ଗୀନ ଉନ୍ନତିକୁ 'ଅଭଡ଼ା' ଯୋଜନାରେ ସାମିଲ କରି ରାଜ୍ୟ ନିର୍ମାଣ ବିଭାଗ ଜରିଆରେ କାର୍ଯ୍ୟର ଶୁଭାରମ୍ଭ କରିଥିଲେ । ପୁରୀ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରସ୍ତାବିତ ଯୋଜନାଟି "Development of Heritage Security Corrider arround Shree Jagannath Temple, Puri" ନାମରେ ଅଭିହିତ ହୋଇଥିଲା। ପ୍ରଥମିକ ସ୍ତରରେ ଶ୍ରୀମନ୍ଦିର ମେଘନାଦ ପ୍ରାଚୀରର ୭୫ ମିଟର ମଧ୍ୟରେ ରହିଥିବା ସମସ୍ତ କୋଠା, ମଠାନୁଷ୍ଠାନ, ବ୍ୟବସାୟିକ କେନ୍ଦ୍ର, ଦୋକାନ, ଉଠା ଦୋକାନଗୁଡ଼ିକ ଉଚ୍ଛେଦ କରାଯାଇ ସେ ବାବଦରେ ଉଚିତ କ୍ଷତିପୂରଣ ଅର୍ଥ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟରେ ଶ୍ରୀମନ୍ଦିର ସେବକ, ସ୍ଥାନୀୟ ଜନସାଧାରଣ, ମଠାଧୀଶମାନେ ଅକୁଣ୍ଠିତ ଚିତ୍ତରେ ସେମାନଙ୍କ ଜମିକୁ ହସ୍ତାନ୍ତର କରି ମହାପ୍ରଭୁଙ୍କ ଐତିହ୍ୟ ପରିକ୍ରମା ପ୍ରକଳ୍ପ ଯୋଜନାରେ ସହଯୋଗ ହାତ ବଢ଼ାଇଥିଲେ ।

ମେଘନାଦ ପାଚେରୀର ଚତୁଃପାର୍ଶ୍ୱ ସଂଲଗ୍ନ ୭୫ ମିଟର ଅଞ୍ଚଳକୁ ଜମି ଅଧିଗ୍ରହଣ ପ୍ରକ୍ରିୟାରେ ସାମିଲ କରାଯାଇଥିଲା। ସୂଚନାଯୋଗ୍ୟ ପରିକ୍ରମା ପ୍ରକଳ୍ପର ବିଭିନ୍ନ ନିର୍ମାଣଜନିତ କାର୍ଯ୍ୟ ପାଇଁ ମୋଟ୍ ୧୭ଏକର ୨୬୨ ଡ଼ିସିମିଲ ପରିମିତ ଜମି ଅନ୍ତର୍ଭୁକ୍ତ ଥିଲା। ଏଥି ମଧ୍ୟରେ ସରକାରୀ ଜମି ୩ ଏକର ୯୪୩ ଡ଼ିସିମିଲ, ଶ୍ରୀମନ୍ଦିର ପରିଚାଳନା କମିଟି ନାମରେ ୮ ଏକର ୫୮ ଡ଼ିସିମିଲି ଏବଂ ବ୍ୟକ୍ତିଗତ ମାଲିକାନାରେ ୪ ଏକର ୬୦ ଡ଼ିସିମିଲି ଜମି ରହିଥିଲା।

ମୁଖ୍ୟତଃ ଶ୍ରୀମନ୍ଦିର ମେଘନାଦ ପ୍ରାଚୀରର ସଂଲଗ୍ନ ୭୫ ମିଟର ଅଞ୍ଚଳରେ ପୁରୀ ତହସିଲ ଅନ୍ତର୍ଭୁକ୍ତ ବାସେଳୀ ସାହି, ମଣିକର୍ଣ୍ଣିକା ସାହି, କାଳିକାଦେବୀ ସାହି, ଦୋଳମଣ୍ଡପ ସାହି, ଚୁଡ଼ଙ୍ଗ ସାହି ଇତ୍ୟାଦିରେ ବ୍ୟକ୍ତିଗତ ମାଲିକାନା ଓ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନାମରେ ମୋଟ୍ ୧୫ ଏକର ୧୯୧ ଡ଼ିସିମିଲି ଓ ସରକାରଙ୍କ ନାମରେ ଥିବା ୨ ଏକର ୬୪ ଡ଼ିସିମିଲି ପରିମିତ ଜମି ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଅଞ୍ଚଳସ୍ଥିତ ହେରିଟେଜ୍ ସୁକ୍ୟୁରିଟି କରିଡରର ଉନ୍ନତିକରଣ କରାଯାଇଥିଲା ।

ପ୍ରଥମ ଥର ନିମନ୍ତେ ଶ୍ରୀମନ୍ଦିର ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି ହୋଇଥିଲା । ୨୦୨୧ ମସିହା ନଭେମ୍ବର ୨୪ ତାରିଖରେ । ସେହି ସ୍ମରଣୀୟ ଦିବସରେ ଶ୍ରୀମନ୍ଦିର ପରିଚାଳନା କମିଟିର ଅଧ୍ୟକ୍ଷ ପୁରୀ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବ ଏବଂ ଓଡ଼ିଶାର, ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ 'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ' ର ଶିଳାନ୍ୟାସ ଉତ୍ସବ ଏକ ପବିତ୍ର ଆଧ୍ୟାତ୍ମିକ ପରିବେଶରେ ଶୁଭାରମ୍ଭ ହୋଇଥିଲା ।

ବୈଦିକ ଯଜ୍ଞାନୁଷ୍ଠାନ, ବେଦ ପାଠ ମଧ୍ୟରେ ପୂଜ୍ୟ ମଠାଧୀଶବୃନ୍ଦ, ସାଧୁ, ସନ୍ଥ, ଅତିଥିବୃନ୍ଦ ଓ ଶ୍ରୀମନ୍ଦିର ସେବକମାନଙ୍କ ଉପସ୍ଥିତିରେ ଏହି ଭବ୍ୟ ଶିଳାନ୍ୟାସ ଉତ୍ସବ ସମ୍ପାଦିତ ହେବା ଫଳରେ ବିଶ୍ୱର କୋଣ ଅନୁକୋଣରୁ ରାଜ୍ୟ ସରକାର ତଥା ଶ୍ରୀମନ୍ଦିର ପ୍ରଶାସନଙ୍କୁ ପ୍ରଶଂସାର ସୁଅ ଛୁଟିଥିଲା । ରାଜ୍ୟ ସରକାରଙ୍କ ଆର୍ଥିକ ସହଯୋଗରେ ଓଡ଼ିଶା ସେତୁ ନିର୍ମାଣ ନିଗମ ଉପରେ ଏହି ଐତିହାସିକ ପ୍ରକଳ୍ପ କାର୍ଯ୍ୟ ନ୍ୟସ୍ତ କରାଯାଇଥିଲା । ବିଶେଷକରି ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ଆନ୍ତରିକତା ଓ ସୁପରାମର୍ଶରେ ୫ 'ଟି' ଅଧ୍ୟକ୍ଷ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ, ପୁରୀଙ୍କ ସ୍ତରରେ ପରିକ୍ରମା ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବିଭିନ୍ନ ସମୟରେ ତଦାରଖ ହୋଇ ଆସୁଥିଲା । **ମହାପ୍ରଭୁଙ୍କ ଅଶେଷ କୃପା ଯୋଗୁଁ ଏହି ପରିକ୍ରମା ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ମୁଖ୍ୟତଃ କଳିଙ୍ଗ ସ୍ଥାପତ୍ୟ କଳାର ବିଭିନ୍ନ ମୂର୍ତ୍ତି, ସ୍ତମ୍ଭ, ତୋରଣ, ମଣ୍ଡପ, ଶୌଚାଳୟ, ବିଶ୍ରାମ ସ୍ଥଳ ଇତ୍ୟାଦିରେ ବଉଳମାଳା ପ୍ରସ୍ତର ବ୍ୟବହୃତ ହୋଇଥିଲା । ଏତଦ୍‌ବ୍ୟତୀତ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ପ୍ରାୟ ୧୯ଟି ମଠାନୁଷ୍ଠାନର ସଂରକ୍ଷଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଜାତୀୟ ଐତିହ୍ୟ କର୍ତ୍ତୃପକ୍ଷ (ଏନ୍.ଏମ୍.ଏ)ଙ୍କ ନିର୍ଦ୍ଦେଶାବଳୀ ପ୍ରକାରେ ସମ୍ପାଦନ କରାଯାଇଥିଲା । ବିଶେଷକରି ବି.କେ. ଆର୍ଟ ମହାବିଦ୍ୟାଳୟର ୬୦ଜଣ କୁଶଳ ଶିଳ୍ପୀ (ଛାତ୍ର)ଙ୍କ ସହଯୋଗରେ ମୂର୍ତ୍ତିମାନର ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହେବା ଅତ୍ୟନ୍ତ ଆନନ୍ଦର ବିଷୟ ଥିଲା ।** ଏଥି ସହିତ ଶ୍ରୀ ସେତୁ, ଶ୍ରୀ ଦାଣ୍ଡ ଇତ୍ୟାଦି ମାର୍ଗରେ ମୂର୍ତ୍ତିମାନ ସଂସ୍ଥାପନ କରାଯିବା ଫଳରେ ଉତ୍କଳର ପାରମ୍ପରିକ କଳା, ସଂସ୍କୃତି ଭାସ୍କର୍ଯ୍ୟର ନିଦର୍ଶନ ସ୍ପଷ୍ଟ ରୂପେ ପ୍ରତିଫଳିତ ହୋଇ ପାରିଥିଲା ।

*(ଶେଷଭାଗ ଆସନ୍ତାକାଲି ପ୍ରକାଶ ପାଇବ)*

**ବରିଷ୍ଠ ଶ୍ରୀଜଗନ୍ନନାଥ ଗବେଷକ**
**ଶ୍ରୀଜଗନ୍ନାଥ ଧାମ, ପୁରୀ**

**ପ୍ରଥମ ଥର ନିମନ୍ତେ ଶ୍ରୀମନ୍ଦିର ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି ହୋଇଥିଲା । ୨୦୨୧ ମସିହା ନଭେମ୍ବର ୨୪ ତାରିଖରେ । ସେହି ସ୍ମରଣୀୟ ଦିବସରେ ଶ୍ରୀମନ୍ଦିର ପରିଚାଳନା କମିଟିର ଅଧ୍ୟକ୍ଷ ପୁରୀ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବ ଏବଂ ଓଡ଼ିଶାର, ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ 'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ' ର ଶିଳାନ୍ୟାସ ଉତ୍ସବ ଏକ ପବିତ୍ର ଆଧ୍ୟାତ୍ମିକ ପରିବେଶରେ ଶୁଭାରମ୍ଭ ହୋଇଥିଲା । ବୈଦିକ ଯଜ୍ଞାନୁଷ୍ଠାନ, ବେଦ ପାଠ ମଧ୍ୟରେ ପୂଜ୍ୟ ମଠାଧୀଶବୃନ୍ଦ, ସାଧୁ, ସନ୍ଥ, ଅତିଥିବୃନ୍ଦ ଓ ଶ୍ରୀମନ୍ଦିର ସେବକମାନଙ୍କ ଉପସ୍ଥିତିରେ ଏହି ଭବ୍ୟ ଶିଳାନ୍ୟାସ ଉତ୍ସବ ସମ୍ପାଦିତ ହେବା ଫଳରେ ବିଶ୍ୱର କୋଣ ଅନୁକୋଣରୁ ରାଜ୍ୟ ସରକାର ତଥା ଶ୍ରୀମନ୍ଦିର ପ୍ରଶାସନଙ୍କୁ ପ୍ରଶଂସାର ସୁଅ ଛୁଟିଥିଲା ।**

# କୃଷି ସୁରକ୍ଷାରେ ସାଧବ ବୋହୂ



ସତ୍ୟ ସୁନ୍ଦର ଭଞ୍ଜ

କୃଷିରେ ମାତ୍ରାଧିକ୍ୟ କୀଟନାଶକ ବ୍ୟବହାର ଯୋଗୁ ମୃତ୍ତିକା ଧୀରେ ଧୀରେ କୃଷି ପ୍ରତି ଅନୁପଯୋଗୀ ହେଉଛି । ଅପ୍ରତ୍ୟାଶିତ ବର୍ଷା, ବର୍ଦ୍ଧିତ ତାପମାତ୍ରା, ଦୀର୍ଘକାଳୀନ ମରୁଡି, ଅତିମାତ୍ରାର ପାଗ ପରି ଘଟଣାଗୁଡିକ ପ୍ରତ୍ୟକ୍ଷ ଭାବରେ ଜଳାଶୟ, ଜଙ୍ଗଲ, ଚାରଣ ଭୂମି ଏବଂ ଉପକୂଳବର୍ତ୍ତୀ ଅଞ୍ଚଳକୁ ପ୍ରଭାବିତ କରିଛି । ସାମ୍ପ୍ରତିକ ଆକଳନ ଅନୁଯାୟୀ ଓଡ଼ିଶାର ପ୍ରାୟ ୨୫ରୁ ୩୦ ପ୍ରତିଶତ ଭୂମି ସର୍ବସାଧାରଣ ସମ୍ପଦ ଅନ୍ତର୍ଭୁକ୍ତ ଅଟେ । ଆନୁମାନିକ ଭାବରେ ଓଡ଼ିଶା ଜନସଂଖ୍ୟାର ପ୍ରାୟ ୪୦ ପ୍ରତିଶତ ଲୋକ ସେମାନଙ୍କର ଜୀବନଜୀବିକା ଏବଂ ଆୟ ନିମନ୍ତେ ସର୍ବସାଧାରଣ ସମ୍ପଦ ଉପରେ ନିର୍ଭର କରିଥାନ୍ତି । କିନ୍ତୁ ସମୟ କ୍ରମେ ଅନେକ ବ୍ୟତିକ୍ରମ ଦେଖାଦେଇଛି । ଏହି ସମୟରେ ପ୍ରକୃତି ସହ କୃଷିକୁ ଖାପ ଖୁଆଇବାକୁ ପ୍ରକୃତିର ଦାନ ସାଧବ ବୋହୂଙ୍କୁ ଖୋଜା ପଡୁଛି । କିନ୍ତୁ ଗ୍ରାମାଞ୍ଚଳରେ ଦିନକୁ ଦିନ ସାଧବ ବୋହୂ ଆଉ ଦେଖିବାକୁ ମିଳୁନାହାଁନ୍ତି । ବିଜ୍ଞାନ ଓ ଜ୍ଞାନକୌଶଳ ଯେତିକି ଅଗ୍ରଗତି ହେଉଛି ଜୀବଜଗତ, କୀଟପତଙ୍ଗର ସେତିକି କ୍ଷତି ହେଉଛି । ନୂତନ ଜ୍ଞାନକୌଶଳ ବହୁଳ ବ୍ୟବହାର ଫଳରେ ଅନେକ ଜୀବ ଧରାପୃଷ୍ଠରୁ ଲୋପ ପାଇବାକୁ ବସିଲେଣି ।

ବିଶେଷ କରି ଓଡ଼ିଆଙ୍କ ମହାନ ଗଣପର୍ବ ରଜ ସମୟ ଓ ତତ୍ ପରେ ବର୍ଷାର ମୌସୁମୀର ଆଗମନରେ ଘର ବାଡ଼ି ବିଲ ଚାଷଜମିରେ ସାଧବ ବୋହୂଙ୍କୁ ଦେଖିବାକୁ ମିଳୁଥିବାବେଳେ ଏବେ ଆଉ ତାହା ଦେଖିବାକୁ ମିଳୁନାହିଁ । ଏପରିକି ଭଲ ମୌସୁମୀର ବାହକ ବା ସୂତ୍ରଧର ବୋଲି ସାଧବ ବୋହୂଙ୍କୁ କୁହାଯାଇଥାଏ । ଭଲ ବର୍ଷା ସହ ଭଲ ଫସଲ ହେବାର ପ୍ରାକ୍ ସୂଚନା ଦେଇଥାନ୍ତି ସାଧବବୋହୂ । ବର୍ଷା ପରେ ଘାସ ତିଆରି ହୋଇ ଧାରଣ ସାଙ୍ଗକୁ ସବୁଜ ଶାଢ଼ି ପିନ୍ଧାଇ ଦିଏ ସେହି ସମୟରେ ପ୍ରକୃତିର ସାଧବ ବୋହୂ । ମାଟି ଉପରକୁ ବାହାରି ପଡି ପ୍ରକୃତିର ସୌନ୍ଦର୍ଯ୍ୟ ଶଦ୍ଧ ରୂପ ଦେଇଥାନ୍ତି । ଏ ଦୃଶ୍ୟ ଦେଖି କବି ଓ ପ୍ରକୃତି ପ୍ରେମୀ ଭାବପ୍ରବଣ ହୋଇଥାନ୍ତି । କବି ନିଜ ଭାଷାରେ କବିତା ଲେଖିବା ଆରମ୍ଭ କରିଦିଅନ୍ତି । କବିର ଭାଷାରେ ଅନେକେ କବିତା ଆପେ ଆପେ ନିଃସୃତ ହୋଇଯାଏ । କବିର ଭାଷାରେ ସାଧବ ବୋହୂ ସବୁ ଧରଣୀ ରାଣୀର ସବୁଜ ରଙ୍ଗର ଶାଢ଼ିରେ ଲାଲ ମୋତି ପରି ଦେଖାଯାଉଥାଏ । ଧରାପୃଷ୍ଠର ସେହି ଛୋଟ୍ ଜୀବଟି ପ୍ରକୃତିର ପ୍ରତିକୂଳ ପରିବେଶର ଆଉ ଖାପଖୁଆଇ ନ ପାରି ଦିନକୁ ଦିନ ଧରା ପୃଷ୍ଠରୁ ଉଭେଇ ଯାଉଛନ୍ତି । ଚାଷୀ ପୁଅ ଓ କୃଷି ବୈଜ୍ଞାନିକଙ୍କ ମତ ରହିଛି ସାଧବ ବୋହୂ ଆଗମନରେ ମାଟି ଉର୍ବରତା ହେବା ସହିତ ଚାଷ ପାଇଁ ବେଶ୍ ସହାୟକ ହୋଇଥାଏ । ସାଧବ ବୋହୂ ଆଗମନ ସମୟରେ ମାଟିକୁ ନଷ୍ଟ କରିବାକୁ କିଛି କୀଟ ଶ୍ରେଣୀର ପୋକ ଜନ୍ମ ନେଇଥାନ୍ତି । ସେହି ପ୍ରଜାତିର ପୋକକୁ ଖାଇ ନଷ୍ଟ କରିଥାନ୍ତି ସାଧବବୋହୁ ମାନେ । ଏମିତି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରାଣୀ ହେଉଛି – ସାଧବବୋହୂ । ଓଡ଼ିଆ ଭାଷାରେ ଏହି ପୋକକୁ ଆମେ ସାଧବ ବୋହୂ ବୋଲି କହିଥାଉ । ଏହି ଛୋଟ, ଲାଲ ରଙ୍ଗିନ ପୋକଟି କୃଷି ପ୍ରଣାଳୀ ପାଇଁ ଅତ୍ୟନ୍ତ ଉପକାରୀ ଓ ପରିବେଶ ହିତୈଷୀ ଅଟନ୍ତି । ଏହି ପୋକମାନଙ୍କର ଶରୀର ଗୋଲାକାର ଏବଂ ରଙ୍ଗ ହଳଦିଆ, ଲାଲ, କଳା ଇତ୍ୟାଦି ହୁଏ । ଏମାନେ ଅନେକ ପ୍ରକାର ଫସଲ କ୍ଷତିକାରକ ପୋକକୁ ନିଜେ କାମୁଡ଼ି ଖାଇଥାନ୍ତି, ଫଳରେ କୃଷିର ସୁରକ୍ଷା ହୋଇଥାଏ । ମାଟିକୁ ଉର୍ବର କରିବାରେ ସେହି ସମୟରେ ସାଧବବୋହୂମାନଙ୍କର ବହୁ ସକାରାତ୍ମକ ଭୂମିକା ରହିଛି । ବର୍ତ୍ତମାନ ସମୟରେ ରାସାୟନିକ ସାର ଉପଯୋଗ ଓ ଅନୁକୂଳ ପାଗ ନ ହେବାରୁ ସାଧବ ବୋହୂ ଆଉ ଦିଶୁନାହାନ୍ତି । ମୃତ୍ତିକା କ୍ଷୟ ଓ ଜଳବାୟୁ ପରିବର୍ତ୍ତନ ଯୋଗୁ ମୃତ୍ତିକା ମଧ୍ୟ ସ୍ୱାସ୍ଥ୍ୟ ହରାଉଛି । ମାଟିରୁ ଯବକ୍ଷାରଜାନ, ଫସଫରସ ମାତ୍ରା କମୁଥିବାରୁ ଉଦ୍ଭିଦ ବୃଦ୍ଧି ବାଧାପ୍ରାପ୍ତ ହେଉଛି । ଯବକ୍ଷାରଜାନ ଉଦ୍ଭିଦରେ ପୁଷ୍ଟିସାର ଖାଦ୍ୟ ପ୍ରସ୍ତୁତି ଓ ପତ୍ରରେ ସବୁଜକଣିକା ବଢ଼ାଉଥିବା ବେଳେ ଫସଫରସ୍ ଚେର ବୃଦ୍ଧିରେ ସାହାଯ୍ୟ କରିବା ସହ ଫୁଲଫଳ ଧରିବାରେ ସହାୟକ ହୋଇଥାଏ । ଅଧିକ ଅମଳ ପାଇଁ ଚାଷୀ ମାତ୍ରାଧିକ କୀଟନାଶକ ବ୍ୟବହାର କରୁଥିବାରୁ ଭୂତଳ ଜଳ ମଧ୍ୟ ପ୍ରଦୂଷଣ ହେବାରେ ଲାଗିଛି ।

କୃଷି ହେଉଛି ଆମ ଦେଶର ଆଧାରଭୂତ ଅର୍ଥନୈତିକ କ୍ଷେତ୍ର । ଏହି କ୍ଷେତ୍ରରେ ଫସଲ ବୃଦ୍ଧି ଓ ସୁସ୍ଥ ପରିବେଶ ରଖିବା ପାଇଁ ବିଭିନ୍ନ ପ୍ରାକୃତିକ ଉପାଦାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାନ୍ତି । ସେହିପରି ସାଧବ ବୋହୂ କୃଷି ଓ କୃଷକ ପାଇଁ ଏକ ଆଶୀର୍ବାଦ । ଏହି ପୋକ ଚାଷ ପାଇଁ ପ୍ରାକୃତିକ ରକ୍ଷକ ସେନାପତି ବୋଲି କୁହାଯାଇପାରିବ । ଏହା ଫସଲରେ ଥିବା କ୍ଷତିକାରକ ପୋକଗୁଡ଼ିକୁ ନିଜେ ଶିକାର କରେ । ବିଶେଷକରି, ଏମାନେ ଏହି କ୍ଷତିକାରକ ପୋକଗୁଡ଼ିକୁ ଖାଇଯାଇଥାନ୍ତି । ଏହି ପୋକମାନେ ତିନି ଧାରାରେ କୃଷିକୁ ସହଯୋଗ କରିଥାନ୍ତି । ସେଗୁଡ଼ିକ ହେଲା ଜୈବ ବୃଦ୍ଧି, ଅର୍ଥନୈତିକ ଲାଭ ଓ ପରିବେଶଗତ ଜୈବ ବିବିଧତା । ସାଧବ ବୋହୂ ପୋକ ଶତ୍ରୁନାଶୀ ଭାବରେ କାମ କରେ । ଏହି ପୋକ କୃଷକଙ୍କୁ ଜୈବ ଚାଷ କରିବା ପାଇଁ ଉତ୍ସାହିତ କରିଥାଏ । କୃତ୍ରିମ କୀଟନାଶକ ବ୍ୟବହାର କମିଲେ ମାଟିର ଗୁଣାତ୍ମକତା ବଢିଯାଏ ଓ ପରିବେଶ ଓ ଆରୋଗ୍ୟ ଉପରେ ସ୍ୱାସ୍ଥ୍ୟକାରକ ପ୍ରଭାବ ପଡ଼େ । ସେହିପରି ଚାଷୀକୁ ଅର୍ଥନୈତିକ ଲାଭ ହୋଇଥାଏ । କୃତ୍ରିମ କୀଟନାଶକ ବ୍ୟବହାର କମିଗଲେ, କୃଷକଙ୍କ ଖର୍ଚ୍ଚ କମିଯାଏ । ଏହିପରି ପ୍ରାକୃତିକ ବିକଳ୍ପ ଦ୍ୱାରା କୃଷକମାନେ ଅର୍ଥନୈତିକ ଅବସ୍ଥାକୁ ସୁଦୃଢ଼ କରିପାରନ୍ତି । ସେହିପରି ତୃତୀୟରେ ପରିବେଶ ଓ ଜୈବ ବିବିଧତା । ଏହି ପୋକମାନେ ପରିବେଶରେ ଅନ୍ୟାନ୍ୟ ଜୀବମାନଙ୍କ ସହ ସମତୁଳିତ ସମ୍ପର୍କ ରଖିଥାନ୍ତି । ଏମାନେ ମାଟି, ଜଳ ଓ ପାଳିବନ ଜୀବ ବିବିଧତାକୁ



ବଢ଼ାନ୍ତି ।

ଅନେକ କୃଷି ବିଜ୍ଞାନୀ ଏହି ସାଧବବୋହୂକୁ ଏକ ପରିବେଶପ୍ରେମୀ ପୋକ ବୋଲି ମାନ୍ୟତା ଦେଇଛନ୍ତି । କୃଷି ବିଶ୍ୱବିଦ୍ୟାଳୟ ଏବଂ ବୈଜ୍ଞାନିକ କେନ୍ଦ୍ରମାନେ ଏହାର ଉତ୍ପାଦନ, ପ୍ରସାରଣ ଓ ବ୍ୟବହାର ବିଷୟରେ ଗବେଷଣା କରୁଛନ୍ତି । ଏପରି ସ୍ଥିତିରେ ସାଧବ ବୋହୂଙ୍କୁ ବଞ୍ଚାଇବା ପାଇଁ ପ୍ରକୃତିପ୍ରେମୀ ଦାବି କରୁଛନ୍ତି ।

ସାଧବ ବୋହୂ ପୋକ ଉପସ୍ଥିତିକୁ ବଢ଼ାଇବା ପାଇଁ ଚାଷୀମାନେ ବିଭିନ୍ନ ଉପାୟମାନ ଅନୁସରଣ କରିପାରିବେ । ସେଗୁଡ଼ିକ ମଧ୍ୟରେ ଫୁଲ ଥିବା ଉଦ୍ଭିଦ ଲଗାନ୍ତୁ , କୃତ୍ରିମ କୀଟନାଶକ ବ୍ୟବହାରରୁ ଦୂରେଇ ରୁହନ୍ତୁ ଓ ଜୈବ ଉପାୟ ଅନୁସରଣ କରନ୍ତୁ। ସାଧବ ବୋହୂ ହେଉଛନ୍ତି ଏକ ସାହାଯ୍ୟକାରୀ ପ୍ରାଣୀ ଯାହା ନିଜ ପ୍ରାକୃତିକ ଉପାୟରେ କୃଷିକୁ ରକ୍ଷା କରେ । ଏହି ପୋକ କୃଷି ଓ ପରିବେଶ ପାଇଁ ଦୟାଳୁ ମିତ୍ର ଭାବେ ପରିଚିତ । ଏହା ପ୍ରମାଣିତ କରିଛି ଯେ ଛୋଟ ଜୀବ ବି ବଡ଼ କାମ କରିପାରେ । ତେଣୁ ଏହା ଅତି ଆବଶ୍ୟକ ଯେ ଆମେ ଏହି ପ୍ରାଣୀକୁ ସୁରକ୍ଷା କରିବା ସହିତ ପୁଣି ଥରେ ଏହି ବଂଶର ବୃଦ୍ଧି ପାଇଁ ଉଦ୍ୟମ କରାଯିବା ଉଚିତ ।

**ସମୟ ସହ–ସମ୍ପାଦକ**
**ମୋ–୯୪୩୭୧–୫୦୬୩୨**

**ଏହି ଛୋଟ, ଲାଲ ରଙ୍ଗିନ ପୋକଟି କୃଷି ପ୍ରଣାଳୀ ପାଇଁ ଅତ୍ୟନ୍ତ ଉପକାରୀ ଓ ପରିବେଶ ହିତୈଷୀ ଅଟନ୍ତି । ଏହି ପୋକମାନଙ୍କର ଶରୀର ଗୋଲାକାର ଏବଂ ରଙ୍ଗ ହଳଦିଆ, ଲାଲ, କଳା ଇତ୍ୟାଦି ହୁଏ । ଏମାନେ ଅନେକ ପ୍ରକାର ଫସଲ କ୍ଷତିକାରକ ପୋକକୁ ନିଜେ କାମୁଡ଼ି ଖାଇଥାନ୍ତି, ଫଳରେ କୃଷିର ସୁରକ୍ଷା ହୋଇଥାଏ । ମାଟିକୁ ଉର୍ବର କରିବାରେ ସେହି ସମୟରେ ସାଧବବୋହୂମାନଙ୍କର ବହୁ ସକାରାତ୍ମକ ଭୂମିକା ରହିଛି । ବର୍ତ୍ତମାନ ସମୟରେ ରାସାୟନିକ ସାର ଉପଯୋଗ ଓ ଅନୁକୂଳ ପାଗ ନ ହେବାରୁ ସାଧବ ବୋହୂ ଆଉ ଦିଶୁନାହାନ୍ତି ।**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଓଡ଼ିଶା...

ଆନ୍ଦୋଳନକାରୀଙ୍କ ଚକେଲେଟ୍ ଓ ଫୁଲତୋଡା ପଥଚାରୀଙ୍କୁ ଏକପ୍ରକାର ଉତ୍ସାହିତ କରିଥିଲା । ୧୧ଟି ଟ୍ରେନ୍ ବିଳମ୍ବିତ ହୋଇଥିବା ବେଳେ ୭ଟି ରେଳ ଷ୍ଟେସନରେ ବହୁ ଟ୍ରେନ୍ ଅଟକି ରହିଥିଲା । ବିଧାୟକ ରମେଶ ଜେନାଙ୍କ ନେତୃତ୍ୱରେ ଯୁବ ଓ ଛାତ୍ର କଂଗ୍ରେସ କର୍ମୀମାନେ ବାଇକ୍ ର୍ୟାଲି କରି ରାଜଧାନୀ ପରିକ୍ରମା କରୁଥିଲେ ।

ରାଜଧାନୀ, କଟକ, ବଲାଙ୍ଗୀର, ସମ୍ବଲପୁର, ଜୟପୁର ପ୍ରଭୃତି ବିଭିନ୍ନ ସ୍ଥାନରେ ଆନ୍ଦୋଳନରେ ସାମିଲ ଥିବା କଂଗ୍ରେସ ସମେତ ୮ଟି ଦଳର କର୍ମୀମାନେ ଲୋକଙ୍କୁ ଚକୋଲେଟ୍ ଓ ଫୁଲତୋଡା ଦେଇ ଆନ୍ଦୋଳନକୁ ସମର୍ଥନ କରିବା ପାଇଁ ଅନୁରୋଧ କରିଥିଲେ । ରାଜଧାନୀରେ ପିକେଟିଂ ବେଳେ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଓ ପିସିସି ସଭାପତି ଭକ୍ତ ଦାସଙ୍କ ସମେତ ବିଭିନ୍ନ ସ୍ଥାନରେ ୪୮ ଜଣଙ୍କୁ ଅଟକ କରାଯାଇଥିବା ବେଳେ ରାଜ୍ୟରେ ଶତାଧିକ ଆନ୍ଦୋଳନକାରୀଙ୍କୁ ପୋଲିସ ଅଟକ ରଖିଥିବା ଜଣାପଡିଛି । ଭୁବନେଶ୍ୱର ଆନ୍ଦୋଳନରେ ପିସିସି ସଭାପତିଙ୍କ ସହ କଂଗ୍ରେସ ଜାତୀୟ ଯୁବ କଂଗ୍ରେସ ସଭାପତି ଉପସ୍ଥିତ ଥିଲେ । ସେହିପରି କଟକରେ ବିଧାୟିକା ସୋଫିଆ ଫିର୍ଦୌସ ଓ ଜାତୀୟ ମହିଳା କଂଗ୍ରେସ ସଭାନେତ୍ରୀ ଅଲକା ଲାମ୍ବା ଓ ମହମ୍ମଦ ମୋକିମ୍ଙ୍କ ସମେତ ବହୁ କଂଗ୍ରେସ କର୍ମୀ ବିଭିନ୍ନ ସରକାରୀ ଅଫିସ୍‌କୁ ଯାଇ ଫୁଲଦେଇ ଆନ୍ଦୋଳନକୁ ସମର୍ଥନ କରିବାକୁ ଅନୁରୋଧ କରିଥିବା ବେଳେ ଦୋକାନ, ବଜାର ଓ ଗାଡି ଚଳାଚଳ ବନ୍ଦ ରହିଥିଲା । ଭୁବନେଶ୍ୱର ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ବସ୍ ସମ୍ପୂର୍ଣ୍ଣ ଠିଆ ହୋଇ ରହିଥିବା ବେଳେ ଜାତୀୟ ରାଜପଥରେ ମାଲବାହୀ ଗାଡିଗୁଡିକ ଲମ୍ବା ଧାଡିରେ ଅଟକି ରହିଥିବା ଦେଖିବାକୁ ମିଳିଥିଲା । ରାଜମହଲ, ମାଷ୍ଟରକ୍ୟାଣ୍ଟିନ, କଳ୍ପନା, ରସୁଲଗଡ, ବରମୁଣ୍ଡା, ଜୟଦେବବିହାର, ବାଣୀବିହାର, ବାପୁଜୀନଗର ଓ ଜନପଥ ସମେତ ସମଗ୍ର ଭୁବନେଶ୍ୱରରେ ଦୋକାନ, ବଜାର ବନ୍ଦ ରହିଥିବା ଦେଖିବାକୁ ମିଳିନଥିଲା । ସେହିପରି କଟକ ନୂଆ ବସ୍‌ଷ୍ଟାଣ୍ଡରେ ବସ୍ ଅଟକି ରହିଥିବା ବେଳେ ଚୌଧୁରୀ ବଜାର, ବକ୍ସିବଜାର, ରାଣୀହାଟ, ପିଠାପୁର ପ୍ରଭୃତି ବିଭିନ୍ନ ବଜାରରେ ଦୋକାନ ବନ୍ଦ ରହିଥିଲା । ଡିଜିପି ଅଫିସ୍ ସାମ୍ନାରେ ପିକେଟିଂ କରୁଥିବା ଆନ୍ଦୋଳନକାରୀଙ୍କୁ ପୋଲିସ ଉଠାଇ ନେଇଥିଲା ।

ଗଞ୍ଜାମ, ବ୍ରହ୍ମପୁର, ଗଜପତି, ଯାଜପୁର, ଜୟପୁର, କୋରାପୁଟ, ବଲାଙ୍ଗୀର, ସମ୍ବଲପୁର, ରାଇରଙ୍ଗପୁର, ସୁନ୍ଦରଗଡ, ଝାରସୁଗୁଡା, ଦେବଗଡ, ସୋନପୁର, ବୌଦ୍ଧ, ଫୁଲବାଣୀ, ନୂଆପଡା, ରାୟଗଡା, ମାଲକାନଗିରି, ନବରଙ୍ଗପୁର, ବରଗଡ, ଅନୁଗୁଳ, ଢେଙ୍କାନାଳ, ମୟୂରଭଞ୍ଜ, ଜଗତସିଂହପୁର, କେନ୍ଦ୍ରାପଡା, ସାଲେପୁର, କାକଟପୁର, ପୁରୀ, ବ୍ରହ୍ମଗିରି, ବାଲେଶ୍ୱର, ଭଦ୍ରକ ସମେତ ୩୦ଟି ଜିଲ୍ଲାର କଂଗ୍ରେସର ବନ୍ଦ ଡାକରା ଶାନ୍ତିପୂର୍ଣ୍ଣ ଭାବେ ପାଳନ ହୋଇଛି । ରାସ୍ତାରେ କେବଳ ଦୁଇ ଚକିଆ ଓ ବ୍ୟକ୍ତିଗତ ଗାଡି ସମେତ ଆମ୍ବୁଲାନ୍ସ ପ୍ରଭୃତି ଯାତାୟାତ କରୁଥିବା ଦେଖିବାକୁ ମିଳିଥିଲା । ୩୦ଟି ଜିଲ୍ଲାର ସଦର ମହକୁମା ସମେତ ବିଭିନ୍ନ ବଡବଡ ବଜାରମାନଙ୍କରେ ମଧ ଦୋକାନ ବଜାର ସମ୍ପୂର୍ଣ୍ଣ ବନ୍ଦ ରହିଥିଲା । ରାଉରକେଲାରେ ବନ୍ଦ ପାଳନ ଶାନ୍ତିପୂର୍ଣ୍ଣ ଥିଲା । ସବୁ ସ୍ଥାନରେ ଦୋକାନ, ବଜାର ଓ ସ୍କୁଲ, କଲେଜ ବନ୍ଦ ରହିଥିବା ବେଳେ ରାଜଧାନୀ ସମେତ କେତେକ ସ୍ଥାନରେ କେତେକ ସ୍କୁଲ, କଲେଜ ଖୋଲାରହିଥିଲେ ମଧ ଛାତ୍ରଛାତ୍ରୀ ଆସିନଥିଲେ । କାରଣ ପରିବହନ ସେବା ଠପ୍ ହୋଇଯାଇଥିବାରୁ ଛାତ୍ରଛାତ୍ରୀଙ୍କ ସମେତ ବହୁ ପଥଚାରୀ ପ୍ରଭାବିତ ହୋଇଛନ୍ତି ।

ରାଜଧାନୀରେ ଭୋର୍ ସମୟରେ ଭକ୍ତ ଦାସଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ରେଳଷ୍ଟେସନକୁ ଯାଇ ରେଳରୋକ କରିବା ବେଳେ ପୋଲିସ ସହ ଠେଲାପେଲା ହୋଇଥିଲା । ସେହିପରି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରିବା ବେଳେ ପ୍ରଭାରୀ ଅଜୟ କୁମାର, ଭକ୍ତ ଦାସଙ୍କ ସହ ପେଲାଠେଲା ହେବା ପରେ ସେମାନଙ୍କୁ ପୋଲିସ ଉଠାଇ ନେଇଥିଲା । ରାଜଧାନୀ ସମେତ ବିଭିନ୍ନ ସ୍ଥାନରେ ଆନ୍ଦୋଳନକାରୀମାନେ ରେଳଧାରଣାକୁ ଯାଇ ପିକେଟିଂ କରିବା ଦ୍ୱାରା ୧୧ଟି ଟ୍ରେନ୍ ବିଳମ୍ବ ହେବା ସାଙ୍ଗକୁ ୭ଟି ଷ୍ଟେସନରେ ବହୁ ଟ୍ରେନ୍ ଅଟକି ରହିଥିଲା । ଏହାଦ୍ୱାରା ରେଳଯାତ୍ରୀମାନେ ହନ୍ତସନ୍ତ ହୋଇଥିଲେ । ଟାଉନ ବସ୍ ସମେତ ବସ୍‌ସେବା ସମ୍ପୂର୍ଣ୍ଣ ବନ୍ଦ ରହିଥିବାରୁ ଅଟୋ ଓ କେତେକ ବେସରକାରୀ ଗାଡି ପଥଚାରୀଙ୍କ ଠାରୁ ମାତ୍ରାଧିକ ଟଙ୍କା ନେଇ ସେବା ଯୋଗାଉଥିବା ରାଜଧାନୀରେ ପରିଲକ୍ଷିତ ହୋଇଥିଲା । ବରମୁଣ୍ଡା ବସ୍‌ଷ୍ଟାଣ୍ଡ ନିକଟରେ ଜଣେ ମହିଳା ବସ୍‌ଯାତ୍ରୀ ହଇରାଣ ହେଉଥିବା ବେଳେ ତାଙ୍କ ପ୍ରତିକ୍ରିୟା ନେଇଥିଲୁ । ସେ ତାଙ୍କ ପ୍ରତିକ୍ରିୟାରେ କହିଥିଲେ, ଛାତ୍ରୀଙ୍କ ମୃତ୍ୟୁ ପରେ ବନ୍ଦ ଡାକରା ସାଙ୍ଗକୁ ବିଭିନ୍ନ ରାଜନୈତିକ ଦଳ କରୁଛନ୍ତି । ସେ ଯେତେବେଳେ ସବୁ ମହଲରେ ଅଭିଯୋଗ କରିଥିଲା, ଯଦି ସହାୟତାର ହାତ ବଢାଯାଇଥାନ୍ତା, ତେବେ ସେ ଝିଅର ଜୀବନହାନି ହୋଇନଥାନ୍ତା । ପୀଡିତାଙ୍କ ମୃତ୍ୟୁ ପରେ ଶାସକ ଦଳ ଏଫ୍‌ଏମ୍ କଲେଜର ଅଧକ୍ଷ ଓ ଏଚ୍‌ଓଡିଙ୍କୁ ଗିରଫ କରିଛି । ପୂର୍ବରୁ ଯଦି ତାଙ୍କ ଅନୁରୋଧ ଶୁଣିଥାନ୍ତେ, ତେବେ ଛାତ୍ରୀଙ୍କ ଜୀବନହାନି ହୋଇନଥାନ୍ତା ବୋଲି ସେହି ବସ୍‌ଯାତ୍ରୀ ତାଙ୍କ ମତାମତରେ କହିଛନ୍ତି ।

## ମୁଖ୍ୟମନ୍ତ୍ରୀସ୍ତରୀୟ...

ହ୍ରାସ ପାଇଛି । ଯାହା ଓଡ଼ିଶାର ସ୍ୱାସ୍ଥ୍ୟ ପରିପନ୍ଥୀ । ଜଳବିବାଦ ସମାଧାନ ଲାଗି ଟ୍ରିବ୍ୟୁନାଲ ଗଠନ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଟ୍ରିବ୍ୟୁନାଲ ଗଠନ ହୋଇଥିଲା । ଏଥିମଧ୍ୟରେ ୪୨ଟି ଶୁଣାଣି ସରିଲାଣି । ସମାଧାନର କୌଣସି ରାସ୍ତା ବାହାରି ପାରିନାହିଁ । ଆଜିର ଶୁଣାଣି ପରେ ଆଡଭୋକେଟ ଜେନେରାଲ ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ ୨ ରାଜ୍ୟର ନେତୃତ୍ୱ ଭିତରେ ଆଲୋଚନା ହେଲେ ଜଳ ବିବାଦର ସମାଧାନ ହୋଇପାରିବ ବୋଲି ପ୍ରସ୍ତାବ ଦିଆଯାଇଛି । ଏହି ପ୍ରସ୍ତାବକୁ ଟ୍ରିବ୍ୟୁନାଲ ଗ୍ରହଣ କରିଛନ୍ତି । ୨ ରାଜ୍ୟର ଆଲୋଚନା ସମ୍ପର୍କରେ କଣ ନିଷ୍ପତ୍ତି ନିଆଗଲା ତାହାର ରିପୋର୍ଟ ପରବର୍ତ୍ତୀ ଶୁଣାଣି ସମୟରେ ଟ୍ରିବ୍ୟୁନାଲକୁ ଅବଗତ କରାଯିବ । ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ୨ ରାଜ୍ୟର ମୁଖ୍ୟମନ୍ତ୍ରୀ, ମୁଖ୍ୟ ସଚିବ, ବୈଷୟିକବିତ ଓ ଆଇନଜୀବୀସ୍ତରରେ ଆଲୋଚନା କରାଯିବ । ଅଗଷ୍ଟ ୨ରେ ପରବର୍ତ୍ତୀ ଶୁଣାଣି ହେବ ବୋଲି ଧାର୍ଯ୍ୟ ହୋଇଛି ।

## ତୁରନ୍ତ...

କମିଟି ଗଠନ କରାଯିବା ସହ ଧାରା ୧୯ରେ ଥିବା ସଚେତନତା ଓ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଦେଇଛନ୍ତି । ଧାରା ୯ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ତଦନ୍ତ ସାରିବା ଏବଂ ବାର୍ଷିକ ରିପୋର୍ଟ ଓ ସ୍ୱଚ୍ଛତାକୁ ବଜାୟ ରଖିବାକୁ କହିଛନ୍ତି । ପରିଚାଳନାର ଦାୟିତ୍ୱବୋଧକୁ ମଧ ଗୁରୁତ୍ୱ ଦିଆଯାଇଛି । ସଂସ୍ଥାର ମୁଖ୍ୟ ବ୍ୟକ୍ତିଗତ ଭାବେ ଏହାର ସଫଳତାର ସହ ପ୍ରଣୟନ ଲାଗି ଦାୟିତ୍ୱବୋଧ ନେବେ । ସମସ୍ତ ପ୍ରଶାସନିକ ମୁଖ୍ୟ ପ୍ରାଥମିକତା ଦେଇ ଏହାକୁ କାର୍ଯ୍ୟକାରୀ କରନ୍ତୁ । ସେହିଭଳି ଆଭ୍ୟନ୍ତରୀଣ କମିଟିର ବୈଠକ ପ୍ରତି ୬ ମାସରେ ହେବ । ପ୍ରତିକାର ପଦକ୍ଷେପ କାର୍ଯ୍ୟକାରୀ କରାଯିବ । କୌଣସି ଅବହେଳା ଓ ଅଭିଯୋଗର ପଦକ୍ଷେପ ନିଆନଗଲେ ଉତ୍ତର ଦାୟିତ୍ୱ ଧାର୍ଯ୍ୟ କରାଯିବ । ରାଜ୍ୟ ସରକାର ଶିକ୍ଷା ଓ ବୃତ୍ତିଗତ ପରିବେଶରେ କାର୍ଯ୍ୟ କରୁଥିବା ମହିଳାମାନଙ୍କର ସ୍ୱାଭିମାନ ଓ ଦାୟିତ୍ୱବୋଧ ପାଇଁ ପ୍ରତିବଦ୍ଧ ଅଛନ୍ତି । ଜିଲ୍ଲା ପ୍ରଶାସନ ମଧ ଏହାକୁ କାର୍ଯ୍ୟକାରୀ କରିବ । ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି ଯେ କୌଣସି ଅଭିଯୋଗର ତଦନ୍ତ ରିପୋର୍ଟ ଓ କାର୍ଯ୍ୟାନୁଷ୍ଠାନ ସୁପାରିଶ ୧୫ ଦିନ ମଧ୍ୟରେ ମହିଳା ଓ ଶିଶୁ ବିଭାଗ ନିକଟରେ ଦାଖଲ ହେବ ।

## କ୍ରାଇମବ୍ରାଞ୍ଚର...

ରହିବା ସମ୍ପର୍କରେ ତନାଘନା କରିବେ କି ନାହିଁ, ପଚରାଯିବାରୁ ସବୁ ଦିଗକୁ ଆଧାର କରି ତଦନ୍ତ କରାଯିବ । ମୃତା ଛାତ୍ରୀ ପେଟ୍ରୋଲ କେଉଁଠୁ ଆଣି କେଉଁଠାରେ ରଖିଥିଲେ । ଦିଆସିଲି କିପରି ଲଗାଇଲେ ସେ ସମ୍ପର୍କରେ ପଚାରିବାରୁ ତଦନ୍ତକାରୀ ଅଫିସର କହିଥିଲେ, ତଦନ୍ତ ଆରମ୍ଭରୁ ତାହା କହିହେବ ନାହିଁ । ପ୍ରିନ୍ସପାଲଙ୍କ ଅଫିସ୍‌ରେ ବହୁ ସମୟ ରହିବା ପରେ ପୀଡିତା ଛାତ୍ରୀ ବାହାରକୁ ଆସିଥିଲେ । ଅଳ୍ପ କିଛି ସମୟ ପରେ ତାଙ୍କ ଦେହରେ ନିଆଁ ଲାଗିଥିଲା । ପ୍ରିନ୍ସପାଲଙ୍କ ଅଫିସ୍ ପାଖରେ ଗୋଟିଏ କ୍ୟାମେରା ଓ ଅପରପାଶ୍ୱର୍ରେ ଦୁଇଟି କ୍ୟାମେରା ରହିଛି । ସେଥିମଧ୍ୟରୁ ଗୋଟିଏ ସିସି କ୍ୟାମେରା ଚାଲୁ ରହିଥିବା ବେଳେ ଅନ୍ୟ ଦୁଇଟି ବନ୍ଦ ରହିଛି । କାହିଁକି ବନ୍ଦ ରହିଛି, ନା ବନ୍ଦ କରିଦିଆଯାଇଛି, ତାହା ମଧ୍ୟ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ପରିସର ହେବ ।

ପୀଡିତା ଜୀବନ ଅବସ୍ଥାରେ ଥାନାରେ ଏତଲା କରିଥିଲେ । ସେହି ଏତଲାକୁ ପୋଲିସ କାହା ଚାପରେ ଷ୍ଟେସନ ଡାଏରୀ କରିଥିଲେ ତାହା ମଧ ତଦନ୍ତ ପରିସର ହେବ । ଏହି ମାମଲାରେ ପୋଲିସକୁ ପୋଲିସ ଜେରା କରିବ । କାରଣ ପୀଡିତା ମୃତ୍ୟୁ ପୂର୍ବରୁ ଏସ୍‌ପି, ଥାନା ଓ ନେତା, ମନ୍ତ୍ରୀଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ । ସେମାନଙ୍କୁ ମଧ ପଚରାଉଚରା ହେବ । ମୃତା ଛାତ୍ରୀଙ୍କ ଭାଇ ଯେଉଁ ୪ ଜଣଙ୍କ ନାଁରେ ଏତଲା କରିଛନ୍ତି, ସେମାନେ ସମସ୍ତେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ପରିସର ହେବେ । ରାଜ୍ୟର ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କ କହିବାନୁଯାୟୀ ସୋସିଆଲ ମିଡିଆ ପାଟ୍ରୋଲିଂ ହେଲେ ସବୁ ସ୍ପଷ୍ଟ ହୋଇଯିବ । ଏଣିକି ନିୟମିତ ଭାବେ ସୋସିଆଲ ମିଡିଆ ପାଟ୍ରୋଲିଂ କରାଯିବ । ସୋସିଆଲ ମିଡିଆରେ ମୃତ ଛାତ୍ରୀକୁ କେଉଁମାନେ କି ପ୍ରକାର ମନ୍ତବ୍ୟ ଦେଇଥିଲେ ତାହା ମଧ କ୍ରାଇମ୍‌ବ୍ରାଞ୍ଚ ତନାଘନାରେ ସ୍ଥାନ ପାଇବ । ଏଫ୍‌ଏମ୍ କଲେଜରେ ଏବିଭିପି ଛାତ୍ରମାନେ ଦୁଇଗୋଷ୍ଠୀରେ ବିଭାଜିତ ହୋଇ ମୃତା ଛାତ୍ରୀଙ୍କୁ କ'ଣ ସବୁ ମତ ଦେଇଥିଲେ, ତାହା ମଧ ତଦନ୍ତ ପରିସରକୁ ଆସିବ । କାରଣ କେତେକ ବିରୋଧୀ ଛାତ୍ର ନେତା ଛାତ୍ରୀଙ୍କ ମୃତ୍ୟୁ ପାଇଁ ଦାୟୀ ବୋଲି ଦୋଷାରୋପ କରାଯାଉଥିବା ବେଳେ ବିରୋଧୀ ଏବିଭିପିର କେତେକ ବିଭାଜିତ ଛାତ୍ରନେତାଙ୍କୁ ଦୋଷାରୋପ କରୁଛନ୍ତି । ମୃତ ଛାତ୍ରୀ ଦୃଢ଼ମନା ହୋଇଥିବାରୁ ତାଙ୍କୁ ମାରିଦିଆଯାଇଥିବା ପରିବାର ଓ ସମ୍ପର୍କୀୟ ଅଭିଯୋଗ କରୁଛନ୍ତି । ଏସବୁ କଥାକୁ ଆଧାର କରି କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଆଗକୁ ବଢିଲେ ଗିରଫଦାରୀ ସଂଖ୍ୟା ବଢିପାରେ ବୋଲି ମତପ୍ରକାଶ ପାଇଛି ।

## ବୈପ୍ଳବିକ...

କାର୍ଯ୍ୟ କରିବା । ଆମ ସରକାର ବ୍ୟୁରୋକାଟଙ୍କୁ ପରିବାର ଭଳି ଭାବୁଛନ୍ତି । ସାଧାରଣ ପ୍ରଶାସନ ବିଭାଗ ବିକଶିତ ଭାରତ ପାଇଁ ରୋଡମ୍ୟାପ କରୁଛନ୍ତି । ଏହା ଦ୍ୱାରା ଭାରତ ଏକ ନୂଆରୂପ ପାଇବ । ଏଥିରେ ଯୁବ ଅଫିସରମାନଙ୍କ ଭୂମିକା ଅଧିକ ରହିବ । ୨୦୪୭ରେ ଭାରତକୁ ବିକଶିତ କରିବାରେ ଜିଲ୍ଲାପାଳଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ । ଯେଉଁଥିରେ ସାଧାରଣ ଲୋକ ଅନେକ ସୁବିଧା ପାଇ ପାରିବେ ବୋଲି ସେ କହିଛନ୍ତି । ଶ୍ରୀ ସିଂ କହିଥିଲେ ଯେ ପୁରୁଣା ବ୍ୟବସ୍ଥା ବଦଳିବା ସହ ଦୀର୍ଘଦିନ ଧରି ପରମ୍ପରାକୁ ବଦଳିବା ଲାଗି ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଥିଲେ । ଏଗୁଡିକ ସୁଦୃଢ଼ ପ୍ରସାରୀ ସାମାଜିକ ଆର୍ଥିକ ପ୍ରଭାବ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ତୃଣମୂଳସ୍ତରରେ ଉନ୍ନତୀ ଆଣିଛନ୍ତି ଓ ନାଗରିକ ଜୀବନର ଗୁଣବତା ବୃଦ୍ଧି କରିଛନ୍ତି । ସଂସ୍କାର ଗୁଡିକ ନାଗରିକଙ୍କ ମାନସିକତାକୁ ମୌଳିକ ଭାବେ ପରିବର୍ତ୍ତନ କରିଛନ୍ତି । ସେମାନଙ୍କ ମଧ୍ୟରେ ବ୍ୟବସ୍ଥା ପ୍ରତି ଆତ୍ମସମ୍ମାନ, ଆତ୍ମବିଶ୍ୱାସ ଏବଂ ଭରଷାର ଏକ ନୂତନ ଭାବନା ସୃଷ୍ଟି କରିଛି । ଡିଜିଟାଲ ଜୀବନ ପ୍ରମାଣପତ୍ର ଭଳି ଅନେକ ପଦକ୍ଷେପ ଅଭିନବ ପ୍ରଶାସନିକ ସଂସ୍କରଣର ବିଶ୍ୱ ମଡେଲରୂପେ ବିକଶିତ ହୋଇଛି ବୋଲି ସେ କହିଥିଲେ ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି କହିଥିଲେ ଯେ ଜାତୀୟ ପ୍ରଶାସନିକ ସଂସ୍କରଣରେ ଓଡ଼ିଶା ସକ୍ରିୟ ସହଯୋଗ ଦେଇଛି । ଓଡ଼ିଶାରେ ପ୍ରଶାସନିକ ରୂପାନ୍ତୀକରଣ ସହ କାଗଜ ଶୂନ୍ୟ ବଜେଟ ବ୍ୟବସ୍ଥା କରାଯାଇ ଡିଜିଟାଲ ପ୍ରଶାସନ ଲାଗି ବ୍ୟବସ୍ଥା କରାଯାଇଛି । ରୂପାନ୍ତରିତ ପ୍ରଶାସନରେ ଭାରତର ଏହି ଯାତ୍ରାରେ ଓଡ଼ିଶା ସକ୍ରିୟ ସହଯୋଗ କରିଥିବାରୁ ଗର୍ବ ଅନୁଭବ କରୁଛି । ଓଡ଼ିଶା ସଚିବାଳୟରେ ଓସ୍ୱାସ ମାଧ୍ୟମରେ କାର୍ଯ୍ୟ କରାଯାଉଥିଲା ବେଳେ ୱାର୍କ ପାସବୁକ୍ ମଡ଼େଲ କରାଯାଇ ସ୍ୱଚ୍ଛତା ଦକ୍ଷତା ବୃଦ୍ଧି କରାଯାଇଛି । ନାଗରିକ ପ୍ରଶାସନ ବ୍ୟବସ୍ଥା ହୋଇଛି । ଅମଲାତନ୍ତ୍ରକୁ ଦାୟିତ୍ୱବୋଧ ପାଇଁ କୁହାଯାଇଥିଲା ବେଳେ ଫାଇଲରୁ ଡାଟା ଓ ରୂପାନ୍ତରିତ ହୋଇଛି । ଏହି ସମ୍ମିଳନୀ ଭାରତୀୟ ପ୍ରଶାସନ ରୂପରେଖ ପାଇଁ ଏକ ସୁଯୋଗ । ନୂଆ ଭାରତରେ ଆମେ ଆମର ଯାତ୍ରାକୁ ଏକ ମାଇଲଷ୍ଟୋନ ଆଡକୁ ନେଉଛୁ । ନୂଆ ଭାରତରେ ଦକ୍ଷତା ସମାନତା ଓ ସମ୍ବେଦନଶୀଳତା ଗୁରୁତ୍ୱ ଦିଆଯାଇଛି । ପ୍ରଧାନମନ୍ତ୍ରଙ୍କ ୨୦୪୭ ସୁଧା ବିକଶିତ ଭାରତ ଲକ୍ଷ୍ୟରେ ଓଡ଼ିଶା କାର୍ଯ୍ୟ କରୁଛି ।

ଉଦଘାଟନୀ ସମାରୋହରେ ସାଧାରଣ ପ୍ରଶାସନ ବିଭାଗର ଏସିଏସ୍ ସୁରେନ୍ଦ୍ର କୁମାର ମୁଖ୍ୟ ଆଲୋଚ୍ୟ ବିଷୟ ସମ୍ପର୍କରେ ଆଲୋକପାତ କରିଥିଲେ । ସେହିଭଳି କେନ୍ଦ୍ର ପ୍ରଶାସନିକ ସଂସ୍କାର ମନ୍ତ୍ରଣାଳୟର ଅତିରିକ୍ତ ସଚିବ ପୁନିତ ଯାଦବ ଧନ୍ୟବାଦ ଦେଇଥିଲେ । ଏହି ବୈଠକରେ ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ସମ୍ମିଳନୀ ଡିଏଆରପିଜି ଓ ଓଡ଼ିଶା ସରକାର ମିଳିତ ଭାବେ ଆୟୋଜନ କରିଛନ୍ତି । ସମଗ୍ର ଦେଶର ୪୦୦ ପ୍ରତିନିଧି ଏଥିରେ ଯୋଗଦେଇଛନ୍ତି । ଏହି ପ୍ଲାଟଫର୍ମରେ ଜାତୀୟସ୍ତରର ପ୍ରଶାସନିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା ।

## ପଞ୍ଚାୟତ...

ସାମ୍ବିଧାନିକ ବ୍ୟବସ୍ଥାରେ ପଞ୍ଚାୟତ ପ୍ରତିନିଧି ମାନେ ହେଉଛନ୍ତି ତୃଣମୂଳ ସ୍ତରରେ ନିର୍ବାଚିତ ପ୍ରତିନିଧି । ସେମାନେ ସିଧାସଳଖ ଲୋକଙ୍କ ସହ ଯୋଡିହୋଇ ରହିଥାନ୍ତି । ଲୋକଙ୍କ ସୁବିଧା ଅସୁବିଧାରେ ସେମାନଙ୍କୁ ସହାୟତା କରନ୍ତି । ଗ୍ରାମାଞ୍ଚଳ ବିକାଶରେ ସେମାନଙ୍କର ମହତ୍ୱପୂର୍ଣ୍ଣ ଅବଦାନ ରହିଥାଏ । କିନ୍ତୁ, ସେମାନଙ୍କ କ୍ଷେତ୍ରରେ କୌଣସି ଦୁର୍ଘଟଣା ଘଟିଲେ ସେମାନେ ବହୁତ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଏସବୁକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ସହାୟତା ରାଶି ପ୍ରଦାନ ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି ।

## ଅଧାପକ...

ବଦନାମ ହେଉଛି ବୋଲି କହିଛନ୍ତି। ସୂଚନାଯୋଗ୍ୟ, ନ୍ୟାୟ ନମିଳିବାରୁ ବାଲେଶ୍ୱର ଏଫ୍‌ଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ ବିଏଡ୍‌ର ୨ୟ ବର୍ଷର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଗତ ୧୨ତାରିଖରେ ଆତ୍ମହୁତି ଦେଇଥିଲେ। ତେବେ ଚିକିତ୍ସାଧିନ ଅବସ୍ଥାରେ ଗତ ୧୪ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟପଟେ ଏହି ଛାତ୍ରୀଙ୍କ ଅଭିଯୋଗ ପାଇବା ପରେ ପୋଲିସ ତ୍ୱରିତ ପଦକ୍ଷେପ ଗ୍ରହଣ କରିଛି ।


### AFFIDAVIT

I, Sima Rani Agarwalla, W/O- Hari Sankar Modi resident of Sankar Cinema Road, Behind Modi Handloom and Textile, Angul, Dist- Anugul, Odisha, Pin- 759122 declare by this affidavit No-35, dtd- 28.03. 2025 that now onwards I shall be known as **Sima Modi** for all future purposes.

S/d- **Sima Modi**

### AFFIDAVIT

By virtue of an affidavit sworn before Executive Magistrate, Bhubaneswar, dated 15.07.2025 I, SISTY PRANGYA DAS (New Name), Address D/o- Susanta Mallick, At-Chenua, Near Shiva Temple, PO-Alipingal, PS-Nimapara, Dist-Puri declare that I have changed my name from STITI PRAGYANA DAS(Old Name) to SISTY PRANGYA DAS (New Name). Henceforth, I shall be known as SISTY PRANGYA DAS for all purposes.

SISTY PRANGYA DAS

### AFFIDAVIT

I, Santosh Kumar Khandelwal, S/O- Ramesh Dayal Khandelwal resident of Prafulla Nagar, Ward No. - 12, Baripada, Dist- Mayurbhanj, Odisha, Pin- 757001 declare by this affidavit No-01/Vol-XI, dtd- 14.07.2025 that now onwards I shall be known as **Santosh Kumar Khandelwal, S/O- Rameswar Khandelwal** for all future purposes.

**Sd/- Santosh Kumar Khandelwal**

### AFFIDAVIT

By virtue of an affidavit sworn before Notary Public, Cuttack dated - 16.07.2025 I, Shivanand Das, Address At-Bamphi Sahi, Telenga Bazar, P.S.- Purighat, Dist- Cuttack Odisha, India declare that my father's correct name is Debendra Nath Das. But in my earlier passport my father's name has been mentioned as Devendra Nath Das. **"Debendra Nath Das"** and **"Devendra Nath Das"** is one and same person i.e. my father

### AFFIDAVIT

By virtue of an affidavit sworn before the Executive Magistrate, Jajpur, I Gitanjali Sethi aged about 44 years, W/o-Susanta Kumar Jena, Village-Dadhibabanpur, P.O. - Barikul, PS-Binjharpur, Dist-Jajpur, declare that my real and correct name is Gitanjali Sethi, my Aadhar card bearing No. 765393956842 and in my 10th Board Certificate my name is mentioned as Gitanjali Sethi. But in the Birth Certificate of my daughter Adya Arpita my name was wrongly stated Gitanjali Sethy as her mother. I do hereby ensure that Gitanjali Sethi and Gitanjali Sethy is one and the same person. Henceforth, I shall be known as Gitanjali Sethi for all purposes. The same name may please be mentioned in Birth Certificate after correction.

**Sd/- Gitanjali Sethi**

### ଦ.ପୂ. ରେଳପଥ-ଟେଣ୍ଡର

ଇ-ଟେଣ୍ଡର ନୋଟିସ ନଂ. ଡିସିଇ-ସିଏସଏନ-II-କେଜିପି-ଏ-୨୦୨୫, ତାରିଖ ୧୬.୦୭.୨୦୨୫ । ନିମ୍ନୋକ୍ତ କାର୍ଯ୍ୟ ପାଇଁ ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଡେପୁଟି ଚିଫ୍ ଇଞ୍ଜିନିୟର (କନଷ୍ଟ୍ରକସନ-୨) / ଖଡ଼ଗପୁର, ଦ.ପୂ. ରେଳପଥ ଦ୍ୱାରା ଇ-ଟେଣ୍ଡର ଆହ୍ୱାନ କରାଯାଇଛି । ନିମ୍ନୋକ୍ତ ଟେଣ୍ଡର ୱେବସାଇଟ୍ **www.ireps.gov.in** ରେ ଅପଲୋଡ୍ କରାଯାଇଛି । ଟେଣ୍ଡର ନିର୍ଦ୍ଧାରିତ ତାରିଖର ୧୨.୦୦ ଘଣ୍ଟା ସମୟରେ ବନ୍ଦ ହେବ । କାର୍ଯ୍ୟର ସଂକ୍ଷିପ୍ତ ବିବରଣୀ : ଖଡ଼ଗପୁର, ମନ୍ଦାକିନୀ ଗେଷ୍ଟହାଉସ୍ ପ୍ରଥମ ମହଲା (ଓଆଇଏଚ) ଠାରେ କନଷ୍ଟ୍ରକସନ ୟୁନିଟ୍ (ସିଭିଲ, ଇଲେକ୍ଟ୍ରିକାଲ ଏବଂ ସିଗ୍ନାଲ ଓ ଟେଲିକମ୍) ପାଇଁ ୮ମି x ୧୨ ମି ଇଲେକ୍ଟ୍ରିକ ସବଷ୍ଟେସନ ସମେତ ନୂଆ ଅଫିସ୍ ବିଲଡିଂ କାର୍ଯ୍ୟ ସମ୍ପାଦନ, ସେଣ୍ଟ୍ରାଲ ଆମ୍ବୁଲାନ୍ସ ବ୍ରିଗେଡ୍, ଦ.ପୂ.ରେଳପଥ ପ୍ରମୋଟି ଅଫିସର୍ସ ଆସୋସିଏସନ-ଖଡ଼ଗପୁର-କେଜିପିଡିଓ ଏବଂ ଦ.ପୂ. ରେଳପଥ ସିଭିଲ୍ ଡିଫେନ୍ସ-ଖଡ଼ଗପୁର, ଖଡ଼ଗପୁର ଡିଭିଜନର ଦ.ପୂ.ରେଳପଥ ଡେପୁଟି ଚିଫ୍ ଇଞ୍ଜିନିୟର/ କନଷ୍ଟ୍ରକସନ-୨/ଖଡ଼ଗପୁର ଦ.ପୂ. ରେଳପଥଙ୍କ କ୍ଷମତା ଅଧୀନରେ ଥିବା ବୃହତ କନଷ୍ଟ୍ରକସନ୍ ଅଫିସ ମରାମତି କାର୍ଯ୍ୟ ସମେତ କନଷ୍ଟ୍ରକସନ ଅଫିସ୍ କ୍ୟାମ୍ପସରେ ଅବସ୍ଥିତ ଏହି କାର୍ଯ୍ୟାଳୟର ଡିସମେଣ୍ଟଲିଂ ଏବଂ ପରିବର୍ତ୍ତନ । ଅଟକଳ ମୂଲ୍ୟ : ୧୯,୧୬,୬୯,୬୫୨.୦୨, ଇଏମଡି : ଟ. ୧୧,୦୮,୪୦୦/-, ସମାପ୍ତି ସମୟ : ୧୮ (ଅଠର) ମାସ । ବନ୍ଦ ତାରିଖ : ୧୯.୦୮.୨୦୨୫ । ଇଚ୍ଛୁକ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ତଥ୍ୟ/ବିବରଣୀ/ ସ୍ପେସିଫିକେସନ ନିମନ୍ତେ ୱେବସାଇଟ **www.ireps.gov.in** ରେ ଦେଖିପାରିବେ ଏବଂ ସେମାନଙ୍କର ବିଡ୍ ଅନଲାଇନ ଦାଖଲ ହେବ । ଏହି ସବୁ କାର୍ଯ୍ୟ ପାଇଁ କୌଣସି କ୍ଷେତ୍ରରେ ମାନୁଆଲ ଟେଣ୍ଡର ଗ୍ରହଣ ହେବନାହିଁ । ବି.ଦ୍ର : ଆଶାୟୀ ବିଡରମାନେ ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବାକୁ ନିୟମିତ ଭାବେ **www.ireps.gov.in** ଦେଖିପାରିବେ । (PR-405)

### OFFICE OF THE DEAN-PRINCIPAL GOVERNMENT MEDICAL COLLEGE HOSPITAL, PHULBANI, DIST: KANDHAMAL

E-237

PIN - 762001 (Orissa), E-mail gmchphulbani@gmail.com

Dated. 15/07/2025

**Modal Bidding Document**
**Government of Odisha**
Health and family welfare Department ,Odisha
OFFICE OF THE DEAN-PRINCIPAL
GOVERNMENT MEDICAL COLLEGE HOSPITAL, PHULBANI, DIST: KANDHAMAL

**OUATATION / TENDER CALL NOTICE**

Advt. No. 01 / 2025 — Dated. 17.07.2025

Sealed quotations/tenders are invited from interested reputed Travel Agencies / Tour Operators/ Private Individuals for providing 2(Two) numbers of 15-SEATED AC BUSES Petrol/Diesel, which shall confirm to the Terms and conditions as enclosed for the official use in the O/o the Dean & Principal, Govt. Medical College & Hospital, Phulbani, Kandhamal and O/o the Superintendent, Govt. Medical College & Hospital, Phulbani, Kandhamal on monthly rent basis. The application form of quotation/tender containing general Bid information & Terms and condition for Hiring Vehicles etc. will be available in website (https://kandhamal.odisha.gov.in) the Quotation completed in all respect should reach the undersigned on or before 06.08.2025 By the 5.00 PM. Through registered post/courier and shall be opened on 07.08.2025 at 11.00 AM in presence of bidder or authorized representatives. The undersigned reserves the right reject any or all the tender(s) without assigning any reason thereof.

Sd/- N.Behera
Dean & Principal
Govt. Medical College & Hospital, Phulbani, Kandhamal

OIPR : 10276/11/0001/2526

### CONFISCATION NOTICE OF TRACTOR AND TROLLY.

MM-126

It is to inform all concerned through this publication that one Tractor and Trolly Regd. No: OR 07 Q 0318, Engine number- S33735043, Chassis Number- 409837 & Trolly bearing Regd. No. OR 02 X 0264, Chassis Number- SDF 34/02-03 were seized at Beguniapada Out Post for illegal transportation of Forest Produce i.e., Teak logs- 12 nos measuring to 77.89 Cft, on dated 08.10.2018. At the time of seizure nobody was present on the spot. In the meanwhile, the Regional Transport Authority, Ganjam, Chatrapur has intimated that one Sri Susant Kumar Jena, S/o- Gandhia Jena of village -Adipur, Block - Buguda, Dist. Ganjam is the Regd. owner of the seized vehicle Tractor and another one Sri Hatakeswar Barik, S/o- Mochia Barik, At/PO:-Hikapda, PS:- Khallikote, Dist. Ganjam. The afore said vehicle along with the seized produce may confiscated for its involvement in OR Case No. 703 of 2018-19( Converted from UD Case No. 15 of 18-19) of Khallikote Range for non-submission of replay to show cause and non-attendance of the accused person/owner therefore on the date of hearing fixed before the forum of the Authorised Officer on dated 21.03.2022

The final dated of hearing to the aforementioned case is fixed to 30.07.2025 at 11.00 A.M in the forum of the Authorised Officer-cum-Assistant Conservator of Forests, Brahmapur Forest Division for giving another opportunity of being heard in the matter. Failure to attend the hearing by any claimant/ accused on the date fixed above and within 30 days from the date of publication of this notice in relation to the above vehicle, the vehicle may be confiscated under section 56 of the Odisha Forest Act, 1972 exparte.

Sd/- Authorised Officer-cum-A.C.F
Brahmapur Forest Division

OIPR : 08038/11/0044/2526

### ODISHA STATE CIVIL SUPPLIES CORPORATION LTD.

(A Govt. of Odisha Undertaking)
REGISTERED OFFICE : C/2, NAYAPALLI, BHUBANESWAR-751012
CIN : U51211OR1980SGC000894
Tel No : 0674-239539, Fax No : 0674-2395291, website : www.oscsc.in

CAD-1159

**Tender No. 9695/P-II/25/2025/PDS Dt. 17.07.25**

Managing Director, Odisha State Civil Supplies Corporation Ltd., invites tenders in Double Cover System through ONLINE MODE ONLY for the works below :

| | | | |
|---|---|---|---|
| 1. | Name of the work | : | Selection and appointment of transport contractor for inter-district transporation of Custom Milled Rice (CMR) from source districts to recipient districts in the State of Odisha. |
| 2. | Availability of bid document in the portal | : | From 19.07.2025 |
| 3. | Last Date / Time for receipt of bids in the portal | : | dt. 08.08.2025 up to 5.00 PM. |
| 4. | Date / Time of Opening of Technical Bid | : | dt. 11.08.2025 at 11.00 AM |
| 5. | Name and address of the Officer Inviting Tender | : | Managing Director, OSCSC Ltd, C/2, Nayapalli, Bhubaneswar. |

Tender Documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in. Amendments / corigendum / cancellation / retenders etc. If any shall be published only in above websites.

By Order of Managing Director
Sd/- General Manager (PDS)

OIPR : 07002/11/0039/2526

### GOVERNMENT OF ODISHA : DEPARTMENT OF PANCHAYATRAJ & DRINKING WATER

Office of the Block Development Officer, Basta.
Email : ori-basta@nic.in

**"e" PROCUREMENT NOTICE**
**Bid Identification No. PS-BASTA-01/2025-26**

I-214 : Bid documents consisting of work, estimated amount put to tender, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal **https://tendersodisha.gov.in.**

| | | | |
|---|---|---|---|
| 1 | Name of the work | : | GPLF BUILDINGS & SCHOOL BUILDINGS IN BASTA BLOCK |
| 2 | No of work | : | 12 nos. individual works. |
| 3 | Estimated cost for put to tender | : | Varies from Rs.13,50,561 .00 (excluding G.S.T.) to Rs.24,87,641.00 (excluding G.S.T.) |
| 4 | Period of completion | : | 5 (Five) calendar months |
| 5 | Date & time of availability of bid documents in the portal | : | From Dt. 23.07.2025 at 10.00 hours to Dt. 02.08.2025 at 17.00 hours |
| 6 | Date of for receipt of bids in the portal | : | From Dt.23.07.2025 at 10.00 hours to Dt.02.08.2025 at 17.00 hours |
| 7 | Dale & Place of opening of Bids | : | Dt. 04.08.2025 at 11.30 hours in the O/O Block Development Officer Basta |
| 8 | Date of Lottery (if required) | : | Dt. 12.08.2025 at 11.30 hours in the O/O Block Development Officer, Basta |
| 9 | Procurement Officer/ Name & address of the Officer Inviting Bids | : | Block Development Officer , Basta. |

Further details can be seen from the e-procurement portal https//tendersodisha.gov.in. Any addendum/ corrigendum/ cancellation of tender can also be seen in said website.

Sd/- Block Development Officer
Basta

OIPR : 19171/11/0003/2526

### OFFICE OF THE PANCHAYAT SAMITI : RAIGHAR

i-221

**Bid Identification No. 01/2025-26.**

| | | |
|---|---|---|
| 01 | Name of the Work. | (I)Const. of ACR at UGHS, Gona (2) Const, of ACR at UGHS, Chhelidongri (3)Const. of ACR at PS Mohand DNK (4)Const. of ACR PS Pourbela Adv. (5)Const. of ACR at PUPS, Bagbeda (6) Const, of ACR at PS Kaudipara |
| 02 | No. of work. | 6 |
| 03 | Amount put to tender | Rs. 15,93,610.00 for Sl. No. 1 & 2. Rs. 14,29,102.00 for Sl. No. 3 to 6. |
| 04 | Period of completion. | 06(Six) calendar Month. |
| 05 | Date of Tender paper available. | 16.7.25 to 30.7.25 (Tender Paper to be downloaded from e-tender odisha.gov.in |
| 06 | Last date of receipt Tender Paper. | 30.7.25(During office hours ) only upto 5.30PM. |
| 07 | Date of Opening Tender Paper. | 31.7.25(Time 11.00AM)at Office Chamber of Block Development Officer, Raighar. |
| 08 | Details of Terms & Conditions of the Tender. | Bid documents consisting of the Schedule of quantities & the set of terms & conditions of contact & other necessary documents can be downloaded from the official website of e-procurement system of odisha. |
| 09 | Name & address of the Officer inviting Bid. | Block Development Officer, Raighar. |
| 10 | Const of Tender documents. | Rs.6000.00 (Rupees Six Thousand) only. |
| 11 | Further details can be seen from the portal. | e-procurement system of odisha. |

Sd/- Block Development Officer, Raighar

OIPR : 19375/11/0012/2526

### ODISHA HYDRO POWER CORPORATION LTD.

(A Government of Odisha Undertaking)
CIN: U1140101 OR 1995SGC003963
Regd. Office: OHPC CORPORATE OFFICE, BHOINAGAR, JANPATH, BHUBANESWAR -751022
Phone: 91 -0674-2542983, 2542802, 2545526, 2542826
TECH : E-mail: ohpc.co@gmail.com, website: www.ohpcltd.com
C&P:13/2025-26/ 5657 Date: 16.07.2025

**E-TENDER NOTICE No.02/2025-26**

**INVITATION FOR BID**

**CAD-1156 :** OHPC Ltd., Bhubaneswar, invites percentage rate bids in double cover system (Cover-I Technical Bid and Cover-II Price bid) for the work as detailed below through 'e'-procurement. The bids should be submitted 'online' in https://tendersodisha.gov.in by the "C" & "D" Class of contractors registered with the State Government and contractors of equivalent grade/class registered with Central Government / Railways / MES having registration for execution of civil works on production of definite proof from the appropriate authority. The bidders should have necessary portal enrolment with their own valid Digital Signature Certificate. The bidder must possess compatible Digital Signature Certificate (DSC) of Class-II or Class-III

| Name of the work | Value of work put to tender (in Rs.) | E.M.D. (in Rs.) (Online) | Cost of bid document (Online) | Class of Bidder | Period of completion of work (in calendar month) |
|---|---|---|---|---|---|
| "Sinking of 01 No. Production Well and construction of underground RCC water tank with associated pump roorm at OHPC Corporate Office, Bhubaneswar" | 12,52,285 | 13,000/- | 7,080/- (Rs. 6000+18% GST) | "C" & "D" Class Contractor | 03 months |

Date & Time of availability of bid document in the portal : From 11.00 Hrs. of Dt. 19.07.2025 to 12:00 Hrs of Dt. 30.07.2025
Last date & time of submission of bid : Up to 12:00 Hrs of Dt.30.07.2025
The date & time of opening of the Technical bid : 12:00 Hrs onwards of Dt.31.07.2025
Further details can be seen from the e-procurement portal **https://tendersodisha.gov.in**

C & P Head

OIPR : 04012/11/0039/2526

### NANDANKANAN ZOOLOGICAL PARK

DEPUTY DIRECTOR
NANDANKANAN ZOOLOGICAL PARK
P.O.-BARANG, DIST-KHURDA, PIN-754005
PHONE/FAX NO-0674-2466075, (m) 9437022023
Email : deputydirector.kanan@gmail.com
Web. www.nandankanan.org.

NANDANKANAN
CONSERVE | EDUCATE INSPIRE

**EOI-Cum RFP. No. 02/PMU/NKZP/116/2025 Dt. 15.07.2025**

MM-127

**NOTICE INVITING TENDERS**
**TENDER FOR COMPREHENSIVE SAFETY AUDIT OF ROPEWAY AT NANDANKANAN ZOOLOGICAL PARK**

Tenders are invited from reputed and experienced Agencies (Government Undertakings agencies or PSUs of Central/ State) or Govt. Institution for "request for Proposal (RFP) to conduct comprehensive safety audit of Passenger Ropeway at Nandankanan Zoological Park, Bhubaneswar" as per the scope of work detailed in the Request for Proposal (RFP) document.

| | |
|---|---|
| Department Name | Nandankanan Zoological Park, Bhubaneswar |
| Name of work | Request for Proposal (RFP) to conduct Safety audit of Passenger Ropeway at Nandankanan Zoological Park, Bhubaneswar |
| Date of availability of bid documents in the portal | From 16.7.2025 to 23.07.2025 |
| Date of downloading of Tender documents | From 16.07.2025 to 23.07.2025 Up to 3:00 PM through website : (https://www.nandankanan.org. |
| Portal for downloading tender documents | https://www.nandankanan.org. |
| Last date of bid submission (Off line) | On 23.07.2025 up to 5.00 PM |
| Date & Time of opening of Technical bid. | Date : 24.07.2025 at 11.30 AM |
| Date & Time of opening of financial bid. | Will be decided later |

Sd/- Deputy Director
Nandankanan Zoological Park

OIPR : 08070/11/0096/2526

### GOVERNMENT OF ODISHA DEPARTMENT OF WATER RESOURCES

Office of the Superintending Engineer,
Deo Head Works Division, Karanjia, At/Po-Karanjia,
Dist.- Mayurbhanj-757037, e-mail : eedhwd@gmail.com

A-

**"e" Procurement Notice**
**Bid Identification No. 02/SEDHWD of 2025-26**

| | | |
|---|---|---|
| Name of work | : | As per Detailed Tender Call Notice |
| Total No. of Packages | : | 02 (Two) Nos. of Individual Work |
| Estimated cost of Package | : | From 39.76 Lakhs to 25.65 Lakhs |
| Period of Completion | : | 04 (Four) Calendar Months |
| Class of Contractor | : | "C", "B", Class Contractor |
| Other Details | : | Mentioned in DTCN |

| Procurement Officer | Bid-Identification No. | Availability of tender on-line for bidding | |
|---|---|---|---|
| | | From | To |
| Superintending Engineer, Deo Head Works Division, Karanjia | 02/SEDHWD of 2025-26 | 18.07.2025 at 10.00 AM | 01.08.2025 up to 05.30 PM |

Further details can be seen from the Govt. website **www.tendersodisha.gov.in.**
Any addendum / corrigendum / cancellation of tender can also be seen in the said Website.

Sd/- Superintending Engineer,
Deo Head Works Division, Karanjia

OIPR : 32248/11/0010/2526



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୨, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୮ ।

# ଆଇସିଏଆଇ ପକ୍ଷରୁ ସିଏ ସମ୍ମିଳନୀ



ଭୁବନେଶ୍ୱର (ସବ୍ୟୁ): ଆଇସିଏଆଇ ପକ୍ଷରୁ ଦୁଇଦିନିଆ ଜାତୀୟ ସିଏ ଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଚାର୍ଟାର୍ଡ ଅକାଉଣ୍ଟାଣ୍ଟ୍ସ ସଂସ୍ଥା (ଆଇସିଏଆଇ) ର ବୋର୍ଡ ଅଫ୍ ଷ୍ଟଡିଜ୍ (ଅପରେସନ୍ସ) ଓ ଆଇସିଏଆଇର ପୂର୍ବ ଭାରତ ଅଞ୍ଚଳ ପରିଷଦର ଭୁବନେଶ୍ୱର ଶାଖା ଆୟୋଜିତ ଜାତୀୟ ସିଏ ଛାତ୍ର ସମ୍ମିଳନର ପ୍ରଥମ ଦିନ ରେଲୱେ ଆଡିଟୋରିଅମ୍‌ଠାରେ ହୋଇଥିଲା। "ଆର.ଏ. ଆଇ. ଡି ରିଇମାଜିନ, ଆସେଲେରଟ, ଇନୋଭେଟ, ଡେଲିଭର୍" ବିଷୟଭିତ୍ତିକ । ଏହି ଦୁଇଦିନିଆ ସମ୍ମିଳନୀରେ ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା ସିଏ ଛାତ୍ରମାନେ ଅଂଶଗ୍ରହଣ କରିଥିଲେ।

ଏହି ଉଦ୍‌ଘାଟନୀ ସଭାରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସ୍ମିତି ଉପାସନା ମହାପାତ୍ର, ବ୍ରହ୍ମଗିରି ବିଧାୟକ; ସିଏ ଦୀପକ କୁମାର କେଡିଆ, ଆଇପିଏସ୍, ଆଇଜି, ଏନଏସଜି ଓ ସିଏ ପ୍ରଶାନ୍ତ ପଣ୍ଡା ବିଶିଷ୍ଟ ଅତିଥି ଭାବେ ଉପସ୍ଥିତ ଥିଲେ। ସଭାରେ ସିଏ ସଂଜୀବ ସାଂଘୀ, ଉପସଭାପତି, ବିଓଏସ୍, ସିଏ ମହେନ୍ଦ୍ର କୁମାର ସାହୁ, ଅଧ୍ୟକ୍ଷ, ଭୁବନେଶ୍ୱର, ସିଏ ସୌମ୍ୟ ସୁନିଲ ସାହୁ, ଅଧ୍ୟକ୍ଷ, ଇଆଇସିଏଏସ୍‌ଏ, ଏବଂ ସତ୍ୟପ୍ରକାଶ ସେନା, ଉପାଧ୍ୟକ୍ଷ, ଇଆଇସିଏଏସ୍‌ଏ ଯୋଗଦେଇଥିଲେ। ପ୍ରଥମ ଦିନର ସେସନ୍‌ରେ ଫୋରେନସିକ ଅଡିଟ୍, ଏଆଇ ଯୁଗରେ ଅଡିଟ୍, ଏଆଇ ଯୁଗରେ ଅର୍ଥନୈତିକ ରିପୋର୍ଟ, ଆଇଏଫ୍‌ଆରଏସ୍ ଏବଂ ଇଣ୍ଡସ, ମାନ୍ୟତା ପ୍ରାପ୍ତ ରେଭେନ୍ୟୁ ପରେ ସ୍କିଲ ଅପରେ ସେସନ୍ ରେ ସିଏ ରାଜେନ୍ଦ୍ର ଦାସ ଉପସ୍ଥାପନା କରିଥିଲେ। ସମ୍ମିଳନୀର ପରିଚାଳନା କରିଥିଲେ ଉପସଭାପତି ସିଏ (ଡ.) ଗୌତମ ଲେଙ୍କା, ସହିତ ସିଏ ଗଗନ ବିହାରୀ ଦାସ, ସିଏ ପ୍ରଣବ କିଶୋର ଦାସ, ସିଏ ସଶ୍ୱତ ତ୍ରିପାଠୀ ଓ ଏଆଇସିଏଏସ୍‌ଏ ଟିମ୍ – ଆର୍ଚି ଅଗ୍ରୱାଲ, ସିଲୁ ପ୍ରଧାନ, ଶତ୍ୟପ୍ରକାଶ ଚିନାରା ଓ ପ୍ରବୀଣ ବାରା।

# ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତୀ ବିଭାଗ ପକ୍ଷରୁ ଓଡ଼ିଶା ବନ୍ଦ

ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟରେ ବୃଦ୍ଧି ପାଉଥିବା ନାରୀ ନିର୍ଯ୍ୟାତନା ତଥା ଦୁଷ୍କର୍ମ, ଦଳିତ ନିର୍ଯ୍ୟାତନା, ଆଦିବାସୀ ଉତ୍ପୀଡ଼ନ ଓ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଓ ୮ଟି ସମମନୋଭାବାପନ୍ନ ରାଜନୈତିକ ଦଳଙ୍କ ଡାକରାରେ ଆଜି ହୋଇଥିବା ଓଡ଼ିଶା ବନ୍ଦରେ ପ୍ରଦେଶ ଅନୁସୂଚିତ ଜାତି ବିଭାଗର ରାଜ୍ୟ ଅଧ୍ୟକ୍ଷ ଆଇନଜୀବି ମାନସ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଜାତୀୟ ରାଜପଥକୁ ହଂସପାଳ ଛକ ଠାରେ ଉଭୟ ପଟୁ ବ୍ୟାନର ବାନ୍ଧି ବିଭାଗର କର୍ମକର୍ତ୍ତା ଓ କର୍ମୀମାନଙ୍କ ଦ୍ୱାରା ଶାନ୍ତିପୂର୍ଣ୍ଣ ଭାବେ ସକାଳ ୬ ଘିକାରୁ ଅପରାହ୍ନ ୧ ଘିକା ପର୍ଯ୍ୟନ୍ତ ବନ୍ଦ କରାଯାଇଛି । ଏହି ସମୟରେ ଜାତୀୟ ରାଜପଥର ଉଭୟ ପଟରେ ପ୍ରାୟ ୨୦ କିଲୋମିଟର ପର୍ଯ୍ୟନ୍ତ ଯାନବାହାନ ହଂସପାଳ ଛକଠାରେ ଅଟକି ରହିଥିଲା । କିନ୍ତୁ ଜରୁରୀକାଳିନ ସେବା ଯେପରିକି ଆମ୍ବୁଲାନ୍ସ, କ୍ଷୀର ଗାଡ଼ି, ଅଗ୍ନିଶମ ଗାଡ଼ି, ପୁଲିସ ପ୍ରଶାସନ ଗାଡି ଇତ୍ୟାଦି ଉକ୍ତ ସମୟରେ ଯାତାୟତ କରିଥିଲେ । ଅନୁସୂଚିତ ଜାତି କଂଗ୍ରେସ ରାଜ୍ୟ ଅଧ୍ୟକ୍ଷ ଆଇନଜୀବି ମାନସ ମଲ୍ଲିକଙ୍କ ସହିତ ଉପାଧ୍ୟକ୍ଷ ଆଇନଜୀବୀ ଅଶୋକ ନାୟକ, ତାପସ ସେଠୀ, ସାଧାରଣ ସମ୍ପାଦକ ଦେବବ୍ରତ ବେହେରା, ସମ୍ପାଦକ ଆଇନଜୀବୀ ଦେବାଶିଷ ମଲ୍ଲିକ, ବିକାଶ ଦାସ, ରଞ୍ଜନ ଭୋଇ, ସୁକାନ୍ତ ତିଆଡି, ସଂଜୟ ମଲ୍ଲିକ, ଖୋର୍ଦ୍ଧା ଜିଲ୍ଲା ଅଧ୍ୟକ୍ଷ ଜୟନ୍ତ ଭୋଇ, କଟକ ଜିଲ୍ଲା ଅଧ୍ୟକ୍ଷ ପ୍ରତାପ ମଲ୍ଲିକ, ଅନୁଗୁଳ ଜିଲ୍ଲା ଅଧ୍ୟକ୍ଷ ଆଇନଜୀବି ରାଜକିଶୋର ନାୟକ, ପଛୁଆବର୍ଗ ରାଷ୍ଟ୍ରୀୟ ସଂଯୋଜକ ରାଜକିଶୋର ବାରିକ, ଚାଷିମୂଲିଆ ସଂଘ ରାଜ୍ୟ ସମ୍ପାଦକ ଶିବ ପ୍ରସାଦ ଦାସ, କୃଷକ କଂଗ୍ରେସ କର୍ମକର୍ତ୍ତା ସୁବାଷ ପ୍ରଧାନ, ଆଦିବାସୀ କଂଗ୍ରେସ କର୍ମକର୍ତ୍ତା ପ୍ରତାପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ଖୋର୍ଦ୍ଧାରେ ବନ୍ଦ ପ୍ରଭାବ

ଖୋର୍ଦ୍ଧା, (ସବ୍ୟୁ): ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମହତ୍ୟା ଘଟଣାକୁ ନେଇ କଂଗ୍ରେସ ଏବଂ ଅନ୍ୟ ୭ଟି ବିରୋଧୀ ଦଳ ଗୁରୁବାର ୧୨ ଘଂଟିଆ ବନ୍ଦ ଡାକରା ଦେଇଥିଲେ । ଖୋର୍ଦ୍ଧାରେ ଏହାର ପ୍ରଭାବ ପଡିଛି । ଅତ୍ୟାବଶ୍ୟକ ସାମଗ୍ରୀ, ଔଷଧ ଦୋକାନ, କୋର୍ଟ କୁ ବାଦ ଦେଲେ ସତଃ ଭାବେ ସମସ୍ତ ଦୋକାନ ବଜାର, ରାଷ୍ଟ୍ରାୟତ ବ୍ୟାଙ୍କ, ପୋଷ୍ଟାଲ, ଏଲଆଇସି, ଶିକ୍ଷାନୁଷ୍ଠାନ, ପେଟ୍ରୋଲ ପମ୍ପ ପ୍ରଭୃତି ବନ୍ଦ ରହିଥଲା । ନୂଆ ବସଷ୍ଟାଣ୍ଡ, ପୁରୁଣା ବସଷ୍ଟାଣ୍ଡ ଜନଶୂନ୍ୟ ରହିଥଲା । ମେଡିକାଲ, କାମରେ ଯାଉଥିବା ରୋଗୀ ଏବଂ ଡାକ୍ତରଙ୍କୁ ଛାଡି ଅନ୍ୟ କୌଣସି ଯାନବାହନ ଚଳାଚଳକୁ କଂଗ୍ରେସ ଓ ଅନ୍ୟ ଦଳ କର୍ମୀ ବନ୍ଦ କରିଥିଲେ ।

ଗୁରୁବାର ସକାଳ ୭ଟା ସମୟରେ କଂଗ୍ରେସ, ସିପିଆଇଏମ, ସିଟି, ଏଆଇସିୟୁଟିୟୁସି, ଏଆଇଡିଏସଓ ପ୍ରଭୃତି ଦଳର କର୍ମୀ ମାନେ ନୂଆ ବସଷ୍ଟାଣ୍ଡରେ ପିକେଟ କରିଥିଲେ। କଂଗ୍ରେସ ଜିଲା ସଭାପତି ରାଜୀବ ପଟ୍ଟନାୟକ, କଂଗ୍ରେସ ମୁଖପତ୍ର ଅମିତ ମହାନ୍ତି, ବରିଷ୍ଠ



ନେତା ପୃଥବଲ୍ଲଭ ପଟ୍ଟନାୟକ, ଶିଶିର ପରିଡା, ସାଗତିକା ପଟ୍ଟନାୟକ, ଯୁବନେତା ବିଶ୍ୱରଞ୍ଜନ ବଡଜେନା, ଶିଳାଦିତ୍ୟ ପଟ୍ଟନାୟକ, ଛାତ୍ରନେତା ସୌମ୍ୟରଞ୍ଜନ ବରାଳଙ୍କ ସମେତ ଏକାଧିକ କର୍ମୀ ଉପସ୍ଥିତ ଥିଲେ । ସେହିଭଳି ସିପିଆଇଏମ ଜିଲା ସମ୍ପାଦକ ଅନନ୍ତ ମଙ୍ଗରାଜ, ସିଟୁ ସମ୍ପାଦକ ଶୈଳେଶ ବଳିଆରସିଂହ, କିଶୋରଚନ୍ଦ୍ର ପରମଗୁରୁ, ଯୋଗେନ୍ଦ୍ର ଦାସ, ବାଳଙ୍କୁ ପରିଡା, ଯୁଗଳ ପ୍ରଧାନ, ଏଆଇସିୟୁଟିୟୁସିର ଜିଲା ସଭାପତି ଅଶୋକ ସାହୁ, ଏଆଇଡିଏସଓ ଖୋର୍ଦ୍ଧା ସଭାପତି ଶ୍ରୀକାନ୍ତ ନାୟକ, ସମ୍ପାଦକ ଅଭିନାଷ ପ୍ରଧାନ, ଛାତ୍ରନେତା ରାକେଶ ପ୍ରଧାନ, ଅରୁଣ ନାୟକ, ଯୁବନେତା ଜୟନ୍ତ ମହାନ୍ତି, ନାରୀନେତ୍ରୀ ସଂଘମିତ୍ରା ମହାପାତ୍ର, କାର୍ତ୍ତିକ ଘଡେଇଙ୍କ ସମେତ ଅନ୍ୟ ମାନେ ଉପସ୍ଥିତ ଥିଲେ ।

## ଗୁମ୍ମା ସଂରକ୍ଷିତ ଜଙ୍ଗଲ ମାଟି ତଳୁ ୬ ଶହ ଡେଟୋନେଟର ଉଦ୍ଧାର

ଫୁଲବାଣୀ, (ସବ୍ୟୁ): କନ୍ଧମାଳ ଜିଲ୍ଲା କୋଟଗଡ ଥାନା ଅନ୍ତର୍ଗତ ଗୁମ୍ମା ସଂରକ୍ଷିତ ଜଙ୍ଗଲରେ ନକ୍ସଲମାନଙ୍କ ଦ୍ୱାରା କିଛି ଜିନିଷପତ୍ର ଗଦାଥିବା ସମ୍ପର୍କରେ ନିର୍ଦ୍ଦିଷ୍ଟ ସୂଚନା ପାଇ କନ୍ଧମାଳ ଏସପି ହରିଶ ବି.ଶିଙ୍କ ନିର୍ଦ୍ଦେଶକ୍ରମେ ସୁରକ୍ଷା ବାହିନୀ ପକ୍ଷରୁ କୋଟଗଡ଼ ପୋଲିସ ଷ୍ଟେସନ ଅନ୍ତର୍ଗତ ଗୁମ୍ମା ଜଙ୍ଗଲକୁ ବୋମା ନିଷ୍କ୍ରିୟକାରୀ ଦଳ ସହିତ ଡିଭିଏଫର ଗୋଟିଏୟୁନିଟ୍ ପକ୍ଷରୁ ସର୍ଚ୍ଚ ଅପରେସନକୁ ଆରମ୍ଭ କରାଯାଇଥିଲା । ସୁରକ୍ଷା ବାହିନୀ ପକ୍ଷରୁ ସମ୍ପୂର୍ଣ୍ଣ ସତର୍କତା ଅବଲମ୍ବନ କରି ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ । ବୋମା ନିଷ୍କ୍ରିୟକାରୀ ଦଳ ଘଟଣାସ୍ଥଳକୁ ପହଞ୍ଚି ବୁବି ଟ୍ରାପ୍ କିମ୍ବା ପ୍ରେସର ବୋମା ନିଷ୍କ୍ରିୟ କରିବା ସହ ସଫା କରିଥିଲେ । ସେହି ସ୍ଥାନ ଖୋଳିବା ପରେ, ମାଟି ତଳୁ ପ୍ରାୟ ୬୦୦ ଡେଟୋନେଟର ଏବଂ ଗୋଟିଏ ରିମୋଟ୍ ଉଦ୍ଧାର କରାଯାଇଥିବା ଜଣାପଡ଼ିଛି । ସଂପୃକ୍ତ ଅଞ୍ଚଳରେ ସୁରକ୍ଷା ବାହିନୀ ପକ୍ଷରୁ ସନ୍ଧାନ ଜାରି ରହିଛି । ସୂଚନାଯୋଗ୍ୟ ଯେ, ଗତ ଜୁନ ମାସ ୩୦ ତାରିଖରେ ବାଲିଗୁଡା ଥାନା ଅଞ୍ଚଳରେ ସୁରକ୍ଷା କର୍ମୀଙ୍କ ଗୁଳିରେ ଦୁଇ ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା । ସେହିପରି ଚଳିତ ମାସ ୭ ତାରିଖରେ ଫୁଲବାଣୀ ଠାରେ ଦୁଇ ମହିଳା ମାଓବାଦୀଙ୍କ ସମେତ ଜଣେ ପୁରୁଷ ମାଓବାଦୀ ଆତ୍ମସମର୍ପଣ କରିଥିଲେ । କନ୍ଧମାଳ ଜିଲ୍ଲାରେ ମାଓବାଦୀଙ୍କ ଗତିବିଧି ଉପରେ ଲକ୍ଷ୍ୟ କରାଯିବା ସହ କୁମ୍ବିଂ ଅପରେସନକୁ ଜୋରଦାର କରାଯାଉଛି ।



ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବୁଧବାର ଲୋକସେବା ଭବନରେ ନରେନ୍ଦ୍ର କୁକ୍ରେଟି, ଜି.ଏମ୍. ଏବଂ ଟୟୋଟା କିର୍ଲୋସ୍କର ମୋଟର ପ୍ରାଇଭେଟ୍ ଲିମିଟେଡର ମୁଖ୍ୟଙ୍କ ସହିତ ଆଲୋଚନା କରୁଛନ୍ତି ।

### ସୌମ୍ୟାଶ୍ରୀ ଆତ୍ମାହୂତି ଘଟଣା

## ଜ୍ୟୋତିପ୍ରକାଶଙ୍କୁ କ୍ରାଇମବ୍ରାଞ୍ଚର ପଚରାଉଚରା

କଟକ,(ସବ୍ୟୁ): ଏସ୍‌ସିବି ବର୍ଣ୍ଣ ୟୁନିଟ ଆଇସିୟୁରେ ଚିକିତ୍ସାଧିନ ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟ ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳଙ୍କୁ କ୍ରାଇମବ୍ରାଞ୍ଚ ପଚରାଉଚରା କରିଛି । ପ୍ରାୟ ତିନି ଘଣ୍ଟା ଧରି କ୍ରାଇମବ୍ରାଞ୍ଚର ଦୁଇ ଜଣିଆ ଟିମ୍ ଆଜି ବର୍ଣ୍ଣ ୟୁନିଟରେ ରହିଥିଲେ । ଅପରାହ୍ନ ୧ଟାରେ ବଡ ମେଡିକାଲରେ ପହଞ୍ଚି ୪ଟାରେ ଫେରିଥିଲେ । ସମ୍ପୃକ୍ତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୂତି ଦେବା ସମୟରେ ଜ୍ୟୋତିପ୍ରକାଶ ସେଠାରେ ଉପସ୍ଥିତ ଥିଲେ । ଏପରିକି ସୌମ୍ୟାଶ୍ରୀଙ୍କୁ ବଞ୍ଚାଇବାକୁ ଯାଇ ତାଙ୍କ ଶରୀରର ୧୫ ପ୍ରତିଶତ ପୋଡି ହୋଇଛି । ସୌମ୍ୟାଶ୍ରୀ ଦେହରେ ନିଆଁ ଲଗାଇବା ପୂର୍ବରୁ ଜ୍ୟୋତିପ୍ରକାଶ ସେଠାରେ ଛିଡ଼ା ହୋଇ ଭିଡିଓ ଉତ୍ତୋଳନ କରୁଥିବା ମଧ୍ୟ ସିସି କ୍ୟାମେରା ଫୁଟେଜରୁ ସ୍ପଷ୍ଟ ହୋଇଛି । ପ୍ରାଧ୍ୟାପକଙ୍କ ଠାରୁ ନିର୍ଯାତନା ପାଇବାରୁ ଆରମ୍ଭ କରି ବାରମ୍ବାର ନ୍ୟାୟ ଭିକ୍ଷା କରି ବିଫଳ ହେବା ପର୍ଯ୍ୟନ୍ତ ସମସ୍ତ ପ୍ରସଙ୍ଗରେ ସୌମ୍ୟାଶ୍ରୀଙ୍କ ବାବଦରେ ବିଭିନ୍ନ ତଥ୍ୟ ଯୋଗାଡ କରିବାକୁ କ୍ରାଇମବ୍ରାଞ୍ଚ ଚେଷ୍ଟା କରିଥିବା କୁହାଯାଇଛି ।

ପ୍ରକାଶଯୋଗ୍ୟ, ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ବଞ୍ଚାଇବାକୁ ଯାଇ ପୋଡ଼ି ହୋଇଥିବା ଜ୍ୟୋତିପ୍ରକାଶ ବିଶ୍ୱାଳ ଏସ୍‌ସିବିରେ ଚିକିତ୍ସିତ ହେଉଛନ୍ତି । ଘଟଣା ଦିନ ସେ ସୌମ୍ୟାଶ୍ରୀଙ୍କୁ ରକ୍ଷା କରିବାକୁ ଯଥେଷ୍ଟ ଉଦ୍ୟମ କରିଥିଲେ । ଏଥିରେ ତାଙ୍କର ଦୁଇଟି ହାତ, ବାହୁ ଓ ମୁହଁ ପୋଡିଛି । ତାଙ୍କର ଶ୍ୱାସନଳୀ ମଧ୍ୟ ସାମାନ୍ୟ ପୋଡି ହୋଇଛି । ସ୍ପାଇରୋମିଟ୍ରି ଏକ୍ସରସାଇଜ କରାଯାଉଥିବା ବେଳେ ହାତର ସ୍କିନ ଗ୍ରାଫଟିଂ ହେବ ବୋଲି ଏସ୍‌ସିବି ଡାକ୍ତର କହିଛନ୍ତି । ପ୍ଲାଷ୍ଟିକ ସର୍ଜରୀ ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ବିଭୂତି ଭୂଷଣ ନାୟକଙ୍କ ନେତୃତ୍ୱରେ ଗଠିତ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ଜ୍ୟୋତିପ୍ରକାଶଙ୍କ ଚିକିତ୍ସା କରୁଛି ।

### ଦିଲ୍ଲୀ ଭାରତ ଇଣ୍ଟରନ୍ୟାସନାଲ ସେଣ୍ଟରରେ

## ଶିମ୍ରନ ଜମାନ୍ ଓ ଆନ୍ ଆଫ୍ରିନଙ୍କ ଓଡ଼ିଶୀ ନୃତ୍ୟ ସନ୍ଧ୍ୟା



ଭୁବନେଶ୍ୱର (ସବ୍ୟୁ): ଚଳିତମାସ ୧୩ତାରିଖ ସନ୍ଧ୍ୟାରେ ନୂଆଦିଲ୍ଲୀର ଭାରତ ଇଣ୍ଟରନ୍ୟାସନାଲ ସେଣ୍ଟରର ସି. ଡି ଦେଶମୁଖ ଅଡିଟୋରିୟମରେ ଧ୍ୱନି ଓ ଭାବନାର ସୁରମୟ ସ୍ପନ୍ଦନ ଦେଖିବାକୁ ମିଳିଥିଲା। ଯେଉଁଥିରେ ଯୁବ ଓଡ଼ିଶୀ ନୃତ୍ୟଶିଳ୍ପୀ ଶିମ୍ରନ ଜମାନ୍ ଓ ଆନ୍ ଆଫ୍ରିନ୍ ତାଙ୍କର ଆତ୍ମବିଭୋରକ ଦୁଇଟି ପଥ ଗୋଟିଏ ସ୍ପନ୍ଦନ ନାମକ ନୃତ୍ୟ ପ୍ରସ୍ତୁତି ପାଇଁ ମଞ୍ଚରେ ଉପସ୍ଥିତ ହୋଇଥିଲେ । ଏହି ଅନୁଷ୍ଠାନ ଲାସ୍ୟାୟନ ଓ ଶ୍ରେଷ୍ଠ ଲ' ଆର୍ଟିସ୍ତ ବାଲେ ହାଉସଙ୍କ ସଂଯୁକ୍ତ ପ୍ରୟାସରେ ଆୟୋଜିତ ହୋଇଥିଲା। ଏଥିରେ ଦୁଇ ଉଦିୟମାନ ଶାସ୍ତ୍ରୀୟ ନୃତ୍ୟଶିଳ୍ପୀଙ୍କ ଶୈଳୀ, ଦୃଷ୍ଟିକୋଣ ଓ ସଂପ୍ରତିକ ଚିନ୍ତନ ପ୍ରକାଶ ପାଇଥିଲା। ଦ୍ୱି, ଯାହାର ସଂସ୍କୃତ ଭାଷା ଅର୍ଥ ଦୁଇ, ଏହି ନାଟ୍ୟ ପ୍ରସ୍ତୁତିରେ କେବଳ ସିରୋନାମା ନୁହେଁ-ଏହା ଏକ ଦାର୍ଶନିକ ଧାରାବାହିକତା ଯାହା ଦର୍ଶକଙ୍କୁ ଦୁଇଜଣ ନୃତ୍ୟଶିଳ୍ପୀ, ଦୁଇଟି ଯାତ୍ରା, ଯାହାକି ଗୋଟିଏ ଭାବ ଓ ସ୍ପନ୍ଦନରେ ବିଳିନ ହୁଏ ସେଥିରେ ଭାଗ ନେବା ପାଇଁ ଆମନ୍ତ୍ରଣ ଦେଇଥିଲେ । ପ୍ରଥା ଓ ବର୍ତ୍ତମାନ, ଆକୃତି ଓ ଅନୁଭୂତି, ଭକ୍ତି ଓ ବାଖ୍ୟା-ସମସ୍ତଙ୍କୁ ଏକତାରେ ବାନ୍ଧି ରଖିଥିଲେ ଶିମ୍ରନ ଓ ଆନ୍ । ସେମାନଙ୍କର ଆକର୍ଷଣୀୟ ମଞ୍ଚ ପରିବେଷଣ ଦର୍ଶକମାନଙ୍କ ମନମୁଗ୍ଧ କରିଦେଇଥିଲା।

ଏହି କାର୍ଯ୍ୟକ୍ରମରେ ରାଜନୈତିକ ବ୍ୟକ୍ତିତ୍ୱ ଶ୍ରୀମତୀ ଅଳକା ଲାମ୍ବା, ପ୍ରଖ୍ୟାତ ଶିକ୍ଷାବିତ୍, ସଂସ୍କୃତି ଚିନ୍ତକ ଓ ସାହିତ୍ୟିକ ପ୍ରଫେସର ଡାକ୍ତର ପାରୁଲ ପୁରୋହିତ ବଚ୍ଛ ଓ ଜିସସ୍ ଆଣ୍ଡ ମେରି କଲେଜ ଦିଲ୍ଲୀର ସ୍ୱାତିପାଳ ପ୍ରମୁଖ ଯୋଗ ଦେଇଥିଲେ । ଅତିଥିମାନଙ୍କୁ ମଞ୍ଚରେ ସମ୍ମାନିତ କରାଯାଇଥିଲା।

### ବାଲେଶ୍ୱର ଛାତ୍ରୀ ଜଳିଯିବା ଘଟଣା ଏବେ ହାଇକୋର୍ଟରେ

# ଏସ୍‌ଆଇଟି ତଦନ୍ତ ଦାବୀରେ ମାମଲା ରୁଜୁ

କଟକ(ସବ୍ୟୁ): ବାଲେଶ୍ୱର ଜିଲ୍ଲା ଫକୀର ମୋହନ ସେନାପତି ମହାବିଦ୍ୟାଳୟର ଛାତ୍ରୀ ଜଳିଯିବା ଘଟଣାକୁ ନେଇ ଚାରିଆଡ଼େ ବିକ୍ଷୋଭ ,ହରତାଳ ଚାଲିଥିବାବେଳେ

ଆଜି ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଛି। ଆବେଦନକାରୀ ଏହି ମାମଲା ରୁଜୁ କରି ସ୍ୱତନ୍ତ୍ର ତଦନ୍ତ ଟିମ୍(ଏସ୍‌ଆଇଟି) ଗଠନ ଲାଗି ପ୍ରାର୍ଥନା କରିଛନ୍ତି। ଅଦାଲତଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ତଦନ୍ତ ପାଇଁ ମଧ୍ୟ ଆବେଦନକାରୀ କହିଛନ୍ତି ।

ମାନବାଧିକାର କର୍ମୀ ତଥା ଆଇନଜୀବୀ ଶିବଶଙ୍କର ମହାନ୍ତି ଏହି ମାମଲା ରୁଜୁ କରିଛନ୍ତି । ସେ ପିଟିସନ୍‌ରେ ଦର୍ଶାଇଛନ୍ତି ଯେ, ଏଫ୍‌ଏମ୍ କଲେଜ୍‌ର ଜଣେ ଛାତ୍ରୀ ସୌମ୍ୟାଶ୍ରୀ ବିଶି ସେହି କଲେଜ୍‌ର ଜଣେ ଅଧ୍ୟାପକଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇଥିଲେ । ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ ସେ ବିଭିନ୍ନ ଫୋରମରେ ଅଭିଯୋଗ ମଧ୍ୟ କରିଥିଲେ । କିନ୍ତୁ ସବୁଠୁ ନିରାଶ ହେବାପରେ ଗତ ୧୪ତାରିଖ ଚରମ ପଦକ୍ଷେପ ନେଇଥିଲେ। ନିଜ ଉପରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ଦେଇଥିଲେ । ୨୪ଘଣ୍ଟା ଚିକିତ୍ସା ପରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଘଟଣା ସମଗ୍ର ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଛି ।

ଏହି ଘଟଣାର ଉପଯୁକ୍ତ ତଦନ୍ତ ହେବାର ଆବଶ୍ୟକତା ରହିଛି। ଏହି ଘଟଣା ଯେପରି ଭବିଷ୍ୟତରେ ପୁନରାବୃତ୍ତି ନଘଟେ ସେଥିପାଇଁ ଅଦାଲତଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହାର ତଦନ୍ତର ଆବଶ୍ୟକତା ରହିଛି ବୋଲି ଆବେଦନକାରୀ ଉଲ୍ଲେଖ କରିଛନ୍ତି । ଅଦାଲତ କିଛି ନିରପେକ୍ଷ ଅଧିକାରୀଙ୍କୁ ନେଇ ଏକ ଏସ୍‌ଆଇଟି ଗଠନ ପାଇଁ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପିଟିସନ ରେ ଉଲ୍ଲେଖ କରିଛନ୍ତି। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଏହି ତଦନ୍ତ ଶେଷ ପାଇଁ ଅଦାଲତ ସମୟ ଧାର୍ଯ୍ୟ କରନ୍ତୁ । ଛାତ୍ରୀଙ୍କୁ ଯୌନ ନିର୍ଯାତନା, ଆତ୍ମହତ୍ୟା ପାଇଁ ପ୍ରରୋଚିତ କରିବା, ମହାବିଦ୍ୟାଳୟ ପ୍ରଶାସନର ଭୂମିକା, ୟୁଜିସି ଗାଇଡ୍‌ଲାଇନ୍ କର୍ଯ୍ୟକାରୀ ହେଉଛି କି' ନାହିଁ ଏସବୁ ଦିଗକୁ ନେଇ ତଦନ୍ତ ଲାଗି ଅଦାଲତ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି।

ଏହି ଘଟଣାରେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ କରୁଥିଲାବେଳେ ପୁଲିସ୍ ଡିଜି ଏହି ତଦନ୍ତର ସ୍ଥିତି କ'ଣ ରହିଛି ସେ ରିପୋର୍ଟ ଅଦାଲତରେ ଦାଖଲ କରିବାକୁ ଆବେଦନକାରୀ କହିଛନ୍ତି। ଗତ ୧୫ ତାରିଖରେ ୟୁଜିସି ପକ୍ଷରୁ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କରାଯାଇଥିଲା । ଏହି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ତଦନ୍ତ ରେକର୍ଡ ଦାଖଲ କରିବାକୁ ପ୍ରାର୍ଥନା କରାଯାଇଛି । ଛାତ୍ରୀମାନଙ୍କ ସୁରକ୍ଷା ପାଇଁ ପ୍ରତ୍ୟେକ ଉଚ୍ଚ ଶିକ୍ଷା ଅନୁଷ୍ଠାନରେ ୟୁଜିସି ଗାଇଡ୍‌ଲାଇଡ୍ ଆଧାରରେ ଇଣ୍ଟରନାଲ୍ କମ୍ପ୍ଲେଣ୍ଟ କମିଟି( ଆଇସିସି) ଗଠନ ବାଧ୍ୟତାମୂଳକ କରିବା ଲାଗି ଅଦାଲତ ରାଜ୍ୟ ଉଚ୍ଚଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି।

ଏହି ମାମଲାରେ ରାଜ୍ୟ ମୁଖ୍ୟ ଶାସନସଚିବ, ୟୁଜିସି କର୍ତ୍ତୃପକ୍ଷ, ଗୃହ ବିଭାଗ ସଚିବ, ରାଜ୍ୟ ଉଚ୍ଚଶିକ୍ଷା ସଚିବ, ପୁଲିସ୍ ଡିଜି, କ୍ରାଇମ୍‌ବ୍ରାଞ୍ଚକୁ ଆବେଦନକାରୀ ପକ୍ଷଭୁକ୍ତ କରିଛନ୍ତି।

# କିସ୍ କାର୍ଯ୍ୟକୁ ପ୍ରଶଂସା: ଜାତିସଂଘ ରେକର୍ଡରେ ସ୍ଥାନୀତ

ଭୁବନେଶ୍ୱର: (ସବ୍ୟୁ): ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ପ୍ରମାଣ-ଆଧାରିତ ଶିକ୍ଷା ମାଧ୍ୟମରେ ଜନଜାତି ଭବିଷ୍ୟତକୁ ସଶକ୍ତ କରିବାରେ ଅଗ୍ରଣୀ କାର୍ଯ୍ୟ ପାଇଁ କିସ ଜାତିସଂଘର ଅର୍ଥନୈତିକ ଓ ସାମାଜିକ ପରିଷଦ(ଇକୋସକ୍) ଉଚ୍ଚସ୍ତରୀୟ ସେଗମେଣ୍ଟ ଦ୍ୱାରା ରେକର୍ଡରେ ସ୍ଥାନିତ ହୋଇଛି। ଚଳିତମାସ ଇକୋସକ୍ ର ସାଧାରଣ ଅଧିବେଶନରେ ଜନଜାତି ବିଷୟରେ ଆଲୋଚନା କାଳରେ କିସ୍ କାର୍ଯ୍ୟାବଳୀର ଭୂୟସୀ ପ୍ରଶଂସା ସହ ଏହା ଜାତିସଂଘ ରେକର୍ଡରେ ସ୍ଥାନୀତ ହୋଇଛି। ବିଶ୍ୱର ସବର୍ବୃହତ ଜନଜାତି ଅନୁଷ୍ଠାନ ଭାବରେ ସ୍ୱୀକୃତି ପାଇଥିବା କିସ୍‌ର ଜାତିସଂଘ ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡିଜି) ହାସଲ ଦିଗରେ ଉଲ୍ଲେଖନୀୟ ଯୋଗଦାନ ସହ କିସ୍ ଏକ ସୃଜନଶୀଳ ଶୈକ୍ଷିକ ମଡ୍ଲେର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିପାରିଛି। କିସ୍ ଜନଜାତି ଛାତ୍ରଛାତ୍ରୀଙ୍କୁ ଆଧୁନିକ ଶିକ୍ଷା ସହ ଡିଜିଟାଲ୍ ସଶକ୍ତିକରଣ ଏବଂ ଜଳବାୟୁ ସ୍ଥିରତା ଉପରେ ଶିକ୍ଷା ପ୍ରଦାନ କରୁଛି। ଜନଜାତି ପିଲାମାନଙ୍କୁ ସେମାନଙ୍କ ସ୍ଥାନୀୟ ଚାଲେଞ୍ଜର ମୁକାବିଲା ନିମନ୍ତେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ଠାରୁ ଆରମ୍ଭ କରି ବିଶ୍ୱସ୍ତରୀୟ ପ୍ରଯୁକ୍ତି ବିଦ୍ୟାର ଉପଯୋଗ କରାଯାଉଛି। ୟୁନେସ୍କୋ ପୁରସ୍କୃତ ମାତୃଭାଷା ପର୍ଯ୍ୟବେସିତ ବହୁ-ଭାଷୀ ଶିକ୍ଷା ମାଧ୍ୟମରେ ପ୍ରାଥମିକସ୍ତରରେ ପିଲାମାନଙ୍କୁ ସେମାନଙ୍କ ମାତୃଭାଷାରେ ଶିକ୍ଷାଦାନ ସେମାନଙ୍କ ମଧ୍ୟରେ ଶିକ୍ଷା ପ୍ରତି ଆଗ୍ରହ ବୃଦ୍ଧି କରିପାରୁଛି ବୋଲି ଜାତିସଂଘର ରେକର୍ଡରେ ଉଲ୍ଲେଖ କରାଯାଇଛି।

ଜନଜାତି ସଂପ୍ରଦାୟ ମଧ୍ୟରେ ପରିବର୍ତ୍ତନ ଆଣିବା, ଅନ୍ତର୍ଭୁକ୍ତିମୂଳକ ଶିକ୍ଷା ପ୍ରଦାନ କରିବାରେ କିସ୍ ବିଶ୍ୱର ଅନ୍ୟତମ ଅଗ୍ରଣୀ ଅନୁଷ୍ଠାନ। କିସ୍ ୧୩ଟି ବିଶେଷ ଭାବରେ ଦୁର୍ବଳ ଜନଜାତି ସମ୍ପ୍ରଦାୟ ସମେତ ୬୪ଟି ଜନଜାତିର ପ୍ରାୟ ୮୦ ହଜାର ଜନଜାତି ଛାତ୍ରଛାତ୍ରୀଙ୍କୁ ଆନୁଷ୍ଠାନିକ ଶିକ୍ଷା ସହ ଜୀବନ କୌଶଳ, ଦକ୍ଷତା ବିକାଶ,କ୍ରୀଡ଼ାରେ ଉତ୍କର୍ଷତା ପ୍ରତିପାଦନ ଏବଂ ଜଳବାୟୁ ସ୍ଥିରତା ଉପରେ ତାଲିମ ପ୍ରଦାନ କରିଆସୁଛି। ଫଳରେ ଜନଜାତି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିବା ସହ ସେମାନଙ୍କୁ ସଶକ୍ତ କରାଯାଇପାରୁଛି। କିସ ଏକ ଅଭିନବ ଶିକ୍ଷା ମଡେଲ ଭାବରେ ଜାତିସଂଘର ଏସଡିଜି ୧, ୨, ୩, ୪, ୫, ୧୦, ୧୩, ୧୬ ଓ ୧୭ରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖି ଆସିଛି ବୋଲି ଜାତିସଂଘ ରେକର୍ଡରେ ଉଲ୍ଲେଖ କରାଯାଇଛି। ସେହିପରି ସ୍ଥାୟୀ, ଅନ୍ତର୍ଭୁକ୍ତ ଏବଂ ପ୍ରମାଣ-ଭିତ୍ତିକ ସମାଧାନକୁ ଆଗକୁ ବଢ଼ାଇବା କ୍ଷେତ୍ରରେ କିସ୍ କାର୍ଯ୍ୟ କରୁଛି ବୋଲି ଜାତିସଂଘ ରେକର୍ଡରେ ସ୍ଥାନିତ ହୋଇଛି। ଏଥିରେ ଖୁସି ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, କିସ୍ ବିଷୟରେ ଜାତିସଂଘରେ ସର୍ବଦା ଆଲୋଚନା ହେବା ସହ ଏହାର ରେକର୍ଡ ରହୁଛି। ଏହା ଜନଜାତି ତଥା ଓଡ଼ିଶା ପାଇଁ ଗର୍ବ ଓ ଗୌରବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ କିସ୍‌କୁ ୨୦୧୫ରେ ଜାତିସଂଘର ଇକୋସକ୍ ଷ୍ଟାଟସ୍ ମିଳିଛି ଏବଂ ବର୍ତ୍ତମାନ ଏହା ଚାଲୁ ରହିଛି। ଏହା ବ୍ୟତୀତ ୨୦୨୨ରେ କିସ୍‌କୁ ଜାତିସଂଘର ସର୍ବୋଚ୍ଚ ପୁରସ୍କାର ୟୁନେସ୍କୋ ଲିଟେରାରୀ ସମ୍ମାନ ପ୍ରଦାନ କରାଯାଇଛି। ଚଳିତବର୍ଷ କିସ ଟାଇମ୍ସ ହାୟର ଏଜୁକେସନ ଇଂପାକ୍ଟ ଗ୍ଲୋବାଲ ରାଙ୍କିଂରେ ପ୍ରଥମ ଥର ପାଇଁ ଅଂଶଗ୍ରହଣ କରି ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି।

### ଜିନ୍ଦଲ ଷ୍ଟେନଲେସ କୋର୍ଟେମ ୨୦୨୫ରେ

# କ୍ଷୟ ମୁକାବିଲା ଦିଗରେ ପ୍ରତିବଦ୍ଧତାକୁ ଦୋହରାଇଛି

ଭୁବନେଶ୍ୱର(ସବ୍ୟୁ): ଭାରତର ସର୍ବବୃହତ ଷ୍ଟେନଲେସ୍ ଷ୍ଟିଲ୍ ଉତ୍ପାଦକ, ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ କୋର୍ଟେମ୍ ୨୦୨୫— କ୍ଷୟ ଟେକ୍ନୋଲୋଜି ଏବଂ ପରିଚାଳନା ଉପରେ ଅନ୍ତର୍ଜାତୀୟ ସମ୍ମିଳନୀର ଦ୍ୱିତୀୟ ସଂସ୍କରଣର ସଫଳତାରେ ଏକ ପ୍ରମୁଖ ଭୂମିକା ନିଭାଇଛି। ଭାରତୀୟ ଶିଳ୍ପ ସଂଘ ଦ୍ୱାରା ଆୟୋଜିତ, ଏହି କନ୍‌ଫରେନ୍ସରେ ଭାରତର ଆଧାରଭୂତ ଢାଂଚା ଓ ଶିଳ୍ପ ଉନ୍ନତି ସହିତ ସଂପୃକ୍ତ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକରେ କ୍ଷୟ ପ୍ରତିରୋଧ ନେଇ ଚର୍ଚ୍ଚା ପାଇଁ ଶିଳ୍ପ ବିଶେଷଜ୍ଞ, ବୁଦ୍ଧିଜୀବୀ ଏବଂ ନୀତି ନିର୍ଦ୍ଧାରକମାନେ ଏକତ୍ରିତ ହୋଇଥିଲେ। ସିଆଇଆଇର କ୍ଷୟ ପରିଚାଳନା ଡିଭିଜନ (ସିଏମଡି) ର ସହ-ଅଧ୍ୟକ୍ଷ ଭାବେ ଜିନ୍ଦଲ ଷ୍ଟେନଲେସର ପରିଚାଳନା ନିର୍ଦ୍ଦେଶକ, ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, "ଭାରତର ଶିଳ୍ପ ଅଭିବୃଦ୍ଧି ଦିଗରେ କ୍ଷୟ ଏକ ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜ ହୋଇ ରହିଛି, ଯାହା ଫଳରେ ଯଥେଷ୍ଟ ଅର୍ଥନୈତିକ କ୍ଷତି ହେଉଛି ଏବଂ ଜନସାଧାରଣଙ୍କ




ସୁରକ୍ଷା ହ୍ରାସ ପାଇଛି। ଅଧ୍ୟୟନରୁ ଜଣାପଡିଛି ଯେ କ୍ଷୟ ଯୋଗୁଁ ଆମ ଅର୍ଥନୀତିକୁ ବାର୍ଷିକ ଜିଡିପିର ପ୍ରାୟ ୪% କ୍ଷତି ହୋଇଥାଏ ଏବଂ ଭାରତ କ୍ଷେତ୍ରରେ ପ୍ରତିବର୍ଷ ୧୩.୨ ଲକ୍ଷ କୋଟି ଟଙ୍କା କ୍ଷତି ହୁଏ। ଜିନ୍ଦଲ ଷ୍ଟେନଲେସରେ ଆମେ ଉଦ୍ଭାବନକୁ ପ୍ରୋତ୍ସାହିତ କରିବା, ସଚେତନତା ବୃଦ୍ଧି କରିବା ଏବଂ ଏକ କ୍ଷୟମୁକ୍ତ ରାଷ୍ଟ୍ର ଗଠନ ପାଇଁ ସ୍ଥାୟୀ କ୍ଷୟ ପରିଚାଳନା ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଦିଗରେ ପ୍ରତିବଦ୍ଧ ରହିଛୁ । କ୍ଷୟ ନିୟନ୍ତ୍ରଣ ଏବଂ ଭିତିଭୂମି ରକ୍ଷଣାବେକ୍ଷଣ ପାଇଁ ଦୀର୍ଘମିଆଦୀ ରଣନୀତି ବିକଶିତ କରିବା ସହ ଶିଳ୍ପ ନେତୃବୃନ୍ଦ, ଏକାଡେମିଆ ଏବଂ ନୀତି ନିର୍ଦ୍ଧାରକଙ୍କ ସହ ମିଳିତ ଭାବରେ କାର୍ଯ୍ୟ କରୁଅଛୁ। ବିଭିନ୍ନ ଆପ୍ଲିକେସନଗୁଡିକରେ କ୍ଷୟ-ପ୍ରତିରୋଧୀ ଷ୍ଟେନଲେସ୍ ଷ୍ଟିଲ୍ ସମାଧାନ ପ୍ରଦାନ କରିବା ଉପରେ ଆମେ ଗୁରୁତ୍ୱ ଦେଉଛୁ। ଭିତିଭୂମି ଏବଂ ଅନ୍ୟାନ୍ୟ ଅର୍ଥନୈତିକ କ୍ଷେତ୍ରରେ କ୍ଷୟର ମୁକାବିଲା ପାଇଁ ଜିନ୍ଦଲ ଷ୍ଟେନଲେସ୍ ସକ୍ରିୟ ରହିଆସିଛି। ଏହାର ମୁକାବିଲା ପାଇଁ ୨୦୨୩ରେ ସିଆଇଆଇ ସହ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରି କମ୍ପାନୀ ନିଜର ପ୍ରତିବଦ୍ଧତାକୁ ଦୋହରାଇଛି। ନିରନ୍ତର ପ୍ରୟାସ ମାଧ୍ୟମରେ କମ୍ପାନୀ ଷ୍ଟେନଲେସ୍ ଷ୍ଟିଲରେ ସାମର୍ଥ୍ୟର ଉପଯୋଗ କରି ସୁଦୃଢ଼ ଭିତିଭୂମି ସୁନିଶ୍ଚିତ କରିବା ସହ ଏକ ଅଧିକ ସ୍ଥାୟୀ ଭବିଷ୍ୟତରେ ଯୋଗଦାନ କରୁଅଛି। ଷ୍ଟେନଲେସ୍ ଷ୍ଟିଲ କ୍ଷେତ୍ରରେ କ୍ଷୟ ପରିଚାଳନାରେ ସକାରାତ୍ମକ ପରିବର୍ତ୍ତନ ଆଣିବାରେ କମ୍ପାନୀ ଅଗ୍ରଣୀ ରହିଛି ।

## ବ୍ରିଟେନରେ ଭୋଟଦାନ ବୟସ ୧୬ ବର୍ଷକୁ କମିବ

ଲଣ୍ଡନ : ବ୍ରିଟେନରେ ଭୋଟଦାନ ବୟସ ୧୮ରୁ ୧୬ ବର୍ଷକୁ ହ୍ରାସ କରାଯିବ । ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ଏହି ପ୍ରସ୍ତାବକୁ କାର୍ଯ୍ୟକାରୀ କରିବାକୁ ବ୍ରିଟେନର ଲେବର ପାର୍ଟି ସରକାର ନିଷ୍ପତ୍ତି ନେଇଛନ୍ତି । ବ୍ରିଟେନରେ ଗତ ୨୦୨୪ରେ ହୋଇଥିବା ସାଧାରଣ ନିର୍ବାଚନରେ ଲେବର ପାର୍ଟି ଜିତିଥିଲା । ନିର୍ବାଚନ ପ୍ରଚାର ସମୟରେ ଲେବର ପାର୍ଟି ଭୋଟଦାନ ବୟସ ହ୍ରାସ କରିବାକୁ ପ୍ରତିଶ୍ରୁତି ଦେଇଥିଲା । ଏହା ପୂର୍ବରୁ ୧୯୬୯ରେ ବ୍ରିଟେନରେ ଭୋଟଦାନ ବୟସକୁ ୨୧ ବର୍ଷରୁ ୧୮ ବର୍ଷକୁ ହ୍ରାସ କରାଯାଇଥିଲା । ଏବେ ଇକ୍ୱେଡର, ବ୍ରାଜିଲ, ଅଷ୍ଟ୍ରିଆ ପ୍ରଭୃତି ଦେଶରେ ସର୍ବନିମ୍ନ ଭୋଟଦାନ ବୟସ ୧୬ ବର୍ଷ ରହିଛି । ବ୍ରିଟେନ ଅନ୍ତର୍ଗତ ସ୍କଟଲାଣ୍ଡ ଓ ୱେଲ୍ସରେ ପୌର ଓ ଆଞ୍ଚଳିକ ନିର୍ବାଚନରେ ସର୍ବନିମ୍ନ ଭୋଟଦାନ ବୟସ ୧୬ ବର୍ଷ ରହିଛି । ଏହି ନିଷ୍ପତ୍ତି ସହିତ, ସରକାର ଭୋଟର ପରିଚୟପତ୍ର ପାଇଁ ଏକ ନୂତନ ବ୍ୟବସ୍ଥା ମଧ୍ୟ କାର୍ଯ୍ୟକାରୀ କରିଛନ୍ତି, ଯେଉଁଥିରେ ବ୍ୟାଙ୍କ କାର୍ଡ ଏବଂ ଭେଟେରାନ କାର୍ଡ ( ଅବସରପ୍ରାପ୍ତ ସେନା କର୍ମଚାରୀ କାର୍ଡ)କୁ ମଧ୍ୟ ମାନ୍ୟତା ଦିଆଯିବ । ଏହା ଅଧିକ ଲୋକଙ୍କ ପାଇଁ ଭୋଟଦାନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ସହଜ କରିବ । ଏହା ବ୍ୟତୀତ ନିର୍ବାଚନ ପ୍ରାର୍ଥୀଙ୍କ ଦ୍ୱାରା ବିଦେଶୀ ହସ୍ତକ୍ଷେପ ଏବଂ ଅପବ୍ୟବହାରକୁ ରୋକିବା ପାଇଁ କଠୋର ନିୟମ ମଧ୍ୟ ଅଣାଯାଉଛି । ସରକାର ଭୋଟର ପଞ୍ଜୀକରଣକୁ ଅଧିକ ସ୍ୱୟଂଚାଳିତ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି, ଯାହା ଦ୍ୱାରା ବିଭିନ୍ନ ସରକାରୀ ସେବାରେ ବାରମ୍ବାର ସୂଚନା ପୂରଣ କରିବାକୁ ପଡ଼ିବ ନାହିଁ ।

# ୧.୧୭ କୋଟି ଆଧାର ଅଚଳ




ନୂଆଦିଲ୍ଲୀ: ଭାରତୀୟ ସ୍ୱତନ୍ତ୍ର ପରିଚୟ ପ୍ରାଧିକରଣ ଏପର୍ଯ୍ୟନ୍ତ ୧.୧୭ କୋଟିରୁ ଅଧିକ ୧୨-ଅଙ୍କ ବିଶିଷ୍ଟ ଆଧାର ନମ୍ବରକୁ ନିଷ୍କ୍ରିୟ କରିସାରିଛି। ଏହି ପଦକ୍ଷେପ ଏଥିପାଇଁ ନିଆଯାଇଛି ଯାହା ଦ୍ୱାରା ମୃତ୍ୟୁବରଣ କରିଥିବା ଲୋକଙ୍କ ଆଧାର ନମ୍ବରର ଅପବ୍ୟବହାର ହୋଇପାରିବ ନାହିଁ। ଏହି ପଦକ୍ଷେପ ଅନ୍ତର୍ଗତ, ୟୁଆଇଡିଏଆଇ ୨୪ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ପଞ୍ଜିକୃତ ମୃତ୍ୟୁ ପାଇଁ ମାଇଁ ଆଧାର ପୋର୍ଟାଲରେ ଏକ ନୂତନ ସେବା - ପରିବାର ସଦସ୍ୟଙ୍କ ମୃତ୍ୟୁ ରିପୋର୍ଟିଂ - ଆରମ୍ଭ କରିଛି। ଯାହା ଦ୍ୱାରା ପରିବାରର ସଦସ୍ୟଙ୍କ ମୃତ୍ୟୁ କ୍ଷେତ୍ରରେ, ବ୍ୟକ୍ତି ପୋର୍ଟାଲକୁ ଆସି ୟୁଆଇଡିଏଆଇକୁ ଏହା ବିଷୟରେ ଜଣାଇପାରିବେ। ବୁଧବାର ଜାରି ଏକ ସରକାରୀ ବିବୃତ୍ତିରେ କୁହାଯାଇଛି ଯେ, ଆଧାର ଡାଟାବେସର ନିରନ୍ତର ସଠିକତା ବଜାୟ ରଖିବା ପାଇଁ, ୟୁଆଇଡିଏଆଇ ବିଭିନ୍ନ ଉତ୍ସରୁ ମୃତ୍ୟୁ ରେକର୍ଡ ପାଇବା ଏବଂ ଉପଯୁକ୍ତ ଯାଞ୍ଚ ପରେ ଆଧାର ନମ୍ବରକୁ ନିଷ୍କ୍ରିୟ କରିବା ପାଇଁ ସକ୍ରିୟ ଭାବରେ ଏହି ପଦକ୍ଷେପ ଗ୍ରହଣ କରୁଛି। ୟୁଆଇଡିଏଆଇ କହିଛି ଯେ ଏହା ଭାରତର ରେଜିଷ୍ଟ୍ରାର ଜେନେରାଲଙ୍କୁ ଆଧାର ନମ୍ବର ସହିତ ଲିଙ୍କ୍ ହୋଇଥିବା ମୃତ୍ୟୁ ରେକର୍ଡଗୁଡ଼ିକୁ ସେୟାର କରିବାକୁ କହିଛି ଏବଂ ସିଭିଲ୍ ପଞ୍ଜିକରଣ ପ୍ରଣାଳୀ ବ୍ୟବହାର କରି ୨୪ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରୁ ପ୍ରାୟ ୧.୫୫ କୋଟି ମୃତ୍ୟୁ ରେକର୍ଡ ପାଇଛି। ସଠିକ୍ ଯାଞ୍ଚ ପରେ, ପ୍ରାୟ ୧.୧୭ କୋଟି ଆଧାର ନମ୍ବରକୁ ନିଷ୍କ୍ରିୟ କରାଯାଇଛି। ପ୍ରାୟ ୬.୭ ଲକ୍ଷ ମୃତ୍ୟୁ ରେକର୍ଡ ଆଧାରରେ ନମ୍ବରକୁ ନିଷ୍କ୍ରିୟ କରିବାର କାମ ଏବେ ବି ଚାଲିଛି।

'ପରିବାର ସଦସ୍ୟଙ୍କ ମୃତ୍ୟୁ ରିପୋର୍ଟିଂ' ଅଧୀନରେ, ପରିବାରର କୌଣସି ସଦସ୍ୟଙ୍କ ମୃତ୍ୟୁ ହେଲେ, ମୃତକଙ୍କ ପରିବାରର ଜଣେ ସଦସ୍ୟଙ୍କୁ ମୃତକଙ୍କ ସହିତ ତାଙ୍କର ସମ୍ପର୍କର ପ୍ରମାଣ ଦେବାକୁ ପଡିବ। ପୋର୍ଟାଲରେ, ଆଧାର ନମ୍ବର, ମୃତ୍ୟୁ ପଞ୍ଜିକରଣ ନମ୍ବର ଏବଂ ମୃତ୍ୟୁବରଣ କରିଥିବା ଲୋକଙ୍କ ଅନେକ ଅନ୍ୟାନ୍ୟ ବିବରଣୀ ବିଷୟରେ ସୂଚନା ଦେବାକୁ ପଡିବ। ଆପଣଙ୍କ ଦ୍ୱାରା ଦିଆଯାଇଥିବା ସୂଚନା ପ୍ରଥମେ ଯାଞ୍ଚ କରାଯିବ ଏବଂ ତା'ପରେ ଆଧାରକୁ ନିଷ୍କ୍ରିୟ କରିବାର ପ୍ରକ୍ରିୟା ଆରମ୍ଭ ହେବ। ୟୁଆଇଡିଏଆଇ ଏହି କାର୍ଯ୍ୟ ପାଇଁ ରାଜ୍ୟ ସରକାରଙ୍କ ସାହାଯ୍ୟ ମଧ୍ୟ ନେଉଛି। ଏକ ପାଇଲଟ୍ ପ୍ରୋଜେକ୍ଟ ଭାବରେ, ୧୦୦ ବର୍ଷରୁ ଅଧିକ ବୟସର ଆଧାର କାର୍ଡ ଧାରକଙ୍କ ସମ୍ପର୍କିତ ସୂଚନା ରାଜ୍ୟ ସରକାରଙ୍କ ସହିତ ସେୟାର କରାଯାଉଛି ଯାହା ଦ୍ୱାରା ସେମାନେ ଜୀବିତ ଅଛନ୍ତି କି ନାହିଁ ତାହା ଜାଣିବାରେ ସାହାଯ୍ୟ ମିଳିବ। ଯାଞ୍ଚ ରିପୋର୍ଟ ପାଇବା ପରେ ହିଁ ଆଧାର ନମ୍ବରକୁ ନିଷ୍କ୍ରିୟ କରାଯିବ।

# ସପିଂ ମଲରେ ଅଗ୍ନିକାଣ୍ଡ : ୫୦ ମୃତ

ବାଗ୍‌ଦାଦ୍ : ଇଷ୍ଟର୍ଣ୍ଣ ଇରାକର ଅଲ-କୁଟ ସହରରେ ଥିବା ୫ ମହଲା ବିଶିଷ୍ଟ ଗୋଟିଏ ବିରାଟକାୟ ମଲରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଏଥିରେ ଅନେକ ଛୋଟ ପିଲାଙ୍କ ସମେତ ପ୍ରାୟ ୫୦ ଜଣଙ୍କ ଜୀବନ ଯାଇଛି। କିଛି ଲୋକ ଜୀବନ୍ତ ଦଗ୍ଧ ହୋଇଯାଇଥିବା ବେଳେ ଆଉ କିଛି ଲୋକ ଅଣନିଃଶ୍ୱାସୀ ହୋଇ ଆଖି ବୁଜିଛନ୍ତି। ସେହିପରି ଶତାଧିକ ଲୋକ ଆହତ ହୋଇଛନ୍ତି। ସେମାନଙ୍କ ଚିକିତ୍ସା ସ୍ଥାନୀୟ ହସ୍ପିଟାଲରେ ଚାଲିଛି। ସାମ୍ନାକୁ ଆସିଥିବା ଭିଡିଓରେ ଦେଖିବାକୁ ମିଳୁଛି ଯେ ୫ ମହଲା ବିଶିଷ୍ଟ ମଲଟି ହୁତହୁତ ହୋଇ ଜଳୁଥିବା ବେଳେ ଏହା ମଧ୍ୟରେ ଥିବା ଲୋକମାନେ ଜୀବନ ବଞ୍ଚାଇବାକୁ



ଚିତ୍କାର କରୁଛନ୍ତି। ସେହିପରି ୧୦ରୁ ଅଧିକ ଅଗ୍ନିଶମ ଗାଡ଼ି ନିଆଁକୁ ଆୟତ୍ତ କରିବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଥିବା ଭିଡିଓରେ ଦେଖିବାକୁ ମିଳୁଛି। ଅଗ୍ନିକାଣ୍ଡ ଯୋଗୁ ମଲଟି ପ୍ରାୟତଃ ପୋଡ଼ି ଯାଇଥିଲେ ହେଁ କେମିତି ଏଠାରେ ନିଆଁ ଲାଗିଲା ସେକଥା ଜଣାପଡ଼ିନି। ସ୍ଥାନୀୟ ପ୍ରଶାସନର କହିବା କଥା ଯେ ବର୍ତ୍ତମାନ ନିଆଁକୁ ଆୟତ୍ତ କରାଯାଇଛି। ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରି ଯାଇଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ତଦନ୍ତ କରି ରିପୋର୍ଟକୁ ସାର୍ବଜନୀନ କରାଯିବ। ମଲ ଓ ବିଲଡିଂ ମାଲିକଙ୍କ ବିରୋଧରେ ମାମଲା ହୋଇଥିବା ମଧ୍ୟ ସୂଚନା ମିଳିଛି।ମଲ ଭିତରେ ଲୋକମାନେ ଖାଦ୍ୟ ଖାଉଥିବା ବେଳେ ଓ ଶପିଂ କରୁଥିବା ବେଳେ ଅଗ୍ନିକାଣ୍ଡ ଘଟିଥିଲା। ଭୋର ୪ଟା ଯାଏ ଉଦ୍ଧାର କାର୍ଯ୍ୟ ଚାଲିଥିଲା। ଏବେ କୁଟରେ ଥିବା ପ୍ରାୟ ସମସ୍ତ ହସ୍ପିଟାଲରେ ଆହତଙ୍କ ଚିକିତ୍ସା ଚାଲିଛି। ଘଟଣାର ତଦନ୍ତ ଚାଲିଥିବା ବେଳେ ପ୍ରଦେଶରେ ୩ ଦିନିଆ ଶୋକ ଘୋଷଣା କରାଯାଇଛି।

## ୟୁଲିଆ ସ୍ୱିରିଡେଙ୍କୋ ୟୁକ୍ରେନର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ



କିଭ୍: ରୁଷ ସହିତ ଚାଲିଥିବା ଭୟଙ୍କର ଯୁଦ୍ଧ ମଧ୍ୟରେ ୟୁକ୍ରେନ୍ ତାର ନୂତନ ପ୍ରଧାନମନ୍ତ୍ରୀଙ୍କୁ ଚୟନ କରିଛି। ବୁଧବାର ଦିନ ୟୁକ୍ରେନ୍ ସଂସଦ ଭରଖେଭନା ରାଡାରେ ନିଆଯାଇଥିବା ଏକ ଐତିହାସିକ ନିଷ୍ପତ୍ତିରେ, ୟୁଲିଆ ସ୍ୱିରିଡେଙ୍କୋଙ୍କୁ ଦେଶର ନୂତନ ପ୍ରଧାନମନ୍ତ୍ରୀ ଭାବରେ ନିର୍ବାଚିତ କରାଯାଇଥିଲା। ୟୁକ୍ରେନ ସଂସଦରେ ଅନୁଷ୍ଠିତ ଭୋଟିଂରେ ୨୬୨ ସାଂସଦ ତାଙ୍କ ସପକ୍ଷରେ ଭୋଟ ଦେଇଥିଲେ, ଯେତେବେଳେ ୨୨ ବିରୋଧ କରିଥିଲେ ଏବଂ ୨୬ ସଦସ୍ୟ ଭୋଟିଂରୁ ବିରତ ରହିଥିଲେ। ଏହିପରି ବହୁମତରେ ୟୁଲିଆଙ୍କୁ ୟୁକ୍ରେନର ନୂତନ ପ୍ରଧାନମନ୍ତ୍ରୀ ଭାବରେ ନିର୍ବାଚିତ କରାଯାଇଥିଲା। ରାଷ୍ଟ୍ରପତି ଭୋଲଡମିର ଜେଲେନସ୍କି ୟୁଲିଆଙ୍କୁ ପୂର୍ଣ୍ଣ ସମର୍ଥନ ଦେଇଥିଲେ। ୟୁକ୍ରେନ ସଂସଦରେ ଅନୁଷ୍ଠିତ ଭୋଟିଂରେ ୨୬୨ ସାଂସଦ ତାଙ୍କ ସପକ୍ଷରେ ଭୋଟ ଦେଇଥିଲେ, ଯେତେବେଳେ ୨୨ ବିରୋଧ କରିଥିଲେ ଏବଂ ୨୬ ସଦସ୍ୟ ଭୋଟିଂରୁ ବିରତ ରହିଥିଲେ ।ଏହାପୂର୍ବରୁ ୟୁଲିଆ ୟୁକ୍ରେନର ପ୍ରଥମ ଉପପ୍ରଧାନମନ୍ତ୍ରୀ ଏବଂ ଅର୍ଥନୀତି ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ । ଏବେ ସେ ଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ହେବାକୁ ଯାଉଛନ୍ତି। ଏହି ନିଷ୍ପତ୍ତି ଏପରି ଏକ ସମୟରେ ଆସିଛି ଯେତେବେଳେ ରୁଷ ସହିତ ଚାଲିଥିବା ଯୁଦ୍ଧ ମଧ୍ୟରେ ୟୁକ୍ରେନ ଆଭ୍ୟନ୍ତରୀଣ ସ୍ଥିରତା ଏବଂ ଅର୍ଥନୈତିକ ପୁନର୍ନିର୍ମାଣ ପାଇଁ ନିଷ୍ପାୟକ ପଦକ୍ଷେପ ନେଉଛି।

## ରେଳ ଫ୍ଲାଏଓଭର ପାଇଁ କାର୍ଯ୍ୟ ମଞ୍ଜୁର

କୋଲକାତା : ରେଳ ମନ୍ତ୍ରଣାଳୟ ଦକ୍ଷିଣ ପୂର୍ବ ରେଳପଥର ଗୁଣ୍ଡାବିହାର ଶେଷ ଠାରୁ ଚାଣ୍ଡିଲ ପର୍ଯ୍ୟନ୍ତ ରେଳ ଫ୍ଲାଏଓଭର ସହିତ ନୂତନ ବାଇପାସ୍ ଲାଇନ ପାଇଁ କାର୍ଯ୍ୟ ମଞ୍ଜୁର କରିଛି। ୧୦.୬ କିଲୋମିଟରର ବାଇପାସ୍ ରେଳ ଲାଇନ ପ୍ରକଳ୍ପ ୩୪୩.୯୭ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯିବ। ରେଳ ଫ୍ଲାଏଓଭର ସହିତ ପ୍ରସ୍ତାବିତ ବାଇପାସ୍ ଲାଇନ ଚାଣ୍ଡିଲ ଷ୍ଟେସନରେ ନିର୍ମାଣ କରାଯିବାକୁ ଅଛି ଯେଉଁଠାରେ ଗୁଣ୍ଡାବିହାରରୁ ଆସୁଥିବା ଟ୍ରେନଗୁଡ଼ିକ ପାଇଁ କ୍ରସିଂ ଆବଶ୍ୟକ। ବର୍ତ୍ତମାନ, ଚାଣ୍ଡିଲରୁ ନିମଡିହ (ଆଦ୍ରା ଆଡକୁ) ମଧ୍ୟରେ ସମସ୍ତ ୟୁପି ଏବଂ ଡିଏନ ଟ୍ରେନଗୁଡ଼ିକ ଅଟକି ରହିବା ଏବଂ ଅଟକି ରହିବା। ପୃଷ୍ଠ କ୍ରସିଂ ଏବଂ ଟ୍ରେନଗୁଡ଼ିକର ଅଟକ ଏଡାଇବା ପାଇଁ, ଚାଣ୍ଡିଲ ଏବଂ ଗୁଣ୍ଡାବିହାର ମଧ୍ୟରେ ଫ୍ଲାଏଓଭର ଆବଶ୍ୟକ। ପ୍ରକଳ୍ପ ସମାପ୍ତ ହେବା ପରେ, ଏହା ଏକ ସଂତୃପ୍ତ ଏକକ-ଲାଇନ୍ ସେକ୍ସନର କ୍ଷମତା ବୃଦ୍ଧି କରିବ ଏବଂ ଆଗାମୀ ଦଶନ୍ଧିରେ ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇବାକୁ ଥିବା ବର୍ଦ୍ଧିତ ମାଲ ପରିବହନ ଏବଂ ଯାତ୍ରୀ ପରିବହନକୁ ପୂରଣ କରିବଛ ରେଳ ଫ୍ଲାଏଓଭର ଚକ୍ରଧରପୁର-ଆଦ୍ରା। ଏବଂ ଚକ୍ରଧରପୁର-ରାଞ୍ଚି କରିଡର ମଧ୍ୟରେ ସୁଗମ ସଂଯୋଗୀକରଣକୁ ସକ୍ଷମ କରିବ ଏବଂ ସଂଲଗ୍ନ ମଞ୍ଜୁର ହୋଇଥିବା ତୃତୀୟ ଏବଂ ଚତୁର୍ଥ ଲାଇନ ପ୍ରକଳ୍ପ ସହିତ ସଂଯୁକ୍ତ କରିବ, ଯାହା ଦ୍ୱାରା ସାମଗ୍ରିକ ନେଟୱାର୍କ ବିକାଶ ସୁନିଶ୍ଚିତ ହେବଛ ତେଣୁ, ପ୍ରକଳ୍ପ କ୍ଷମତା ବିସ୍ତାର, ଦକ୍ଷତା, ସୁରକ୍ଷା ଏବଂ ଆଞ୍ଚଳିକ ବିକାଶର ରେଳବାଇ ରଣନୈତିକ ଉଦ୍ଦେଶ୍ୟ ସହିତ ସମନ୍ୱିତ।

# ଦିଲ୍ଲୀରେ ମହିଳାଙ୍କୁ ମାଗଣାରେ ମିଳିବ ବସ୍‌ଯାତ୍ରା



ନୂଆଦିଲ୍ଲୀ: ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଡିଟିସି ବସ୍‌ରେ ମହିଳାଙ୍କ ମାଗଣା ଯାତ୍ରା ସୁବିଧା ସମ୍ପର୍କରେ ଏକ ବଡ଼ ଘୋଷଣା କରିଛନ୍ତିଛ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଘୋଷଣା କରିଛନ୍ତି ଯେ ଏବେ ଏହି ସୁବିଧା କେବଳ ଦିଲ୍ଲୀର ମହିଳାମାନଙ୍କ ପାଇଁ ହେବ, ଯାହା ସେମାନଙ୍କୁ ସହରରେ ସହଜରେ ଏବଂ ମାଗଣାରେ ଯାତ୍ରା କରିବାର ସୁଯୋଗ ଦେବଛ ନନ୍ଦନଗରୀ ଡିପୋରେ ଏକ ନୂତନ ସ୍ୱୟଂଚାଳିତ ପରୀକ୍ଷଣ ଷ୍ଟେସନ୍କୁ ଉଦଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏଥିପାଇଁ ପିଙ୍କ୍ ଟିକେଟ୍ ବଦଳରେ ପିଙ୍କ୍ ପାସ୍ ଖୁବ୍ ଶୀଘ୍ର ପ୍ରଚଳନ କରାଯିବଛ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଏହା ମଧ୍ୟ ସୂଚନା ଦେଇଛନ୍ତି ଯେ ଦିଲ୍ଲୀ ପରିବହନ ନିଗମ (ଡିଟିସି)କୁ ୬୫୦୦୦ କୋଟି ଟଙ୍କାର କ୍ଷତିରୁ ଉଦ୍ଧାର କରିବା ପାଇଁ ଏକ ଯୋଜନା ଚାଲିଛି। ଏଥିପାଇଁ, ଆଇଆଇଟି ସହାୟତାରେ ବସ୍ ରୁଟ୍ଗୁଡ଼ିକୁ ଆହୁରି ଉନ୍ନତ କରାଯାଉଛି, ଯାହା ଦ୍ୱାରା ଯାତ୍ରୀମାନେ ସୁବିଧାଜନକ ଏବଂ ଦ୍ରୁତ ସେବା ପାଇପାରିବେ। ସେ କହିଛନ୍ତି ଯେ ଡିଟିସିକୁ ଆହୁରି ମଜବୁତ କରିବା ପାଇଁ ଆଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରାଯାଉଛି। ଏହି ପରୀକ୍ଷଣ ଷ୍ଟେସନ ବସ୍ଗୁଡ଼ିକର ଯାଞ୍ଚ ଏବଂ ରକ୍ଷଣାବେକ୍ଷଣକୁ ସହଜ ଏବଂ ଦ୍ରୁତ କରିବଛ ସରକାରଙ୍କ ଏହି ପଦକ୍ଷେପ ଦ୍ୱାରା ଦିଲ୍ଲୀର ପରିବହନ ବ୍ୟବସ୍ଥାରେ ଉନ୍ନତି ଆଣିବ ବୋଲି ବିଶ୍ୱାସ କରାଯାଉଛି। ଆପଣଙ୍କୁ କହି ରଖୁଛୁ ଯେ ରେଖା ଗୁପ୍ତା କିଛି ଦିନ ପୂର୍ବରୁ କହିଥିଲେ ଯେ ଦିଲ୍ଲୀ ସରକାର ଖୁବ୍ ଶୀଘ୍ର ସ୍ୱେଚ୍ଛାକୃତ ରକ୍ତଦାତାଙ୍କ ବିଷୟରେ ସୂଚନା ପ୍ରଦାନ କରି ଏକ 'ଆପ୍' ଲଞ୍ଚ କରିବେ। ଗୁପ୍ତା ଏକ ରକ୍ତଦାନ ଶିବିରରେ ଏହା ଘୋଷଣା କରିଥିଲେ ଏବଂ କହିଥିଲେ, 'ଆମେ ଖୁବ୍ ଶୀଘ୍ର ଏକ ରକ୍ତଦାତା ଆପ୍ଲିକେସନ୍ ଲଞ୍ଚ କରିବୁ ଯେଉଁଥିରେ ରକ୍ତଦାନ କରିବାକୁ ଚାହୁଁଥିବା ଲୋକଙ୍କ ବିବରଣୀ ରହିବ। ଏଥିରେ ସେମାନଙ୍କର ରକ୍ତ ଗୋଷ୍ଠୀ, ସେମାନେ ଶେଷ ଥର କେବେ ରକ୍ତଦାନ କରିଥିଲେ ଏବଂ ୩ ମାସ ପରେ ସେମାନେ ପୁଣି ରକ୍ତଦାନ କରିବାକୁ ଯୋଗ୍ୟ କି ନାହିଁ ତାହା ଅନ୍ତର୍ଭୁକ୍ତ ହେବ। ଏହି ଆପ୍ ରେ ରକ୍ତଦାତାଙ୍କ ଯୋଗାଯୋଗ ସୂଚନା ମଧ୍ୟ ରହିବ ଯାହା ଦ୍ୱାରା ଆବଶ୍ୟକୀୟ ଲୋକମାନେ ସେମାନଙ୍କ ନିକଟତମ ରକ୍ତଦାତାଙ୍କ ସହିତ ଯୋଗାଯୋଗ କରିପାରିବେ।'

## ହସ୍ପିଟାଲରେ ପଶି ଚିକିତ୍ସାଧୀନ କଏଦୀଙ୍କୁ ଗୁଳି

ପାଟନା: ଗୁରୁବାର ଦିନ ପାଟନାର ଏକ ଘରୋଇ ହସ୍ପିଟାଲ ଭିତରେ ପାରୋଲରେ ଥିବା ଜଣେ କଏଦୀଙ୍କୁ ପାଞ୍ଚ ଜଣ ଅଜଣା ଲୋକ ଗୁଳି କରିଥିବା ଅଭିଯୋଗ ହୋଇଛି । ପୁଲିସର ସୂଚନା ଅନୁଯାୟୀ, ସହରର ରାଜା ବଜାର ଅଞ୍ଚଳର ପାରସ ହସ୍ପିଟାଲରେ ଏହି ଗୁଳିକାଣ୍ଡ ଘଟିଥିଲା। । ବକ୍ସର ଜିଲ୍ଲାର ଏକ ହତ୍ୟା ମାମଲାର ଅଭିଯୁକ୍ତ ଚନ୍ଦନ ମିଶ୍ର ନାମକ ପୀଡିତଙ୍କୁ ବେଉର ଜେଲରୁ ମେଡିକାଲ ପାରୋଲରେ ମୁକ୍ତ କରାଯାଇଥିଲା ଏବଂ ତାଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଘଟଣାର ସିସିଟିଭି ଫୁଟେଜରେ ପାଞ୍ଚ ଜଣ ସଶସ୍ତ୍ର ବ୍ୟକ୍ତି ଦିନ ଦି'ପ୍ରହରେ ହସ୍ପିଟାଲ ପରିସରରେ ପ୍ରବେଶ କରି କଏଦୀଙ୍କ ଉପରେ ଗୁଳି ଚଳାଉଥିବାର ଦେଖାଯାଇଛି । ତାଙ୍କ ଦେହରେ ଅନେକ ଗୁଳି ବାଜିଛି ଏବଂ ସେ ବର୍ତ୍ତମାନ ସେହି ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି ।ପୁଲିସ ଦଳ ଘଟଣାସ୍ଥଳରେ ପହଞ୍ଚି ବକ୍ସର ପୁଲିସ ସହାୟତାରେ ଗୁଳି ଚଳାଇଥିବା ଲୋକଙ୍କୁ ଚିହ୍ନଟ କରିବା ପାଇଁ ଖୋଜାଖୋଜି ଆରମ୍ଭ କରିଛନ୍ତି।

## ଭାରତର ନୂଆ ଏୟାର ଡିଫେନ୍ସ ସିଷ୍ଟମର ସଫଳ ପରୀକ୍ଷଣ

ନୂଆଦିଲ୍ଲୀ: ଭାରତ ଏକ ନୂଆ ଏୟାର ଡିଫେନ୍ସ ସିଷ୍ଟମର ସଫଳ ପରୀକ୍ଷଣ କରିଛି । ଏହା ହେଉଛି ଭାରତର ସଂପୂର୍ଣ୍ଣ ସ୍ୱଦେଶୀ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା, ଯାହାକୁ ଡିଆରଡିଓ ଦ୍ୱାରା ପ୍ରସ୍ତୁତ କରାଯାଇଛି । 'ଆକାଶ ପ୍ରାଇମ୍' ନାମକ ଏହି ଏୟାର ଡିଫେନ୍ସ ସିଷ୍ଟମକୁ ଲଦାଖ ସେକ୍ଟରରେ ୧୫ ହଜାର ଫୁଟ ଉଚ୍ଚତାରେ ସଫଳ ପରୀକ୍ଷଣ କରାଯାଇଛି । ଏହି ନୂଆ ପ୍ରତିରକ୍ଷା ବ୍ୟବସ୍ଥାର ସଫଳତା ପରେ ଯଦି ଭବିଷ୍ୟତରେ କୌଣସି ଶତ୍ରୁ ଦେଶ ଭାରତ ଉପରେ ଆଖି ପକାଇବାକୁ ଚେଷ୍ଟା କରେ ତେବେ ଭୀଷଣ ଝଟକା ଖାଇବା ନିଶ୍ଚିତ ବୋଲି କୁହାଯାଉଛି ।ପରୀକ୍ଷଣ ସମୟରେ ଦୁଇଟି ହାଇସ୍ପିଡ୍ ଟାର୍ଗେଟ୍କୁ ଏହି ନୂଆ ସିଷ୍ଟମ୍ ସିଧାସଳଖ ଆକ୍ରମଣ କରିଥିଲା ଏବଂ ଶତ ପ୍ରତିଶତ ସଫଳ ହୋଇଥିଲା ବୋଲି ପ୍ରତିରକ୍ଷା ଅଧିକାରୀ କହିଛନ୍ତି । ଆକାଶ ପ୍ରାଇମ ସିଷ୍ଟମ ପାଇଁ ଭାରତୀୟ ସେନାରେ ଆକାଶ ଏୟାର ଡିଫେନ୍ସ ସିଷ୍ଟମର ତୃତୀୟ ଓ ଚତୁର୍ଥ ରେଜିମେଣ୍ଟ ଗଠନ ହେବ । ଅପରେସନ ସିନ୍ଦୂର ସମୟରେ ପାକିସ୍ତାନର ଏୟାର ଷ୍ଟ୍ରାଇକ୍କୁ ବିଫଳ କରିବାରେ ମଧ୍ୟ 'ଆକାଶ' ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ବହୁତ ଭଲ ପ୍ରଦର୍ଶନ କରିଥିଲା ।

## ଭୂକମ୍ପରେ ଥରିଲା ଆମେରିକା

ୱାଶିଂଟନ: ଆମେରିକାରେ ଏକ ବଡ଼ ଧରଣର ଭୂକମ୍ପ ଅନୁଭୂତ ହୋଇଛି । ବୁଧବାର ଦିନ ଆମେରିକାର ଆଲାସ୍କା ରାଜ୍ୟର ଉପକୂଳରେ ୭.୩ ତୀବ୍ରତାର ଏକ ଭୂମିକମ୍ପ ଅନୁଭୂତ ହୋଇଯାଇଛିଛ ଯାହା ପ୍ରଭାବରେ ଆମେରିକା ଥରହର ହୋଇ ପଡ଼ିଥିଲା । ଯାହା ପରେ ପରେ ଆମେରିକାର ଭୂତତ୍ତ୍ୱ ସର୍ବେକ୍ଷଣରୁ ସୁନାମୀ ଚେତାବନୀ ପ୍ରକାଶ ପାଇଛି । କର୍ତ୍ତୃପକ୍ଷ ଦକ୍ଷିଣ ଆଲାସ୍କା ଏବଂ ଆଲାସ୍କା ଉପଦ୍ୱୀପ ପାଇଁ ସୁନାମି ଚେତାବନୀ ଜାରି କରିଛନ୍ତି ବୋଲି ସୂଚନା ରହିଛି । ଆଲାସ୍କାର ପାଲମରରେ ଥିବା ଜାତୀୟ ସୁନାମି ଚେତାବନୀ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ସୁନାମୀ ହେବ ବୋଲି ନିଶ୍ଚିତ ହୋଇଛି ଏବଂ କିଛି ପ୍ରଭାବ ଆଶା କରାଯାଉଛି, । ପ୍ରାରମ୍ଭିକ ସୂଚନା ଆଧାରରେ, ଦୂରବର୍ତ୍ତୀ ଅଞ୍ଚଳ ପାଇଁ ସୁନାମି ଚେତାବନୀ ଜାରି କରାଯାଇ ନଥିଲା । ୟୁଏସ୍ଜିଏସ୍ କହିଛି ଯେ ଭୂମିକମ୍ପ ପ୍ରାୟ ୧୨:୩୭ ସ୍ଥାନୀୟ ସମୟ (୨୦୩୭ ଜିଏମ୍ଟି) ରେ ହୋଇଥିଲା । ଏହାର କେନ୍ଦ୍ରସ୍ଥଳ ସ୍ୟାଣ୍ଡ ପଏଣ୍ଟ ଦ୍ୱୀପ ସହରରୁ ପ୍ରାୟ ୫୪ ମାଇଲ (୮୭ କିଲୋମିଟର) ଦକ୍ଷିଣରେ ଅବସ୍ଥିତ । ଭୂମିକମ୍ପର ଗଭୀରତା ୨୦.୧ କିଲୋମିଟର ଥିଲା ।

### ପୃଥ୍ୱୀ -୨ ଓ ଅଗ୍ନି-୧ର ସଫଳ ପରୀକ୍ଷା

ନୂଆଦିଲ୍ଲୀ : ଓଡିଶାର ଚାନ୍ଦିପୁର ଟେଷ୍ଟ ରେଞ୍ଜରୁ ସ୍ୱଳ୍ପ ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପୃଥ୍ୱୀ-୨ ଓ ଅଗ୍ନି -୧ର ସଫଳ ପରୀକ୍ଷଣ ହୋଇଛି। ସମସ୍ତ ପରିଚାଳନା ଗତ ଏବଂ ବୈଷୟିକ ପାରାମିଟର ମଧ୍ୟରେ ଏହାର ପରୀକ୍ଷଣ କରାଯାଇଥିଲା। ଷ୍ଟ୍ରାଟେଜିକ୍ ଫୋରସେସ୍ କମାଣ୍ଡର ପ୍ରତ୍ୟକ୍ଷ ପରିଚାଳନାରେ ଏହି ପରୀକ୍ଷଣ ସମ୍ପାଦିତ ହୋଇଥିଲା।

## ଝିଅର ନିର୍ବନ୍ଧ ଦିନ ଟ୍ରକ ଧକ୍କାରେ ବାପାଙ୍କ ମୃତ୍ୟୁ

ନୂଆଦିଲ୍ଲୀ: ଗ୍ୱାଲିୟରର ଜନକଗଞ୍ଜ ଥାନା ଅଞ୍ଚଳର ଏବି ଲକ୍ଷ୍ମୀଗଞ୍ଜ କଲଭର୍ଟ ନିକଟରେ ଏକ ଲୋମଟାଙ୍କୁରା ଘଟଣା ଘଟିଯାଇଛି। ଝିଅର ନିର୍ବନ୍ଧ ଦିନ ବାପା ବଜାର କରିବା ପାଇଁ ଯାଇଥିବା ବେଳେ ଗୋଟିଏ ପରେ ଗୋଟିଏ ଏପରି ଭାବେ ତାଙ୍କୁ ଧକ୍କା ଦେଇଥିଲା ତିନୋଟି ଟ୍ରକ। ଏହି ଦୁର୍ଘଟଣାରେ ବୃଦ୍ଧ ଜଣକ ଗୁରୁତର ଆହତ ହୋଇପଡ଼ିଥିଲେ। ବୃଦ୍ଧଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହେଲେ ଦୁଃଖର ବିଷୟ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

# ନିର୍ବାଚନ ପୂର୍ବରୁ ମାଗଣା ବିଜୁଳି କାର୍ଡ ଖେଳିଲେ ନୀତିଶ

ପାଟଣା : ଆସନ୍ତା ଅଗଷ୍ଟ ୧ ତାରିଖରୁ ରାଜ୍ୟ ସରକାର ବିହାରବାସୀଙ୍କୁ ୧୨୫ ଯାଏ ମାଗଣା ବିଜୁଳି ଦେବେ ବୋଲି ନୀତୀଶ କୁମାର ଆଜି ସମସ୍ତଙ୍କୁ ଜଣାଇଛନ୍ତି। ମାଗଣା ବିଜୁଳି ଦ୍ୱାରା ରାଜ୍ୟର ୧.୬୭ କୋଟି ପରିବାର ଲାଭବାନ ହେବେ। ଚଳିତ ବର୍ଷ ବିହାରରେ ବିଧାନସଭା ନିର୍ବାଚନ ହେବ। ଏହାପୂର୍ବରୁ ଭୋଟରଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବା ପାଇଁ ବିଜେପି ଭରସାରେ ମୁଖ୍ୟମନ୍ତ୍ରୀ ହୋଇଥିବା ଜେଡିୟୁ ସୁପ୍ରିମୋ ନୀତୀଶ କୁମାର କୌଣସି ସୁଯୋଗ ହାତ ଛଡ଼ା କରୁ ନାହାନ୍ତି। ଲୋକଙ୍କୁ ନିଜ ସପକ୍ଷରେ ଆଣିବା ପରେ ସେ ଗୋଟିଏ ପରେ ଗୋଟିଏ ବଡ଼




ଘୋଷଣା କରି ଚାଲିଛନ୍ତି।ଏହିକ୍ରମରେ ନୀତୀଶ କୁମାର ଆଜି ମାଗଣା ବିଜୁଳି ସମ୍ପର୍କରେ ଘୋଷଣା କରିଛନ୍ତି। ଆସନ୍ତା ଅଗଷ୍ଟ ୧ ତାରିଖରୁ ରାଜ୍ୟ ସରକାର ବିହାରବାସୀଙ୍କୁ ୧୨୫ ଯାଏ ମାଗଣା ବିଜୁଳି ଦେବେ ବୋଲି ନୀତୀଶ କୁମାର ଆଜି ସମସ୍ତଙ୍କୁ ଜଣାଇଛନ୍ତି। ମାଗଣା ବିଜୁଳି ଦ୍ୱାରା ରାଜ୍ୟର ୧.୬୭ କୋଟି ପରିବାର ଲାଭବାନ ହେବେ। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏକ୍ସରେ କହିଛନ୍ତି ଯେ ଆମେ ଆରମ୍ଭରୁ ହିଁ ସମସ୍ତଙ୍କୁ ଶସ୍ତାରେ ବିଜୁଳି ପ୍ରଦାନ କରି ଆସୁଛୁ। ଏବେ ଆମେ ନିଷ୍ପତ୍ତି ନେଇଛୁ ଯେ ଆସନ୍ତା ଅଗଷ୍ଟ ୧ ତାରିଖରୁ ଅର୍ଥାତ ଜୁଲାଇ ମାସର ବିଲ ଠାରୁ ହିଁ ରାଜ୍ୟର ସମସ୍ତ ଘରୋଇ ଉପଭୋକ୍ତାଙ୍କୁ ୧୨୫ ୟୁନିଟ ଯାଏ ବିଜୁଳି ପାଇଁ କୌଣସି ଟଙ୍କା ଦେବାକୁ ପଡ଼ିବ ନାହିଁ। ଏହା ରାଜ୍ୟର ୧.୬୭ କୋଟି ପରିବାରକୁ ଲାଭ ଦେବ। ସେ ଆହୁରି କହିଛନ୍ତି ଯେ ଆସନ୍ତା ୩ ବର୍ଷ ମଧ୍ୟରେ ଆମେ ସମସ୍ତ ଘରୋଇ ଉପଭୋକ୍ତାଙ୍କ ସହମତି ଆଧାରରେ ସେମାନଙ୍କ ଛାତ ଉପରେ କିମ୍ବା ନିକଟସ୍ଥ ସାର୍ବଜନୀନ ସ୍ଥାନରେ ସୋଲାର ପାୱାର ପ୍ଲାଣ୍ଟ ସ୍ଥାପନ କରି ଲାଭ ଦେବୁ। କୁଟୀର ଜ୍ୟୋତି ଯୋଜନା ଅଧୀନରେ ସୋଲାର ପ୍ଲାଣ୍ଟ ବ୍ୟବସ୍ଥା ପାଇଁ ଖର୍ଚ୍ଚ ହେଉଥିବା ସବୁ ଟଙ୍କା ଗରିବ ପରିବାରକୁ ସରକାର ଦେବେ। ବାକି ପରିବାରକୁ ମଧ୍ୟ ଆବଶ୍ୟକ ସହାୟତା ସରକାର ଯୋଗାଇ ଦେବେ। ଏହି ବ୍ୟବସ୍ଥା ଦ୍ୱାରା ଘରୋଇ ଉପଭୋକ୍ତାଙ୍କୁ ୧୨୫ ୟୁନିଟ ବିଜୁଳି ପାଇଁ କୌଣସି ଟଙ୍କା ଦେବାକୁ ପଡ଼ିବ ନାହିଁଛ ସେହିପରି ଆଗାମୀ ୩ ବର୍ଷ ମଧ୍ୟରେ ରାଜ୍ୟ ସୌର ଶକ୍ତିରୁ ୧୦ ହଜାର ମେଗାୱାଟ ବିଜୁଳି ମଧ୍ୟ ଉତ୍ପାଦନ କରିପାରିବ।

## ଇଣ୍ଡିଗୋ ବିମାନର ଜରୁରୀ ଅବତରଣ

ନୂଆଦିଲ୍ଲୀ: ଗୁରୁବାର ଇମ୍ଫାଲ ଅଭିମୁଖେ ଯାଉଥିବା ଏକ ଇଣ୍ଡିଗୋ ବିମାନ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ତାହା ପ୍ରାୟ ଏକ ଘଣ୍ଟା ଧରି ଆକାଶରେ ରହିବା ପରେ ଜାତୀୟ ରାଜଧାନୀକୁ ଫେରି ଆସିଥିଲା । ଦିଲ୍ଲୀରେ ତ୍ରୁଟି ସଜଡ଼ାଯିବା ପରେ ତାହା ପୁଣି ଉଡ଼ାଣ ଆରମ୍ଭ କରିଥିଲା ।

ଏସଂପର୍କରେ ଏୟାରଲାଇନ୍ସ ଏକ ବିବୃତ୍ତିରେ କହିଛି, ୧୭ ଜୁଲାଇ, ୨୦୨୫ରେ ଦିଲ୍ଲୀରୁ ଇମ୍ଫାଲ ଅଭିମୁଖେ ଯାଉଥିବା ବିମାନ (ନଂ ୬ଇ-୫୧୧୮) ଉଡ଼ାଣ ଆରମ୍ଭ ହେବାର କିଛି ସମୟ ପରେ ଏକ ଛୋଟ ଯାନ୍ତ୍ରିକ ତ୍ରୁଟି ଚିହ୍ନଟ କରିଥିଲା । ପାଇଲଟମାନେ ତୁରନ୍ତ ସତର୍କତାମୂଳକ ପଦକ୍ଷେପ ନେଇ ବିମାନକୁ ଫେରାଇ ଆଣିବାକୁ ନିଷ୍ପତ୍ତି ନେଇଥିଲେ ଏବଂ ଏହାକୁ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ସୁରକ୍ଷିତ ଭାବରେ ଅବତରଣ କରିଥିଲେ ।

ବିମାନଟି ସକାଳ ୧୦:୨୫ ରେ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଉଡ଼ାଣ ଆରମ୍ଭ କରିବାର ଥିଲା, କିନ୍ତୁ ଏହା ନିର୍ଦ୍ଧାରିତ ସମୟଠାରୁ ୯ ମିନିଟ୍ ବିଳମ୍ବରେ ୧୦:୩୪ ରେ ଉଡ଼ାଣ ଆରମ୍ଭ କରିଥିଲା । ଉଡ଼ାଣ ଆରମ୍ଭ କରିବାର ୧ ଘଣ୍ଟା ପରେ, ପାଇଲଟ୍ ବିମାନରେ ଏକ ଯାନ୍ତ୍ରିକ ତ୍ରୁଟି ଚିହ୍ନଟ କରିଥିଲେ ଏବଂ ବିମାନକୁ ଫେରାଇ ନେଇଥିଲେଛବିମାନଟି ସକାଳ ୧୦:୨୫ ରେ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଉଡ଼ାଣ ଆରମ୍ଭ କରିବାର ଥିଲା, କିନ୍ତୁ ଏହା ନିର୍ଦ୍ଧାରିତ ସମୟଠାରୁ ୯ ମିନିଟ୍ ବିଳମ୍ବରେ ୧୦:୩୪ ରେ ଉଡ଼ାଣ ଆରମ୍ଭ କରିଥିଲା।

ଉଡ଼ାଣ ଆରମ୍ଭ କରିବାର ୧ ଘଣ୍ଟା ପରେ, ପାଇଲଟ୍ ବିମାନରେ ଏକ ଯାନ୍ତ୍ରିକ ତ୍ରୁଟି ଚିହ୍ନଟ କରିଥିଲେ ଏବଂ ବିମାନକୁ ଫେରାଇ ନେଇଥିଲେ ।

ଇଣ୍ଡିଗୋ କହିଛି ଯେ ବାଧ୍ୟତାମୂଳକ ପ୍ରକ୍ରିୟା ଅନୁଯାୟୀ, ବିମାନର ଆବଶ୍ୟକୀୟ ଯାଞ୍ଚ କରାଯାଇଥିଲା ଏବଂ କିଛି ସମୟ ପରେ ଏହା ପୁଣି ଉଡ଼ାଣ ଆରମ୍ଭ କରିଥିଲା । ଯାତ୍ରୀମାନଙ୍କୁ ହୋଇଥିବା ଅସୁବିଧା ପାଇଁ କମ୍ପାନୀ କ୍ଷମା ପ୍ରାର୍ଥନା କରିଛି ।

## ଜାପାନ ଓପନ
# ପ୍ରଥମ ରାଉଣ୍ଡରୁ ସିନ୍ଧୁ ବିଦା



ନୂଆଦିଲ୍ଲୀ, ୧୭।୭(ଏଜେନ୍ସି) : ପୂର୍ବତନ ବିଶ୍ୱ ଚାମ୍ପିଅନ ତଥା ଦୁଇଥର ଅଲିମ୍ପିକ୍ସ ପଦକ ବିଜୟିନୀ ପି ଭି ସିନ୍ଧୁ ଜାପାନ ଓପନ ପ୍ରଥମ ରାଉଣ୍ଡରୁ ବିଦା ହୋଇଛନ୍ତି। ଗତ ବୁଧବାର ଅନୁଷ୍ଠିତ ପ୍ରଥମ ରାଉଣ୍ଡ ମ୍ୟାଚରେ ସିନ୍ଧୁ ଦକ୍ଷିଣ କୋରିଆର ସିମ୍ ଜୁ ଜିନ୍‌ଙ୍କ ନିକଟରୁ ୨୧-୧୫ , ୨୧-୧୪ ସିଧାସଳଖ ଗେମ୍‌ରେ ପରାଜିତ ହୋଇଥିଲେ। ସେ ଗତ ଜୁନରେ ଇଣ୍ଡୋନେସନ ଓପନରେ ପରାଜିତ ହୋଇଥିଲେ। ସିମ୍ ଓ ସିନ୍ଧୁ ପରସ୍ପରକୁ ୪ ଥର ଭେଟିଛନ୍ତି। ସିନ୍ଧୁ ପ୍ରଥମ ଥର ସିମ୍‌ଙ୍କଠାରୁ ପରାଜିତ ହୋଇଛନ୍ତି। ୨୦୨୫ ବର୍ଷ ତମାମ୍ ସିନ୍ଧୁଙ୍କ ନୈରାଶ ଜନକ ପ୍ରଦର୍ଶନ ଦେଖିବାକୁ ମିଳିଛି। ଗତ ଜାନୁଆରେ ସେ ଇଣ୍ଡିଆନ୍ ଓପନ କ୍ୱାଟର ଫାଇନାଲ ପର୍ଯ୍ୟାନ୍ତ ଯାଇଥିଲେ। ୪ ଟି ପ୍ରତିଯୋଗିତାରେ ପ୍ରଥମ ରାଉଣ୍ଡରୁ ଏବଂ ଦୁଇଥର ପ୍ରି କ୍ୱାଟର ଫାଇନାଲ ଯାଇଛନ୍ତି।

ଚଳିତ ଜାପାନ ଓପନରେ ଲକ୍ଷ ସେନ ପ୍ରି କ୍ୱାଟରରେ ପ୍ରବେଶ କରିଛନ୍ତି। ସେ ୨୧-୧୧, ୨୧-୧୮ ଗେମରେ ଚିନର ୱାଙ୍ଗ ଝେଙ୍ଗ ଜିଙ୍ଗଙ୍କୁ ପରାଜିତ କରିଥିଲେ। ପରବର୍ତ୍ତୀ ମ୍ୟାଚରେ ଜାପାନର ସ୍ଥାନୀୟ ଫେବରିଟ କୋଡାଇ ନାରା ଓକାଙ୍କୁ ଭେଟିବେ। ପୁରୁଷ ଡବ୍ଲସରେ ସାତ୍ତ୍ୱିକ ସାଇରାଜ ରଣକିରେଡି ଓ ଚିରାଗ ସେଠୀଙ୍କ ଯୋଡି ୨୧-୧୮, ୨୧-୧୦ ଗେମରେ ଦକ୍ଷିଣ କୋରିଆରେ କାଙ୍ଗ ମିନ ହ୍ୟୁକ୍ଙ ଓ କି ଡଙ୍ଗ ଜୁ ପରାଜିତ କରି ପ୍ରି କ୍ୱାଟରରେ ପ୍ରବେଶ କରିଛନ୍ତି। ସିନ୍ଧୁଙ୍କ ପ୍ରଦର୍ଶନ ବିବାହ ପରେ ଥମିଯାଇଛି। ୨୦୨୪ ଡିସେମ୍ବର ଆରମ୍ଭରୁ ଭେଙ୍କଟା ଦତ୍ତସାଇଙ୍କ ସହ ତାଙ୍କ ନିର୍ବନ୍ଧ ହୋଇଥିଲା। ଡିସେମ୍ବର ୨୨ରେ ବିବାହ ସମ୍ପନ୍ନ ହୋଇଥିଲା। ସିନ୍ଧୁଙ୍କୁ ଖେଳ ରତ୍ନ, ଅର୍ଜୁନ ଆୱାଡ, ପଦ୍ମଭୂଷଣ ଓ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି।

# ଚତୁର୍ଥ ଟେଷ୍ଟ ଖେଳିବେ ବୁମରା



ମାଞ୍ଚେଷ୍ଟର, ୧୭।୭ (ଏଜେନ୍ସି) : ଆଗାମୀ ୨୩ ତାରିଖରୁ ମାଞ୍ଚେଷ୍ଟର ଓଲ୍ଡ ଟ୍ରାଫୋର୍ଡରେ ଆଣ୍ଡରସନ - ତେନ୍ଦୁଲକର ଟ୍ରଫିର ଚତୁର୍ଥ ମ୍ୟାଚ ଆରମ୍ଭ ହେବ। ୫ ମ୍ୟାଚ ବିଶିଷ୍ଟ ଶୃଙ୍ଖଳାରେ ଇଂଲଣ୍ଡ ୨-୧ରେ ଆଗୁଆ ରହିଛି। ତେଣୁ ଚତୁର୍ଥ ମ୍ୟାଚ ଭାରତ ପାଇଁ ଜିତିବା ନିହାତି ଜରୁରୀ ହୋଇପଡିଛି। ଟିମ୍ ଇଣ୍ଡିଆର ମୁଖ୍ୟ ଦ୍ରୁତ ବୋଲର ଯଶପ୍ରୀତ ବୁମରା ଏହି ମ୍ୟାଚ ଖେଳିବେ କି ନାହିଁ ତାହା ସ୍ପଷ୍ଟ ହୋଇଛି।

ଏହି ଗୁରୁତ୍ୱପୂର୍ଣ୍ଣ ମୁକାବିଲା ପାଇଁ ବୁମରା ଉପଲବ୍ଧ ରହିବେ ବୋଲି ଘୋଷଣା କରିଛନ୍ତି। ଲର୍ଡ୍ସରେ ତୃତୀୟ ଟେଷ୍ଟରେ ବୁମରା ପ୍ରଥମ ଇନିଂସରେ ୫ ଟି ଓ ଦ୍ୱିତୀୟ ଇନିଂସରେ ସଫଳତା ପାଇନଥିଲେ। ଇଂଲଣ୍ଡରେ ବୁମରାଙ୍କ ବୋଲିଂ ପ୍ରଦର୍ଶନ ଭଲ ରହିଛି। ଏ ପର୍ଯ୍ୟାନ୍ତ ସେ ଇଂଲଣ୍ଡରେ ୧୧ ଟି ଟେଷ୍ଟ ଖେଳି ୪୯ ୱିକେଟ୍ ନେଇଛନ୍ତି। ମାଞ୍ଚେଷ୍ଟର ପିଚ୍ ଦ୍ରୁତ ବୋଲରଙ୍କୁ ସୁହାଉଥିବାରୁ ବୁମରାଙ୍କଠାରୁ ଦଳ ଭଲ ପ୍ରଦର୍ଶନ ଆଶା ରଖିଛି। ଲର୍ଡ୍ସ ଟେଷ୍ଟ ଜିତିବାର ସୁଯୋଗ ଥିଲେ ମଧ୍ୟ ଭାରତ ଏହାକୁ ହାତ ଛଡା କରିଥିଲା। ଏବେ ଶୃଙ୍ଖଳାରେ ତିଷ୍ଠି ରହିବା ପାଇଁ ଟିମ୍ ଇଣ୍ଡିଆର ବିଜୟ ଜରୁରୀ ହୋଇପଡିଛି।

## ଓଲ୍ଡ ଟ୍ରାଫୋର୍ଡରେ ଟିମ ଇଣ୍ଡିଆର ପ୍ରଦର୍ଶନ

ମାଞ୍ଚେଷ୍ଟର, ୧୭।୭(ଏଜେନ୍ସି) : ଜୁଲାଇ ୨୩ ରୁ ଓଲ୍ଡ ଟ୍ରାଫୋର୍ଡରେ ଭାରତ - ଇଂଲଣ୍ଡ ଚତୁର୍ଥ ଟେଷ୍ଟ ମ୍ୟାଚ ଆରମ୍ଭ ହେବ। ଶୃଙ୍ଖଳାରେ ତିଷ୍ଠି ରହିବା ପାଇଁ ଓଲ୍ଡ ଟ୍ରାଫୋର୍ଡରେ ଭାରତକୁ ନିଶ୍ଚିତ ବିଜୟ ହାସଲ କରିବାକୁ ପଡିବ। ଟିମ ଇଣ୍ଡିଆ ୧୯୩୬ରେ ପ୍ରଥମ ଥର ମାଞ୍ଚେଷ୍ଟରରେ ମ୍ୟାଚ ଖେଳିଥିଲା। ଆଜି ପର୍ଯ୍ୟାନ୍ତ ଏଠାରେ ଭାରତ ୯ ଟି ଟେଷ୍ଟ ମ୍ୟାଚ ଖେଳିଥିବା ବେଳେ ଗୋଟିଏ ବି ଜିତି ନାହିଁ। ତେବେ ଏହା ଭାରତର ୧୦ ମ ମ୍ୟାଚ ହେବାକୁ ଯାଉଛି। ୪ ଟି ମ୍ୟାଚ ଭାରତ ହାରିଥିବା ବେଳେ ୫ ଟି ଡ୍ର ରହିଛି। ଶୁଭମନ ଗିଲଙ୍କ ନେତୃତ୍ୱରେ ଭାରତ ଏଠାରେ ପ୍ରଥମ ବିଜୟ ହାସଲ କରି ଇତିହାସ ରଚିବା ଲକ୍ଷ୍ୟରେ ରହିଛି।୨୦୧୪ରେ ଟିମ୍ ଇଣ୍ଡିଆ ଶେଷ ମ୍ୟାଚ ଖେଳିଥିଲା। ଏଠାରେ ଦଳ ଇନିଂସରେ ଓ ୫୪ ରନରେ ପରାଜିତ ହୋଇଥିଲା। ଦଳର ପ୍ରାୟ ସମସ୍ତ ଖେଳାଳି ଏଠାରେ ପ୍ରଥମ ମ୍ୟାଚ ଖେଳିବ। ଅପରପକ୍ଷରେ ଇଂଲଣ୍ଡ ଓଲ୍ଡଟ୍ରାଫୋର୍ଡରେ ୮୪ ମ୍ୟାଚ୍ ଖେଳିଛି। ୩୩ ଟି ଜିତିଥିବା ବେଳେ ୧୫ ଟିରେ ଦଳ ପରାଜିତ ହୋଇଛି। ୩୬ ଟି ମ୍ୟାଚ ଡ୍ର ରହିଛି। ଷ୍ଟାର ବ୍ୟାଟର ଜୋ ରୁଟଙ୍କ ପ୍ରଦର୍ଶନ ସବୁଠୁ ଭଲ ରହିଛି। ସେ ୧୧ ଟେଷ୍ଟରେ ୯୭୮ ରନ୍ ସଂଗ୍ରହ କରିଛନ୍ତି। ଏଠାରେ ଗୋଟିଏ ଦ୍ୱିଶତକ ଓ ୭ ଟି ଅର୍ଦ୍ଧଶତକ ରହିଛି। ଘରୋଇ ପରିବେଶରେ ଇଂଲଣ୍ଡ ଅଗ୍ରଣୀ ରହିଥିବାରୁ ଭାରତ ପାଇଁ ଶୃଙ୍ଖଳା ବଞ୍ଚାଇବା ନିଶ୍ଚିତ ଭାବେ କଷ୍ଟକର ହେବ।

## ୨୦ ରୁ ବିସି ରାୟ ଟ୍ରଫି
# ୨୧ ଜଣିଆ ଓଡିଶା ଦଳ ଘୋଷିତ



ଭୁବନେଶ୍ୱର, ୧୭।୭(ସବ୍ୟୁ) : ପଞ୍ଜାବର ଅମ୍ରିତସରରେ ଆଗାମୀ ୨୦ ତାରିଖରୁ ଜାତୀୟ ଜୁନିୟର ବାଳକ ଫୁଟବଲ ଚାମ୍ପିଅନସିପ୍ ବିସି ରାୟ ଟ୍ରଫି ଆରମ୍ଭ ହେବାକୁ ଯାଉଛି। ଏହି ମର୍ଯ୍ୟାଦାଜନକ ପ୍ରତିଯୋଗିତା ନିମନ୍ତେ ୨୧ ଜଣିଆ ଓଡିଶା ଦଳ ଘୋଷଣା ହୋଇଛି। ଦଳରେ ଦୁଇଜଣ ଗୋଲ କିପର, ୪ ଜଣ ଫରୱାର୍ଡ , ୭ ଜଣ ମିଡ ଫିଲଡର ଓ ୮ ଜଣ ଡିଫେଣ୍ଡର ଅଛନ୍ତି। ଏସ୍‌କେ ମଞ୍ଜୁର ମୁଖ୍ୟ କୋଚ୍, ଧନେଶ୍ୱର ତିର୍କୀ ସହକାରୀ କୋଚ୍, ଚିତ୍ତରଞ୍ଜନ ବେହେରା ମ୍ୟାନେଜର ଏବଂ ସରୋଜ କୁମାର ଦାସ ଫିଜିଓ ଦାୟିତ୍ୱ ତୁଲାଇବେ। ଏହି ପ୍ରତିଯୋଗିତାରେ ୧୬ ଟି ଦଳ ଅଂଶଗ୍ରହଣ କରିବେ। ଏମାନଙ୍କୁ ୪ ଟି ଗ୍ରୁପରେ ବିଭକ୍ତ କରାଯାଇଛି। ଗ୍ରୁପ ଏରେ ଦିଲ୍ଲୀ, ତେଲେଙ୍ଗାନା, ଗୋଆ ଓ ପଞ୍ଜାବ, ଗ୍ରୁପ୍ ବି ରେ ପଶ୍ଚିମବଙ୍ଗ, କେରଳ, ମେଘାଳୟ ଓ ତାମିଲନାଡୁ, ଗ୍ରୁପ୍ ସି ରେ ଓଡିଶା, ଝାଡଖଣ୍ଡ, ମଣିପୁର ଓ କର୍ଣ୍ଣାଟକ ତଥା ଗ୍ରୁପ୍ ଡିରେ ଚଣ୍ଡିଗଡ, ଛତିଶଗଡ, ମହାରାଷ୍ଟ୍ର ଓ ମିଜୋରାମ ସ୍ଥାନ ପାଇଛନ୍ତି। ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ ୨୦ ରୁ ୨୫ ତାରିଖ ପର୍ଯ୍ୟାନ୍ତ ଖେଳାଯିବ। ସେମିଫାଇନାଲ ମ୍ୟାଚ ୨୮ ତାରିଖରେ ଏବଂ ୩୦ ତାରିଖରେ ଫାଇନାଲ ମ୍ୟାଚ ଖେଳାଯିବ। ଏ ଓ ସି ଗ୍ରୁପର ଦଳଗୁଡିକ ୧୮ ତାରିଖରେ ଅମ୍ରିତସରରେ ପହଞ୍ଚିବେ। ସେହିପରି ୧୯ ତାରିଖ ସୁଦ୍ଧା ବି ଓ ଡି ଦଳଗୁଡିକ ଭେନ୍ୟୁରେ ପହଞ୍ଚିବାକୁ ଆୟୋଜକ ସୂଚନା ଦେଇଛନ୍ତି। ଫୁଟବଲ ଆସୋସିଏସନ୍ ଅଫ୍ ଓଡିଶା ସଭାପତି ଟଙ୍କଧର ତ୍ରିପାଠୀ ଏବଂ ସମ୍ପାଦକ ଆର୍ଶୀବାଦ ବେହେରାଙ୍କ ସହ ଅନ୍ୟ ସଦସ୍ୟ ଓଡିଶା ଦଳକୁ ଶୁଭ କାମନା ଜଣାଇଛନ୍ତି।

# ଅନ୍ତର୍ଜାତୀୟ କ୍ରିକେଟରୁ ରସେଲଙ୍କ ଅବସର



କିଙ୍ଗଷ୍ଟନ, ୧୭।୭(ଏଜେନ୍ସି) : ୱେଷ୍ଟଇଣ୍ଡିଜର ତାରକା ଅଲରାଉଣ୍ଡର ଆନ୍ଦ୍ରେ ରସେଲ ଅନ୍ତର୍ଜାତୀୟ କ୍ରିକେଟର ଅବସର ଘୋଷଣା କରିଛନ୍ତି। ଆସନ୍ତା ସପ୍ତାହରେ ହେବାକୁ ଥିବା ଅଷ୍ଟ୍ରେଲିଆ ବିପକ୍ଷ ଟି- ୨୦ ଶୃଙ୍ଖଳା ଖେଳି କ୍ୟାରିୟର ଶେଷ କରିବେ। ନିଜ ଘରୋଇ ଗ୍ରାଉଣ୍ଡ ସବିନା ପାର୍କରେ ପ୍ରଥମ ଦୁଇଟି ଟି-୨୦ ଖେଳି ସେ ବିଦାୟ ନେବେ।

ଟି-୨୦ ଶୃଙ୍ଖଳା ପାଇଁ ଇଣ୍ଡିଜ ଦଳ ଘୋଷଣା ସହ ରସେଲ ମଧ୍ୟ ଅବସର ନିଷ୍ପତ୍ତି ନେଇଥିଲେ। ଟି-୨୦ ବିଶ୍ୱ କପ୍‌କୁ ଆଉ ୭ ମାସ ରହିଥିବା ବେଳେ ଏହା ପୂର୍ବରୁ ରସେଲଙ୍କ ଅବସର କ୍ରିକେଟ୍ ପ୍ରେମୀଙ୍କୁ ବ୍ୟଥିତ କରିଛି। ରସେଲ ଇଣ୍ଡିଜ ପକ୍ଷରୁ ଗୋଟିଏ ଟେଷ୍ଟ, ୫୬ ଟି ଦିନିକିଆ ଓ ୮୪ ଟି ଟି -୨୦ ମ୍ୟାଚ୍ ଖେଳିଛନ୍ତି। ୨୦୧୯ ସେ କେବଳ ଟି-୨୦ ଫର୍ମାଟରେ ସକ୍ରିୟ ରହିଛନ୍ତି। ରସେଲ ଦୁଇଥର ଟି-୨୦ ବିଶ୍ୱ କପ ଜିତିଥିବା ଦଳର ଅଂଶ ଥିଲେ। ରସେଲଙ୍କ ଅବରସ ନିଷ୍ପତ୍ତି ଟି-୨୦ ବିଶ୍ୱ କପ୍ ପୂର୍ବରୁ ଇଣ୍ଡିଜ ପାଇଁ ବଡ ବିପର୍ଯ୍ୟୟ ସୃଷ୍ଟି କରିଛି। ଭାରତ ଓ ଶ୍ରୀଲଙ୍କା ମିଳିତ ଭାବେ ୨୦୨୬ ଟି -୨୦ ବିଶ୍ୱ କପ ଆୟୋଜନ କରିବେ। ଦୁଇ ମାସର ବ୍ୟବଧାନ ମଧ୍ୟରେ ନିକୋଲାସ ପୁରନ ଓ ରସେଲ ଅନ୍ତର୍ଜାତୀୟ କ୍ରିକେଟର ଅବସର ନେବା ଇଣ୍ଡିଜ ପାଇଁ ବିପର୍ଯ୍ୟୟ ସୃଷ୍ଟି କରିଛି। ରସେଲ ୨୦୧୨ ଓ ୨୦୧୬ ଟି-୨୦ ବିଶ୍ୱ କପ୍ ଜିତିଥିବା ଇଣ୍ଡିଜ ଦଳର ଅଂଶ ଥିଲେ। କୋଲକାତାରେ ଖେଳାଯାଇଥିବା ଫାଇନାଲରେ ତାଙ୍କ ପ୍ରଦର୍ଶନ ଉଚ୍ଚ କୋଟିର ଥିଲା।

## ସାହାଣୀ କପ ଫୁଟବଲ ଦ୍ୱିତୀୟ ଦିନ
# କଟକ, ଖୋର୍ଦ୍ଧା ବିଜୟୀ

ରାଜକନିକା,(ସବ୍ୟୁ) : ରାଜକନିକା ଆଥେଲେଟିକ ଆସୋସିଏସନ ଆନୁକୂଲ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲା କ୍ରୀଡା ସଂସଦ ଓ ଫୁଟବଲ ଆସୋସିଏସନ ଅଫ ଓଡିଶା ସହଯୋଗ ରେ ରାଜକନିକା ଆର. ଏନ ହାଇସ୍କୁଲ ମିନି ଷ୍ଟାଡିଅମ ରେ ଚାଲିଥିବା ୬୪ ତମ ସିନିଅର ଆନ୍ତ ଜିଲ୍ଲା ସାହାଣୀ କପ ଫୁଟବଲ ଟୁର୍ନାମେଣ୍ଟ ର ୨ୟ ଦିନ ଖେଳ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ କଟକ ଓ ପୁରୀ ମଧ୍ୟରେ ହୋଇଥିଲା, ଏଥିରେ କଟକ ୫-୦ ଗୋଲ ବିଜୟ ଲାଭ କରିଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ରେ ପାରାଦ୍ୱୀପ ପୋର୍ଟ ଖୁର୍ଦ୍ଧା କୁ ଭେଟିଥିଲା। ଏଥିରେ ଖୁର୍ଦ୍ଧା ୪- ୩ ଗୋଲରେ ବିଜୟ ଲାଭ କରିଥିଲା। ମୁଖ୍ୟ ଅତିଥି ଭାବେ ରାଜକନିକା ପଞ୍ଚାୟତ ସମିତି ଅଧକ୍ଷା ମିନତୀ ରାଉତ, ସମାଜସେବୀ ପବିତ୍ର ରାଉତ ଯୋଗ ଦେଇଥିଲେ। ରାଜକନିକା ଆଥଲେଟିକ ଆସୋସିଏସନ ର ଉପସଭାପତି ପ୍ରଫେସର ବୈକୁଣ୍ଠନାଥ ପରିଡା ଓ କପିଳେନ୍ଦ୍ର ମଲ୍ଲିକ, ସାଧାରଣ ସମ୍ପାଦକ ଅଜୟ କୁମାର ନାୟକ, ଯୁଗ୍ମ ସମ୍ପାଦକ ପ୍ରାଣବନ୍ଧୁ ରାଉତ ଓ ଡ. ଫକୀର ଚନ୍ଦ୍ର ପ୍ରଧାନ, କୋଷାଧକ୍ଷ ଦେବେନ୍ଦ୍ର ନାୟକ, ମିଡ଼ିଆ ସମ୍ପାଦକ ଅଜୟ ରାଉତ, ଉପଦେଷ୍ଟା ଆଦିକନ୍ଦ ଦାସ, ପାରାଦ୍ୱୀପ ପୋର୍ଟ ଫୁଟବଲ କୋଚ ରବି ଦାସ, ଓ ଭଲି କୋଚ ସଞ୍ଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶେଖବତ ଖାଁ , ଶଶୀକାନ୍ତ ଦାସିଆ ଖେଳ ପରିଚାଳନା କରିଥିବାବେଳେ ଦିଲୀପ ରାଉତ ମ୍ୟାଚ କମିଶନର କାର୍ଯ୍ୟ ସମ୍ପାଦନ କରିଥିଲେ।

# ସଚିନ-ଧୋନୀଙ୍କୁ ମିଳୁଛି ସମାନ ପେନସନ୍



ନୂଆଦିଲ୍ଲୀ,୧୭ ।୭(ଏଜେନ୍ସି): ଅବସରପ୍ରାପ୍ତ ଭାରତୀୟ ଖେଳାଳିମାନେ ପ୍ରତି ମାସରେ ବିସିସିଆଇରୁ ପେନସନ ପାଆନ୍ତି। ବିସିସିଆଇ ପୂର୍ବତନ ଭାରତୀୟ କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କୁ ପ୍ରତି ମାସରେ ୭୦,୦୦୦ ଟଙ୍କା ପେନସନ ଆକାରରେ ମିଳିଥାଏ। ସଚିନ ଏବଂ ଧୋନୀ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇସାରିଛନ୍ତି। କିନ୍ତୁ ସେମାନେ ପ୍ରାୟତଃ ଚର୍ଚ୍ଚରେ ରହିଥାନ୍ତି । ଉଭୟେ ସେମାନଙ୍କ କ୍ରିକେଟ କ୍ୟାରିୟରରୁ ପ୍ରସିଦ୍ଧି ସହିତ ପ୍ରଚୁର ଟଙ୍କା ରୋଜଗାର କରିଛନ୍ତି। ଧୋନୀ ହୁଅନ୍ତୁ କିମ୍ବା ସଚିନ, କ୍ରିକେଟ ବ୍ୟତୀତ, ସେମାନେ ଅନ୍ୟ ଉତ୍ସରୁ ମଧ୍ୟ ବହୁତ ଟଙ୍କା ରୋଜଗାର କରନ୍ତି। ଅବସର ପରେ, ସେମାନେ ବିସିସିଆଇରୁ ପେନସନ ଆକାରରେ ବିପୁଳ ପରିମାଣର ଟଙ୍କା ପାଆନ୍ତି।ସଚିନଙ୍କୁ ପେନସନ ଆକାରରେ ୭୦,୦୦୦ ଟଙ୍କା ମିଳିଥାଏ। ଧୋନୀ ଏବଂ ସଚିନଙ୍କ ପେନସନ ଟଙ୍କାରେ କୌଣସି ପାର୍ଥକ୍ୟ ନାହିଁ। ଉଭୟଙ୍କୁ ସମାନ ପେନସନ ମିଳେ। ବିସିସିଆଇ ମଧ୍ୟ ପ୍ରତି ମାସରେ ଧୋନୀଙ୍କୁ ୭୦,୦୦୦ ଟଙ୍କା ଦିଏ। ସଚିନ ୨୦୧୩ ମସିହାରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିଲେ। ସଚିନ ଭାରତ ପାଇଁ ୪୬୩ ଦିନିକିଆ, ୨୦୦ ଦିନିକିଆ ଏବଂ ଗୋଟିଏ ଟି-୨୦ ମ୍ୟାଚ ଖେଳିଛନ୍ତି। ସଚିନ ଏକଦିବସୀୟରେ ୧୮୪୨୬ ରନ, ଟେଷ୍ଟରେ ୧୫୯୨୧ ରନ ଏବଂ ଟି୨୦ରେ ୧୦ ରନ କରିଛନ୍ତି। ସଚିନ ତିନୋଟି ଫର୍ମାଟରେ ମିଶି ୧୦୦ ଶତକ ହାସଲ କରିଛନ୍ତି।ଧୋନୀ ଭାରତ ପାଇଁ ୯୦ ଟେଷ୍ଟ, ୯୮ ଟି୨୦ ଏବଂ ୩୫୦ ଦିନିକିଆ ଖେଳିଛନ୍ତି। ଧୋନୀ ଏକଦିବସୀୟରେ ୧୦୭୭୩ ରନ, ଟେଷ୍ଟରେ ୪୮୭୬ ରନ ଏବଂ ଟି୨୦ରେ ୧୬୧୭ ରନ କରିଛନ୍ତି। ଅଧିନାୟକ ଭାବରେ ଧୋନୀ ତିନୋଟି ପ୍ରମୁଖ ଆଇସିସି ଟ୍ରଫି ଜିତିଛନ୍ତି। ସେଥିମଧ୍ୟରୁ ଗୋଟିଏ ହେଉଛି ଟି୨୦ ବିଶ୍ୱକପ, ଏକଦିବସୀୟ ବିଶ୍ୱକପ ଏବଂ ଚାମ୍ପିଅନ୍ସ ଟ୍ରଫି।

# ଗିଲଙ୍କ ଆଖିରେ ଲୁହ

ଲର୍ଡସ,୧୭ ।୭(ଏଜେନ୍ସି): ଏଜବଷ୍ଟନ ଟେଷ୍ଟରେ ଇତିହାସ ରଚିବା ପରେ ଭାରତୀୟ ଦଳର ଅଧିନାୟକ ଶୁବମନ ଗିଲ ବହୁତ ଖୁସି ଦେଖାଯାଉଥିଲେ। ସମାନ ଉତ୍ସାହ ସହିତ ସେ ପୁଣିଥରେ ଇଂଲଣ୍ଡକୁ ପରାସ୍ତ କରିବା ଉଦ୍ଦେଶ୍ୟରେ ଲର୍ଡସ ଗ୍ରାଉଣ୍ଡରେ ପ୍ରବେଶ କରିଥିଲେ। ତାଙ୍କ ଦଳ ଏଥିରେ ପ୍ରାୟ ସଫଳ ହୋଇଥିଲା, କିନ୍ତୁ ଦ୍ୱିତୀୟ ଇନିଂସରେ ଭାରତୀୟ ବ୍ୟାଟସମ୍ୟାନଙ୍କ ଖରାପ ପ୍ରଦର୍ଶନ ଯୋଗୁ, ଆୟୋଜକ ଦଳ ଏକ ନିକଟତମ ମ୍ୟାଚ ରେ ଏକ ଚମତ୍କାର ବିଜୟ ହାସଲ କରି ସିରିଜରେ ପୁଣି ଥରେ ଅଗ୍ରଣୀ ହାସଲ କରିଥିଲା। ଡ୍ରେସିଂ ରୁମରେ ବସିଥିବା ଶୁବମନ ଏହି ପରାଜୟରେ ବହୁତ ନିରାଶ ଦେଖାଯାଉଥିଲେ ଏବଂ ତାଙ୍କୁ ଦେଖି ଏପରି ଲାଗୁଥିଲା ଯେପରି ସେ କାନ୍ଦୁଛନ୍ତି। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଶୁବମନ ଗୋଟିଏ ହାତରେ ମୁହଁ ଲୁଚାଉଛନ୍ତି। ସେ ବାରମ୍ବାର ନିଜ ହାତ ଦ୍ୱାରା ଆଖି ପୋଛୁଥିଲେ। ଏହି ସମୟରେ ତାଙ୍କ ମୁହଁରେ ନିରାଶା ସ୍ପଷ୍ଟ ଭାବରେ ଦେଖାଯାଉଥିଲା। ଏହି ନିରାଶା ଦ୍ୱିତୀୟ ଇନିଂସରେ ଦଳର ବ୍ୟାଟସମ୍ୟାନଙ୍କ ଖରାପ ପ୍ରଦର୍ଶନ ଥିଲା, ଯାହା କାରଣରୁ ଇଂଲଣ୍ଡ ଲର୍ଡସରେ ୨୨ ରନରେ ଏକ ନିକଟତମ ବିଜୟ ହାସଲ କରିଥିଲା।

ଲର୍ଡସ ଟେଷ୍ଟ ମ୍ୟାଚରେ, ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରି ୩୮୭ ରନ କରିଥିଲା।

# ବେଙ୍ଗାଲୁରୁ ଦଳାଚକଟାରେ ଆରସିବି ଦୋଷୀ !



ବେଙ୍ଗାଲୁରୁ, ୧୭।୭ (ଏଜେନ୍ସି) : ଆଇପିଏଲ୍ ଟ୍ରଫି ଜିତିବା ପରେ ଆରସିବି ବେଙ୍ଗାଲୁରୁରେ ବିଜୟ ଉତ୍ସବ ମନାଇବାକୁ ନିଷ୍ପତ୍ତି ନେଇଥିଲା। ଦଳରେ ଏଭଳି ନିଷ୍ପତ୍ତି ଯୋଗୁଁ ଦଳାଚକଟା ଘଟଣାରେ ବହୁ ଲୋକଙ୍କ ଜୀବନ ଯାଇଥିଲା। ତେଣୁ ବେଙ୍ଗାଲୁରୁ ଦଳାଚକଟା ଘଟଣା ସହିତ ଜଡିତ ହାଇକୋର୍ଟରେ ଦାଖଲ କର୍ଣ୍ଣାଟକ ସରକାର ରପୋର୍ଟରେ ଗମ୍ଭୀର ତ୍ରୁଟି ଓ ଭୁଲ ପରିଚାଳନାକୁ ସୂଚିତ କରାଯାଇଛି। ରାଜ୍ୟ ସରକାର ଏଭଳି ଅଭାବନୀୟ ଘଟଣା ପାଇଁ ଆରସିବିକୁ ଦାୟୀ କରିଛନ୍ତି। ଏଥିରେ କୋହଲିଙ୍କ ଏକ ଭିଡିଓ ଅପିଲ ବି ରହିଛି।

ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଆଇପିଏଲ୍ ୨୦୨୫ ଟ୍ରଫି ଜିତିବା ପରେ ଏକ ଉତ୍ସବ ଆୟୋଜନ କରିଥିଲା। ଏହି ସମୟରେ ଦଳା ଚକଟା ଯୋଗୁଁ ଅନେକ ଲୋକଙ୍କ ଜୀବନ ଯାଇଥିଲା। ତେଣୁ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ହୋଇଥିବା ଦଳାଚକଟା ଘଟଣାର ତଦନ୍ତ କରି ରାଜ୍ୟ ସରକାର ହାଇକୋର୍ଟରେ ରିପୋର୍ଟ ଦାଖଲ କରିଥିଲେ। ରିପୋର୍ଟରେ ସମସ୍ତ ଦୋଷ ଆରସିବିରେ ଉପରେ ଲଗାଯାଇଛି। କୋର୍ଟରେ ଦାଖଲ ହୋଇଥିବା ଏହି ରିପୋର୍ଟକୁ ସାର୍ବଜନୀନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ବେଙ୍ଗାଲୁରୁରେ କାର୍ଯ୍ୟକ୍ରମ ଆୟୋଜନ ଡିଏନ୍‌ଏ ୨୦୦୯ ସିଟ ଅର୍ଡର ଅନୁଯାୟୀ ଆନୁଷ୍ଠାନିକ ଅନୁମତି ନ ନେଇ ଜୁନ୍ ୩ ତାରିଖରେ ବିଜୟ ପରେଡ ବିଷୟରେ ପୋଲିସକୁ ସୂଚନା ଦିଆଯାଇଥିଲା। ଫଳ ସ୍ୱରୂପ ପୋଲିସ ଅନୁମତି ଦେବାକୁ ମନା କରିଦେଇଥିଲା। ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ପୋଲିସ ମନା କରିବା ସତ୍ତ୍ୱେ ଇଭେଣ୍ଟ ପ୍ରଚାର ଜାରି ରଖିଥିଲା। ଜୁନ ୪ ତାରିଖରେ ଖୋଲାଖୋଲି ଭାବେ ସୋସିଆଲ ମିଡିଆରେ ନିମନ୍ତ୍ରଣ ସେୟାର କରାଯାଇଥିଲା। ଏଥିରେ ବିରାଟ କୋହଲିଙ୍କ ଏକ ଭିଡିଓ ଆବେଦନ ସାମିଲ ଥିଲା। ପ୍ରଶଂସକଙ୍କୁ ମାଗଣା ପ୍ରବେଶ ସହିତ ଇଭେଣ୍ଟରେ ଯୋଗ ଦେବାକୁ ଅନୁରୋଧ କରାଯାଇଥିଲା। ଫଳରେ ଇଭେଣ୍ଟ ସ୍ଥଳରେ ୩ ଲକ୍ଷରୁ ଅଧିକ ଲୋକଙ୍କୁ ଦେଖିବାକୁ ମିଳିଥିଲା। ସ୍ଥିତି ସମ୍ପୂର୍ଣ୍ଣ ରୂପେ ଅଣାୟତ୍ତ ହୋଇଯାଇଥିଲା। ଇଭେଣ୍ଟ ଦିନ ଅପରାହ୍ନ ୩.୧୫ମିନିଟ୍ ସମୟରେ ଆୟୋଜକମାନେ ହଠାତ୍ ଘୋଷଣା କରିଥିଲେ ଯେ , ଷ୍ଟାଡିୟମରେ ପ୍ରବେଶ ପାଇଁ ପାସ୍‌ର ଆବଶ୍ୟକ ହେବ। ଏହି ଘୋଷଣା ପୂର୍ବ ଘୋଷଣାର ସମ୍ପୂର୍ଣ୍ଣ ଓଲଟା ଥିଲା। ଆରସିବି, ଡିଏନ୍‌ଏ ଏବଂ କେଏସ୍‌ସିଏ ପ୍ରଭାବଶାଳୀ ଭାବେ ସମନ୍ୱୟ ରକ୍ଷା କରିବାରେ ବିଫଳ ହୋଇଥିଲେ। ଭୁଲ ପରିଚାଳନା ଏବଂ ପ୍ରବେଶ ଫାଟକ ଖୋଲିବାରେ ବିଳମ୍ବ ଯୋଗୁଁ ଦଳାଚକଟା ହୋଇଥିଲା, ୭ ଜଣ ପୋଲିସ ମଧ୍ୟ ଆହତ ହୋଇଥିଲେ। କୌଣସି ବିଶୃଙ୍ଖଳାକୁ ରୋକିବା ପାଇଁ ପୋଲିସ ନିୟନ୍ତ୍ରିତ ପରିସ୍ଥିତରେ ସୀମିତ କାର୍ଯ୍ୟକ୍ରମକୁ ଅନୁମତି ଦେଇଥିଲା। ଦଳଚକଟା ପରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନରେ ମାଜିଷ୍ଟ୍ରେଟ୍ ଏବଂ ନ୍ୟାୟିତ ତଦନ୍ତ , ଏଫଆଇଆର୍ ଦାଖଲ, ପୋଲିସ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ, ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବଙ୍କୁ ନିଲମ୍ବନ, ରାଜ୍ୟ ଗୁଇନ୍ଦା ମୁଖ୍ୟଙ୍କ ବଦଳି ଏବଂ ପୀଡିତଙ୍କ ପାଇଁ କ୍ଷତିପୂରଣ ଘୋଷଣା ଅନ୍ତର୍ଭୁକ୍ତ ବୋଲି ରିପୋର୍ଟରେ ଦର୍ଶାଯାଇଛି।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି